ବର୍ଷ-୫୫ : ସଂଖ୍ୟା-୧୧ ନଭେମ୍ବର, ୨୦୨୪ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ନଭେମ୍ବର, ୨୦୨୪


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ଅନ୍ୟମାନେ ତୁମର ଦର୍ପଣ | ... | ଶ୍ରୀମା | ... | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଅଷ୍ଟାଦଶ ପରିଚ୍ଛେଦ) ବିବର୍ତ୍ତନର ଅବବୌଦ୍ଧିକ ପର୍ଯ୍ୟାୟ | ... | ଶେଖ ଅବଦୁଲ କାଶମ | ... | ୭ |
| ଗୋଟିଏ ବୃକ୍ଷ (କବିତା) | ... | ଶ୍ରୀଅରବିନ୍ଦ | ... | ୧୦ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୩୬) | ... | ... | ... | ୧୧ |
| ଜୀବନହିଁ ଯୋଗ | ... | ରାମକୃଷ୍ଣ ଦାସ | ... | ୧୫ |
| ଯା' ମନ ଯେପରି | ... | ଅନାଦି ଚରଣ ସ୍ୱାଇଁ | ... | ୧୮ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୯୧) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୧ |
| ଶ୍ରୀଅରବିନ୍ଦ ସାହିତ୍ୟ | ... | ପ୍ରପତ୍ତି | ... | ୨୫ |
| ଦ୍ୱୀପାନ୍ତରର କଥା (ଏକାଦଶ ପରିଚ୍ଛେଦ) ଦୁଃଖର ସାର-ସଂକଳନ (୧) | ... | ବାରୀନ୍ଦ୍ର କୁମାର ଘୋଷ | ... | ୨୭ |
| ନୂତନ ଶିକ୍ଷାର ଆହ୍ୱାନ (୧୪) | ... | ଗୟାଧର ଦାଶ | ... | ୨୯ |
| ଦଣ୍ଡ | ... | ପ୍ରସାଦ ତ୍ରିପାଠୀ | ... | ୩୨ |
| ଭଗବାନ୍ ଶ୍ରୀକୃଷ୍ଣ – ଏକ ମାନବୀୟ ପରିଚୟ (ବଙ୍କିମଚନ୍ଦ୍ରଙ୍କର 'କୃଷ୍ଣ ଚରିତ୍ର' ପୁସ୍ତକ ଅବଲମ୍ବନରେ) | ... | ଆର୍ତ୍ତତ୍ରାଣ ମିଶ୍ର | ... | ୩୫ |
| ରୁଦ୍ଧଦ୍ୱାର | ... | ମନୋଜ ଦାସ | ... | ୩୮ |
| ବାପାଙ୍କ ସାଙ୍ଗେ ନୂଆବର୍ଷ | ... | ... | ... | ୪୦ |
| ରାଜପଥର ରହସ୍ୟ | ... | ବନମାଳୀ ଆଚାର୍ଯ୍ୟ | ... | ୪୧ |
| ଆପଣ ଡଲ୍‌ଫିନ୍ ସାହେବଙ୍କୁ ଜାଣନ୍ତି କି ? | ... | ଜୋଆନା ସ୍ଲେଟର୍ | ... | ୪୪ |
| କ୍ଲାସରେ ଶ୍ରୀମା'ଙ୍କ କାହାଣୀ | ... | ... | ... | ୪୯ |
| ତୁମେ ଅଛ (କବିତା) | ... | ହୃଷୀକେଶ ପଣ୍ଡା | ... | ୫୨ |
| ଅଜବ ପାଗରେ ଗଜବ ଗଣିତ | ... | ଧର୍ମକୁମାର ଶତପଥି | ... | ୫୩ |
| ସିଂହାସୁରୀ ରହସ୍ୟ | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

ହେ ପ୍ରଭୁ, ଏକ ଅଟଳ ଶିଳାସ୍ତୂପ ସମ ତୁମ ଉପସ୍ଥିତି ମୋ ଭିତରେ ପ୍ରତିଷ୍ଠିତ; ଏବଂ ତିଳେ ମଧ୍ୟ ଦ୍ୱିଧା ବିନା ଏକ ବ୍ୟାପକ ଏବଂ ପରିପୂର୍ଣ୍ଣ ସମର୍ପଣ ସହକାରେ ଏ ସମଗ୍ର ସତ୍ତା ତୁମର ହୋଇଯାଇ ଉଲ୍ଲସିତ ।

ହେ ମହାଚେତନା, ନିଶ୍ଚଳ ଏବଂ ପ୍ରଶାନ୍ତ, ପୃଥିବୀର ସୀମାନ୍ତସବୁ ଉପରେ ଶାଶ୍ୱତ ସିଂହାସୁରୀ* ସମ ଦୃଷ୍ଟି ତୁମର ନିବଦ୍ଧ । କେତେକଙ୍କ ପାଖରେ କିନ୍ତୁ ତୁମେ ତୁମ ସଂଗୋପନ ରହସ୍ୟ ଖୋଲିଧର ।

ସେହିମାନେହିଁ ପରିଣତ ହୋଇପାରିବେ ତୁମ ସାର୍ବଭୌମ ସଂକଳ୍ପରେ ଯାହା ବିନା ପକ୍ଷପାତିତାରେ (କର୍ତ୍ତବ୍ୟ କର୍ମ) ନିର୍ଦ୍ଧାରଣ କରେ, ସମ୍ପାଦନ କରେ ନିଷ୍କାମ ଭାବରେ ।

ନଭେମ୍ବର ୧୦, ୧୯୧୪ — ଶ୍ରୀମା

---

* ସିଂହାସୁରୀ ବା Sphinxର ପରିଚୟ ନିମନ୍ତେ ଏ ସଂଖ୍ୟାରେ 'ଚେତନାର ଦିଗ୍‌ବଳୟ' ଦେଖନ୍ତୁ ।

— ସମ୍ପାଦନା

# ଶ୍ରୀଅରବିନ୍ଦଙ୍କ ବାଣୀ

You must understand that my mission is not to create maths, ascetics and Sannyasis; but to call back the souls of the strong to the Lila ... Renunciation of life is one thing, to make life itself, national, individual, world-life greater and more divine is another ... Renunciation of ego, acceptance of God in life is the Yoga I teach, – no other renunciation.

(Supplement, p. 468 - 69) – Sri Aurobindo

ଏକଥା ବୁଝିରଖ ଯେ ମଠ, ବୈରାଗୀ ଓ ସନ୍ନ୍ୟାସୀସବୁ ସୃଷ୍ଟି କରିବା ମୋର ବ୍ରତ ନୁହେଁ, ମୋର ବ୍ରତ ହେଉଛି ଶକ୍ତିଶାଳୀ ଆତ୍ମାମାନଙ୍କୁ ବିଶ୍ୱଲୀଳା ମଧ୍ୟକୁ ଫେରାଇ ଆଣିବା । ... ଜୀବନକୁ ବର୍ଜନ କରିବା ଗୋଟିଏ କଥା ଏବଂ ସ୍ୱୟଂ ଏହି ଜୀବନକୁ ଜାତୀୟ, ବ୍ୟକ୍ତିଗତ ଓ ବୃହତ୍ତର ତଥା ଦିବ୍ୟତର ଜଗତ୍-ଜୀବନରେ ପରିଣତ କରିବା ଅନ୍ୟ ଏକ କଥା । ... ମୁଁ ଯାହା ଶିକ୍ଷା ଦିଏ ତା' ହେଉଛି ଜୀବନ କ୍ଷେତ୍ରରେ ଅହଂକାରକୁ ତ୍ୟାଗ କରି ଭଗବାନଙ୍କୁ ଗ୍ରହଣ କରିବାହିଁ ଯୋଗ – ଅନ୍ୟ କୌଣସି ତ୍ୟାଗ ନୁହେଁ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

## (The Kingdoms and Godheads of the Greater Mind)

## (୧୧)

## ଶ୍ରୀଅରବିନ୍ଦ

Each power that leaps from the Unmanifest
Leaving the largeness of the Eternal's peace
They seized and held by their precisian eye
And made a figurante in the cosmic dance.

ଶାଶ୍ୱତଙ୍କ ପ୍ରଶାନ୍ତିର ବିଶାଳତାକୁ ପରିହାର କରି ଅବ୍ୟକ୍ତରୁ ଲମ୍ଫ ଦେଇ ଆସୁଥିବା ପ୍ରତ୍ୟେକ ଶକ୍ତିକୁ ସେମାନେ କରାୟତ୍ତ କରୁଥିଲେ ଏବଂ ସେମାନଙ୍କର ନୀତି ନିରୀକ୍ଷକ ନେତ୍ର ଯୋଗେ ଧରି ରଖୁଥିଲେ ତଥା ଏକ ମହାଜାଗତିକ ନୃତ୍ୟରେ ଗୋଟିଏ ଗୋଟିଏ ନର୍ତ୍ତକୀରେ ପରିଣତ କରୁଥିଲେ ।

Its free caprice they bound by rhythmic laws
And compelled to accept its posture
and its line
In the wizardry of an ordered universe.

ତାହାର ମୁକ୍ତ ଖିଆଲକୁ ସେମାନେ ଛନ୍ଦୋବଦ୍ଧ ନିୟମାବଳୀରେ ବାନ୍ଧି ଦେଉଥିଲେ ଏବଂ ଏକ ବ୍ୟବସ୍ଥିତ ବିଶ୍ୱର ଐନ୍ଦ୍ରଜାଲିକତା ମଧ୍ୟରେ ତା'ର ଅଙ୍ଗଭଙ୍ଗୀ ଓ ଧାରାକୁ ଗ୍ରହଣ କରିନେବାକୁ ବାଧ୍ୟ କରୁଥିଲେ ।

The All-containing was contained in form,
Oneness was carved into units measurable,
The limitless built into a cosmic sum:
Unending Space was beaten into a curve,
Indivisible Time into small minutes cut,
The infinitesimal massed to keep secure
The mystery of the Formless cast into form.

ସର୍ବଧାରକ ବିଧୃତ ହୋଇଥିଲେ ରୂପର ଭିତରେ, ଏକତ୍ୱ ଖଣ୍ଡବିଖଣ୍ଡିତ ହୋଇଥିଲା ପରିମେୟ ଏକକଚୟରେ, ସୀମାହୀନ ଗଠିତ ହୋଇଥିଲା ଏକ ଜାଗତିକ ସମଷ୍ଟି ରୂପେ : ଅନ୍ତହୀନ ମହାବ୍ୟୋମ ଆଘାତପ୍ରାପ୍ତ ହୋଇ ଧାରଣ କରିଥିଲା ବକ୍ରରୂପ, ଅବିଭାଜ୍ୟ କାଳ ବିକର୍ତ୍ତିତ ହୋଇ ପରିଣତ ହୋଇଥିଲା ଛୋଟ ଛୋଟ ନିମେଷାବଳିରେ, କ୍ଷୁଦ୍ରାଦପି କ୍ଷୁଦ୍ର ଅଣୁରାଶି ବସ୍ତୁପିଣ୍ଡ ରୂପେ ପୁଞ୍ଜୀଭୂତ ହୋଇଥିଲେ ରୂପାୟିତ ଅରୂପଙ୍କର ରହସ୍ୟକୁ ସୁରକ୍ଷିତ କରି ରଖିବା ସକାଶେ ।

Invincibly their craft devised for use
The magic of sequent number and sign's spell,
Design's miraculous potency was caught
Laden with beauty and significance
And by the determining mandate of their gaze
Figure and quality equating joined
In an inextricable identity.

ବ୍ୟବହାର ନିମନ୍ତେ ଅଜେୟ ଭାବରେ ସେମାନଙ୍କର କାରିଗରୀ ଉଦ୍ଭାବନ କରିଥିଲା କ୍ରମିକ ସଂଖ୍ୟାର କୁହୁକ ଏବଂ ସଂକେତର ସମ୍ମୋହନ, ସୁଷମା ଓ ତାତ୍ପର୍ଯ୍ୟରେ ପରିପୂର୍ଣ୍ଣ ନକ୍ସାର ଅଲୌକିକ ଶକ୍ତିମତ୍ତା ଧରା ଯାଇଥିଲା ଏବଂ ସେମାନଙ୍କ ନିର୍ନିମେଷ ଦୃଷ୍ଟିର ନିର୍ଦ୍ଧାରଣକାରିଣୀ ଅନୁଜ୍ଞା ଦ୍ୱାରା ରୂପ ତଥା ଗୁଣ ସମଭାବରେ ଏକ ଦୁସ୍ତର ତାଦାତ୍ମ୍ୟରେ ସଂଯୋଜିତ ହୋଇଥିଲା ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ଅନ୍ୟମାନେ ତୁମର ଦର୍ପଣ

## ଶ୍ରୀମା

### (୧)

ତୁମେ ଯେତେବେଳେ ଅନ୍ୟର କିଛି ଦୋଷ ଦେଖି ବିରକ୍ତ ହୋଇଉଠ, ଯେଉଁଗୁଡ଼ିକ କି ତୁମ ପାଇଁ ଗ୍ରହଣଯୋଗ୍ୟ ନୁହେଁ କିଂବା ହାସ୍ୟାସ୍ପଦ ସେତେବେଳେ ତୁମେ ତାଚ୍ଛଲ୍ୟର ସହ କହିଥାଅ –''ଛି, ଛି, ସେ ଲୋକଟା ଏପରି, ସେ ଏପରି ବ୍ୟବହାର କରେ, ସେ ଏମିତି ଗୁଡ଼ାଏ କଥା କହେ, ସେ ଏମିତି ସବୁ କାମ କରେ''– ସେତେବେଳେ ବରଂ ତୁମେ ନିଜକୁ ଏପରି କହିବା ଉଚିତ, ''ଆଚ୍ଛା, ମୁଁ ବୋଧେ ସେହିପରି କାର୍ଯ୍ୟ କରୁଛି, କିନ୍ତୁ ସେକଥା ଜାଣିପାରୁ ନାହିଁ । ମୁଁ ବରଂ ଅନ୍ୟକୁ ସମାଲୋଚନା କରିବା ପୂର୍ବରୁ ନିଜେ ନିଶ୍ଚିତ ହେବା ପାଇଁ ନିଜ ଭିତରକୁ ପ୍ରଥମେ ଦେଖିବି, କାଳେ ମୁଁ ତା'ରି ଭଳି କାର୍ଯ୍ୟଟି ଟିକିଏ ଭିନ୍ନ ପ୍ରକାରେ କରୁଥିବି ।'' ତୁମର ଯଦି ଭଲ ବୁଝିବାର ଶକ୍ତି ଓ ତୀକ୍ଷ୍ଣ ବୁଦ୍ଧି ଥାଏ ତେବେ ଯେତେଥର ଅନ୍ୟର ବ୍ୟବହାରରେ ତୁମେ ଆଘାତ ପାଉଥାଅ, ସେତେଥର ତୁମେ ବୁଝିପାରିବ ଯେ ଜୀବନରେ ଅନ୍ୟମାନଙ୍କ ସହ ସଂପର୍କଗୁଡ଼ିକ ହେଉଛି ଏକ ଦର୍ପଣ ପରି, ଯାହା ତୁମକୁ ଦିଆଯାଇଛି, ଯେଉଁଥିରେ ତୁମେ ସହଜରେ ପରିଷ୍କାର ରୂପେ ଦେଖିପାରିବ ଯେ ସେହିସବୁ ଦୋଷତ୍ରୁଟିଗୁଡ଼ିକ ତୁମ ନିଜଠାରେ ମଧ୍ୟ ରହିଛି ।

ସାଧାରଣତଃ ଓ ପ୍ରାୟ ପୂର୍ଣ୍ଣତଃ ଏହା ଏକ ସତ୍ୟ ଯେ ତୁମେ ଅନ୍ୟଠାରେ ଯେଉଁସବୁ ଦୋଷ ଦେଖି ଆଘାତ ପାଉଛ ସେସବୁ ଦୋଷ ତୁମ ଭିତରେ ମଧ୍ୟ ରହିଛି – କିନ୍ତୁ ଟିକିଏ ଭିନ୍ନ ରୂପରେ, ଅଥବା ସେ ଦୋଷଗୁଡ଼ିକ ଅଳ୍ପ ବହୁତେ ତୁମ ଭିତରେ ଘୋଡ଼େଇ ହୋଇ ରହିଛି – ଲୁକ୍କାୟିତ ହୋଇ ରହିଛି, ତେଣୁ ତୁମେ ତୁମ ନିଜ ନିକଟରେ କିଞ୍ଚିତ୍ ଭିନ୍ନ ଭାବେ ନିଜ ଦ୍ୱାରାହିଁ ପ୍ରତାରିତ ହୋଇ ରହିଛ । ତୁମ ଭିତରେ ସେ ଦୋଷଟି ରହିଛି, କିନ୍ତୁ ତୁମେ ତାହା ଦ୍ୱାରା କିଛି ଆଘାତ ପାଉ ନାହଁ; ଅଥଚ ସେ ଦୋଷଟି ତୁମେ ଅନ୍ୟଠାରେ ଦେଖିଲା ମାତ୍ରେ ହଠାତ୍ ଉତ୍କ୍ଷିପ୍ତ ହୋଇଉଠୁଛ ।

### (୨)

ସବୁକଥାକୁ ଉଦାରତାର ସହିତ ସ୍ମିତହାସ୍ୟରେ ଦେଖ । ଯେଉଁସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛି, ସେଗୁଡ଼ିକୁ ଦେଖି ନିଜେ ଶିକ୍ଷାକର । ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇପାରିବ । କାରଣ ଯେଉଁ ପରିପୂର୍ଣ୍ଣତା ତୁମେ ଉପଲବ୍ଧି କରିବାକୁ ଚାହଁ, ତାହା ଅନ୍ୟଠାରେ ନାହିଁ ବୋଲି ଦେଖିଲା ମାତ୍ରେ ତୁମେ ଯେପରି ଭାବେ ସର୍ବଦା ବିରକ୍ତ ଓ ଉତ୍ତ୍ୟକ୍ତ ହେଉଥାଅ, ସେଇଥିରେହିଁ ତୁମର ଅଧିକାଂଶ ଶକ୍ତି କ୍ଷୟ ହୋଇଯାଏ ।

ଅନ୍ୟମାନେ ଯେଉଁ ପୂର୍ଣ୍ଣତା ଲାଭ କରିବା ଉଚିତ, ସେ ବିଷୟରେ ଚିନ୍ତା କରିବା ଏହି ମୁହୂର୍ତ୍ତରୁ ଛାଡ଼ିଦିଅ । ତୁମେ ନିଜେ ଯେଉଁ ଲକ୍ଷ୍ୟର ଅନୁସରଣ କରୁଛ ସେ ବିଷୟରେ ତୁମେ କ୍ୱଚିତ୍ ସଚେତନ । ଯଦି ତୁମେ ଏ ବିଷୟରେ ସଚେତନ ହୋଇଥାଅ, ତେବେ **ତୁମକୁ** ଯେଉଁ କାର୍ଯ୍ୟଟି ଦିଆଯାଇଛି ତାହା ଆରମ୍ଭ କରିଦିଅ, ଅର୍ଥାତ୍, ତୁମର କର୍ତ୍ତବ୍ୟ କ'ଣ ତାହା ଉପଲବ୍ଧି କର ଏବଂ ଅନ୍ୟମାନେ କ'ଣ କରୁଛନ୍ତି ସେ ସମ୍ବନ୍ଧେ ଚିନ୍ତା କର ନାହିଁ, କାରଣ, ତାହା ତୁମର କାର୍ଯ୍ୟ ନୁହେଁ । ସବୁଠାରୁ ଭଲ ମନୋଭାବ ହେଲା ସହଜ ଭାବରେ ନିଜକୁ ଏତିକି କୁହ, ''ଯେଉଁମାନେ ମୋର ଚାରିପଟେ ଅଛନ୍ତି, ଏବଂ ମୋ ଚାରିପଟେ ଯେଉଁସବୁ ପରିସ୍ଥିତି ରହିଛି, ମୋ ନିକଟରେ ଯେଉଁ ବ୍ୟକ୍ତିମାନେ ଅଛନ୍ତି, ସେମାନେ ସମସ୍ତେ ମୋ ଆଗରେ ଦର୍ପଣ ପରି ଖଞ୍ଜା ଯାଇଛନ୍ତି । ଦିବ୍ୟଚେତନା ସେଗୁଡ଼ିକୁ ମୋର ଉନ୍ନତି ଲାଗି ମୋ ଆଗରେ ଖଞ୍ଜି ରଖିଛନ୍ତି ଯେଉଁଥିରେ ମୋର କି ପ୍ରକାର ଅଗ୍ରଗତି ହେଉଛି, ତାହା ମୁଁ ଭଲଭାବେ ଦେଖିପାରିବି । ଯେଉଁ କଥାଟି ଅନ୍ୟ ଭିତରେ ଦେଖି ମୁଁ ଆଘାତ ପାଉଛି, ସେଇ କଥାଟିକୁ ପ୍ରଥମେ ମୁଁ ମୋ ନିଜ ଭିତରେହିଁ ସାଧ କରିବି ।''

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଅଷ୍ଟାଦଶ ପରିଚ୍ଛେଦ)

## ବିବର୍ତ୍ତନର ଅବବୌଦ୍ଧିକ ପର୍ଯ୍ୟାୟ

**ଶେଖ ଅବଦୁଲ କାଶମ**

ଆଧ୍ୟାତ୍ମିକତା ଗୋଟିଏ ବ୍ୟକ୍ତି ବା ଗୋଷ୍ଠୀକୁ ପରିପୂର୍ଣ୍ଣତା ଆଣି ଦେଇପାରେ । ତାହା ଏପରି ଏକ ଆଧ୍ୟାତ୍ମିକତା ଯାହା ସଂସାର ବା ସାଂସାରିକ କାର୍ଯ୍ୟଗୁଡ଼ିକୁ ବର୍ଜନ କରି ନଥାଏ, ବରଂ ସେଗୁଡ଼ିକୁ ଗ୍ରହଣ କରି ପରିପୂର୍ଣ୍ଣତା ପ୍ରଦାନ କରିଥାଏ । ବୁଦ୍ଧିଗତ କ୍ରିୟାତ୍ମକତା, ସୌନ୍ଦର୍ଯ୍ୟବୋଧ, ନୈତିକତା, ପ୍ରାଣିକ ଓ ଦୈହିକ ଗତିବୃତ୍ତି, ଜ୍ଞାନ, ପ୍ରେମ ଆଦି ସବୁକିଛିକୁ ଗ୍ରହଣ କରି ନେଇ ପରିପୂର୍ଣ୍ଣ କରି ଗଢ଼ି ତୋଳିବାରେ ଆଧ୍ୟାତ୍ମିକତାହିଁ ସମର୍ଥ । ମନୁଷ୍ୟର ବୁଦ୍ଧି ଦିନେ ନା ଦିନେ ଏହି ଆଧ୍ୟାତ୍ମିକତାକୁ ଆପଣାର ସର୍ବୋଚ୍ଚ ନିୟାମକ ରୂପେ ସ୍ୱୀକାର କରିବ ।

ମନୁଷ୍ୟଜାତି ମଧ୍ୟରେ ଆଧ୍ୟାତ୍ମିକତା ବର୍ତ୍ତମାନ ବଡ଼ ଅଶୋଧିତ ତଥା ପ୍ରାଥମିକ ସ୍ତରରେ ରହିଛି । ତେବେ ତାହା ଯେ କ୍ରମଶଃ ପୂର୍ଣ୍ଣ ରୂପେ ବିବର୍ତ୍ତିତ ହୋଇ ଆସିବ, ଏଥିରେ ସନ୍ଦେହ ନାହିଁ । ଆଶୟଗତତାର ଏକ ଯୁଗରେ ଏହି ଆଧ୍ୟାତ୍ମିକତା ଜାଗୃତ ହୋଇ ଉଠିବାର ସୂଚନା ମିଳେ । ଆମର ସାମାଜିକ ଜୀବନରେ ଏକ ଯଥାର୍ଥ ପରିପୂର୍ଣ୍ଣତା ଲାଭ କରିବାକୁ ହେଲେ ଆମକୁ ଆମର ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଆତ୍ମାକୁ ଗଭୀରତର ଭାବରେ ବୁଝିବାକୁ ହେବ ଏବଂ ଆଧ୍ୟାତ୍ମିକ ଆଲୋକ ଉପରେ ଅଧିକ ଆସ୍ଥା ରଖିବାକୁ ହେବ । ଆଜି ମନୁଷ୍ୟ ସମାଜରେ ଅର୍ଦ୍ଧ-ଆଧ୍ୟାତ୍ମିକ ପୁରୋହିତ କିଂବା ଅପକ୍ୱ ଧର୍ମବାଦୀମାନଙ୍କର ନେତୃତ୍ୱ ରହିଛି । ଏହି ଅବସ୍ଥା ଦିନେ ବଦଳିବ ଏବଂ ପୂର୍ଣ୍ଣ ବିକଶିତ ଆଧ୍ୟାତ୍ମିକ ମନୁଷ୍ୟର ଆବିର୍ଭାବ ଘଟିବ ଯିଏ କି ମନୁଷ୍ୟ ସମାଜକୁ ନେତୃତ୍ୱ ଦେବ ଏବଂ ତାକୁ ଦିବ୍ୟ ଭାବରେ ପରିଚାଳିତ କରିବ । ସମାଜ ଆଧ୍ୟାତ୍ମିକ ଭାବ ଦ୍ୱାରା ଅନୁପ୍ରେରିତ ହେଲେ ଏକ ନୂତନ ପ୍ରକାରର ଈଶ୍ୱରତନ୍ତ୍ର ପ୍ରବର୍ତ୍ତିତ ହେବ, ଅର୍ଥାତ୍ ମନୁଷ୍ୟମାନଙ୍କର ହୃଦୟ ଓ ମନ ଭିତରେ ବିଦ୍ୟମାନ ପରମ ଦିବ୍ୟତାହିଁ ମନୁଷ୍ୟ ସମାଜର ଶାସନ କରିବ ।

ଏହି ପରିବର୍ତ୍ତନଟି ଏକ ଅଲୌକିକ ଘଟଣା ପରି ଘଟିବ । ମାତ୍ର ପ୍ରକୃତରେ ପ୍ରଚ୍ଛନ୍ନ ସମ୍ଭାବନାଗୁଡ଼ିକ ଦୀର୍ଘକାଳରୁ ପ୍ରସ୍ତୁତ ହୋଇ ଆସିଥା'ନ୍ତି ଏବଂ ଶେଷରେ ଅତି କ୍ଷିପ୍ରତାର ସହିତ ସେହି ଅଦ୍ଭୁତ ପରିବର୍ତ୍ତନଟି ସଂଘଟିତ ହୋଇଥାଏ । ଆଶୟପ୍ରଧାନ ଯୁଗରେ ଉପାଦାନଗୁଡ଼ିକ ସମ୍ଭାବନାର ସୀମା ଭିତରକୁ ଚାଲି ଆସନ୍ତି ଏବଂ ସେତେବେଳେ କେତେକ ବିରୋଧୀ ତତ୍ତ୍ୱ ମଧ୍ୟ ପରିବର୍ତ୍ତନକୁ ପ୍ରତିରୋଧ କରିବା ପାଇଁ ସକ୍ରିୟ ହୋଇଯା'ନ୍ତି । ଏଥିରୁ ଏଇ ସୂଚନା ମିଳେ ଯେ ଏକ ନୂତନ ଆଧ୍ୟାତ୍ମିକ ଯୁଗର ଅଭ୍ୟୁଦୟ ଆସନ୍ନ ହୋଇ ଆସିଲାଣି ଏବଂ ଅଭିପ୍ରେତ ସିଦ୍ଧିଟି ପାଇଁ ପ୍ରବଳ ଉଦ୍ୟମ ଆରମ୍ଭ ହେଲାଣି ।

ମନୁଷ୍ୟବ୍ୟକ୍ତି ଓ ମନୁଷ୍ୟ ସମାଜର ବିବର୍ତ୍ତନ ତିନୋଟି ପର୍ଯ୍ୟାୟ ଦେଇ ଗତି କରିଥାଏ । ଏକ ଅବବୌଦ୍ଧିକ ସୋପାନ ହେଉଛି ବିବର୍ତ୍ତନର ପ୍ରାରମ୍ଭିକ ପର୍ଯ୍ୟାୟ । ଏହି ପର୍ଯ୍ୟାୟଟିରେ ଲୋକମାନେ ବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ନଥା'ନ୍ତି । ସେମାନେ ଆପଣାର ସହଜାତ ପ୍ରବୃତ୍ତି, ଆବେଗ, ସ୍ୱତଃସ୍ଫୂର୍ତ୍ତ ଧାରଣା ଓ ପ୍ରାଣିକ ସଂବୁଦ୍ଧତା (vital intuition) ଦ୍ୱାରା ପ୍ରେରିତ ହୋଇ ଯାବତୀୟ କାର୍ଯ୍ୟ କରିଥା'ନ୍ତି । ନାନା ପ୍ରକାର ବାସନା, ଆବଶ୍ୟକତା ଏବଂ ପରିବେଶଟିର ନିର୍ଦ୍ଦେଶ ଦ୍ୱାରା ସେମାନେ ପରିଚାଳିତ ହୋଇଥା'ନ୍ତି । ପରବର୍ତ୍ତୀ ସୋପାନ ହେଉଛି ଏକ ବୁଦ୍ଧିପ୍ରଧାନ ପର୍ଯ୍ୟାୟ ଯେତେବେଳେ ବୁଦ୍ଧିପ୍ରେରିତ ଇଚ୍ଛାହିଁ ସବୁକିଛିର ବିଚାର କରେ । ବୁଦ୍ଧିହିଁ ମନୁଷ୍ୟର ସକଳ ପ୍ରଧାନ ବିଚାର, ଲକ୍ଷ୍ୟ ଓ ଅଭିପ୍ରାୟଗୁଡ଼ିକୁ ପରିଚାଳିତ କରେ । ଏହି ବୁଦ୍ଧିପ୍ରଧାନ ପର୍ଯ୍ୟାୟରୁ ମନୁଷ୍ୟ ବିବର୍ତ୍ତିତ ହୋଇ ଏକ ଆଶୟପ୍ରଧାନ ପର୍ଯ୍ୟାୟରେ ପ୍ରବେଶ କରିବ ଏବଂ ତା'ପରେ ଏକ ବୁଦ୍ଧି-ଅତୀତ ଆଧ୍ୟାତ୍ମିକ ପର୍ଯ୍ୟାୟରେ ଆସି ଉପନୀତ ହେବ । ଏହି ଆଧ୍ୟାତ୍ମିକ ପର୍ଯ୍ୟାୟରେ ମନୁଷ୍ୟ ଭିତରେ ସଂବୋଧି ଏବଂ ବିଜ୍ଞାନମୟ ଚେତନା ବିକଶିତ ହେବ । ସେ ଏକ ଉଚ୍ଚତର ଦିବ୍ୟ ଆଦର୍ଶର ଅନୁସରଣ କରିବ ଏବଂ ଏକ ଦିବ୍ୟ ଆଲୋକ ଓ ଦିବ୍ୟ ଇଚ୍ଛା ତା'ର ଜୀବନକୁ ମାର୍ଗଦର୍ଶନ କରିବ । କିନ୍ତୁ ଏହା ଅବବୌଦ୍ଧିକ ଧର୍ମଗତ ଆବେଗ ଦ୍ୱାରା ସମ୍ଭବ ହେବ ନାହିଁ । ଶ୍ରୀଅରବିନ୍ଦ କହନ୍ତି –

"That will not be done by any rule of infrarational religious impulse and ecstasy, ... but by a higher spiritual living for which the clarities of the reason are a necessary preparation and into which they too will be taken up, transformed, brought to their invisible source."

(The Human Cycle, page. 184)

ଅର୍ଥାତ୍, ''ଅବବୌଦ୍ଧିକ ସ୍ତରର କୌଣସି ଧର୍ମଗତ ଆବେଗ ବା ଅଭିଭୂତି ଦ୍ୱାରା ତାହା ସିଦ୍ଧ ହେବ ନାହିଁ, ... କିନ୍ତୁ ତାହା କେବଳ ଏକ ଉଚ୍ଚତର ଅଧ୍ୟାତ୍ମ ଜୀବନ ଦ୍ୱାରାହିଁ ସମ୍ଭବ ହେବ । ବୁଦ୍ଧିର ଯାବତୀୟ ସ୍ୱଚ୍ଛତା ତାହାରି ପ୍ରସ୍ତୁତିରେହିଁ ଲାଗିଛନ୍ତି ଏବଂ ସେଗୁଡ଼ିକ ସ୍ୱୟଂ ଦିନେ ତାହାରି ମଧ୍ୟକୁ ସ୍ୱୀକୃତ ହୋଇ ଚାଲିଯିବେ, ରୂପାନ୍ତର ଲାଭ କରିବେ ଏବଂ ଆପଣାର ସେହି ଅଦୃଶ୍ୟ ଉତ୍ସସ୍ଥଳକୁ ଆନୀତ ହୋଇ ଆସିବେ ।''

ମନୁଷ୍ୟ ହେଉଛି ଏକ ଜଟିଳ ଓ ବହୁମୁଖୀ ସତ୍ତା । ତେଣୁ ତା' ଭିତରେ କେବଳ ଗୋଟିଏ ପର୍ଯ୍ୟାୟର ଉପାଦାନ ରହି ନଥାଏ । ଅବବୌଦ୍ଧିକ ସ୍ତରରେ ଥିବା ବେଳେ ମଧ୍ୟ ତା' ଭିତରେ ବୁଦ୍ଧିର କୌଣସି ନା କୌଣସି କ୍ରିୟା ଚାଲିଥାଏ । ଏପରିକି ଅଳ୍ପ ବହୁତ ଅଶୋଧିତ ବୁଦ୍ଧି-ଅତୀତ ଉପାଦାନ ମଧ୍ୟ ରହିଥାଏ । ବର୍ବର ବା ଆଦିମ ମଣିଷଟିଏ ମଧ୍ୟ ଆପଣା ସଂସାର ଓ ପରଲୋକ ସମ୍ବନ୍ଧରେ କିଛି ନା କିଛି ଧାରଣା ରଖିଥାଏ । ଜୀବନ ତଥା ଧର୍ମ ସମ୍ବନ୍ଧରେ ମଧ୍ୟ ସେ କୌଣସି ନା କୌଣସି ବିଶ୍ୱାସ ପୋଷଣ କରୁଥାଏ । ଅବବୌଦ୍ଧିକ ପର୍ଯ୍ୟାୟରେ ଥିବା ଏହି ବର୍ବର ମଣିଷର ମଧ୍ୟ ନୈତିକତା, ସୌନ୍ଦର୍ଯ୍ୟବୋଧ ଓ ସମାଜ ବ୍ୟବସ୍ଥା ବିଷୟରେ କିଛି ଧାରଣା ରହିଥାଏ । ମନୁଷ୍ୟ ପ୍ରଧାନତଃ ଆଧ୍ୟାତ୍ମିକ ଜୀବନ ବଞ୍ଚୁଥିବା ସମୟରେ ମଧ୍ୟ ତା' ଭିତରେ ବୁଦ୍ଧିପ୍ରେରିତ ତଥା ଅବବୌଦ୍ଧିକ ପ୍ରବୃତ୍ତି ଓ ଉପାଦାନଗୁଡ଼ିକ ତଥାପି କାର୍ଯ୍ୟ କରୁଥାଏ ।

ପ୍ରଥମ ଯୁଗର ଆଦିମ ମନୁଷ୍ୟକୁ ପ୍ରକୃତ ବର୍ବର ବୋଲି କୁହାଯାଇ ପାରିବ ନାହିଁ । ପ୍ରକୃତ ବର୍ବର ହେଉଛି ସେହି ବ୍ୟକ୍ତି ଯିଏ ଆଦିମତା ଆଡ଼କୁ ପ୍ରତ୍ୟାବର୍ତ୍ତନ କରୁଛି । ଏକ ଉଚ୍ଚ ସ୍ତରର ସଭ୍ୟତାରେ ବଞ୍ଚୁଥିବା ମଣିଷମାନେ ଜୀବନର ଅଭିପ୍ରାୟ ଓ ବ୍ୟବସ୍ଥା ସମ୍ବନ୍ଧରେ ଖୁବ୍ ମହାନ୍ ଧାରଣା ରଖିଥାଇ ପାରନ୍ତି, ଏକ ସୁସଙ୍ଗତ ସମାଜ ବ୍ୟବସ୍ଥା ଗଢ଼ିଥାଇ ପାରନ୍ତି, ଏକ ସୁବ୍ୟବସ୍ଥିତ ଧର୍ମ ଅନୁସରଣ କରୁଥାଇ ପାରନ୍ତି, ମାତ୍ର ତଥାପି ସେମାନେ ପ୍ରତୀକ ଓ ଉତ୍ସବଗୁଡ଼ିକୁହିଁ ସମୁଦାୟ ଧର୍ମ ବୋଲି ବିଶ୍ୱାସ କରୁଥାଇ ପାରନ୍ତି । ଏହି ପର୍ଯ୍ୟାୟଟିରେ ବିଶୁଦ୍ଧ ବୁଦ୍ଧି ଓ ବିଶୁଦ୍ଧ ଆଧ୍ୟାତ୍ମିକତା ଦ୍ୱାରା ସମାଜ ପରିଚାଳିତ ହୋଇ ନଥାଏ ।

ଏହି ପର୍ଯ୍ୟାୟରେ ଯଦି ବୁଦ୍ଧିର ବିକାଶ ସର୍ବାଧିକ ହୋଇଥାଏ ତେବେ ମହାନ୍ ଚିନ୍ତାନାୟକ ଓ ଦାର୍ଶନିକମାନଙ୍କର ଆବିର୍ଭାବ ଘଟିଥାଏ । ସେମାନେ ଜୀବନର ଉତ୍ପତ୍ତି ଓ ବିଧାନ ସମ୍ପର୍କରେ ମହାନ୍ ଦାର୍ଶନିକ ତତ୍ତ୍ୱ ପ୍ରତିଷ୍ଠିତ କରନ୍ତି । ଏହି ଯୁଗରେ ଜୀବନର ସମୀକ୍ଷା କରିପାରୁଥିବା କେତେକ ବୁଦ୍ଧିଜୀବୀଙ୍କର ମଧ୍ୟ ଅଭ୍ୟୁଦୟ ଘଟେ ଯେଉଁମାନେ ଆପଣାର ବୁଦ୍ଧି ଓ ଆନ୍ତର ଦୃଷ୍ଟି ଦ୍ୱାରା ଜୀବନର ବିଭିନ୍ନ ଦିଗ ସମ୍ବନ୍ଧରେ ସମୀକ୍ଷା କରିଥା'ନ୍ତି । ଅବଶ୍ୟ ସେମାନଙ୍କର ସମୀକ୍ଷାରେ ବ୍ୟାପ୍ତିଯୁକ୍ତ ଗଭୀରତା ନଥାଏ । ସେତେବେଳେ ସାମାଜିକ ବିଚାରକମାନଙ୍କର ମଧ୍ୟ ଉଦୟ ହୁଏ ଯେଉଁମାନେ ସମାଜର ପୁନର୍ଗଠନ ଓ ପରିବର୍ତ୍ତନ ପାଇଁ ଆପଣାର ବୁଦ୍ଧିପ୍ରସୂତ ସିଦ୍ଧାନ୍ତ ଉପସ୍ଥାପିତ କରନ୍ତି । ସେହି ଯୁଗରେ ଯଦି ଆଧ୍ୟାତ୍ମିକତାର ଖୁବ୍ ବେଶୀ ପ୍ରଭାବ ଥାଏ, ତାହା ହେଲେ ମହାନ୍ ରହସ୍ୟ ଦ୍ରଷ୍ଟା ବା ତତ୍ତ୍ୱଦ୍ରଷ୍ଟାମାନଙ୍କର ମଧ୍ୟ ଆବିର୍ଭାବ ଘଟିଥାଏ, ଯେଉଁମାନେ ଆଧ୍ୟାତ୍ମିକ ସତ୍ୟକୁ ଉପଲବ୍ଧି କରିଥା'ନ୍ତି ଏବଂ ଅଳ୍ପ ସଂଖ୍ୟକ ଲୋକଙ୍କୁ ସେଥିରେ ଦୀକ୍ଷିତ କରାନ୍ତି । ମାତ୍ର ଏହିସବୁ ବିଷୟ ତଥାପି ଅବବୌଦ୍ଧିକ ମନୁଷ୍ୟ ସମାଜର ଅନ୍ତର୍ଭୁକ୍ତ ଏବଂ ଏଗୁଡ଼ିକୁ ଆଲୋକର କେବଳ ଏକ ଆରମ୍ଭ ବୋଲିହିଁ କୁହାଯିବ । ସମାଜରେ ଉପରୋକ୍ତ ଉଚ୍ଚ ପ୍ରଭାବଗୁଡ଼ିକ ଆସି ଉପନୀତ ହେଉଥିଲେ ମଧ୍ୟ ସେଥିରେ ସ୍ୱଚ୍ଛ ବୁଦ୍ଧିସମ୍ପନ୍ନତା ଓ ଜାଗ୍ରତ୍ ଆଧ୍ୟାତ୍ମିକ ଗ୍ରହଣଶୀଳତାର ଅଭାବ ରହିଥାଏ । ଜୀବନକ୍ଷେତ୍ରରେ ଆନୁଷ୍ଠାନିକତା ଓ ପ୍ରତୀକପ୍ରୀତି ମୁଖ୍ୟସ୍ଥାନ ଅଧିକାର କରେ । ସବୁକିଛିକୁ ବିକୃତ ପାରମ୍ପରିକତାରେ ପରିଣତ କରି ଦିଆଯାଏ । ମନୁଷ୍ୟମାନେ ଉଚ୍ଚତର ବିଷୟଗୁଡ଼ିକୁ ଅନୁଭବ କରିଥା'ନ୍ତି, ମାତ୍ର ଯଥାର୍ଥ ରୂପେ ସେଗୁଡ଼ିକୁ ବୁଝି ନଥା'ନ୍ତି । ସେଗୁଡ଼ିକର ଅସଲ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ସେମାନଙ୍କ ଲାଗି ଅପହଞ୍ଚ ହୋଇ ରହିଥାଏ ।

କାଳକ୍ରମେ ମନୁଷ୍ୟ ସମାଜ ବୁଦ୍ଧି ଓ ଆଧ୍ୟାତ୍ମିକତାର କ୍ଷେତ୍ରରେ ଅଧିକ ବିକାଶ ଲାଭ କରେ । ମନୁଷ୍ୟର ମନ ଅଧିକ ଶକ୍ତି ଲାଭ କରେ, ଅଧିକ ପ୍ରସାରିତ ହୁଏ ଏବଂ ଉଚ୍ଚତର ବସ୍ତୁଗୁଡ଼ିକର ପ୍ରଭାବକୁ ଗ୍ରହଣ କରିବା ନିମିତ୍ତ ସମର୍ଥ ହୁଏ ।

ସମାଜର ସତ୍ୟଦ୍ରଷ୍ଟାମାନେ ଏକ ବିପୁଳ ଅଧ୍ୟାତ୍ମ ବିକାଶର ବୀଜ ବପନ କରି ଦିଅନ୍ତି । ଫଳରେ ଅନେକ ଲୋକ ଆଧ୍ୟାତ୍ମିକ ଆଲୋକର ସନ୍ଧାନରେ ବାହାରି ପଡ଼ନ୍ତି । ଭାରତବର୍ଷରେ ଉପନିଷଦ୍‌ର ଯୁଗରେ ଏପରି ଘଟିଥିଲା । ବ୍ୟକ୍ତିଗତ ଦାର୍ଶନିକମାନଙ୍କ ସ୍ଥାନରେ ସମାଜରେ ବହୁ ସଂଖ୍ୟାରେ ଲେଖକ, କବି, ବିଚାରକ, ଭାଷାବିତ୍, ଶିକ୍ଷାଦାତା ଓ ବୈଜ୍ଞାନିକମାନଙ୍କର ଆବିର୍ଭାବ ଘଟେ । ସାଧାରଣ ଲୋକ ମଧ୍ୟ ସେମାନଙ୍କ ଦ୍ୱାରା ପ୍ରଭାବିତ ହୁଅନ୍ତି । ସମାଜରେ ତୀକ୍ଷ୍ଣ ଭାବନା ଓ ଅନୁସନ୍ଧାନର ଅଭ୍ୟାସ ସୃଷ୍ଟି ହୁଏ । ଗ୍ରୀସ୍‌ରେ ସୋଫିଷ୍ଟ୍‌ମାନଙ୍କର ଯୁଗରେ ଏପରି ଘଟିଥିଲା ।

ଏକ ଅବବୌଦ୍ଧିକ ସମାଜରେ ଆଧ୍ୟାତ୍ମିକ ବିକାଶ ସଂଘଟିତ ହେଲେ ବୁଦ୍ଧିଗତ ଗତିବୃତ୍ତିକୁ ଅତିକ୍ରମ କରି ଆଗକୁ ମାଡ଼ିଯିବାର ପ୍ରବୃତ୍ତି ଜାତ ହୁଏ । ଜଣେ ଅବବୌଦ୍ଧିକ ସ୍ତରର ମନୁଷ୍ୟ ଯଦି ବିକାଶ ଲାଭ କରେ ତା'ଭିତରେ ଏକ ନିମ୍ନସ୍ତରର ପ୍ରତିବୋଧ ଜାଗ୍ରତ୍ ହୁଏ । ଏହି ସ୍ତରରୁ ଉତ୍ତୀର୍ଣ୍ଣ ହୋଇ ଏକ ପ୍ରଗାଢ଼ ଆନ୍ତର ଜୀବନ ମଧ୍ୟକୁ ଅଥବା ଏକ ଗଭୀରତର ଆଧ୍ୟାତ୍ମିକ ପ୍ରତିବୋଧ ମଧ୍ୟକୁ ବିକଶିତ ହୋଇ ଉଠିବା ସହଜ ହୋଇଥାଏ । ଏହି କଥା ବ୍ୟକ୍ତିର ସ୍ତରରେ ସମ୍ଭବ ହୁଏ ସିନା, ସମଗ୍ର ମନୁଷ୍ୟଜାତି କ୍ଷେତ୍ରରେ ଏପରି ପରିବର୍ତ୍ତନ ସ୍ଥାୟୀ ହୋଇପାରେ ନାହିଁ । ସୁତରାଂ ଯଦି ଆମେ ମନୁଷ୍ୟଜାତିର ଆଧ୍ୟାତ୍ମିକତାର ଊର୍ଦ୍ଧ୍ୱମୁଖୀ ବିକାଶ ଚାହୁଁ ତାହାହେଲେ ମନ ଓ ବୁଦ୍ଧିର ଉତ୍ତମ ବିକାଶ ସାଧନ କରିବାକୁ ହେବ । ଶ୍ରୀଅରବିନ୍ଦଙ୍କ ଭାଷାରେ –

"... the mind and intellect must develop to their fullness so that the spirituality of the race may rise securely upward upon a broad basis of the developed lower nature in man, the intelligent mental being."

(The Human Cycle, page. 188)

ଅର୍ଥାତ୍, ''ସମଗ୍ର ଜାତିର ଆଧ୍ୟାତ୍ମିକତାଟିକୁ ମନୁଷ୍ୟସ୍ଥ ନିମ୍ନତର ପ୍ରକୃତିର ଏକ ସୁବିକଶିତ ଭୂମି ଉପରେ ନିଶ୍ଚିତଭାବେ ଉତ୍ତୋଳିତ କରିନେଇ ପାରିବାକୁ ହେଲେ, ଅର୍ଥାତ୍ ବୁଦ୍ଧିପ୍ରେରିତ ମନୋମୟ ସତ୍ତାକୁ ଭିତ୍ତି କରି ତାହାର ବିକାଶ ସାଧନ କରିବାକୁ ହେଲେ ପ୍ରଥମେ ମନ ଓ ବୁଦ୍ଧିକୁ ପୂର୍ଣ୍ଣ ରୂପେ ବିକାଶ ଲାଭ କରିବାକୁ ହୁଏ ।''

ପୁନଶ୍ଚ ଏହା ମଧ୍ୟ ଦେଖିବାକୁ ମିଳେ ଯେ କେବଳ ବୁଦ୍ଧିର ବିକାଶ ଘଟିଲେ ତାହା ଆଧ୍ୟାତ୍ମିକ ପ୍ରବୃତ୍ତିକୁ ପରିହାର କରିବାକୁ ଚେଷ୍ଟା କରେ । ଗ୍ରୀସ୍ ଦେଶରେ ଏପରି ଘଟିଥିଲା । ସେହିପରି ବୁଦ୍ଧି ଯେତେବେଳେ ଆଧ୍ୟାତ୍ମିକତାକୁ ଗ୍ରହଣ କରିନିଏ ତାହା ଆଧ୍ୟାତ୍ମିକତାର ଚାରିପଟେ ବୁଦ୍ଧିଗତ ଯାବତୀୟ କ୍ରିୟାର ଏକ ଜାଲ ବୁଣିଦିଏ । ପ୍ରାଚୀନ ଭାରତବର୍ଷରେ ଏହାହିଁ ଘଟିଥିଲା । ଏଠାରେ ଆଧ୍ୟାତ୍ମିକ ରହସ୍ୟଦ୍ରଷ୍ଟାଙ୍କ ସ୍ଥାନରେ ଦାର୍ଶନିକ ଓ ଧର୍ମବିଚାରକମାନଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା ।

ଏକ ନିର୍ଦ୍ଦିଷ୍ଟ କାଳ ପାଇଁ ଏକ ଜାତି ନୂତନ ବିକାଶ ଓ ନୂତନ ପ୍ରେରଣା ଲାଗି ପ୍ରସ୍ତୁତ ହୋଇଥାଏ । ମାତ୍ର ତାହା ଦୀର୍ଘକାଳ ସ୍ଥାୟୀ ହୋଇପାରେ ନାହିଁ । ପ୍ରାଚୀନ ଏଥେନ୍‌ସ ଓ ଆର୍ଯ୍ୟ ଯୁଗର ଭାରତରେ ଏପରି ଘଟିଥିଲା । ପ୍ରଥମକାଳୀନ ଆବେଗ କାଳକ୍ରମେ ଜଡ଼ୀଭୂତ ହୋଇ ରହିଯାଏ, ବିକାଶର ପ୍ରେରଣା ମନ୍ଦୀଭୂତ ହୋଇଯାଏ । ନାନା ଅବବୌଦ୍ଧିକ ବସ୍ତୁ ଆସି ଆଧ୍ୟାତ୍ମିକତାକୁ ଆବୃତ କରି ପକାଏ । ଉଚ୍ଚତର ଜୀବନ କେବଳ ଉଚ୍ଚତର ବର୍ଗର ବ୍ୟକ୍ତିମାନଙ୍କ ଭିତରେ ସୀମିତ ହୋଇ ରହିଯାଏ । ସାଧାରଣ ଜନତା ଶୁଦ୍ଧ ଆଧ୍ୟାତ୍ମିକତା ଦ୍ୱାରା ପରିଚାଳିତ ହେବା ପରିବର୍ତ୍ତେ ଅବବୌଦ୍ଧିକ ପ୍ରବୃତ୍ତିଗୁଡ଼ିକ ଦ୍ୱାରା ପରିଚାଳିତ ହୋଇଥା'ନ୍ତି ।

ବୁଦ୍ଧିଗତ ଯୁଗ ନ ଆସିବା ପର୍ଯ୍ୟନ୍ତ ଅବବୌଦ୍ଧିକ ପ୍ରବୃତ୍ତିଗୁଡ଼ିକୁ ଛାଡ଼ି ହୁଏ ନାହିଁ । ଯେତେବେଳେ କେବଳ ଗୋଟିଏ ବିଶେଷ ବର୍ଗ ନୁହନ୍ତି, ମାତ୍ର ସମଗ୍ର ଜନଗଣହିଁ ଜୀବନର ସକଳ କ୍ଷେତ୍ରରେ ଆପଣାର ବୁଦ୍ଧିକୁ ଖଟାଇ ପାରନ୍ତି, ସେତେବେଳେହିଁ ବୁଦ୍ଧିର ଯୁଗ ଆସି ପହଞ୍ଚିଲା ବୋଲି କୁହାଯିବ ।

ପ୍ରକୃତି ମନୁଷ୍ୟର ସକ୍ରିୟ ମନ ଓ ପ୍ରାଣର ବହୁବିଧ ପଥ ଅନୁସରଣ କରି ବୁଦ୍ଧି ଓ ଆଧ୍ୟାତ୍ମିକତାର ବୃହତ୍ତର ପ୍ରୟୋଗ କରିବା ସକାଶେ ପ୍ରୟାସ କରିଥାଏ । ଏହା ଫଳରେ ଅବଶେଷରେ ଏକ ବୁଦ୍ଧିପ୍ରଧାନ ଯୁଗ ଏବଂ ତା'ପରେ ଏକ ଆଧ୍ୟାତ୍ମିକ ଯୁଗର ଆବିର୍ଭାବ ସମ୍ଭବ ହୁଏ । ଏ କ୍ଷେତ୍ରରେ ପ୍ରକୃତି ଦୁଇଟି ଅସୁବିଧାର ସମ୍ମୁଖୀନ ହୋଇଥାଏ । ପ୍ରଥମତଃ ପ୍ରକୃତି ବିଶେଷ ବ୍ୟକ୍ତିଙ୍କର ମାଧ୍ୟମରେହିଁ ବୁଦ୍ଧି ଓ ଆଧ୍ୟାତ୍ମିକତାର ବିକାଶ ଘଟାଇ ଥାଏ ଏବଂ ପରେ ବିଶେଷ ଗୋଷ୍ଠୀ ବା ଜାତିମାନଙ୍କର ମାଧ୍ୟମରେ ସେଗୁଡ଼ିକର ବିକାଶ ଘଟାଇ ଥାଏ । ମାତ୍ର ଏକ ବିଶେଷ ଜାତିର ଚତୁଃପାର୍ଶ୍ୱରେ ପୁରୁଣା ଅବବୌଦ୍ଧିକ ମନୁଷ୍ୟଙ୍କର ସମୂହ ଅବସ୍ଥିତି ରହିଥାଏ ଯାହାକି ତା' ପକ୍ଷରେ ବିପଜ୍ଜନକ

ହୋଇଥାଏ । ସଂସ୍କୃତିଯୁକ୍ତ ଜାତିମାନଙ୍କ ଅପେକ୍ଷା ଏହି ବର୍ବରମାନଙ୍କଠାରେ ଶାରୀରିକ ଶକ୍ତି ଅଧିକ ରହିଥାଏ । ସେମାନଙ୍କ ଆକ୍ରମଣ ଫଳରେ ସଭ୍ୟତାର ଆଲୋକ ଓ ସାମର୍ଥ୍ୟ ନଷ୍ଟ ହୋଇଯାଏ । ତା'ପରେ ପ୍ରକୃତି ସେମାନଙ୍କୁ କ୍ରମଶଃ ଶିକ୍ଷିତ କରି ପୁନର୍ବିକାଶର ପର୍ବ ଆରମ୍ଭ କରେ । ଏହି କାର୍ଯ୍ୟରେ ଅନେକ ବିଳମ୍ବ ଘଟେ, ଅନେକ କ୍ଷତି ମଧ୍ୟ ସହିବାକୁ ହୁଏ । ଏହା ସତ୍ତ୍ୱେ ମନୁଷ୍ୟ ସମାଜ ପରିଶେଷରେ ଲାଭାନ୍ୱିତ ହୋଇଥାଏ । କାରଣ ଅଧିକତର ଜାତି ଏକ ବୃହତ୍ତର ଜୀବନ୍ତ ଶକ୍ତିର ପ୍ରୟୋଗ ମାଧ୍ୟମରେ ପ୍ରଗତି ପଥରେ ଅଗ୍ରସର ହେବା ଲାଗି ପ୍ରସ୍ତୁତ ହୋଇଯା'ନ୍ତି ।

ଗୋଟିଏ ଗୋଷ୍ଠୀ ବା ଜାତି ଯଦି ବିଜାତୀୟ ବା ପ୍ରତିକୂଳ ଜନସମୂହ ତଥା ପରିବେଶ ଭିତରେ ରହିଥାଏ, ତାହାହେଲେ ତାହା ବୁଦ୍ଧି ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ବିକାଶ ଲାଭ କରିପାରେ ନାହିଁ । ଅବବୌଦ୍ଧିକ ଅଂଶଗୁଡ଼ିକର ପ୍ରଭାବ ଯୋଗୁଁ ଗୋଷ୍ଠୀଗୁଡ଼ିକ ବୁଦ୍ଧିର ସକ୍ରିୟତା ଓ ଆଧ୍ୟାତ୍ମିକତାର ଆଲୋକକୁ ଲାଭ କରିପାରନ୍ତି ନାହିଁ । ସମାଜର ଉଚ୍ଚ ବର୍ଗଟି କେତୋଟି ରୂପାୟନ (forms)କୁ ନେଇ ଆସନ୍ତି ଯାହା ବୃହତ୍ତର ଜନସମୂହ ପକ୍ଷରେ ଗ୍ରହଣଯୋଗ୍ୟ ହୋଇ ପାରିବ । ମାତ୍ର ଏହି ରୂପାୟନଗୁଡ଼ିକ ଭିତରକୁ ଆସି ବୁଦ୍ଧି ଓ ଆଧ୍ୟାତ୍ମିକତା ଜୀବନହୀନ ହୋଇ ପଡ଼ନ୍ତି । ଏହି ଉଚ୍ଚତର ଉପାଦାନଗୁଡ଼ିକ ନିମ୍ନସ୍ଥ ଅଜ୍ଞାନ ମଧ୍ୟକୁ ଟାଣି ହୋଇ ଆସି ବିପନ୍ନ ହେବାର ଭୟ ସବୁବେଳେ ରହିଥାଏ । ପ୍ରକୃତି ଅନୁଗୃହୀତ ବର୍ଗଗୁଡ଼ିକ(favoured classes) ମଧ୍ୟରେ ବୌଦ୍ଧିକ ଓ ଆଧ୍ୟାତ୍ମିକ କ୍ରିୟାତ୍ମକତାକୁ ଚଳାଇ ରଖିବା ପାଇଁ ଚେଷ୍ଟା କରିଥାଏ । ଏହା ଶିକ୍ଷା ଓ ଶୃଙ୍ଖଳାର ବ୍ୟବସ୍ଥା ଦ୍ୱାରା ବୌଦ୍ଧିକ ଓ ଆଧ୍ୟାତ୍ମିକ କ୍ରିୟାକଳାପକୁ ସଂରକ୍ଷିତ କରି ରଖିଥାଏ । ସେଗୁଡ଼ିକ ଯେପରି ତୁଚ୍ଛା ପାରମ୍ପରିକତା ଭିତରେ ପଡ଼ି ଅଧୋଗତି ପ୍ରାପ୍ତ ନହେବେ ସେଥିଲାଗି ପ୍ରକୃତି ଅନେକ ବୌଦ୍ଧିକ ତଥା ଚିଦ୍‌ଗତ ଆନ୍ଦୋଳନର ସାହାଯ୍ୟ ନେଇଥାଏ । ଏହି ଆନ୍ଦୋଳନଗୁଡ଼ିକ ସମୟ କ୍ରମେ ସ୍ଥାଣୁ ହୋଇ ପଡ଼ିବାର ଦେଖାଯାଏ । ପରିଶେଷରେ ଏହି ବିପଦଟି ମଧ୍ୟ କଟିଯାଏ ଏବଂ ପ୍ରକୃତି ଏକ ମୀମାଂସକ ଆରୋହଣ ଲାଗି ପ୍ରସ୍ତୁତ ହୋଇଯାଏ । ଏହା ସମ୍ଭବ ହୁଏ ଯଦି ବୁଦ୍ଧିର ସଂସ୍କାରଟିକୁ ସାର୍ବଜନୀନ କରାଯାଏ ଏବଂ ଜୀବନ କ୍ଷେତ୍ରରେ ବୁଦ୍ଧିମତ୍ତାର ପ୍ରୟୋଗ ଅଧିକରୁ ଅଧିକ କରାଯାଏ । ଏହିପରି ଭାବରେ ବୁଦ୍ଧିଗତ ଯୁଗର ଆବିର୍ଭାବ ସମ୍ଭବ ହୁଏ ।

❑❑❑



# ଗୋଟିଏ ବୃକ୍ଷ

## ଶ୍ରୀଅରବିନ୍ଦ

ବାଲୁକାମୟ ନଦୀର ଉପକୂଳେ
ବୃକ୍ଷଟି ତୋଳିଛି ଉଚ୍ଚତମ ଶାଖା ଉର୍ଦ୍ଧ୍ୱେ
ଉତ୍ତୋଳିତ ହସ୍ତେ ଆକାଶକୁ ବୃଥା ଛୁଇଁବା ପରି,
ପୃଥ୍ୱୀ ସହ ବନ୍ଧା, କିନ୍ତୁ ସ୍ୱର୍ଗ ଯେ ତା' ପ୍ରଣୟୀ ।

ଏହାହିଁ ମଣିଷର ଆତ୍ମା । ଶରୀର ଓ ମନ
ଧରା ପ୍ରେମେ ମଗ୍ନ, ବିଳମ୍ବ ସ୍ୱର୍ଗାରୋହଣ ।

[ଶ୍ରୀଅରବିନ୍ଦଙ୍କ ରଚିତ "**A Tree**" କବିତାର ଭାଷାନ୍ତର]
ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୩୬)

### ଆଶ୍ରମ ଜୀବନର ଏକ ଭିନ୍ନ ରୂପ :

୧୯୪୦ ମସିହା ପର୍ଯ୍ୟନ୍ତ, ସ୍ୱଳ୍ପ ବ୍ୟତିକ୍ରମ ବ୍ୟତୀତ ଆଶ୍ରମ ଭିତରକୁ ପିଲାମାନଙ୍କର ପ୍ରବେଶ ନିଷେଧ ଥିଲା । ୧୯୪୨-୪୩ରେ, ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ପର୍ଯ୍ୟାୟରେ ଜାପାନୀ ଆକ୍ରମଣର ସୂଚନା ପାଇ ବେଙ୍ଗଲରୁ କେତେକ ଭକ୍ତ ସପରିବାରେ ପଣ୍ଡିଚେରୀକୁ ଆସି ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ଶରଣପ୍ରାର୍ଥୀ ହେଲେ । ଭକ୍ତବୃନ୍ଦଙ୍କର ପିଲାମାନେ ଶ୍ରୀମା'ଙ୍କର ଅଭୟପ୍ରଦାନକାରୀ ବାହୁ-ଛାୟାରେ ଆଶ୍ରୟ ନେଲେ ।

ନୀରଦବରଣଙ୍କ ଉକ୍ତିରେ : ''... ଶ୍ରୀମା ବର୍ତ୍ତମାନ ତାଙ୍କର ଉପର୍ଯ୍ୟୁପରି କର୍ମତତ୍ପରତା ମଧ୍ୟରୁ ଆବଶ୍ୟକ ମୁତାବକ ସମୟ ବାହାର କରି ପିଲାମାନଙ୍କର ଦେଖାଶୁଣା କାମ ତୁଲାଇବାକୁ ଲାଗିଲେ । ... ବିଶ୍ୱପ୍ରକୃତି ଏହି ସମସ୍ୟାଟିକୁ ଦିବ୍ୟ ଜନନୀଙ୍କ ଉପରେ ହଠାତ୍ ଲଦି ଦେଲା ଏବଂ ଶ୍ରୀମା'ଙ୍କ ସକାଶେ ଏହା ଥିଲା ଏକାଧାରରେ ଏକ ଆୟାସସାଧ୍ୟ ଓ ଗୁରୁତର ସମସ୍ୟା । ଆମର ଆଶ୍ରମ-ଜୀବନ ମଧ୍ୟ ଏକ ଭିନ୍ନ ରୂପ ନେଲା । କ୍ରମଶଃ ପିଲାମାନଙ୍କର ଅଧିକରୁ ଅଧିକ ଆଗମନ ଫଳରେ ଆମର ଗତାନୁଗତିକ ଧାରାରେ ତପଶ୍ଚରଣର ଅନୁଶୀଳନ ପଦ୍ଧତିଟି ଏକେବାରେ ଉଭେଇ ଗଲା । ଆଶ୍ରମଟି ଏବେ ତପସ୍ୱୀମାନଙ୍କର ଶାନ୍ତି, ନୀରବତା ଓ ଆନ୍ତର ଚେତନାର ପ୍ରସାରଣ ତଥା ଅଭିବୃଦ୍ଧି ପ୍ରାପ୍ତିର ଏକ ନିଭୃତ ନିଳୟ ହୋଇ ରହିଲା ନାହିଁ । ବାହ୍ୟ ଜୀବନଧାରାର କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ହେଲା । ଆମେ ଆମର ବ୍ୟକ୍ତିକୈନ୍ଦ୍ରିକ ଜୀବନଧାରାରୁ ଅଳ୍ପ ଦିନ ମଧ୍ୟରେ ଉତ୍ତୀର୍ଣ୍ଣ ହୋଇ ଏକ ଆଧ୍ୟାତ୍ମିକ ପରିବାରରେ ପରିଣତ ହୋଇଉଠିଲୁ । ଶ୍ରୀମା'ଙ୍କୁ ସଦାସ୍ଫୂର୍ତ୍ତିମନ୍ତ ଛୋଟ ଛୋଟ ବାଳକ-ବାଳିକାମାନଙ୍କର ମାନସିକ, ପ୍ରାଣିକ ତଥା ଶାରୀରିକ ସ୍ୱାସ୍ଥ୍ୟର ଅଭିବୃଦ୍ଧି ନିମିତ୍ତ ଆବଶ୍ୟକ ଯତ୍ନ ନେବାକୁ ପଡ଼ିଲା । ...''

ସେତେବେଳେ ଆଶ୍ରମବାସୀଙ୍କ ସଂଖ୍ୟା ଥିଲା ପ୍ରାୟ ତିନି ଶହ । ଆଶ୍ରମର ଅଗଣାଟି ଏକେବାରେ ଶାନ୍ତ ଥିଲା । କିନ୍ତୁ ପିଲାମାନଙ୍କର ଆଗମନ ଫଳରେ ବିଶେଷ ବିଶେଷ ଦିନମାନଙ୍କରେ ଏହି ଅଗଣାଟି ସେମାନଙ୍କର ଖେଳାଙ୍ଗନ ହୋଇ ଉଠୁଥିଲା । ଏହି ପରିସ୍ଥିତିରେ ଶ୍ରୀମା ସଂକଳ୍ପ ନେଲେ ସେମାନଙ୍କ ସକାଶେ ଏକ ସ୍କୁଲ ଏବଂ ଖେଳାଙ୍ଗନ ପ୍ରସ୍ତୁତ କରିବେ । ...

ସ୍କୁଲ ଖୋଲିବା ସକାଶେ ପ୍ରଚଳିତ ନିୟମାନୁଯାୟୀ ଶ୍ରୀମା ତଦାନୀନ୍ତନ "The Chief of the Public Instruction Service, Pondicherry"ଙ୍କୁ ଏକ ଆବେଦନ ପତ୍ର ଲେଖିଥିଲେ ଏବଂ ଅନୁମତି ପ୍ରାପ୍ତ କରିଥିଲେ । –

୧୫ ଡିସେମ୍ବର, ୧୯୪୩

''ମହାଶୟ,

ଶ୍ରୀଅରବିନ୍ଦଙ୍କ ଭକ୍ତବୃନ୍ଦଙ୍କର ସନ୍ତାନଗଣଙ୍କ ସକାଶେ ମୁଁ ପଣ୍ଡିଚେରୀସ୍ଥ ନଂ ୨୧ ସାଁ୍ୟା ଲୁଇ ଷ୍ଟ୍ରୀଟ୍‌ରେ ଏକ ସ୍କୁଲ ଖୋଲିବାର ପରିକଳ୍ପନା କରିଛି ଏବଂ ଏହି ପ୍ରତିଷ୍ଠାନର ପରିଚାଳନାର ଅଧିକାର ପ୍ରାପ୍ତି ସକାଶେ ମୁଁ ଆପଣଙ୍କୁ ଅନୁରୋଧ ଜଣାଉଛି ।

ଏହାର ଉପଦେଷ୍ଟା ରହିବେ ମଁସିଓ ଫିଲିପ୍ ବାରବିୟେ ସାଁ୍ୟା ହିଲାୟାର୍ (ପବିତ୍ର) ।

ସମ୍ମାନ ସହ

ଶ୍ରୀମା''

ସେତେବେଳେ କୋଡ଼ାଇ କେନାଲରେ ଅବସ୍ଥିତ 'ଆସୋସିଏସନ୍ ମଣ୍ଟେସୋରୀ ଇଣ୍ଟର ନ୍ୟାସନାଲ୍ (AMI, ଭାରତୀୟ ବିଭାଗ)ର ଉଦ୍ୟୋକ୍ତା ଥିଲେ ପ୍ରଖ୍ୟାତ ପ୍ରବୀଣା ଶିକ୍ଷାବିତ୍ ମାରିଆ ମଣ୍ଟେସୋରୀ । ସେ ଯେତେବେଳେ ଶୁଣିବାକୁ ପାଇଲେ ଯେ ପଣ୍ଡିଚେରୀ ଆଶ୍ରମରେ ନୂତନ କରି ଏକ ସ୍କୁଲ ଖୋଲିଛି, ସେ ସ୍ୱତଃପ୍ରବୃତ୍ତ ହୋଇ ଆଶ୍ରମ ସ୍କୁଲର ବିଦ୍ୟାର୍ଥୀଗଣଙ୍କ ଉଦ୍ଦେଶ୍ୟରେ ଏକ ହୃଦୟସ୍ପର୍ଶୀ ଚିଠି ଲେଖି ପଠାଇଥିଲେ –

''ପଣ୍ଡିଚେରୀ ଆଶ୍ରମ ସ୍କୁଲର ବିଦ୍ୟାର୍ଥୀଗଣ,

ତୁମମାନଙ୍କର ହେଉଛି ପରମାତ୍ମାଙ୍କ ସୃଷ୍ଟ ଜଗତ୍ । ଉନ୍ନତ ଓ ମହତ୍ କିଛିର ପରିବେଶରେ ସବୁକିଛି ମୁକ୍ତିର ନବସୃଷ୍ଟିରେ ତୀବ୍ରତାର ସହିତ ବିକାଶପ୍ରାପ୍ତ ହୁଏ । ତୁମମାନଙ୍କ ସକାଶେ ଏହି ସ୍ୱତନ୍ତ୍ର ନବସୃଷ୍ଟିର ସର୍ଜନା କରାଯାଇଛି । ନିଜକୁ ବିଶେଷ ଭାବରେ ପରିପ୍ରକାଶ କରିପାରିବା ତଥା ଉର୍ଦ୍ଧ୍ୱମୁଖୀ ଦିବ୍ୟ ପ୍ରଭାବରେ ନିତ୍ୟ-ଅବଗାହନ କରିବା ସକାଶେ ପରମେଶ୍ୱର ତୁମମାନଙ୍କ ଅନ୍ତରରେ ଦିବ୍ୟ ଶକ୍ତି, ସାମର୍ଥ୍ୟସବୁର ଅନୁପ୍ରବେଶ ଘଟାଇଛନ୍ତି; ଯଦ୍ୱାରା ତୁମେମାନେ ନିଜ ମଧ୍ୟରେ ସେସବୁର ସମ୍ଭାବ୍ୟ ଅଭିବୃଦ୍ଧି ନିମିତ୍ତ ଅଗ୍ରଗତି କରି ଚାଲିବ । ଫଳରେ ତୁମମାନଙ୍କର ଏହି ଆନ୍ତରିକ ପ୍ରଚେଷ୍ଟାହିଁ ହୋଇ ଉଠିବ ପରମେଶ୍ୱରଙ୍କ ପ୍ରତି ଏବଂ ତାଙ୍କର ଦିବ୍ୟ ସଂକଳ୍ପ ପ୍ରତି ନିଜକୁ ସମର୍ପିତ କରି ତିଷ୍ଠି ରହିବାର ଜୀବନଧାରାର ପ୍ରକୃଷ୍ଟ ପନ୍ଥା । ତୁମେମାନେ ଯେତେବେଳେ ତାରୁଣ୍ୟ ଲାଭ କରିବ ସେତେବେଳେ ଜଗତକୁ ଉଜ୍ଜ୍ୱଳ, ସୁନ୍ଦର ଏବଂ ଆନନ୍ଦମୟ କରିପାରିବ ।

(ସ୍ୱାକ୍ଷର)
ମାରିଆ ମଣ୍ଟେସୋରୀ

ବର୍ତ୍ତମାନ ଆଶ୍ରମ ପ୍ଲେ-ଗ୍ରାଉଣ୍ଡରେ ଯେଉଁ ସ୍ଥାନରେ ବଡ଼ି ବିଲ୍ଡ଼ିଂ ଜିମ୍ନାସିୟମ୍ ରହିଛି, ସେତେବେଳେ ସେଇ ସ୍ଥାନରେ ଥିବା ଏକ ମହଲା ବିଶିଷ୍ଟ ବାସଭବନଟିକୁ ଆଶ୍ରମ ଭଡ଼ାରେ ନେଇଥିଲା । ଶ୍ରୀମା ସିଦ୍ଧାନ୍ତ ନେଲେ ସେହି ବାସଭବନଟିକୁ ମରାମତି କରି ସ୍କୁଲଟିଏ ଆରମ୍ଭ କରିବେ । ୨ ଡିସେମ୍ବର ୧୯୪୩ରେ ଶ୍ରୀଅରବିନ୍ଦଙ୍କ ଆଶୀର୍ବାଦ ସହ ଶ୍ରୀମା ଆଶ୍ରମ ସ୍କୁଲର ଶୁଭାରମ୍ଭ କଲେ – "l'Ecole de Sri Aurobindo Ashram" ('ଶ୍ରୀଅରବିନ୍ଦ ଆଶ୍ରମ ସ୍କୁଲ') । ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ପ୍ରାୟ ୪୨ ।

ଏପ୍ରିଲ ପହିଲା ୧୯୪୪ରେ ଦିଲ୍ଲୀରେ ବାସ କରୁଥିବା ଶ୍ରୀମା ଶ୍ରୀଅରବିନ୍ଦଙ୍କର ଜନୈକ ଭକ୍ତ ସୁରେନ୍ଦ୍ର ନାଥ ଜୌହର ଉପରୋକ୍ତ ସ୍କୁଲ ବାସଭବନ ସଂଲଗ୍ନ ବେଶ୍ ବଡ଼ ଜମିଟିକୁ ଶ୍ରୀଅରବିନ୍ଦଙ୍କ ନାମରେ ଖରିଦ କରି ଶ୍ରୀମା'ଙ୍କୁ ଅର୍ପଣ କଲେ । ଏହି ଜମିଟିରେ ଏକ ବଡ଼ ଧରଣର ବାସଭବନ ଥାଇ ଅପନ୍ତରା ଖୋଲା ସ୍ଥାନଟିଏ ଥିଲା । ଜମିଟିର ପଶ୍ଚିମାଂଶରେ, 'ଗେଷ୍ଟ ହାଉସ୍'କୁ ଲାଗି ଦ୍ୱିମହଲା ବାସଭବନଟିକୁ ଶ୍ରୀମା ମରାମତି କରି ଛାତ୍ରଛାତ୍ରୀଙ୍କ ସକାଶେ ଏକ ଆବାସିକ ବୋର୍ଡିଂ ଗଢ଼ି ତୋଳିଲେ । ଏହାର ନାମକରଣ କଲେ 'Dortoir' ଛାତ୍ରାବାସ । ପରେ ପରେ ଏହି ବୃହତ୍ ଅଂଶଟିର କିଛି ଭାଗକୁ ମଧ୍ୟ ମରାମତି କରି କେତୋଟି ଶ୍ରେଣୀ ଗୃହରେ ଏବଂ ପରିତ୍ୟକ୍ତ ସ୍ଥାନଟିକୁ ଖେଳାଙ୍ଗନ ନିମିତ୍ତ ପ୍ରସ୍ତୁତ କଲେ । କେତେକ ଯୁବ ଓ ବଳିଷ୍ଠ ସାଧକଙ୍କ ସମେତ ସ୍ଫୂର୍ତ୍ତିମନ୍ତ ଛାତ୍ରଛାତ୍ରୀ ମିଶି ଏହାକୁ କୌଣସି ପ୍ରକାରେ ଏକ ଖେଳାଙ୍ଗନ ଉପଯୋଗୀ କରି ଗଢ଼ି ତୋଳିଲେ । ଖୁବ୍ ଶୀଘ୍ର ଏହି ସମ୍ପତ୍ତିଟି 'ପ୍ଲେ-ଗ୍ରାଉଣ୍ଡ' ନାମରେ ସର୍ବଜନବିଦିତ ହୋଇ ଉଠିଲା । ଏହି ସମୟରେ ପୁରାଣୀଜୀ ନିଜ ତତ୍ତ୍ୱାବଧାନରେ ବଡ଼ ବଡ଼ ପିଲାମାନଙ୍କର ଖେଳାଖେଳି ଏବଂ କେତୋଟି ମୌଳିକ ଶାରୀରିକ କ୍ରିୟାକର୍ମର ସୁବନ୍ଦୋବସ୍ତ କରୁଥିଲେ । ତାଙ୍କର ସହକର୍ମୀ ବିଷ୍ଣୁ ଡାକ୍ତର ଭଲି ବଲ୍ ଶିଖାଉ ଥିଲେ । ଡାକ୍ତର ଅଗ୍ରୱାଲ୍ ଯିଏକି ପରେ ଆଶ୍ରମର 'ପର୍‌ଫେକ୍ଟ ଆଇସାଇଟ୍'ର ସ୍କୁଲ ଆରମ୍ଭ କରିଥିଲେ; କେବେ କେବେ ପିଲାମାନଙ୍କର ଖେଳାଖେଳିର ପ୍ରତିଯୋଗିତା କରୁଥିଲେ । ଶ୍ରୀମା ମେଡିଟେସେନ୍ ହଲ୍‌ରେ ପୁରସ୍କାର ବିତରଣ କରୁଥିଲେ ।

୧୫ ଜାନୁଆରୀ ୧୯୪୫ରେ ଶ୍ରୀମା 'ଦର୍‌ତୋଆର୍' ଛାତ୍ରାବାସର ଉଦ୍‌ଘାଟନ କଲେ । ଦୁଇଜଣ ଆଶ୍ରମବାସୀଙ୍କୁ ଏହାର ଦେଖାଶୁଣା କରିବାର ଭାର ଦେଲେ । ଧୀରେ ଧୀରେ ପଣ୍ଡିଚେରୀର ବାହାରେ ରହୁଥିବା ସାଧକବୃନ୍ଦ ଆଶ୍ରମରେ ଶ୍ରୀମା ପିଲାମାନଙ୍କ ସକାଶେ ଏକ ଆବାସିକ ସ୍କୁଲର ବନ୍ଦୋବସ୍ତ କରିଛନ୍ତି ବୋଲି ଜାଣିବାକୁ ପାଇଲେ । ଅତ୍ୟନ୍ତ ଆଗ୍ରହ ସହକାରେ ସେମାନେ ଶ୍ରୀମା'ଙ୍କର ଅନୁମତି ପ୍ରାର୍ଥନା କରି ନିଜ ନିଜ ପିଲାଙ୍କୁ ଆଶ୍ରମ ସ୍କୁଲରେ ପଢ଼ାଇବାର ଇଚ୍ଛା ପ୍ରକାଶ କଲେ । ...

ପ୍ରଥମେ ସ୍କୁଲରେ ଚାରୋଟି କ୍ଲାସ ଥିଲା – କିଣ୍ଡରଗାର୍ଟେନ୍, 'ଏ', 'ବି' ଓ 'ସି' । ୪ ବର୍ଷରୁ ୧୬ ବର୍ଷର ପିଲାମାନେ ଏହାର ଛାତ୍ରଛାତ୍ରୀ ଥିଲେ ।

ପ୍ରତିଦିନ ସକାଳେ ସମସ୍ତ ଛାତ୍ରଛାତ୍ରୀ ଖେଳାଙ୍ଗନକୁ ମୁହଁ କରି ନବନିର୍ମିତ ବଡ଼ ସ୍କୁଲ ଗୃହର କାନ୍ଥ ନିକଟରେ ଦୁଇ ଧାଡ଼ିରେ ଦଣ୍ଡାୟମାନ ହୋଇ ସ୍କୁଲ ପ୍ରାର୍ଥନା ଆବୃତ୍ତି କରୁଥିଲେ । ପ୍ରାର୍ଥନା ପରେ ପ୍ରତ୍ୟେକେ ନିଜ ନିଜ ଶ୍ରେଣୀ ଗୃହକୁ ପ୍ରବେଶ କରୁଥିଲେ । ପ୍ରାର୍ଥନାଟିର ମର୍ମାନୁବାଦ ଏହିପରି :

''ମଧୁମୟି ମା,

ଆମର ଏହି ପ୍ରାର୍ଥନା ଯେ ଆମେ ଯେପରି ଏହି ମୁହୂର୍ତ୍ତରୁ ଏବଂ ଚିରଦିନ ସକାଶେ କେବଳ ତୁମର ଛୋଟ ସନ୍ତାନଟିଏ ହୋଇ ରହିଥାଉ ।''

"Sweet Mother,

Grant that we may be now and for ever, simply Thy little children."*

ଶ୍ରେଣୀ ଗୃହରେ ସବୁଠାରୁ ଛୋଟ ଛୋଟ ପିଲାମାନଙ୍କ ସକାଶେ କାର୍ଯ୍ୟକ୍ରମ ଥିଲା ବିଭିନ୍ନ ସଙ୍ଗୀତର ଆବୃତ୍ତି ଏବଂ ଖେଳାଖେଳି ମାଧ୍ୟମରେ ଶିକ୍ଷାଦାନ । ବଡ଼ ପିଲାମାନଙ୍କର ନିୟମିତ କ୍ଲାସସବୁ ଥିଲା – ଫରାସୀ ଓ ଇଂରାଜୀ ଭାଷା ଅଧ୍ୟୟନ, ଗଣିତ ଓ ବିଜ୍ଞାନ ସମ୍ବନ୍ଧରେ ଜ୍ଞାନ ଆହରଣ ।

ସନ୍ଧ୍ୟା ସମୟରେ ଶିକ୍ଷକମାନେ ସେମାନଙ୍କର ଛୋଟ ଛୋଟ ପିଲାମାନଙ୍କୁ ଧରି ସମୁଦ୍ର କୂଳକୁ ବୁଲି ଯାଉଥିଲେ, କେବେ କେବେ ଗଭର୍ଣ୍ଣର ହାଉସ୍ ସାମନାରେ ଥିବା ପାର୍କକୁ ନେଇ ଯାଉଥିଲେ । ଅପେକ୍ଷାକୃତ ବଡ଼ ପୁଅଝିଅମାନେ ଖେଳାଙ୍ଗନରେ ଖେଳାଖେଳି କରୁଥିଲେ । ... ବଡ଼ ପିଲାମାନେ କେବେ କେବେ ଖେଳାଙ୍ଗନରେ, କେବେ କେବେ ଉଦାରଙ୍କର ତଦାନୀନ୍ତନ ବାସଭବନ 'ରେଡ୍ ହାଉସ୍' ସାମନା ରାସ୍ତାରେ, କେବେ କେବେ କେତୋଟି ଆଶ୍ରମ ଘରର ଖୋଲା ଛାତରେ ଅଥବା ମୁଖ୍ୟ ଆଶ୍ରମର ଚାରିପାଖ ରାସ୍ତାରେ ଖେଳାଖେଳି କରୁଥିଲେ ।

୨ ଡିସେମ୍ବର, ୧୯୪୪ରେ ସ୍କୁଲର ପ୍ରଥମ ବାର୍ଷିକୋତ୍ସବ ନିରାଡ଼ମ୍ବର ଭାବରେ ପ୍ଲେ-ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା । ଏହା ଥିଲା ଏକ ସାଂସ୍କୃତିକ ଅନୁଷ୍ଠାନ ।

ପ୍ରଣବ-ଦା' ୭ ମେ, ୧୯୪୫ରେ ସ୍ଥାୟୀ ଭାବରେ ଆଶ୍ରମର ଅନ୍ତେବାସୀ ହୋଇଥିଲେ । ନେତୃତ୍ୱ ନେବା ସମ୍ବନ୍ଧରେ ତାଙ୍କର ସହଜାତଗୁଣ ଥିବାର ଲକ୍ଷ୍ୟ କରି ଶ୍ରୀମା ତାଙ୍କୁ ପ୍ଲେ-ଗ୍ରାଉଣ୍ଡ କାର୍ଯ୍ୟକ୍ରମର ଭାର ଦେଲେ । ଶ୍ରୀମା, ଶ୍ରୀଅରବିନ୍ଦ ଉଭୟେ ପିଲାମାନଙ୍କର ଶାରୀରିକ ଶିକ୍ଷାର ପ୍ରଶିକ୍ଷଣ ଉପରେ ସର୍ବଦା ଉତ୍ସାହ ପ୍ରଦାନ କରୁଥିଲେ । ଶ୍ରୀମା ଏହି ମହାନ୍ ଦିବ୍ୟ କର୍ମରେ ପ୍ରଣବଙ୍କୁ ଏକ ଯଥାର୍ଥ ଯନ୍ତ୍ର ଭାବେ ପାଇ ସର୍ବଦା ତାଙ୍କୁ ସହାୟତା, ଉତ୍ସାହ ଓ ମାର୍ଗ ପ୍ରଦର୍ଶନ କରିବାକୁ ଲାଗିଲେ ।

ତେଣୁ ୧୯୪୫ରେ ଶ୍ରୀମା'ଙ୍କର ଅନୁମତି ଓ ଆଶୀର୍ବାଦ ସହ ପ୍ରଣବ-ଦା' ସିଦ୍ଧାନ୍ତ ନେଲେ ଯେ ଦଶ ବର୍ଷରୁ ଚଉଦ ବର୍ଷ ବୟସ ଥିବା ଚଉଦ ଜଣ ବାଳକଙ୍କୁ ନେଇ କେତେକ ସ୍ୱତନ୍ତ୍ର ଶାରୀରିକ କାର୍ଯ୍ୟକ୍ରମ ଆରମ୍ଭ କରିବେ । ଏହାହିଁ ଥିଲା ଶରୀର ଚର୍ଚ୍ଚା ସମ୍ବନ୍ଧରେ ଆଶ୍ରମ ପ୍ଲେ-ଗ୍ରାଉଣ୍ଡରେ ସଂଗଠିତ ହୋଇଥିବା ସର୍ବପ୍ରଥମ ଗ୍ରୁପ୍ ।

ଏହି ଅବସରରେ ଆମେ ଆମ ବର୍ଣ୍ଣନାର କିଞ୍ଚିତ୍ ପଶ୍ଚାତକୁ ଅପସରି ଯାଇ ଏକ ଘଟଣାର ଉପସ୍ଥାପନା କରୁଛୁ –

୧୯୪୨ ମସିହାରେ ଆଶ୍ରମ ଭିତରେ ଥିବା ସେବାବୃକ୍ଷଟି ବେଶ୍ ଚିତ୍ତାକର୍ଷକ ଭାବେ ବଢ଼ିଯାଇ ଥିବାରୁ ତା'ର ଭାରବହନ ସକାଶେ ସାତୋଟି ସିମେଣ୍ଟର ପାର୍‌ଗୋଲା ନିର୍ମାଣ କରାଯାଇ ଥିଲା । ତେଣୁ ଆଶ୍ରମ ଭିତରର ଅଗଣାଟି ଏବେ ବେଶ୍ ପ୍ରଶସ୍ତ ହୋଇ ଉଠିଥିଲା ଏବଂ ବିଭିନ୍ନ ସମୟରେ ସାନ ସାନ ପିଲାମାନଙ୍କର ଖେଳାଙ୍ଗନ ହୋଇ ଉଠୁଥିଲା ।

ଦିନେ କେତେକ ବଡ଼ ପିଲାମାନଙ୍କ ମଧ୍ୟରୁ ଜଣେ ସେହି ଅଙ୍ଗନ ମଧ୍ୟରେ ଖାମଖିଆଲ ଭାବରେ ନିଷ୍ପତ୍ତି ନେଲା ଯେ ପାର୍‌ଗୋଲାସବୁକୁ ସମାନ୍ତରାଳ ଭାବରେ ସଂଯୋଗ କରୁଥିବା ସିମେଣ୍ଟ କଡ଼ି (ବିମ୍)କୁ ଲମ୍ଫ ଦେଇ ଅତିକ୍ରମ କରିବ । ବାଳକ ଜଣକ ଏପରି ଦୁଃସାହସିକ 'ହାଇ ଜମ୍ପ୍' କରିବା ସମୟରେ ପାଖରେ ଥିବା ଚଉବଚ୍ଚା ଉପରେ ପଡ଼ିଯିବା ଫଳରେ ତା'ର ଗୋଡ଼ରେ ଗଭୀର କ୍ଷତ ହେଲା । ଶ୍ରୀମା'ଙ୍କ କାନରେ ଏହି ଘଟଣା ପହଞ୍ଚିବା ମାତ୍ରେ ସେ ସେହିଦିନୁ ଅଗଣାର ସେହି ନିର୍ଦ୍ଦିଷ୍ଟ ପରିସର ଭିତରକୁ ପିଲାମାନଙ୍କର ପ୍ରବେଶ ନିଷେଧ କରି ଦେଇଥିଲେ ।

ପ୍ରଣବ-ଦା' ପ୍ଲେ-ଗ୍ରାଉଣ୍ଡ କାର୍ଯ୍ୟକ୍ରମର ଭାର ଗ୍ରହଣ କରିବା ପରେ ତାଙ୍କର ପ୍ରଥମ ଅତ୍ୟାବଶ୍ୟକ କର୍ମ ହେଲା ଖେଳାଙ୍ଗନର ଭୂମିଟିକୁ ଯଥାର୍ଥ ଭାବରେ ପ୍ରସ୍ତୁତ କରିବା । ସେତେବେଳେ ସେହି ଭୂମିଟି ଅସମ୍ଭବ ଭାବରେ ଅସମତଳ ଥିଲା । ଗେଷ୍ଟ ହାଉସ୍ ଆଡ଼କୁ ଥିବା ସୀମାରେଖାରେ ତଥାପି ଅନାବନା ଗଛ ସମେତ ଅମୃତଭଣ୍ଡା ଓ କଦଳୀଗଛ ସବୁ ବଢ଼ି ଉଠିଥିଲା । ପ୍ରଥମ ପିଢ଼ିର ଗ୍ରୁପ୍ ବାଳକଙ୍କ ସହିତ କେତେକ ଆଗ୍ରହୀ ଓ ବଳିଷ୍ଠ ସାଧକମାନେ କଠିନ ପରିଶ୍ରମ କରି ସେହି

---

* ସେଦିନ ଥିଲା ୨ ଡିସେମ୍ବର ୧୯୪୩ ମସିହା, ସ୍କୁଲର ଶୁଭାରମ୍ଭ ଦିବସ । ସକାଳ ସାଢ଼େ ଦଶଟା ବେଳେ ସମସ୍ତ ଶିକ୍ଷାର୍ଥୀ ଆସି ଆଶ୍ରମ ପ୍ରାଙ୍ଗଣରେ ଦ୍ୟୁମାନ୍ ଭାଇଙ୍କ ପ୍ରକୋଷ୍ଠ ଉପରେ ଥିବା ଛାତ ଆଡ଼କୁ ମୁହଁ କରି ଦଣ୍ଡାୟମାନ ହେଲେ । ଶ୍ରୀମା ସେହି ଛାତ ଉପରକୁ ଆସି ଦର୍ଶନ ଦେବା ପରେ ସମସ୍ତ ଛାତ୍ରଛାତ୍ରୀ ମିଳିତ କଣ୍ଠରେ ଶ୍ରୀମାଙ୍କର ପ୍ରଦତ୍ତ ଇଂରାଜୀ ଓ ଫରାସୀ ଭାଷାରେ ଲିଖିତ ପ୍ରାର୍ଥନାଟିକୁ ଆବୃତ୍ତି କରିଥିଲେ ।

ସବୁ ଗଛକୁ କାଟି ଉପାଡ଼ି ଦେଲେ । ଅସମତଳ ଭୂମିଟିକୁ ଖୋଳିତାଡ଼ି ମାଟି ତଳେ ଥିବା ଗୋଡ଼ି, ଖଣ୍ଡ ଖଣ୍ଡ ପଥର ସହିତ ଭଙ୍ଗା ବୋତଲ ତଥା ଆବର୍ଜନାସବୁକୁ ଏକତ୍ର ଠୁଳ କରାଇଲେ । ତଦାନୀନ୍ତନ ଆଶ୍ରମ ଇଞ୍ଜିନିୟର ସାଧକ ଚନ୍ଦୁଲାଲ ଏସବୁକୁ ସ୍ଥାନାନ୍ତରିତ କରି ଦେବା ପରେ ଖେଳାଙ୍ଗନଟି ମସୃଣ ବାଲିର ସମତଳ ଭୂମିରେ ସୁଦୃଶ୍ୟ ହୋଇ ଉଠିଲା । ଏବେ ପିଲାମାନଙ୍କର ଖେଳାଖେଳି, ଦୌଡ଼ାଦୌଡ଼ିରେ ପରିବେଶଟି ଆନନ୍ଦମୁଖର ହୋଇ ଉଠିଲା ।

ନବନିର୍ମିତ ପଡ଼ିଆରେ ପ୍ରଣବ-ଦା' ପ୍ରଥମ ଗ୍ରୁପ୍‌ର ପିଲାମାନଙ୍କୁ ମାର୍ଚ୍ଚିଂ, ମୁକ୍ତ-ହସ୍ତରେ ଡ୍ରିଲ୍, ପିରାମିଡ୍, ଫୁଟବଲ, ବିଭିନ୍ନ ଧରଣର କୁସ୍ତି-କସରତ, ବୃତ୍ତାକାରରେ ବଲ୍-ଖେଳ ଏବଂ ଏପରିକି କେତେକ ଲୋକ-ନୃତ୍ୟ ଆଦି ଶିକ୍ଷା ଦେଲେ ।

ଅପେକ୍ଷାକୃତ କମ୍ ବୟସର ପିଲାମାନେ ମଧ୍ୟ ବଡ଼ ପିଲାମାନଙ୍କର ଶରୀରଚର୍ଚ୍ଚା ଓ ଖେଳାଖେଳି ଦେଖି ଆଗ୍ରହାତିଶଯ୍ୟରେ ସେମାନଙ୍କ ଲାଗି ଶୃଙ୍ଖଳିତ ଧାରାରେ ଶରୀର ଚର୍ଚ୍ଚା ହେଉ ବୋଲି ଶ୍ରୀମା'ଙ୍କୁ ଜଣାଇଲେ । ଖୁବ୍ ଶୀଘ୍ର ଏମାନଙ୍କୁ ନେଇ ଦ୍ୱିତୀୟ ଗ୍ରୁପ୍ ଆରମ୍ଭ ହେଲା । ଇତି ମଧ୍ୟରେ କଲିକତାରେ ପ୍ରଣବ-ଦା'ଙ୍କର ବ୍ୟାୟାମ, କୁସ୍ତି-କସରତ ଓ ବକ୍ସିଂ ପ୍ରଶିକ୍ଷଣର ଶିକ୍ଷକ ବୀରେନ୍ ଚନ୍ଦ୍ର ଆଶ୍ରମକୁ ଆସି ସ୍ଥାୟୀ ଭାବରେ ରହିବାର ଆଗ୍ରହ ପ୍ରକାଶ କରିଥିଲେ । ଶ୍ରୀମା ଶ୍ରୀଅରବିନ୍ଦଙ୍କର ଆଶୀର୍ବାଦ ଲାଭ କରି ସେ ଅଳ୍ପ ଦିନ ପୂର୍ବରୁହିଁ ଅନ୍ତେବାସୀ ହୋଇ ଉଠିଥିଲେ । ଶ୍ରୀମା'ଙ୍କ ଅନୁମତି କ୍ରମେ ସେ କିଛି ଦିନ ସକାଳେ ଉପରୋକ୍ତ ଦ୍ୱିତୀୟ ଗ୍ରୁପ୍‌ଟିର ଖେଳାଖେଳି ଓ ଶରୀରଚର୍ଚ୍ଚାର ତଦାରଖ କଲେ । ତା'ପରେ ସେ ପ୍ରଥମ ଗ୍ରୁପ୍‌ର ଚଉଦ ଜଣ ବାଳକଙ୍କୁ ବକ୍ସିଂ, ଭଲି ବଲ୍, ଜିମ୍‌ନାଷ୍ଟିକ୍‌ସ ଏବଂ ବ୍ରତଚାରୀ ନୃତ୍ୟ ଆଦି ଶିକ୍ଷା ଦେଲେ । ପିଲାମାନଙ୍କୁ ଫରୱାର୍ଡ୍ ଓ ବ୍ୟାକ୍‌ୱାର୍ଡ୍ ରୋଲ୍‌ସ୍, କାର୍ଟହୁଇଲ୍ ପ୍ରଭୃତି କାର୍ଯ୍ୟକ୍ରମ ସହ ସେ ହ୍ୟାଣ୍ଡ୍-ସ୍ପ୍ରିଂ, ପିରାମିଡ୍ ଓ ଭଲ୍‌ଟିଂ ପ୍ରଭୃତି ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ ଆରମ୍ଭ କଲେ । କିଛି ଦିନ ପରେ ବୀରେନ୍ ମାନ୍ଦ୍ରାଜ (ଏବେକାର ଚେନ୍ନାଇ)କୁ ଯାଇ ଏକ ଭଲ୍‌ଟିଂ ବକ୍ସ (ଏବେ ବି ରହିଛି), ଏକ ସ୍ପ୍ରିଂ-ବୋର୍ଡ଼ ଏବଂ ଅଳ୍ପ କେତେ ହଳ ବକ୍ସିଂ ଗ୍ଲୋଭ୍ ଖରିଦ କରି ଆଣିଲେ । ଏ ସମସ୍ତ ଉପକରଣକୁ ପ୍ରଥମେ ଶ୍ରୀମା'ଙ୍କୁ ଦେଖାଇବା ନିମନ୍ତେ ମେଡ଼ିଟେସନ୍ ହଲ୍‌କୁ ଅଣାଗଲା । (ପ୍ରକାଶ ଥାଉକି ଶ୍ରୀମା ସେପର୍ଯ୍ୟନ୍ତ ପ୍ଲେ-ଗ୍ରାଉଣ୍ଡକୁ ଆସିବାକୁ ଆରମ୍ଭ କରି ନଥିଲେ ।)

ପ୍ରଭାକର (ବାଟ୍ଟୀ)ଙ୍କ ଉକ୍ତିରେ : ''ଯଥାର୍ଥରେ କହିବାକୁ ଗଲେ ବୀରେନ୍-ଦା'ଙ୍କର ସକ୍ରିୟ ସହଯୋଗିତା ଆଶ୍ରମର ଶାରୀରିକ ପ୍ରଶିକ୍ଷଣ ବିଭାଗ ପ୍ରତି ଥିଲା ଏକ ଅମୂଲ୍ୟ ଦାନ । ପ୍ରଣବ ପ୍ରଥମରୁହିଁ ତାଙ୍କୁ ନିଜର ଅଗ୍ରଜଙ୍କଠାରୁ ଅଧିକ ସମ୍ମାନ ଦେଉଥିଲେ । ପଣ୍ଡିଚେରୀ ଆଶ୍ରମରେ ସେହି ପ୍ରୀତି ଓ ସହାନୁଭୂତିର ପବିତ୍ର ବନ୍ଧନ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦିବ୍ୟ ଉପସ୍ଥିତିରେ ହୋଇ ଉଠିଲା ମହିମମୟ । ଆଶ୍ରମର ଏହି ଶରୀର-ଚର୍ଚ୍ଚା ପ୍ରଶିକ୍ଷଣ ବିଭାଗଟିକୁ ଏକ ଦକ୍ଷ ବିଭାଗରେ ପରିଣତ କରିବାରେ ଦୁହେଁ ସର୍ବାନ୍ତଃକରଣରେ ନିଜକୁ ଉତ୍ସର୍ଗ କଲେ । କହିବାକୁ ଗଲେ ଇଟା, ପଥର ଯୋଡ଼ି ଏହାର ମୂଳଦୁଆର ଭିତ୍ତିପ୍ରସ୍ତର ସ୍ଥାପନ କଲେ ।

'ବୀରେନ୍ ଖେଳାଙ୍ଗନର ବଡ଼, ଛୋଟ ପ୍ରତି ସଦସ୍ୟକୁ ଆପଣାର କରି ନେଉଥିଲେ । ... ଗ୍ରୁପ୍‌ର ପ୍ରତି ସଦସ୍ୟକୁ ମୁହୂର୍ତ୍ତକରେ ନିୟନ୍ତ୍ରଣରେ ଆଣିବାକୁ ତାଙ୍କର ଥିଲା ସଦା ତତ୍ପର ଚାପା ଗର୍ଜନ । ତାଙ୍କର ଏହିସବୁ ସହଜାତ ଗୁଣ ତାଙ୍କୁ ଜଣେ ଆଦର୍ଶ ଶିକ୍ଷକ ହିସାବରେ ଗଢ଼ି ତୋଳିଥିଲା । ଆଜିର ଅଧିକାଂଶ ବୟସ୍କ ତଥା ବରିଷ୍ଠ ଗ୍ରୁପ୍ କ୍ୟାପ୍‌ଟେନ୍ ସେମାନଙ୍କର ଯୁବାବସ୍ଥାରେ ତାଙ୍କରି ଦ୍ୱାରାହିଁ ତାଲିମପ୍ରାପ୍ତ ଏବଂ ପରିଣାମ ସ୍ୱରୂପ ସେମାନେ ତାଙ୍କରି ଠାରୁ ଏକ ଅତି ମୂଲ୍ୟବାନ୍ ଜ୍ଞାନ-ସମ୍ପଦ ସଂଗ୍ରହର ଅଧିକାରୀ ହୋଇ ପାରିଥିଲେ । କହିବାକୁ ଗଲେ ବୀରେନ୍-ପ୍ରଣବଙ୍କର ପ୍ରାରମ୍ଭିକ ଯୁଗ୍ମ-ପ୍ରଚେଷ୍ଟାର ମୁହୂର୍ତ୍ତରୁହିଁ ଆଶ୍ରମର ଶାରୀରିକ ପ୍ରଶିକ୍ଷଣ ଏବଂ ଏହାର ଭବିଷ୍ୟତ୍ କ୍ରିୟାବଳିର ବୀଜ ବପନ ହୋଇଥିଲା ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

---

**ତଥ୍ୟ ନିର୍ଦ୍ଦେଶିକା :**


1. Namita Sarkar : "The Ashram School - Glimpses of the Early Years"
2. Namita Sarkar : "Memorable Years with The Mother – The Growth of Physical Education in Sri Aurobindo Ashram", Part - I, Chapter - 2

# ଜୀବନହିଁ ଯୋଗ

## ରାମକୃଷ୍ଣ ଦାସ

ଆବାଳବୃଦ୍ଧବନିତା, ଈଶ୍ୱରବାଦୀ, ଅନୀଶ୍ୱରବାଦୀ, ସଂସାରର ସମସ୍ତ ବ୍ୟକ୍ତିଙ୍କ ଜୀବନହିଁ ଯୋଗ । ଶରୀରରେ ରକ୍ତ ଯେପରି ଓତପ୍ରୋତ ସେହିପରି ଜୀବନ ସହିତ ଯୋଗ ଓତପ୍ରୋତ । ଜୀବନରୁ ଯୋଗ ବାଦ୍ ଦେବା ସମ୍ଭବ ନୁହେଁ । କାରଣ ସଂସାରର ସମସ୍ତ ବ୍ୟକ୍ତି ସମସ୍ତ କର୍ମରେହିଁ ଅଜ୍ଞାନ ଅସ୍ପଷ୍ଟଭାବେ ଦୁଃଖବିହୀନ ପରମ ସୁଖ ଚାହାନ୍ତି । ଚାହିଁବା ଅସ୍ପଷ୍ଟ ଯୋଗୁଁ ପ୍ରାପ୍ତିର ଉପାୟ ଭୁଲ୍ ହେଉଅଛି । ସେହି ସକାଶେ ସେ ଚାହିଁବା ଲକ୍ଷ୍ୟ ସିଦ୍ଧ କରିପାରୁ ନାହାନ୍ତି । ଲକ୍ଷ୍ୟ ସିଦ୍ଧି କରିବାର ସମୟ ଆସିଅଛି । ଶ୍ରୀମା ଶ୍ରୀଅରବିନ୍ଦ ମନୁଷ୍ୟଜାତିର ପ୍ରତିନିଧି ରୂପେ ମନୁଷ୍ୟ ଶରୀର ଧାରଣ କରି ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ରୂପାନ୍ତର କାର୍ଯ୍ୟ କରାଉ ଅଛନ୍ତି । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କଲେ ତା' ମଧ୍ୟରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରି ତା'ର ବାସନା, କାମନା ଅଜ୍ଞାନାଶ୍ରିତ ମନ-ପ୍ରାଣ-ଶରୀରକୁ ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରିବ । ସେ ଦୁଃଖ, କଷ୍ଟ, ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ପୂର୍ଣ୍ଣ ରୂପେ ମୁକ୍ତ ହେବ । ତେବେ ସେ ସୃଷ୍ଟି ଆରମ୍ଭରୁ ଚାହିଁ ଆସୁଥିବା ଦୁଃଖବିହୀନ ପରମ ସୁଖ ପ୍ରାପ୍ତ କରିପାରିବ । ଏହି କାରଣରୁ ଶ୍ରୀଅରବିନ୍ଦ କହିଛନ୍ତି ଜୀବନହିଁ ଯୋଗ ।

ଯୋଗର ଅର୍ଥ ଦୁଇଟି ବସ୍ତୁର ମିଳନ । ମିଳନ ପରେ କୁହାହୁଏ ଯୋଗସିଦ୍ଧି । ପ୍ରାପ୍ତିର ଉପାୟକୁ କୁହାହୁଏ ଯୋଗ ବା ଯୋଗସାଧନା । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଯୋଗସାଧନା ଚାଲୁଅଛି । ଅର୍ଥାତ୍, ସଂସାରରେ ଜଣେ ବ୍ୟକ୍ତିକୁ ବାଦ୍ ନ ଦେଇ ସମସ୍ତ ବ୍ୟକ୍ତି ଦୁଃଖବିହୀନ ପରମ ସୁଖ ଚାହୁଁ ଅଛନ୍ତି । ସେହି ପରମ ସୁଖ ସକାଶେ ଜୀବନ ଏବଂ ଭଗବାନଙ୍କର ସୃଷ୍ଟି । ସମସ୍ତ ବ୍ୟକ୍ତି ଚାହୁଁଥିବା ଦୁଃଖବିହୀନ ପରମ ସୁଖ ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ମନୁଷ୍ୟ ଜନ୍ମ-ମରଣ, ଦୁଃଖ-କଷ୍ଟ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରେ ନାହିଁ । କିନ୍ତୁ ବ୍ୟକ୍ତି ଚାହିଁବା ଅଥବା ଜୀବନର ଏହି ଲକ୍ଷ୍ୟ ସମ୍ବନ୍ଧେ ସେ ସଚେତ ହୋଇ ନାହିଁ । ଲକ୍ଷ୍ୟ ଅଜ୍ଞାତ ଥିବାରୁ ପ୍ରାପ୍ତିର ଉପାୟ କର୍ମକୁ ଲକ୍ଷ୍ୟପ୍ରାପ୍ତିର ସାଧନା ରୂପେ ନ କରି ସେଥିରେହିଁ ଅଜ୍ଞାତ ରୂପେ ରହିଥିବା ପରମ ସୁଖକୁ ଖୋଜୁଅଛି ।

ବ୍ୟକ୍ତି ପଢ଼େ, ବ୍ୟବସାୟ କରେ, କୃଷି, ବାଣିଜ୍ୟ, ଚାକିରି, ଦେଶସେବା କରେ ଓ ପରିବାର ତଥା ସମ୍ପତ୍ତି ଅଧିକାରରେହିଁ ସେହି ପରମ ସୁଖକୁ ଚାହୁଁଥାଏ । ତାହାରି ସକାଶେ ବ୍ୟକ୍ତି ଚୋରି, ଡକାୟତି, ବହୁପ୍ରକାର ଅନ୍ୟାୟ, ଅସତ୍ୟ କର୍ମ କରେ । ମୃଗତୃଷ୍ଣାରେ ସର୍ବଥା ଜଳର ଅଭାବ ସଦୃଶ ବ୍ୟକ୍ତି କେବେ ବି ଚାହୁଁଥିବା ପରମ ସୁଖ ପ୍ରାପ୍ତ କରିପାରେ ନାହିଁ । ଅଜ୍ଞାନ ମୋହରେ ମୋହିତ ହୋଇଥିବା ଯୋଗୁଁ ସେ କ'ଣ ଚାହେଁ ସେ ବିଷୟରେ କେବେ ବି ବିଚାର କରେ ନାହିଁ, କିଂବା ଚାହିଁବା ସର୍ବଥା ବ୍ୟର୍ଥ ହୋଇ ଆସୁଥିବା ସତ୍ତ୍ୱେ ତା'ର ଯଥାର୍ଥ ମାର୍ଗ ଖୋଜେ ନାହିଁ ।

ବ୍ୟକ୍ତି ସଂସାର-କର୍ମରେ ଅଜ୍ଞାନ, ଅସ୍ପଷ୍ଟ ରୂପେ ଯେଉଁ ଦୁଃଖ-ବିହୀନ ପରମ ସୁଖ ଚାହେଁ, ସେହି କର୍ମ ସମ୍ପାଦନ ହୁଏ ମନ, ପ୍ରାଣ, ଶରୀର ଦ୍ୱାରା । ଏହି ମନ, ପ୍ରାଣ, ଶରୀରହିଁ କାମନାବାସନା, ଲୋଭ, ମୋହ, ହିଂସା, ଦ୍ୱେଷ, କାମ, କ୍ରୋଧ, ଅହଂ, ସ୍ୱାର୍ଥ, ଦୁଃଖଦ୍ୱନ୍ଦ୍ୱରେ ପୂର୍ଣ୍ଣ – ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ କବଳରେ କବଳିତ । ଯେପର୍ଯ୍ୟନ୍ତ ବ୍ୟକ୍ତିର ମନ-ପ୍ରାଣ-ଶରୀର ଭାଗବତ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ନ ହେବ ସେପର୍ଯ୍ୟନ୍ତ ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନ, ଦୁଃଖକଷ୍ଟରୁ ମୁକ୍ତ ହେବ ନାହିଁ କିଂବା ଚାହୁଁଥିବା ପରମାନନ୍ଦ ପ୍ରାପ୍ତ କରିପାରିବ ନାହିଁ ।

ଦୁଃଖବିହୀନ ପରମାନନ୍ଦ, ପରମ ଜ୍ଞାନ, ପରମ ଶକ୍ତିସ୍ୱରୂପ ହେଉଛନ୍ତି ଭଗବାନ୍ । ତାଙ୍କ ପାଖକୁ ଅଜ୍ଞାନ, ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଆସିପାରନ୍ତି ନାହିଁ । ମନୁଷ୍ୟ ମଧ୍ୟରେ ଭଗବାନ୍ ନିଜକୁ ପ୍ରକାଶ କରିବା ସକାଶେହିଁ ତାଙ୍କର ସୃଷ୍ଟି । ସେହି କାରଣରୁ ତାଙ୍କ ସ୍ୱରୂପ ଭୂତାତ୍ମା ପ୍ରତ୍ୟେକ ବ୍ୟକ୍ତି ହୃଦୟରେ ବିଦ୍ୟମାନ ଥାଏ । ସେହି ଅନ୍ତରାତ୍ମାହିଁ ଯଥାର୍ଥରେ ବ୍ୟକ୍ତିସତ୍ତା, ଭଗବାନଙ୍କ ସ୍ୱରୂପ ବା ଭଗବାନଙ୍କ ପ୍ରତିଭୂ । କିନ୍ତୁ ସେହି ଅନ୍ତରାତ୍ମା ଥାଏ କ୍ରିୟାଶୀଳ ମନ-ପ୍ରାଣର ପଶ୍ଚାତରେ । ଶରୀର ପରିଚାଳିତ ହୁଏ ମନ, ପ୍ରାଣ ଦ୍ୱାରା । ମନ, ପ୍ରାଣ ଅଜ୍ଞାନର ଯନ୍ତ୍ର ଏବଂ କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ, ଅହଂ, ସ୍ୱାର୍ଥରେ ପୂର୍ଣ୍ଣ । ଏହି ମୋହର ଶକ୍ତି ଥିବା ଯୋଗୁଁ ଯଥାର୍ଥ ବ୍ୟକ୍ତିସତ୍ତା ଆତ୍ମାର ସନ୍ଧାନ ମନ, ପ୍ରାଣ ପାଆନ୍ତି

ନାହିଁ । ନିଜ ସହିତ ନାଶବାନ୍ ଶରୀରକୁହିଁ ବ୍ୟକ୍ତି ବୋଲି ମନେ କରନ୍ତି । ସୁତରାଂ ଆତ୍ମାର ସନ୍ଧାନ ନ ପାଇବା ସତ୍ତ୍ୱେ ବି ଆତ୍ମାର ଉପସ୍ଥିତି ନିଜ ମଧ୍ୟରେ ଥିବା ଯୋଗୁଁ ତା'ର ଦିବ୍ୟ ଗୁଣ ପରମାନନ୍ଦ, ପରମଶାନ୍ତି; ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ପୂର୍ଣ୍ଣ ମୁକ୍ତି ଅସ୍ପଷ୍ଟ ଅଜ୍ଞାତରେ ଚାହୁଁ ଥାଆନ୍ତି ।

ରୋଗ ହୁଏ, କିନ୍ତୁ କୌଣସି ଗୋଟିଏ ବ୍ୟକ୍ତି ରୋଗ ଚାହେଁ ନାହିଁ, ଚାହେଁ ନୀରୋଗତ୍ୱ । ପ୍ରକୃତିର ନିୟମ ଅନୁସାରେ ବାର୍ଦ୍ଧକ୍ୟ ଆସେ; କିନ୍ତୁ ତାକୁ କେହି ପସନ୍ଦ କରନ୍ତି ନାହିଁ । ମୃତ୍ୟୁ ଅନିବାର୍ଯ୍ୟ ରୂପେ ଘଟେ, ପ୍ରତ୍ୟେକ ବ୍ୟକ୍ତି ନିଜ ଚକ୍ଷୁରେ ଦେଖୁଥାଏ, କିନ୍ତୁ ମୃତ୍ୟୁକୁ କେବେ ବି ସ୍ୱାଗତ କରେ ନାହିଁ । ମନୁଷ୍ୟ ସ୍ୱଭାବତଃ ସ୍ୱତନ୍ତ୍ରତା ଇଚ୍ଛାକରେ । ଜଣେ ବ୍ୟକ୍ତି କାହାର ଅଧୀନତ୍ୱ ସ୍ୱୀକାର କରେ ନାହିଁ, କିନ୍ତୁ ନିରୁପାୟ ହୋଇ ପ୍ରକୃତି ଏବଂ ଅଜ୍ଞାନ ଲୋଭ, ମୋହ, ହିଂସା, ଦ୍ୱେଷ, କାମ, କ୍ରୋଧ, ଅହଂ, ସ୍ୱାର୍ଥର କ୍ରୀତଦାସ ହୋଇଥାଏ । ସାଂସାରିକ ଦୃଷ୍ଟିରେ ସମ୍ମାନିତ ହେଉଥିବା ମହାନ୍ ପଣ୍ଡିତ, ମହାନ୍ ଶକ୍ତିଶାଳୀ, ମହାନ୍ ବୁଦ୍ଧିବାଦୀ, ମହାନ୍ ଅଧିକାରପ୍ରାପ୍ତ ବ୍ୟକ୍ତି ବି ଏଥିରୁ ବାଦ୍ ଯାଏ ନାହିଁ । ଏହାହିଁ ମୋହ ଏବଂ ଅଜ୍ଞାନ । ବ୍ୟକ୍ତି ଏହି ମୋହ ଅଜ୍ଞାନରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୁଏ ଯେବେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ଉପଲବ୍ଧି କରେ ।

## ସୃଷ୍ଟିର ରହସ୍ୟହିଁ ବିକାଶ

ସର୍ବପ୍ରଥମେ ସୃଷ୍ଟି ନ ଥିଲା, ଭଗବାନ୍ ଏକା ଥିଲେ । ସେ ସୃଷ୍ଟି କରିବା ସଙ୍କଳ୍ପ କରି ନିଜେ ଜଡ଼ ଅନ୍ଧକାରରେ ବୁଡ଼ିଗଲେ । ବିକାଶ ଉଦ୍ଦେଶ୍ୟରେ ସେହିଁ ଅନ୍ଧକାର ପଶ୍ଚାତରେ ଶୁଦ୍ଧ ସ୍ୱରୂପରେ ସ୍ୱୟଂ ବିଦ୍ୟମାନ ରହିଲେ । ଭଗବାନଙ୍କ ସଂକଳ୍ପ ଅନୁସାରେ କ୍ରମବିକାଶ ପ୍ରଣାଳୀରେ ପ୍ରକୃତି ଦ୍ୱାରା ଜଗତରେ ପ୍ରାଣ ସଞ୍ଚାର ହେବାରୁ ଲତା, ଗୁଳ୍ମ, ବୃକ୍ଷ ଉତ୍ପନ୍ନ ହେଲା । କିନ୍ତୁ ପ୍ରାଣର ପୂର୍ଣ୍ଣବିକାଶ ହେଲା ପଶୁ ମଧ୍ୟରେ । ତା'ପରେ ଆସିଲେ ମନବିଶିଷ୍ଟ ମାନବ । ବର୍ତ୍ତମାନ ମନର ବିକାଶ ଶେଷ ହୋଇଛି । ମନନିର୍ମିତ ନୈତିକତା, ସାମାଜିକ ବିଧିବିଧାନ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯାଇଛି । ଏହି କାରଣରୁ ସଂସାର, ସମାଜ ତଥା ବ୍ୟକ୍ତି ମଧ୍ୟରେ ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଅଧିକ ମାତ୍ରାରେ କ୍ରିୟାଶୀଳ ହୋଇଅଛି । ଏହା ଅନ୍ୟ କୌଣସି ଉପାୟରେ ଦୂର ହେବ ନାହିଁ । ଦୂର ହେବ କ୍ରମବିକାଶ ଅନୁସାରେ ମନୁଷ୍ୟର ମନ-ପ୍ରାଣ-ଶରୀରର ଅତିମାନସ ଶକ୍ତି ଦ୍ୱାରା ଦିବ୍ୟତ୍ୱରେ ରୂପାନ୍ତର ହେବାରେ । ମନୁଷ୍ୟ ହେବ ଅତିମାନବ । ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ ବିଜ୍ଞାନ । ପୃଥିବୀ ପରିଣତ ହେବ ସ୍ୱର୍ଗରେ ।

ସୃଷ୍ଟିର ନିୟମ ହେଉଛି ବିକାଶ । ବିକାଶ ବନ୍ଦ ହୋଇଗଲେ ସୃଷ୍ଟି ପ୍ରଳୟ ବା ନାଶ ହୁଏ । ଜଡ଼ରୁ ମନସ୍ତର ପର୍ଯ୍ୟନ୍ତ ଉପନିଷଦ୍ ଭାଷାରେ ଅପରାର୍ଦ୍ଧ । ଏହି ସ୍ତର ଅଜ୍ଞାନ, ମୃତ୍ୟୁ, ରୋଗ, ଦୁଃଖ, କଷ୍ଟରେ ପୂର୍ଣ୍ଣ ଏବଂ ସୀମିତ । ଏହି ଅପରାର୍ଦ୍ଧରେ ବିକାଶ ସକାଶେ ଏସବୁ ଆବଶ୍ୟକ । ଦୁଃଖ, କଷ୍ଟ, ମୃତ୍ୟୁ ନ ଥିଲେ ବିକାଶ ହୁଅନ୍ତା ନାହିଁ । ଦେବତାମାନଙ୍କୁ ବିକାଶ କରିବାକୁ ହେଲେ ଏହି ମୃତ୍ୟୁପୁରୀରେ ମନୁଷ୍ୟ ଶରୀର ଧାରଣ କରିବାକୁ ହୁଏ । ଏହି ଅପରାର୍ଦ୍ଧ ପରେ ଆସେ ପରାର୍ଦ୍ଧ – ପୌରାଣିକ ଭାଷାରେ ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ ତଥା ସଚ୍ଚିଦାନନ୍ଦଙ୍କ ଦିବ୍ୟଧାମ । ଏହି ମୃତ୍ୟୁପୁରୀ ସଦୃଶ ସେଠାରେ ରୋଗ, ମୃତ୍ୟୁ, ଦୁଃଖ, କଷ୍ଟ, ଅଜ୍ଞାନ ନ ଥାଏ । ସେଠାରେ ପରମାନନ୍ଦ, ପରମଜ୍ଞାନ, ସମସ୍ତ ଐଶ୍ୱର୍ଯ୍ୟ ଏବଂ ପରମ ଶକ୍ତିସମ୍ପନ୍ନ ଭଗବାନଙ୍କ ପ୍ରକାଶ ଥାଏ ।

ଅପରାର୍ଦ୍ଧ ଏବଂ ପରାର୍ଦ୍ଧ – ଏହି ଉଭୟ ସ୍ତର ମଧ୍ୟରେ ରହିଛି ଅକଳ୍ପନୀୟ ବ୍ୟବଧାନ । ଅପରାର୍ଦ୍ଧ ପ୍ରକୃତି ଦ୍ୱାରା ପରିଚାଳିତ ହୁଏ । ତା' ପଶ୍ଚାତରେ ଭଗବାନଙ୍କର ସମସ୍ତ ଐଶ୍ୱର୍ଯ୍ୟଶକ୍ତି ପ୍ରଚ୍ଛନ୍ନ ରୂପେ ଥାଏ । କିନ୍ତୁ ପରାର୍ଦ୍ଧ ପରମାନନ୍ଦ, ପରମଜ୍ଞାନ, ପରମ ଶକ୍ତି, ଅନନ୍ତ ଐଶ୍ୱର୍ଯ୍ୟଯୁକ୍ତ ଭଗବାନଙ୍କ ଦ୍ୱାରା ପରିଚାଳିତ ହୁଏ । ସେଠାରେ ଅପରାର୍ଦ୍ଧର ପ୍ରକୃତି, ଦୁଃଖ, କଷ୍ଟ, ଅଜ୍ଞାନ, ରୋଗ, ମୃତ୍ୟୁର ପ୍ରବେଶ ନ ଥାଏ । ସୂର୍ଯ୍ୟ ସମ୍ମୁଖରେ ଅନ୍ଧକାର ବିଲୀନ ହେବା ସଦୃଶ ସେଠାରେ ଅପରାର୍ଦ୍ଧର ଅସ୍ତିତ୍ୱ ରହେ ନାହିଁ । ସୃଷ୍ଟିରେ ଯେପରି ପରାର୍ଦ୍ଧ, ଅପରାର୍ଦ୍ଧ ଲୋକ ବା ରାଜ୍ୟ ଥାଏ, ସେହିପରି ଚେତନାର ଏହି ଉଭୟ ସ୍ତର ମନୁଷ୍ୟ ମଧ୍ୟରେ ବିଦ୍ୟମାନ ଥାଏ । ଏପର୍ଯ୍ୟନ୍ତ ପରାର୍ଦ୍ଧ ଚେତନା ବିଜ୍ଞାନ, ଆନନ୍ଦ ମନୁଷ୍ୟ ମଧ୍ୟରେ ପ୍ରକାଶ ହୋଇ ନାହିଁ । ଅପରାର୍ଦ୍ଧର ମନ, ପ୍ରାଣ ଓ ଶରୀର ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ, କଷ୍ଟ ଅଧୀନ ଏବଂ ପରାର୍ଦ୍ଧର ବିକୃତି ତଥା ବିଜାତି । ପରାର୍ଦ୍ଧ ଏବଂ ଅପରାର୍ଦ୍ଧ ମଧ୍ୟରେ ସାମଞ୍ଜସ୍ୟ ନ ଥିବା ଯୋଗୁଁ ଅପରାର୍ଦ୍ଧର ମନ-ପ୍ରାଣ-ଶରୀର, ପରାର୍ଦ୍ଧର ପରମାନନ୍ଦ, ପରମ ଜ୍ଞାନ; ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ମୁକ୍ତି – ଏହି ଦିବ୍ୟ ସମ୍ପଦ ପ୍ରାପ୍ତ କରିପାରେ ନାହିଁ ।

ଏହି ଅସାମଞ୍ଜସ୍ୟ ଚିରଦିନ ରହିଲେ ସୃଷ୍ଟି ଆରମ୍ଭରୁ ମନୁଷ୍ୟ ଚାହିଁ ଆସୁଥିବା ପରମାନନ୍ଦ କେବେ ବି ପ୍ରାପ୍ତ କରିବ ନାହିଁ କିଂବା ଏହି ମୃତ୍ୟୁପୁରୀରେ ନିଜକୁ ପ୍ରକାଶ କରିବାର ସଙ୍କଳ୍ପ ଭଗବାନଙ୍କର ସିଦ୍ଧ ହେବ ନାହିଁ । ଏହା କଦାପି ହେବ ନାହିଁ । ବର୍ତ୍ତମାନ ସମୟ ଆସିଛି, ଭଗବାନଙ୍କ ସଙ୍କଳ୍ପ ଅବଶ୍ୟ ପୂର୍ଣ୍ଣ ହେବ ଏବଂ ପରାର୍ଦ୍ଧ ତଥା ଅପରାର୍ଦ୍ଧରେ ଥିବା ବ୍ୟବଧାନରେ ସେତୁ ନିର୍ମାଣ ହେବ । ଏହାକୁ ସମର୍ଥନ କରୁଛି କ୍ରମବିକାଶ ତଥା ଉପନିଷଦ୍ । ଉପନିଷଦ୍ ଅନୁସାରେ ମନୁଷ୍ୟ ମଧ୍ୟରେ ଅପ୍ରକାଶ୍ୟରେ ରହିଥିବା ପଞ୍ଚକୋଷ ମଧ୍ୟରୁ କ୍ରମବିକାଶ ବିଧାନ ଅନୁସାରେ ଅନ୍ନମୟ କୋଷ – ଶରୀର, ପ୍ରାଣମୟ କୋଷ – ପ୍ରାଣ, ମନୋମୟ କୋଷ – ମନ ମନୁଷ୍ୟ ମଧ୍ୟରେ ପ୍ରକାଶ ହୋଇ ସାରିଅଛି । ଅପ୍ରକାଶ୍ୟ ଥିବା ବିଜ୍ଞାନ ଏବଂ ଆନନ୍ଦମୟ କୋଷର ପ୍ରକାଶରେ ମନୁଷ୍ୟକୁ ପୂର୍ଣ୍ଣତା ପ୍ରାପ୍ତ ହେବ । ସେ ପୂର୍ଣ୍ଣ ମୁକ୍ତ ହେବ । ପ୍ରଥମ ତିନି କୋଷର ପ୍ରକାଶହିଁ ବାକି ଦୁଇ କୋଷ ପ୍ରକାଶ ହେବାର ଅକାଟ୍ୟ ସୂଚନା ଏବଂ ଭଗବାନଙ୍କ ବିଧାନ । ଏହା ହେବ ପରାର୍ଦ୍ଧର ଅତିମାନସ ଶକ୍ତି ଏହି ପୃଥିବୀକୁ ଅବତରଣ କରି ମନୁଷ୍ୟର ବିକୃତ ଅଜ୍ଞାନଗ୍ରସ୍ତ ମନ-ପ୍ରାଣ-ଶରୀରକୁ ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରିବାରେ ।

ତା'ର ସମୟ ଆସି ନଥିଲା । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଯୋଗ ସମ୍ମୁଖରେ ଏହି ରହସ୍ୟ ପ୍ରକଟ ହୋଇ ନଥିଲା । ବେଦ, ଉପନିଷଦ୍, ଗୀତାଦି ଶାସ୍ତ୍ରରେ ଏହି ରହସ୍ୟ ଯଦ୍ୟପି ଗୂଢ଼ ତତ୍ତ୍ୱ ରୂପେ ଆଲୋଚନା ହୋଇଥିଲା, ତଥାପି କ୍ରିୟାରେ ପରିଣତ କରିବାର ରହସ୍ୟ ଏବଂ ସମସ୍ତ ବ୍ୟକ୍ତିଙ୍କ ଚାହିଁବା – ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନରୁ ପୂର୍ଣ୍ଣ ମୁକ୍ତି, ଜୀବନର ପୂର୍ଣ୍ଣତା ପ୍ରାପ୍ତି ବିଷୟ ସମ୍ପୂର୍ଣ୍ଣ ରୂପେ ଅଜ୍ଞାତ ରହିଥିଲା । ସେହି ସକାଶେ ପୁରାତନ ଯୋଗସକଳ ଦୃଷ୍ଟିରେ ଅଜ୍ଞାନ-ମୋହ-ଦୁଃଖକଷ୍ଟ-କବଳିତ ମନ-ପ୍ରାଣ-ଶରୀରକୁ ପରାର୍ଦ୍ଧ ଦିବ୍ୟଧାମର ପରମାନନ୍ଦ, ପରମ ଜ୍ଞାନ ଦିବ୍ୟ ସମ୍ପଦ ପ୍ରାପ୍ତ ହେବାର ସମ୍ଭାବନା ନ ଥିଲା । ସେହି କାରଣରୁ ପୁରାତନ ଯୋଗୀ ମନ-ପ୍ରାଣ-ଶରୀରକୁ ବାଦ୍ ଦେଲେ । ସେ ଯେଉଁ କର୍ମରେ ଅଜ୍ଞାତ ରୂପେ ଦୁଃଖବିହୀନ ପରମ ସୁଖ ଚାହୁଁଥିଲେ, ସେ କର୍ମକୁ ବି ତ୍ୟାଗ କଲେ । ଅପରାର୍ଦ୍ଧ ଏହି ମୃତ୍ୟୁପୁରୀରେ ଯେଉଁ ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଥିଲା ତାକୁ ସେହିପରି ଛାଡ଼ିଦେଲେ । କେବଳ ନିତ୍ୟମୁକ୍ତ ଆତ୍ମାକୁ ନେଇ ମୁକ୍ତି, ନିର୍ବାଣ ଅଥବା ସାକେତ, ଗୋଲୋକ, ବୈକୁଣ୍ଠ, ପରାର୍ଦ୍ଧ ଭଗବାନଙ୍କ ଦିବ୍ୟଧାମରେ ଭଗବତ୍ ପ୍ରାପ୍ତି କରାଇଲେ ।

ମନୁଷ୍ୟ ଜୀବନର ପୂର୍ଣ୍ଣତା, କ୍ରମବିକାଶରେ ଅପରାର୍ଦ୍ଧକୁ ଅତିକ୍ରମ କରି ପରାର୍ଦ୍ଧ ଦିବ୍ୟ ଚେତନା ସ୍ତରରେ ପ୍ରବେଶ ଓ ଅପରାର୍ଦ୍ଧ ତଥା ପରାର୍ଦ୍ଧ ମଧ୍ୟରେ ସେତୁ ନିର୍ମାଣ ହେବାର ସମୟ ଆସିଛି । ମନୁଷ୍ୟ ମନର ବିକାଶ ସମାପ୍ତ ହେବାରୁ ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ପରମା ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଅଛନ୍ତି । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ନିଜ ଜୀବନର ଲକ୍ଷ୍ୟଜ୍ଞାନ ପ୍ରାପ୍ତ କରି ସମସ୍ତ କର୍ମକୁ ମା'ଙ୍କ ଚରଣରେ ସମର୍ପଣ କଲେ ଅତିମାନସ ଶକ୍ତି ତା'ର ମନ-ପ୍ରାଣ-ଶରୀରକୁ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ କରିବ । ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସାକାର, ନିରାକାର ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ପରଂବ୍ରହ୍ମଙ୍କୁ ସେ ଉପଲବ୍ଧି କରିବ । ସେ ପୂର୍ଣ୍ଣ ରୂପେ ମୁକ୍ତ ହେବ ମୋହ, ଅଜ୍ଞାନ, ଦୁଃଖ, କଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ । ସେ ସମ୍ପୂର୍ଣ୍ଣ ରୂପେ ନିବାସ କରିବ ଭଗବତ୍ ଚେତନାରେ; ଏକତ୍ୱ ପ୍ରାପ୍ତ କରିବ ଭଗବାନଙ୍କ ସହିତ । ସେ ପରିପୂର୍ଣ୍ଣ ରୂପେ ପରିଚାଳିତ ହେବ ଭାଗବତୀ ଶକ୍ତି ଦ୍ୱାରା । ଏହା ଫଳରେ ସଂସାରରୁ ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ହିଂସା, ସ୍ୱାର୍ଥ ଦୂର ହେବ; ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କର ରୂପାନ୍ତର ଯୋଗ ଜୀବନ ସହିତ ଓତପ୍ରୋତ ଭାବେ ଜଡ଼ିତ । କୁହାହୋଇଛି, ଯେପରି ରକ୍ତକୁ ଶରୀରରୁ ବାଦ୍ ଦିଆଯାଏ ନାହିଁ, ସେହିପରି ଶ୍ରୀଅରବିନ୍ଦଙ୍କ ଯୋଗକୁ ଜୀବନରୁ ବାଦ୍ ଦେବା ସମ୍ଭବ ନୁହେଁ ।

ଏହି କାର୍ଯ୍ୟ ସିଦ୍ଧ କରିବା ସକାଶେ ପୃଥିବୀରେ ରୂପାନ୍ତର କେନ୍ଦ୍ର ରୂପେ ପଣ୍ଡିଚେରୀରେ ଶ୍ରୀମା ଶ୍ରୀଅରବିନ୍ଦ ଆଶ୍ରମ ପ୍ରତିଷ୍ଠା କରିଅଛନ୍ତି ଏବଂ ସ୍ୱୟଂ ରୂପାନ୍ତର ସାଧନା କରୁଅଛନ୍ତି ତଥା ଆଶ୍ରମର ପ୍ରାୟ ଦୁଇ ହଜାର ସାଧକ, ସାଧିକାଙ୍କ ଦ୍ୱାରା ସାଧନା କରାଉ ଅଛନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘରେ, ପରିବାର ସହିତ ରହି କୃଷି, ବାଣିଜ୍ୟ, ଦେଶସେବା, ଶିକ୍ଷା, କୌଣସି କାର୍ଯ୍ୟକୁ ବାଦ୍ ନଦେଇ, ସମସ୍ତ କାର୍ଯ୍ୟ ବ୍ୟକ୍ତିର ଲକ୍ଷ୍ୟପ୍ରାପ୍ତିର ଉପାୟ ବା ସାଧନା ରୂପେ କିପରି ଆଚରଣ କରାଯାଇପାରିବ ତା'ର ଆଦର୍ଶ ହେଉଛି ଏହି ଆଶ୍ରମ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : ୭୪୭ - ୭୫୦)

❑❑❑

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ଯା' ମନ ଯେପରି

## ଅନାଦି ଚରଣ ସ୍ୱାଇଁ

କଥାରେ ଅଛି, 'ମନଜାଣି ଫଳ', ଯା' ମନ ଯେପରି, ତା' ଫଳ ମଧ୍ୟ ସେହିପରି । ସ୍ୱଭାବ କବି ଗଙ୍ଗାଧର ସେଇଥିପାଇଁ 'ପ୍ରଣୟ ବଲ୍ଲରୀ' କାବ୍ୟରେ ଲେଖିଛନ୍ତି –

''ଯା' ମନ ଯେପରି ତା' ପାଇଁ ସେପରି
ଫଳ ଥୋଇ ଥାଏ ବିଶ୍ୱ
ଉଚ୍ଚମନା ଉଚ୍ଚେ ଅମୃତ ଲଭଇ
ନୀଚମନା ପାଏ ବିଷ ।''

ଆହୁରି ମଧ୍ୟ କୁହାଯାଏ, ''ଯା' ମନ ଯେଡ଼େ, ତା' ପ୍ରଭୁ ସେଡ଼େ'' । ଯିଏ ଯେପରି ଚାହେଁ ସିଏ ସେପରି ପାଏ । ଅନେକ ତ' ଅନେକ ପ୍ରକାରର ଚାହାନ୍ତି – ଚାହିଁବେ ମଧ୍ୟ । ସେହିମାନଙ୍କ ମଧ୍ୟରୁ ଜଣେ ନିଜ ପାଇଁ କିଛି ନଚାହିଁ, କେବଳ ଭଗବାନଙ୍କ ପାଇଁ ଚାହାଁନ୍ତି – ତାହା ପୁଣି ଚାହିଁବା ନୁହେଁ, ଚାହିଁବାଟି ତ ମନର କଥା । ସେହି କ୍ରିୟାଶୀଳ ମନଟିକୁ ସମ୍ପୂର୍ଣ୍ଣ ଭାବରେ ମା'ଙ୍କୁ ସମର୍ପଣ କରିଥା'ନ୍ତି – ସେହି କେବଳ ହୁଅନ୍ତି, 'ପ୍ରପତ୍ତି' । ମା'ଙ୍କର ଶକ୍ତି, 'ପ୍ରପତ୍ତି' ।

କରୁଣାମୟୀ ମା'ଙ୍କର ଗୋଟିଏ ବାଣୀ,

"**I am the Shakti of Sri Aurobindo alone** and the Mother of all my children.

My children are all **equally** part of my consciousness and of my being. ... ..."

(New Year Message : 1989) – The Mother

''**ମୁଁ କେବଳ ଶ୍ରୀଅରବିନ୍ଦଙ୍କର ଶକ୍ତି** ଏବଂ ମୋର ସମସ୍ତ ଶିଶୁମାନଙ୍କର ଜନନୀ ।

''ମୋର ସମସ୍ତ ଶିଶୁ **ସମାନ ଭାବରେ** ମୋର ସତ୍ତାର ଏବଂ ମୋର ଚେତନାର ଅଂଶ । ... ...''

– ଶ୍ରୀମା

କଥାଟି ଏହିପରି ଭାବରେ ମନକୁ ଆସେ, ପ୍ରପତ୍ତି କେବଳହିଁ ମା'ଙ୍କର, ତାଙ୍କ ଶକ୍ତି ଏବଂ ଚେତନାର ସନାତନ ଅଂଶ । ଜୁନ୍ ମାସ ୨୮ ତାରିଖ ନୂଆପାଟଣା ବାର୍ଷିକ ଉତ୍ସବ ପରେ ଠିକ୍ ସନ୍ଧ୍ୟା ଆଠଟାରେ କଟକ ରାଣୀହାଟ କ୍ଷେତ୍ରମୋହନ ସେବାସଦନ ଭିତରକୁ ପ୍ରବେଶ କଲାବେଳେ, ଦିଦି ଜଣେ କହିଲେ – ''ଶୁଣିଲେଣି'' ? ପାଦ ଦୁଇଟି ଅଟକିଗଲା । ''ପ୍ରପତ୍ତି ଚାଲିଗଲେ, ସକାଳ ଆଠଟା ଚାଳିଶିରେ ନର୍ସିଂହୋମରେ, ନବଜ୍ୟୋତିରୁ ଫୋନ୍ ଆସିଥିଲା ।'' ପଦେ ମାତ୍ର ଉତ୍ତର ନଦେଇ ଉପରକୁ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ପାଇଁ ଉଦ୍ଦିଷ୍ଟ କୋଠରି ଭିତରକୁ ଯାଇ କବାଟଟି ବନ୍ଦ କରି ଦେଇ ଚିନ୍ତା କଲି । ମା'ଙ୍କ ପାଖରେ ଧୂପଟିଏ ଜାଳିଲି । ସେହି ଗତାନୁଗତିକ ଧାରାରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରି ବସିଲା ବେଳକୁ କିଏ ଯେପରି ଏକ ସ୍ପଷ୍ଟ ଭାଷାରେ କହି ଦେଲେ, ''ତାଙ୍କ ପାଇଁ କ'ଣ ପ୍ରାର୍ଥନା କରୁଛୁ ? ନିଜ ପାଇଁ ପ୍ରାର୍ଥନା କର । ସେ' ତ ମା'ଙ୍କର ।'' ତା'ପରେ ପୂଜ୍ୟ ପ୍ରପତ୍ତିଙ୍କର ବସିବା ଅବସ୍ଥାରେ ହସିଲା ଦୁଇଟି ଉଜ୍ଜ୍ୱଳ ଆଖି ଓ ରୂପ ଚାରି ଦିଗରେ ଖେଳି ବୁଲିଲା । ଦୁଃଖ କରିବାକୁ, ଭାବିବାକୁ ଫୁରୁସତ ମଧ୍ୟ ନାହିଁ । ସେ ଅଜୟ ଅମର ଆତ୍ମା, ଟିକିଏ ଆଶ୍ୱସ୍ତ ହେଲା ପରେ ବି' ଧାର ଅଶ୍ରୁ ଗଡ଼ିଗଲା ଏବଂ ଭିତରଟି କହିଲା, ''ତୁମରି କାର୍ଯ୍ୟ ଆମେ ସବୁ କରିବୁ ।''

ଝଲସି ଉଠିଲା ଅତୀତର ସେହି ସ୍ମରଣୀୟ ଘଟଣାଟି । ୧୯୭୨ ଫେବ୍ରୁଆରୀ ୨୧ ଦର୍ଶନକୁ ଯାଇଥାଏ । ଯିବା ଆଗରୁ ୧୯୭୧ରୁ ଏ ଯାବତ୍ ଆଶ୍ରମ ସହିତ ଚିଠିପତ୍ର ଆଦାନ ପ୍ରଦାନ ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପଠନରୁ ସବୁଦିନ ପାଇଁ ଆଶ୍ରମରେ ରହିଯିବାର ଏକ ପରିକଳ୍ପନା ମଧ୍ୟ ହୋଇଥାଏ । ଦ୍ୟୁମାନ୍ ଭାଇଙ୍କ ପାଖକୁ ଲେଖା ଲେଖି କରି ଲେକ୍ ଇଷ୍ଟେଟ୍‌ରେ ରହିବା ପାଇଁ ଅନୁମତି ପତ୍ରଟିଏ ମଧ୍ୟ ମିଳିଥାଏ । ମା'ଙ୍କୁ ଦର୍ଶନ କରି ଆଶ୍ରମରେ ରହିବା କଥା – ସ୍ୱପ୍ନ ଓ ଆନନ୍ଦ । ପହଞ୍ଚିବା ତାରିଖଟି ଠିକ୍ ମନେ ନାହିଁ । ଠିକ୍ ପହଞ୍ଚିବା ପରଦିନ ନବଜ୍ୟୋତି କାର୍ଯ୍ୟାଳୟର ତାଙ୍କ ପ୍ରକୋଷ୍ଠ ଭିତରକୁ ଡକେଇ ନେଲେ ଶ୍ରୀ ପ୍ରପତ୍ତି । କେଉଁଠି ଦେଖିଲେ କେଜାଣି, ଦୁଆର ବାଟେ ପ୍ରବେଶ କଲେ ପ୍ରଥମେ ତାଙ୍କ ପ୍ରକୋଷ୍ଠ ଏବଂ ପରେ କାର୍ଯ୍ୟାଳୟ – ବୋଧହୁଏ ପ୍ରବେଶ କରୁ କରୁ ଦେଖିଥିବେ ! ଏବଂ ଠିକ୍ ସେହିଦିନ ସକାଳେ ଦ୍ୟୁମାନ୍ ଭାଇ ବୋଧହୁଏ ତାଙ୍କୁ ପଚାରିଛନ୍ତି ମୋର ଲେକ୍‌ରେ

ରହିବା କଥା । ପୂଜ୍ୟ ପ୍ରପତ୍ତିଜୀ ମା'ଙ୍କ ସନ୍ତାନ । ମା'ଙ୍କ ଚାରି ଶକ୍ତି ''ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ''ଙ୍କ ଲୀଳା ତାଙ୍କଠାରେ ।

ହଠାତ୍ ମୁଁ ପ୍ରଣାମ କରିସାରିଲା ପରେ ପଚାରିଲେ, ''ଲେକ୍‌ରେ ରହିବା ପାଇଁ ଦ୍ୟୁମାନ୍ ଭାଇଙ୍କ ସହିତ ଚିଠିପତ୍ର ଦେବାକୁ ତୁମକୁ କିଏସେ ପରାମର୍ଶ ଦେଇଥିଲେ ?'' ତାଙ୍କର ସ୍ୱର ଟିକିଏ ଉଚ୍ଚ ଥିଲା । ତାଙ୍କ ପ୍ରତିଭାର ଅନେକ ଅଂଶ ମଧ୍ୟ ମୋର ମନରେ ଥିଲା । ମୁଁ ନିଜକୁ ଠିକ୍ ବିଶ୍ୱସ୍ତ, ଅନୁଗତ, ଭୟ ବିହ୍ୱଳିତ ଏବଂ ନିଷ୍ଠାପର ଛାତ୍ରଟିଏ ପରି ବ୍ୟବହାର କରୁଥିଲି । ସମ୍ପୂର୍ଣ୍ଣ ନୀରବ ରହି, ତାଙ୍କ କଥାଟି ଶୁଣି ମୋ' କଥାଟି କହୁଥିଲି । ନିଜକୁ ଛାତ୍ର ଅବସ୍ଥାରେ ସାର୍‌ଙ୍କ ଆଗରେ ରଖିବାର ଏକ ଅପାସୋରା ଆନନ୍ଦ ମଧ୍ୟ ସେହି ସାନ୍ନିଧ୍ୟରୁ ପାଉଥିଲି । ସେ ରାଗିଲା ପରି ଜଣା ଯାଉଥିଲେ ମଧ୍ୟ, ମୁଁ କୃତକୃତ୍ୟ ହେଉଥିଲି କୃତଜ୍ଞତାରେ ଯେ ପୂଜ୍ୟ ପ୍ରପତ୍ତି ମୋତେ ଜାଣିଛନ୍ତି । ଏହାଠାରୁ ଗୌରବ କଥା ଜୀବନରେ ଆଉ କ'ଣ ଥାଇପାରେ ? ତାଙ୍କର ସେଦିନ କଥାର ପ୍ରତ୍ୟେକ ଅଣୁଛନ୍ଦରେ ଥିଲା ଓଡ଼ିଶାରେ ମା'ଙ୍କ କାର୍ଯ୍ୟର କଥା । ସେ ଯେପରି ବାରଂବାର ପ୍ରକାଶ କରୁଥିଲେ, ''ଓଡ଼ିଶାର ପିଲା ଓଡ଼ିଶାରେ ମା'ଙ୍କ କାର୍ଯ୍ୟ କରିବ । ଓଡ଼ିଶାରେ କ'ଣ ମା'ଙ୍କ କାର୍ଯ୍ୟ ପୂରା ହୋଇଗଲାଣି ଯେ ପଣ୍ଡିଚେରୀ ଚାଲି ଆସିବ ? ତୁମେମାନେ ପଣ୍ଡିଚେରୀ ଚାଲି ଆସିଲେ ଓଡ଼ିଶା କାର୍ଯ୍ୟ କିଏ କରିବ ?''

ସହଜ, ସରଳ, ନିଷ୍କପଟ, ଉଦାର, ମହାନ୍ ଐଶ୍ୱର୍ଯ୍ୟପୂର୍ଣ୍ଣ ପିତୃପ୍ରତିମ ବିଶାଳ ତାଙ୍କ ବ୍ୟକ୍ତିତ୍ୱର ସାନ୍ନିଧ୍ୟ । ପାଖକୁ ଡାକି ନେଇ ସ୍ନେହପୂର୍ଣ୍ଣ ଭାବରେ କହିଲେ, ''ଆଉ କ'ଣ ଭାବୁଛ ?'' କହିଲି ''ଆପଣ ଯେତେବେଳେ, ଯେଉଁଦିନ, ଯେଉଁ ମୁହୂର୍ତ୍ତରେ, ଯେଉଁ କାର୍ଯ୍ୟ ଦେବେ – ମୁଁ କରିବା ପାଇଁ ପ୍ରସ୍ତୁତ ।'' ଟିକିଏ ହସିଲେ ମାତ୍ର । କହିଲେ, ''ମୁଁ ମନେ ରଖିଲି ।''

ତା'ପରେ ଚିଠିପତ୍ର ମାଧ୍ୟମରେ, ଦେଖାହେଲେ ସେହି କଥାଟି ମୁଁ ମନେ ପକେଇଦିଏ । କହନ୍ତି, ''କାମ ତ କରୁଛ, ଆଉ କ'ଣ ?'' ଶେଷକୁ ମଧୁଭାଇନା କଥାଟି ସମାଧାନ କରିଦେଲେ । ତାଙ୍କ ନିକଟ ସମ୍ପର୍କରେ ଆସୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ମୁଁ ଜଣେ ନୁହେଁ – କିନ୍ତୁ ସଭା, ସମ୍ମିଳନୀ, ଶିବିରମାନଙ୍କରେ ବାରଂବାର ତାଙ୍କୁ ନିରୀକ୍ଷଣ କରିଥିବା ମୁଁ ଜଣେ ଛାତ୍ର । ପୂଜ୍ୟ ପ୍ରପତ୍ତିଜୀ ସଭାମଞ୍ଚରେ ବସିଥିଲା ବେଳେ ତାଙ୍କର ଉଜ୍ଜ୍ୱଳ ଦୁଇଟି ଆଖି ବହୁତ ଭଲ ଲାଗେ । ପଛରେ ବସି ଏହି ଦୃଶ୍ୟଟି ଅନେକ ସମୟରେ ଦେଖୁ ଦେଖୁ ଆତ୍ମବିଭୋର ହେବାକୁ ହୁଏ । ତାଙ୍କରି ମଧୁମୟ କଥାଗୁଡ଼ିକ ଏବେ ମଧ୍ୟ ସ୍ମୃତିପଟରେ ଉଙ୍କିମାରି ସେ ଏକାନ୍ତ ନିକଟରେ ଥିଲା ପରି ସ୍ପଷ୍ଟ ବୋଧହୁଏ । ବେଳେବେଳେ ମନେହୁଏ ସଭା, ସମ୍ମିଳନୀ ଓ ଶିବିରମାନଙ୍କରେ ବୋଧହୁଏ ପ୍ରପତ୍ତି ନିଜେ ଅଛନ୍ତି ଏବଂ ପରିଚାଳନା କରୁଛନ୍ତି ।

ଯାଜପୁର ରୋଡ଼ ଶ୍ରୀମା ଶ୍ରୀଅରବିନ୍ଦ ସୋସାଇଟି ଆନୁକୁଲ୍ୟରେ ପ୍ରତିବର୍ଷ ଜାନୁଆରୀ ୧୮,୧୯,୨୦ ଯୁବଛାତ୍ର ଶିବିର ଅନୁଷ୍ଠିତ ହୁଏ । ବୟୋଜ୍ୟେଷ୍ଠ କର୍ମୀ କୃଷ୍ଣଚନ୍ଦ୍ର ଧଳ, ସଦାନନ୍ଦ ନାୟକଙ୍କ ଅନୁରୋଧ ଓ ମମତାରେ ପୂଜ୍ୟ ପ୍ରପତ୍ତି ପ୍ରାୟ ପ୍ରତିବର୍ଷ ସେଠାକୁ ଯାଆନ୍ତି । ଓଡ଼ିଶାର ପ୍ରତ୍ୟେକ ସ୍ଥାନକୁ ପ୍ରପତ୍ତି ଯାଆନ୍ତି । ଥରେ ସନ୍ଧ୍ୟା ପ୍ରାର୍ଥନା ସଭା ପରିଚାଳନା କରି ଶିବିରାର୍ଥୀମାନଙ୍କୁ ମନ୍ତ୍ର ଏବଂ ପ୍ରାର୍ଥନା ଅଭ୍ୟାସ କରାଉଥିଲା ବେଳେ ପ୍ରପତ୍ତି କେତେବେଳେ ଆସି ମୋ ପଛ ପାଖରେ ବସିଲେଣି ଜଣା ନଥାଏ । ହଠାତ୍ ପଛକୁ ଚାହିଁଦେଇ ଚମକି ପଡ଼ିଲି । କାନ୍ଧରେ ହାତ ଥାପୁଡ଼ାଇ ଦେଇ ଅତ୍ୟନ୍ତ ସ୍ନେହପୂର୍ଣ୍ଣ ଭାବରେ ଆଶ୍ୱାସନା ଦେଲେ, – ଭଲ, ଭଲ ।

୧୯୭୨ ଶ୍ରୀଅରବିନ୍ଦଙ୍କ ଶତବାର୍ଷିକ ବର୍ଷର କଥା । ସାରା ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର ଆନ୍ଦୋଳନ ମୁଣ୍ଡ ଟେକୁଥାଏ । ପ୍ରପତ୍ତି ବେଳେ ବେଳେ ପ୍ରକାଶ କରନ୍ତି, ''ଏହା Sri Aurobindo Movement'' । ପ୍ରାୟ ଯେଉଁଠାକୁ ସେ ଯାଆନ୍ତି, ଆମ୍ଭେମାନେ ମଧ୍ୟ ଯାଇ ପୂର୍ବରୁ କିଂବା ପରେ ପହଞ୍ଚିଯାଉ । ବେଶ୍ ଶୃଙ୍ଖଳିତ କର୍ମୀ ଦଳଟିଏ କାମରେ ଲାଗିଥିବା ପରି ସେ ବୋଧହୁଏ ଅନୁଭବ କରୁଥିବେ । ତେଣୁ ଦୈତାରୀ ଯୁବଛାତ୍ର ଶିବିରରେ କହିଲେ, ''ଯେଉଁଠି ପହଞ୍ଚିଲେ –'ବାନର ସେନା', ଆଉ କାମରେ କିଛି ଅସୁବିଧା ନାହିଁ ।''

ମୟୂରଭଞ୍ଜ ଜିଲ୍ଲାର ବୁଢ଼େଇରଣା ଆମ୍ବତୋଟାରେ ଶିବିର ଆୟୋଜନ ଚାଲିଥିଲା । ପ୍ରପତ୍ତି ପହଞ୍ଚିବେ ବୋଲି ପୂର୍ବ ରାତ୍ରିରୁ ଆମ୍ଭେମାନେ ବେତନଟୀରୁ ଗଲୁ । ପହଞ୍ଚିଲା ପରେ ଦେଖାଗଲା, ଚାରିପାଖ ଘାସ ଏବଂ ଅଳିଆ । ସକାଳେ ସମ୍ମିଳନୀ, ସୁତରାଂ ସାରା ରାତି ଲାଗି, ଉଜାଗର ରହି ପରିବେଶଟିକୁ ପରିଷ୍କାର ଏବଂ ସୁନ୍ଦର କରିଦେଲୁ । ପୂଜ୍ୟ ପ୍ରପତ୍ତି ସକାଳେ ପହଞ୍ଚି କହିଲେ, ''ମୁଁ ଆସିଲେ ବାଟ ସଫା ହେଲା ।''

ଚାହା ସେ ପିଅନ୍ତି ନାହିଁ । ବେଳେ ବେଳେ ସାଧୁ ସନ୍ଥମାନେ ଭକ୍ତମାନଙ୍କ ମମତାରେ ପଡ଼ି ଯାହା ଦେଲେ ବି ପିଇ ଦିଅନ୍ତି । କଷ୍ଟ ମଧ୍ୟ ପାଆନ୍ତି । ଥରେ ଖୁରୁସିଆ ପାଠଚକ୍ର

ସମ୍ମିଳନୀ ପରେ ପୂଜ୍ୟ ପ୍ରପତ୍ତିଙ୍କ ସହିତ ଗାଁ ବୁଲିଗଲୁ । ଜଣେ କିଏ ତାଙ୍କ ଘରେ ଆମେ ବସିଥିଲା ବେଳେ ସୁନ୍ଦର ସୁସ୍ୱାଦୁ ଚାହା କରି ସମସ୍ତଙ୍କୁ ଦେଲେ । ମୁଁ କହିଲି, ''ପିଏ ନାହିଁ ।'' ପୂଜ୍ୟ ପ୍ରପତ୍ତି ହସି ହସି କହିଲେ, ''କ୍ଷୀରଗୁଡ଼ାକ ହୋ' ପିଇଦିଅ ।''

ବୁଢ଼େଇରଣା ସମ୍ମିଳନୀକୁ ଥରେ ଜଣେ ବିଦ୍ୱାନ୍ ପଣ୍ଡିତ ଯାଇଥା'ନ୍ତି । ସେ କଥା କଥାକେ ବେଦ, ଉପନିଷଦ୍, ଗୀତା ଓ ଅନ୍ୟାନ୍ୟ ଶାସ୍ତ୍ରର ଦୃଷ୍ଟାନ୍ତ ଦେଇ ବହୁତ ବକ୍ତୃତା ଦିଅନ୍ତି । ପ୍ରପତ୍ତିଙ୍କୁ ପୂର୍ବରୁ ଏହି କଥା ଜଣାଇ ଦେଲା ପରେ ସେ କହିଲେ ''ପଣ୍ଡିତଙ୍କୁ ଆଗରେ ଛାଡ଼ିଦିଅ, ଆମର ପଛକଥା ଦେଖିବା ।''

ଯୋଗୀମାନଙ୍କ ହାସ୍ୟରସ ସବୁଠୁ ଅଧିକ କୌତୂହଳ ସୃଷ୍ଟି କରେ । ଥରେ ଜଣେ କଲେଜ ଅଧ୍ୟାପକ ଏକ ବିରାଟ ଯୁବଛାତ୍ର ସମ୍ମିଳନୀରେ କାହିଁକି କେଜାଣି ସତ୍ୟସାଇ ବାବାଙ୍କ ସମ୍ବନ୍ଧରେ ପ୍ରଶ୍ନ କଲେ । ସଭାଟି ସାମାଜିକ ଭାବରେ ଗୁରୁଗମ୍ଭୀର ହୋଇଗଲା । ପ୍ରପତ୍ତିଜୀ ଉତ୍ତରରେ କହିଲେ, ''ମୁଁ ଫିଲିପସ୍ ରେଡ଼ିଓର ଲାଇସେନସ୍ ନେଇଛି, ମରଫି ରେଡ଼ିଓ କଥା କିଛି ଜାଣି ନାହିଁ ।  ହଠାତ୍ ହସର ମୃଦୁ ଗୁଞ୍ଜରଣରେ ସଭାଟି ଉଚ୍ଛୁଳି ପଡ଼ିଲା ।''

ପିଲାଟି ପଚାରିବ ବୋଲି ପାଖେ ପାଖେ ଚାଲିଛି । ଅନେକ ଲୋକ ହେଲେଣି ! କ'ଣ ପଚାରିବ ସମ୍ପୂର୍ଣ୍ଣ ଭୁଲି ଗଲାଣି । ଶେଷକୁ ପଚାରି ଦେଲା, ''ଶ୍ରୀଅରବିନ୍ଦ କିଏ ?'' ପ୍ରପତ୍ତି ନିଜ ହାତରେ ଦେଖାଇ ଦେଇ କହିଲେ, ''ଶ୍ରୀଅରବିନ୍ଦ ଗୋଟେ ପର୍ବତ'', ପୁଣି ଅଟକି ଯାଇ କହିଲେ ଶ୍ରୀଅରବିନ୍ଦ ଗୋଟିଏ ସମୁଦ୍ର, ଗୋଟିଏ ପଦ୍ମ, ଗୋଟିଏ ଆକାଶ – କ'ଣ ଜାଣିବାକୁ ଚାହୁଁଛ ?'' ପିଲାଟି ସେହି ଦିନରୁ ବାରଂବାର ଶ୍ରୀଅରବିନ୍ଦଙ୍କୁ ଅନୁଧ୍ୟାନ କରିବାରେ ଲାଗିଲା ।

ଅନେକେ ଆଜିକାଲି ଚରିତ୍ର କଥାଟି ଉଠାନ୍ତି । ମନ୍ଦ ଚରିତ୍ର କଥାଟି କହିଲା ବେଳେ ବହୁତ ଭଲ ଲାଗେ । ଅନ୍ୟର ଖରାପ ଚରିତ୍ରଟି ଦେଖାଇ ଦେଲେ ନିଜ ଚରିତ୍ରର ଭଲ କଥାଟି ବୋଧହୁଏ ଭଲ ଲାଗେ । ଥରେ ଜଣେ ସ୍କୁଲ ବ୍ୟବସ୍ଥାପକ ଜଣେ ଶିକ୍ଷକଙ୍କର ଖରାପ ଚରିତ୍ର ଦୃଷ୍ଟାନ୍ତ ଦେଇ ତାକୁ ସ୍କୁଲରୁ ବିଦାୟ ଦେବା ପାଇଁ ଅନୁରୋଧ କରନ୍ତେ ହଠାତ୍ ପ୍ରପତ୍ତି ଚରିତ୍ର ସମ୍ବନ୍ଧୀୟ ଆଲୋଚନାଟିକୁ ବଢ଼ିବାକୁ ନଦେଇ କହିଲେ ''ତୁମ ଚରିତ୍ର ଭଲ ?'' ଆଲୋଚନାଟି ସେତିକିରେ ରହିଲା । ଯେ ପିତୃପ୍ରତିମ, ସେ ପୁତ୍ର, କନ୍ୟାଙ୍କ ଚରିତ୍ରକୁ ସମାଲୋଚନା କରେ ନାହିଁ । ସଂଶୋଧନ କରିବାର ବ୍ୟବସ୍ଥା କରେ ।

ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନ ତାଙ୍କର ସୃଷ୍ଟି । ଇତିହାସର ପୁରୁଷ ପୂଜ୍ୟ ପ୍ରପତ୍ତି । ସମୟହିଁ ସତ୍ୟର ବାସ୍ତବତାକୁ ପ୍ରକାଶ କରିବ । ତାଙ୍କର ବହୁମୁଖୀ ପ୍ରତିଭା, ସାହିତ୍ୟ, ଦର୍ଶନ, ସମାଜ କଲ୍ୟାଣ, ଶିକ୍ଷା ଓ ଆଧ୍ୟାତ୍ମିକତା ଯାହାକିଛି ହେଉନା କାହିଁକି ମୂଳତଃ ସେ ହେଉଛନ୍ତି ଯୋଗୀ, ଗୀତାର କଥାରେ ''ସ ଯୋଗୀ ଚ ସ ସନ୍ନ୍ୟାସୀ'' । କିନ୍ତୁ ପ୍ରପତ୍ତି କେବେ ବି ନିଜକୁ ଯୋଗୀ ବୋଲି କହନ୍ତି ନାହିଁ କିଂବା ସନ୍ନ୍ୟାସୀ ବୋଲି କହନ୍ତି ନାହିଁ, ବରଂ ନିଜକୁ କର୍ମୀ ବୋଲି ବରାବର କହୁଥା'ନ୍ତି । ତାଙ୍କ ଭିତରେ ଜ୍ଞାନ, କର୍ମ ଓ ଭକ୍ତିର ଅପୂର୍ବ ସମାହାର । ସାମର୍ଥ୍ୟ ଓ ଚେତନା ଦୃଷ୍ଟିରୁ ସେ ମା'ଙ୍କର ସନ୍ତାନ ପ୍ରପତ୍ତି, ମା'ଙ୍କର ଗେହ୍ଲାପୁଅ, ଭବିଷ୍ୟତ୍ ଓ ଓଡ଼ିଶାର ଆଧ୍ୟାତ୍ମିକ ଅଗ୍ରଦୂତ ।

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା ପ୍ରକାଶିତ 'A Flame of Gratitude' ଶୀର୍ଷକ ସ୍ମରଣିକାରୁ ସଂଗୃହୀତ)

❑❑❑

The 24th November is called the day of Victory in remembrance of a very important spiritual event which took place in 1926.

(CWM, Vol. 13, p. 106 ) ❑ The Mother

୧୯୨୬ ମସିହାରେ ଘଟିଥିବା ଏକ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଘଟଣାର ସ୍ମରଣ ରୂପେ ୨୪ ନଭେମ୍ବରକୁ ବିଜୟ ଦିବସ ନାମରେ ଅଭିହିତ କରାଯାଏ ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୯୧)

## ମହେନ୍ଦ୍ରନାଥ ସ୍ୱାଇଁ

### ବିଶ୍ୱରୂପା :

ଦିବ୍ୟଜନନୀ ଶ୍ରୀମା ତାଙ୍କ ଶୈଶବ ଅବସ୍ଥାରେ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଥିଲାବେଳେ ଯେତେସବୁ ଉତ୍କୃଷ୍ଟ, ହୃଦୟସ୍ପର୍ଶୀ, ମାଧୁର୍ଯ୍ୟମୟ ଏବଂ କୌତୂହଳପ୍ରଦ ଅନୁଭୂତି ପ୍ରାପ୍ତ ହୋଇଛନ୍ତି ଯାହାକୁ ଆମେ most sublime experiences ବୋଲି କହିଥାଉ; ସେମାନଙ୍କ ମଧ୍ୟରେ ଅନ୍ୟତମ ହେଉଛି ଫେବ୍ରୁଆରୀ ୨୨, ୧୯୧୪ ପ୍ରାର୍ଥନା । ସେଥିରେ ଶ୍ରୀମା ଲେଖିଛନ୍ତି –

"WHEN I was a child of about thirteen, for nearly a year every night as soon as I had gone to bed it seemed to me that I went out of my body and rose straight up above the house, then above the city, very high above. Then I used to see myself clad in a magnificent golden robe, much longer than myself; and as I rose higher, the robe would stretch, spreading out in a circle around me to form a kind of immense roof over the city. Then I would see men, women, children, old men, the sick, the unfortunate coming out from every side; they would gather under the outspread robe, begging for help, telling of their miseries, their suffering, their hardships. In reply, the robe, supple and alive, would extend towards each one of them individually, and as soon as they had touched it, they were comforted or healed, and went back into their bodies happier and stronger than they had come out of them. Nothing seemed more beautiful to me, nothing could make me happier; and all the activities of the day seemed dull and colourless and without any real life, beside this activity of the night which was the true life for me. Often while I was rising up in this way, I used to see at my left an old man, silent and still, who looked at me with kindly affection and encouraged me by his presence. This old man, dressed in a long dark purple robe, was the personification – as I came to know later – of him who is called the Man of Sorrows."

(Prayers and Meditations, p. 81)

''ଯେତେବେଳେ ମୁଁ ପ୍ରାୟ ତେର ବର୍ଷର ଶିଶୁ, ପ୍ରାୟ ଏକ ବର୍ଷ ଧରି ପ୍ରତି ରାତ୍ରିରେ ମୁଁ ଶୋଇବା ନିମନ୍ତେ ବିଛଣା ଉପରକୁ ଯିବା ସଙ୍ଗେ ସଙ୍ଗେ ମୋର ମନେ ହେଉଥିଲା ଯେ ମୁଁ ମୋର ଶରୀର ଭିତରୁ ବାହାରି ବାହାରକୁ ଚାଲି ଯାଉଥିଲି ଏବଂ ସିଧା ସିଧା ଘର ଉପରକୁ ଉଠି ଯାଉଥିଲି, ତା'ପରେ ଉଠି ଯାଉଥିଲି ନଗରୀର ଊର୍ଦ୍ଧ୍ୱକୁ, ବହୁ ଊର୍ଦ୍ଧ୍ୱକୁ । ତା'ପରେ ମୁଁ ଦେଖୁଥିଲି ମୋ'ଠାରୁ ଅଧିକ ଲମ୍ବା ଗୋଟିଏ ଚମତ୍କାର ସୁବର୍ଣ୍ଣ ପୋଷାକ ମୁଁ ପରିଧାନ କରିଛି; ଏବଂ ମୁଁ ଯେତେ ଉପରକୁ ଉଠୁଥିଲି, ପୋଷାକଟି ସେତେ ଲମ୍ବା ହୋଇ ଖୋଲି ଯାଉଥିଲା, ମୋ ଚତୁଃପାର୍ଶ୍ୱରେ ଏହା ଏକ ବୃତ୍ତାକାରରେ ବିସ୍ତାରିତ ହୋଇ ସମଗ୍ର ନଗରୀ ଉପରେ ଏକ ବିଶାଳ ବିସ୍ତୃତ ଛାତଟିଏ ସୃଷ୍ଟି କରିବା ପାଇଁ । ତତ୍ପରେ ମୁଁ ଦେଖିବାକୁ ପାଉଥିଲି ଆବାଳବୃଦ୍ଧବନିତା, ଅସୁସ୍ଥ ଓ ଦୁର୍ଭାଗ୍ୟଗ୍ରସ୍ତ ବ୍ୟକ୍ତିମାନେ ସବୁ ଦିଗରୁ ମାଡ଼ି ଆସୁଛନ୍ତି; ସେମାନେ ବିସ୍ତାରିତ ହୋଇ ଯାଇଥିବା ମୋ ପୋଷାକ ତଳେ ଏକତ୍ରିତ ହେଉଛନ୍ତି, ଯୋଡ଼ହସ୍ତ ହୋଇ ସାହାଯ୍ୟ ଭିକ୍ଷା କରୁଛନ୍ତି; ସେମାନଙ୍କର ଦୁଃଖକଷ୍ଟ, ଦୈନ୍ୟତା, ଯନ୍ତ୍ରଣା ଓ କଷ୍ଟକର ଜୀବନ ବିଷୟରେ କହୁଛନ୍ତି । ସେମାନଙ୍କର ପ୍ରାର୍ଥନାର ଉତ୍ତରରେ ପୋଷାକଟି, ଯାହା ଅତ୍ୟନ୍ତ ନରମ ଓ

ଜୀବନ୍ତ, ଜଣ ଜଣ କରି ପ୍ରତ୍ୟେକଙ୍କ ପାଖକୁ ଲମ୍ବି ଯାଉଛି ଏବଂ ଏହାକୁ ସ୍ପର୍ଶ କରିବା ମାତ୍ରକେ ସେମାନଙ୍କର ରୋଗ, ଦୁଃଖ, ଯନ୍ତ୍ରଣା କୁଆଡ଼େ ମିଳାଇ ଯାଉଛି, ସେମାନେ ସମ୍ପୂର୍ଣ୍ଣ ଆରାମ ଅନୁଭବ କରୁଛନ୍ତି ଏବଂ ରୋଗମୁକ୍ତ ହୋଇ ନିଜ ନିଜ ଶରୀର ମଧ୍ୟକୁ ଫେରି ଯାଉଛନ୍ତି; ଶରୀରମାନଙ୍କୁ ଛାଡ଼ି ଆସିଲା ବେଳେ ସେମାନେ ଯେଉଁ ଅବସ୍ଥାରେ ଥିଲେ ତାହାଠାରୁ ଅଧିକ ଆନନ୍ଦମୟ ଓ ଶକ୍ତିମାନ୍ ହୋଇ ଉଠିଛନ୍ତି ବୋଲି ଅନୁଭବ କରୁଛନ୍ତି । ରାତ୍ରିର ଏହି ପ୍ରକାର କ୍ରିୟାକଳାପ ଯାହା ମୋର ପ୍ରକୃତ ଜୀବନ ତାହା ପାଖରେ ଆଉ କିଛି ଅଧିକ ସୁନ୍ଦର ଓ ଅଧିକ ଆନନ୍ଦର ବିଷୟ ନଥିଲା ଏବଂ ଦିନସାରା ଅନ୍ୟ ଯାହା ମୁଁ କରୁଥିଲି ସେ ସମସ୍ତ ମୋତେ ଶୁଷ୍କ, ନୀରସ ଓ ରଙ୍ଗହୀନ ମନେ ହେଉଥିଲା, ସେଥିରେ କୌଣସି ବାସ୍ତବ ଜୀବନ ନଥିଲା । ମୁଁ ଯେତେବେଳେ ଉପରକୁ ଉଠି ଯାଉଥିଲି ଅଧିକାଂଶ ସମୟରେ ମୋର ବାମ ପାର୍ଶ୍ୱରେ ଜନୈକ ବୃଦ୍ଧ ବ୍ୟକ୍ତିଙ୍କୁ ଦେଖୁଥିଲି, ନୀରବ ନିଶ୍ଚଳ ମୂର୍ତ୍ତିଟିଏ ସଦୃଶ ଦଣ୍ଡାୟମାନ ହୋଇଥା'ନ୍ତି; ଯେ ମୋ ଆଡ଼କୁ ଦୟା ଓ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଚାହୁଁଥିଲେ ଏବଂ ତାଙ୍କର ଉପସ୍ଥିତି ମୋତେ ଉତ୍ସାହ ପ୍ରଦାନ କରୁଥିଲା । ଏହି ବୃଦ୍ଧ ବ୍ୟକ୍ତି ଜଣକ ପିନ୍ଧିଥା'ନ୍ତି ଗାଢ଼ ବାଇଗଣୀ ରଙ୍ଗର ଲମ୍ବା ପୋଷାକ, ଏଥିରୁ ତାଙ୍କର ବ୍ୟକ୍ତିତ୍ୱ ସ୍ପଷ୍ଟ ବାରି ହୋଇ ପଡୁଥିଲା – ମୁଁ ପରେ ତାଙ୍କ ସମ୍ପର୍କରେ ଯାହା ଜାଣିବାକୁ ପାଇଲି, ତାହାହେଲା – ତାଙ୍କୁ ବିଷାଦର ମାନୁଷୀ ବିଗ୍ରହ ବୋଲି କୁହାଯାଏ ।''

ବର୍ତ୍ତମାନ ଉକ୍ତ ପ୍ରାର୍ଥନାଟିର ଦ୍ୱିତୀୟ ଭାଗଟିକୁ ପାଠ କରିବା ଏବଂ ଆଲୋଚନା କରିବା ଯାହାକୁ ଦିବ୍ୟଜନନୀ ତିନିଗୋଟି ଅନୁଚ୍ଛେଦରେ ଉଲ୍ଲେଖ କରିଛନ୍ତି । ତାହାହେଲା –

"Now that deep experience, that almost inexpressible reality, is translated in my mind by other ideas which I may describe in this way:

"Many a time in the day and night it seems to me that I am, or rather my consciousness is, concentrated entirely in my heart which is no longer an organ, not even a feeling, but the divine Love, impersonal, eternal; and being this Love I feel myself living at the centre of each thing upon the entire earth, and at the same time I seem to stretch out immense, infinite arms and envelop with a boundless tenderness all beings, clasped, gathered, nestled on my breast that is vaster than the universe. . . . Words are poor and clumsy, O divine Master, and mental transcriptions are always childish. . . . But my aspiration to Thee is constant, and truly speaking, it is very often Thou and Thou alone who livest in this body, this imperfect means of manifesting Thee.

"May all beings be happy in the peace of Thy illumination!"

''ବର୍ତ୍ତମାନ ସେହି ଗଭୀର ଉପଲବ୍ଧି, ସେହି ଅନିର୍ବଚନୀୟ ସତ୍ୟ, ମୋ ମନ ଭିତରେ ଅନ୍ୟାନ୍ୟ ରୂପ ନେଇଛି, ଯାହାକୁ ମୁଁ ଏଇ ଭାବରେ ବ୍ୟାଖ୍ୟା କରିପାରେ :

''ଦିନରେ ଏବଂ ରାତ୍ରିକାଳରେ ମୋତେ ପ୍ରତୀୟମାନ ହେଉଛି ଯେ, ମୁଁ ନିଜେ ଅଥବା ଅନ୍ୟ ଅର୍ଥରେ କହିବାକୁ ଗଲେ ବରଂ ମୋର ସମଗ୍ର ଚେତନା ମୋ ହୃଦୟ ଭିତରେ ଘନୀଭୂତ ହୋଇ ଯାଇଛି, ଯାହା ଏବେ କେବଳ ମାତ୍ର ଏକ ଯନ୍ତ୍ର ହୋଇ ରହି ନାହିଁ, ଏକ ଅନୁଭବ ହୋଇ ରହି ନାହିଁ, କିନ୍ତୁ ହୋଇ ଉଠିଛି ଦିବ୍ୟପ୍ରେମ – ନୈର୍ବ୍ୟକ୍ତିକ ଓ ଶାଶ୍ୱତ; ଏବଂ ଏତାଦୃଶ ଦିବ୍ୟ-ପ୍ରେମ ଭିତରେ ରହି ମୁଁ ଅନୁଭବ କରୁଛି ଯେପରି ସମଗ୍ର ପୃଥିବୀପୃଷ୍ଠରେ ସ୍ଥିତ ପ୍ରତ୍ୟେକ ପଦାର୍ଥ ଏବଂ ଜୀବସତ୍ତାମାନଙ୍କ ହୃତ୍-କେନ୍ଦ୍ରରେ ମୁଁ ବାସ କରୁଛି, ବିରାଜିତ ହୋଇଛି, ତତ୍ ସଙ୍ଗେ ସଙ୍ଗେ ପ୍ରକାଣ୍ଡ ସ୍ୱରୂପରେ ସର୍ବଦିଗରେ ପରିବ୍ୟାପ୍ତ ହୋଇ ଯାଇଛି; ଅଗଣିତ ବାହୁ ଜୀବସତ୍ତାମାନଙ୍କୁ ସୁକୋମଳ ଦିବ୍ୟ ଶ୍ରଦ୍ଧା ତଥା ବାତ୍ସଲ୍ୟ ପ୍ରେମର ପଣତ ତଳେ ଆବୃତ୍ତ କରି ରଖିଛି – ମୋର ବିଶାଳ ବକ୍ଷ ଦେଶରେ ଯାହା ଏହି ଜଗତ୍ ଠାରୁ ଅଧିକ ବିଶାଳତର ତନ୍ମଧ୍ୟରେ । ... ହେ ଦିବ୍ୟ ପ୍ରଭୁ, ଏହି କଥା ବର୍ଣ୍ଣନା କରିବା ନିମନ୍ତେ ଶବ୍ଦମାନେ ଯଥେଷ୍ଟ ନୁହନ୍ତି, ଏବଂ ମନର ଅନୁସୃଜନ, "transcription" ମଧ୍ୟ ସର୍ବଦା ପିଲାଖେଳ ସଦୃଶ । ... କିନ୍ତୁ ହେ ପ୍ରଭୁ, ତୋତେ ପାଇବା ପାଇଁ ମୋର ଅଭୀପ୍ସା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ଏବଂ ଏକଥା

ନିରାଟ ସତ୍ୟ ଯେ ଅଧିକାଂଶ ସମୟରେ ତୁମେ, କେବଳହିଁ ତୁମେ, ଏହି ଶରୀର ମଧ୍ୟରେ ବାସ କରୁଛ, ଯାହା ତୁମକୁ ପ୍ରକାଶିତ କରିବା ନିମନ୍ତେ ଏକ ଅସମ୍ପୂର୍ଣ୍ଣ ମାଧ୍ୟମ ।

''ହେ ପ୍ରଭୁ ! ତୁମର ଦିବ୍ୟ ଆଲୋକର ପ୍ରଶାନ୍ତି ମଧ୍ୟରେ ସମସ୍ତ ଜୀବ ଆନନ୍ଦରେ ବାସ କରନ୍ତୁ !''

ଆମେ ଯେତେବେଳେ ଏହି ସୁବର୍ଣ୍ଣ ପୋଷାକର ଜୀବନ୍ତ ଏବଂ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନାକୁ ପାଠ କରୁ ସେତେବେଳେ ଆମ ଚେତନାର ଅଭ୍ୟନ୍ତରରେ କିଏ ଯେପରି ହସ୍ତଦ୍ୱୟ ଉତ୍ତୋଳନ କରି ଆନନ୍ଦରେ ଚିତ୍କାର କରିଉଠେ, 'ମୁଁ ମଧ୍ୟ ସେହି ଅପୂର୍ବ ପୋଷାକ ତଳେ ଶରଣ ତଥା ଆଶ୍ରୟ ନେବା ପାଇଁ ଇଚ୍ଛା କରୁଛି, ତା'ର ଦିବ୍ୟ-ସ୍ପର୍ଶ ଏବଂ ଶକ୍ତି ଦ୍ୱାରା ସମ୍ପୂର୍ଣ୍ଣ ରୂପେ ନିରାମୟ ହୋଇ ଯିବାକୁ ଆଶାପୋଷଣ କରୁଛି ।' ଏହାହିଁ ଦିବ୍ୟକୃପା । ଏହି 'ସୁକୋମଳ ଏବଂ ଜୀବନ୍ତ ପରିଚ୍ଛଦ', ଦିବ୍ୟଜନନୀଙ୍କର ଦିବ୍ୟ ଭାଷାରେ "Supple and alive robe" ସକଳଙ୍କ ପାଖକୁ ପ୍ରସାରିତ ହୋଇଯାଇ ରୋଗୀ, ଯନ୍ତ୍ରଣା ଜର୍ଜରିତ ଏବଂ ହତଭାଗ୍ୟ ମଣିଷମାନଙ୍କୁ ଆଶ୍ରୟ ପ୍ରଦାନ କରୁଛି । ସେମାନଙ୍କର ସକଳପ୍ରକାର ବ୍ୟଥାର ଉପଶମ ହୋଇ ଯାଉଛି । ସେମାନେ ଏହାକୁ ସ୍ପର୍ଶ କରୁଛନ୍ତି ଏବଂ ଏହି ସ୍ପର୍ଶର ପରିଣାମ ସ୍ୱରୂପ ସମସ୍ତଙ୍କ ହୃଦୟ ପୁନଃ-ଉତ୍ସାହିତ ହୋଇ ଉଠୁଛି, ନୂତନ ଆନନ୍ଦ, ଉତ୍ସାହ, ପ୍ରେମ ଓ ଶକ୍ତିର ସ୍ରୋତ ସମସ୍ତଙ୍କ ଭିତରେ କ୍ଷିପ୍ର ଗତିରେ ପ୍ରବାହିତ ହେଉଛି । ଏହା କ'ଣ ସେହି ଦିବ୍ୟ କୃପା ଏବଂ ଦିବ୍ୟ ଜୀବନ୍ତ ପରିଚ୍ଛଦଟି କ'ଣ ଏହାର ସ୍ଥୂଳ, ସ୍ପର୍ଶଯୋଗ୍ୟ କଠିନ ସ୍ୱରୂପ ?

ଦିବ୍ୟ-ଜନନୀ ଶ୍ରୀମା ଆଲୋଚ୍ୟ ପ୍ରାର୍ଥନାର ପ୍ରାରମ୍ଭରେ ଉଲ୍ଲେଖ କରିଛନ୍ତି, "When I was a child of about thirteen, ..." ଏହି ଅଲୌକିକ ସୁବର୍ଣ୍ଣ-ପରିଚ୍ଛଦର ଘଟଣାଟି – ମା'ଙ୍କୁ ଯେତେବେଳେ ତେରବର୍ଷ ସେହି ସମୟରେ ଘଟିଥିଲା । ଦିବ୍ୟଜନନୀଙ୍କ ଆବିର୍ଭାବ ହେଉଛି ୧୮୭୮ ମସିହା । ତାଙ୍କୁ ୧୩ ବର୍ଷ ହୋଇଥିବ ୧୮୯୧-୯୨ ମସିହାରେ । ମା' ଏହି ପ୍ରାର୍ଥନାଟିକୁ ଲେଖିଛନ୍ତି ୧୯୧୪ ଏପ୍ରିଲ ୨୨ରେ, ଅର୍ଥାତ୍ ୨୨ ବର୍ଷ ପରେ । ସେହି ଚମତ୍କାର ସୁବର୍ଣ୍ଣ ପରିଚ୍ଛଦ 'ପ୍ୟାରିସ' ନଗରୀକୁ ସୁରକ୍ଷା ପ୍ରଦାନ କରିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ । ହିଟ୍‌ଲରର ପତନ ଆରମ୍ଭ ହେଲା ୧୯୪୩ ମସିହାରୁ, ତା'ର ପରାଜୟ ସୁନିଶ୍ଚିତ – ଏହା ସେ ଜାଣି ସାରିଥିଲା; ସେଥିପାଇଁ ତା'ର ଜନୈକ ବିଶ୍ୱସ୍ତ ସେନାପତିଙ୍କୁ ସେ ନିର୍ଦ୍ଦେଶ ଦେଇଥିଲା ପ୍ୟାରିସକୁ ସମ୍ପୂର୍ଣ୍ଣ ଧ୍ୱଂସ କରି ଦେବାକୁ । କିନ୍ତୁ ସେହି ସେନାପତି ମିତ୍ରପକ୍ଷଙ୍କ ସହିତ ସମ୍ପର୍କ ସ୍ଥାପନ କରି ଐତିହାସିକ ପବିତ୍ର ପ୍ୟାରିସ ନଗରୀକୁ ହିଟ୍‌ଲରର ଧ୍ୱଂସକାରୀ ଦଳ (demolish squard) 'ଡିନାମାଇଟ୍' ଲଗାଇ ଉଡ଼ାଇ ଦେବାକୁ ସ୍ଥିର କରିଛନ୍ତ ବୋଲି ଜଣାଇ ଦେଇଥିଲେ । ଏହିପରି ଭାବରେ ସେହି ସୂକ୍ଷ୍ମ ଚମତ୍କାର ସୁବର୍ଣ୍ଣ ପରିଚ୍ଛଦ ଦିବ୍ୟଜନନୀଙ୍କର ପବିତ୍ର ଜନ୍ମସ୍ଥଳୀ ଯାହା ଇଉରୋପ ମହାଦେଶର ଗର୍ବ ଓ ଗୌରବର ପ୍ରତୀକ ତାକୁ ସୁରକ୍ଷିତ କରି ରଖିଥିଲା, – ଧ୍ୱଂସକାରୀ ଶକ୍ତି କବଳରୁ । କିନ୍ତୁ ମଣିଷର ମନ ଏହି ଚମତ୍କାର ଘଟଣାର ଗଭୀରତା ମାପିବାକୁ ଯାଇ ଥଳକୂଳ ପାଇବ ନାହିଁ, ସେଥିପାଇଁ ପ୍ରାର୍ଥନାଟିର ଶେଷ ଭାଗରେ ଦିବ୍ୟଜନନୀ ସ୍ୱୟଂ ନିଜର ବିଶ୍ୱରୂପକୁ ପ୍ରଦର୍ଶିତ କରି ଆମ୍ଭମାନଙ୍କୁ ଧନ୍ୟ କରିଛନ୍ତି । ମା' ଲେଖିଛନ୍ତି, "... and at the same time I seem to stretch out immense, infinite arms and envelop with a boundless tenderness all beings, clasped, gathered, nestled on my breast that is vaster than the universe. ..." ମା' ନିଜକୁ ବିଶ୍ୱଗତ ସ୍ୱରୂପରେ ଉନ୍ମୁକ୍ତ କରିଦେଇ କହୁଛନ୍ତି, ''ତତ୍ ସଙ୍ଗେ ସଙ୍ଗେ ମୁଁ ମୋର ବିଶାଳ, ଅସଂଖ୍ୟ ବାହୁମାନଙ୍କୁ ପ୍ରସାରିତ କରି ମୋର ଅସୀମ ପ୍ରେମ ଦ୍ୱାରା ସକଳଙ୍କୁ ଆବୃତ୍ତ କରି ପକାଇଛି ଏବଂ ଅନନ୍ତ ବାହୁମାନଙ୍କ ଦ୍ୱାରା ସେମାନଙ୍କୁ ଆକର୍ଷିତ କରି ମୋର ହୃଦୟ ଭିତରେ ଜଡ଼ାଇ ଧରିଛି ।''

ମାତୃଭକ୍ତମାନେ ଆଲୋଚିତ ପ୍ରାର୍ଥନାଟିର ଉକ୍ତ ଅଂଶକୁ ପାଠ କଲା ପରେ ଆମର କ'ଣ ମନେ ହେଉ ନାହିଁ ଦିବ୍ୟଜନନୀଙ୍କର ବିଶ୍ୱରୂପକୁ ଦର୍ଶନ କରିବା ପାଇଁ ? ଆସନ୍ତୁ ନତଜାନୁ ହୋଇ ବିଶ୍ୱରୂପାଙ୍କ ପାଦପଦ୍ମରେ ପ୍ରଣାମ କରିବା ଏବଂ ନିଜକୁ ସମର୍ପିତ କରି ପ୍ରାର୍ଥନା କରିବା, ''ହେ ଦିବ୍ୟଜନନି ! ଆମ୍ଭମାନଙ୍କୁ ମଧ୍ୟ ସେହି ପ୍ରଶସ୍ତ ହୃଦୟ ଭିତରେ ଜଡ଼ାଇ ଧରନ୍ତୁ ।'' ଏବଂ ଆମ୍ଭମାନଙ୍କର ଓଷ୍ଠାଧରରୁ ଝରି ପଡୁଥାଉ ଏହି ମନ୍ତ୍ରର ଧାରା –

"Love in her was wider than the universe,
The whole world could take refuge
in her single heart."

(Savitri, p. 15) – Sri Aurobindo

ଦିବ୍ୟ ଜନନୀଙ୍କର ପ୍ରେମ ଓ କରୁଣା କିପରି ପରିବ୍ୟାପ୍ତ ଜଗତଠାରୁ ଅଧିକ ବ୍ୟାପକ ତାହା ଅନୁଭବ କରି ଆନନ୍ଦ ସାଗରରେ ଉବୁଟୁବୁ ହେବା ପାଇଁ ଆସନ୍ତୁ ନିମ୍ନଲିଖିତ ଘଟଣାଟିକୁ ଆଲୋଚନା କରିବା –

''ଜନୈକା ଭଦ୍ରମହିଳା ତାଙ୍କର ଚାରୋଟି ସନ୍ତାନଙ୍କ ସହ ଦିବ୍ୟଜନନୀ ଶ୍ରୀମାଙ୍କର ବାହୁଛାୟାତଳେ ଆଶ୍ରୟ ନେଇଥା'ନ୍ତି । ତାଙ୍କ ପିଲାମାନେ ଆଶ୍ରମ ବିଦ୍ୟାଳୟରେ ଅଧ୍ୟୟନ କରୁଥା'ନ୍ତି । ପିଲାମାନଙ୍କ ପିତା ରହୁଥା'ନ୍ତି ମାଡ୍ରାଜ ସହରରେ । ଏକଦା ସେହି ଭଦ୍ରମହିଳା ଅସୁସ୍ଥ ହୋଇ ପଡ଼ିଲେ, ତାଙ୍କୁ ଆଶ୍ରମର ଡାକ୍ତର ନୃପେନ୍ଦ୍ରଙ୍କ ପାଖକୁ ନିଆଗଲା । ଡାକ୍ତର ନୃପେନ୍ଦ୍ର ପରୀକ୍ଷା କରି ସାରିଲା ପରେ ଉପଦେଶ ଦେଲେ ଯେ ଭଦ୍ରମହିଳାଙ୍କ ତଳିପେଟରେ ବିଶେଷ କିଛି ଅସୁବିଧା ହୋଇଛି ଯେଉଁଥିପାଇଁ ତାଙ୍କୁ ଅସ୍ତ୍ରୋପଚାର କରିବାକୁ ପଡ଼ିବ ଏବଂ ଆଶ୍ରମରେ ସେଥିପାଇଁ ବିଶେଷ ସୁବିଧା ନଥିବା ଦୃଷ୍ଟିରୁ ତାଙ୍କୁ ମାଡ୍ରାଜର କୌଣସି ଡାକ୍ତରଖାନାକୁ ତୁରନ୍ତ ନେବାକୁ ପଡ଼ିବ । ଆଶ୍ରମର ଅନ୍ୟ ଜଣେ ସାଧିକା 'ମ' ଭଦ୍ରମହିଳାଙ୍କ ସହ ଡାକ୍ତର ନୃପେନ୍ଦ୍ରଙ୍କ ପାଖକୁ ଯାଇଥିଲେ । ସେ ଭାବିଲେ ମାଡ୍ରାଜରେ ରହୁଥିବା ତାଙ୍କ ସ୍ୱାମୀଙ୍କୁ ସବୁକଥା ଜଣାଇ ଦେଲେ ସେ ଆଗରୁ ସବୁ ବ୍ୟବସ୍ଥା କରି ରଖିବେ । କିନ୍ତୁ ଏହା ପୂର୍ବରୁ ମା'ଙ୍କୁ ସବୁକଥା ଜଣାଇ ଅନୁମତି ନେବାକୁ ପଡ଼ିବ । 'ମ' ଶ୍ରୀମାଙ୍କ ପାଖକୁ ଯାଇ ସବୁକଥା ନିବେଦନ କରି ଉତ୍ତର ଅପେକ୍ଷାରେ ଠିଆ ହେଲେ । ମା' କହିଲେ, ''ତୁମେ ତାଙ୍କ ସ୍ୱାମୀଙ୍କୁ କାହିଁକି ସମ୍ବାଦ ଦେବାକୁ ଚାହୁଁଛ ? ମୁଁ କ'ଣ ଏଠାରେ ନାହିଁ କି ? ମୁଁ କ'ଣ ତାଙ୍କର ଯତ୍ନ ନେଇ ପାରିବି ନାହିଁ ? ଯଦି ଅସ୍ତ୍ରୋପଚାର ଦରକାର ହେବ ତେବେ ଅସ୍ତ୍ରୋପଚାର ନିମନ୍ତେ ଉଦ୍ଦିଷ୍ଟ ଫର୍ମରେ ମୁଁ ଦସ୍ତଖତ କରିଦେବି । ତୁମମାନଙ୍କର ମୋ ଉପରେ ବିଶ୍ୱାସ ନାହିଁ ? ଯାଅ ଡାକ୍ତର 'ସ'ଙ୍କୁ କୁହ ତାଙ୍କୁ ପରୀକ୍ଷା କରିବେ ।''

ଡାକ୍ତର 'ସ' ହେଉଛନ୍ତି ଆଶ୍ରମରେ ରହୁଥିବା ଜନୈକ ଅନ୍ତେବାସୀଙ୍କ କନ୍ୟା । ସେତେବେଳେ ଡାକ୍ତର 'ସ' ପଣ୍ଡିଚେରୀ ସରକାରୀ ଡାକ୍ତରଖାନାର ଦାୟିତ୍ୱରେ ଥିଲେ । ଭଦ୍ରମହିଳାଙ୍କୁ ତାଙ୍କ ପାଖକୁ ନିଆଗଲା । ସେ ତାଙ୍କୁ ପରୀକ୍ଷା ନିରୀକ୍ଷା କରି ସାରିଲା ପରେ ଯଥା ଶୀଘ୍ର ପଣ୍ଡିଚେରୀ ଜେନେରାଲ ହସ୍‌ପିଟାଲରେ ଭର୍ତ୍ତି କରିବା ପାଇଁ ପରାମର୍ଶ ଦେଲେ । ସେଠାରେ ତାଙ୍କର ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼ିଲା ନାହିଁ, କେବଳ ପାକସ୍ଥଳୀକୁ ଧୋଇ (ୱାସକରି) ପରିଷ୍କାର କରାଗଲା । ସେ ଧୀରେ ଧୀରେ ରୋଗମୁକ୍ତ ହେଲେ ଏବଂ ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇ ଆଶ୍ରମକୁ ଫେରି ଆସିଲେ । ଶ୍ରୀମା, 'ମ'ଙ୍କୁ ଡକାଇ କହିଲେ, ''ବର୍ତ୍ତମାନ ତୁମେ ତାଙ୍କ ସ୍ୱାମୀଙ୍କୁ ସମ୍ବାଦ ଦେଇପାର ଯେ ସେ ଅସୁସ୍ଥ ଥିଲେ, କିନ୍ତୁ ଆରୋଗ୍ୟ ଲାଭ କଲେଣି ।''

['ସୁଧା ସମାଚାର' ପୁସ୍ତକର ପୃଷ୍ଠା. ୧୫୭ରୁ ଗୃହୀତ]

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା**


(୧) Prayers and Meditations – The Mother

(୨) How they came to Sri Aurobindo and The Mother – Shyam Kumari


It was the descent of Krishna into the physical.

(CWSA, Vol. 35, p. 273) – Sri Aurobindo

ଏହା ଥିଲା ଦୈହିକ ଚେତନା ମଧ୍ୟକୁ ଶ୍ରୀକୃଷ୍ଣଙ୍କ ଅବତରଣ ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦ ସାହିତ୍ୟ

## ପ୍ରପତ୍ତି

ଶ୍ରୀଅରବିନ୍ଦ ସାହିତ୍ୟର ବିଶେଷତ୍ୱ ଏହି ଯେ ଏହା ଏକ ସର୍ବାଙ୍ଗୀନ ଅଧ୍ୟାତ୍ମ ଚେତନା, ପୂର୍ଣ୍ଣାଙ୍ଗ ଦୃଷ୍ଟିକୋଣ ଓ ଉର୍ଦ୍ଧ୍ୱତନ ବିଚାରରୁ ଉଦ୍ଭୂତ । ଶ୍ରୀଅରବିନ୍ଦ ସାହିତ୍ୟ କୌଣସି ମାନସିକ ଗଠନ, ବିଶ୍ଳେଷଣ, ବିଚାର ଓ ଧାରଣାପ୍ରସୂତ ନୁହେଁ । ସ୍ୱୀୟ ସାଧନାବଳରେ ଶ୍ରୀଅରବିନ୍ଦ ଯେଉଁ ଅଧ୍ୟାତ୍ମ-ଚେତନା ଓ ଦୃଷ୍ଟି ଲାଭ କରିଥିଲେ ତାହାର ବାହ୍ୟ ପ୍ରକାଶହିଁ ଶ୍ରୀଅରବିନ୍ଦଙ୍କ ରଚନାବଳି । ଯୋଗ, ଦର୍ଶନ, ରାଷ୍ଟ୍ରନୀତି, ସମାଜ-ଦର୍ଶନ, ସାହିତ୍ୟ ଓ କଳାର ସମାଲୋଚନା, ଭବିଷ୍ୟତ୍ କାବ୍ୟର ସ୍ୱରୂପ, ଭାରତୀୟ ସଂସ୍କୃତିର ଆଧାର, ବେଦ, ବେଦାନ୍ତ, ଉପନିଷଦ୍, ଗୀତାର ଭାଷ୍ୟ ଏହିପରି ବହୁ ବିଷୟରେ ଶ୍ରୀଅରବିନ୍ଦଙ୍କ ଅନନ୍ତ ସୃଜନଶୀଳ ପ୍ରତିଭା ଏକ ମହାନ୍ ପ୍ରବାହତୁଲ୍ୟ ଉତ୍ସାରିତ ହୋଇଛି । ତାଙ୍କର ରଚନାବଳି ମଧ୍ୟରେ ଏପରି ଦୃଷ୍ଟି ଓ ସତ୍ୟର ସ୍ପର୍ଶ ମିଳେ ଯାହା ଅନ୍ୟ କୁତ୍ରାପି ଦୃଷ୍ଟିଗୋଚର ହୁଏ ନାହିଁ । ଯଦି ବେଦକୁ ଋଷିଗଣଙ୍କର ତପୋଲବ୍ଧ ସତ୍ୟର ବାଙ୍ମୟୀ ମୂର୍ତ୍ତି ବୋଲି କୁହାଯାଏ, ତେବେ ଶ୍ରୀଅରବିନ୍ଦଙ୍କ ସାହିତ୍ୟହିଁ ତାଙ୍କର ମହାନ୍ ସିଦ୍ଧିର ବାଙ୍ମୟ ଶରୀର ।

ଦ୍ୱିତୀୟତଃ ଶ୍ରୀଅରବିନ୍ଦଙ୍କ ସାହିତ୍ୟ କେବଳ ଏକ ଅଧ୍ୟାତ୍ମ ଚେତନାରୁ ସମ୍ଭୂତ ନୁହେଁ ବରଂ ଏହା ଏକ ଅଧ୍ୟାତ୍ମଶକ୍ତି, ସାମର୍ଥ୍ୟ, ଜ୍ୟୋତିଃ ଓ ଶକ୍ତିରେ ପରିପୂର୍ଣ୍ଣ । ପୂର୍ଣ୍ଣଜ୍ଞାନ ଓ ପୂର୍ଣ୍ଣ ସତ୍ୟହିଁ ମନୁଷ୍ୟକୁ ଯଥାର୍ଥ ସୁଖ ଓ ଆନନ୍ଦ ଦେଇପାରେ, ଏବଂ ତାହାର ସାଂସାରିକ ଜୀବନକୁ ସୁସଙ୍ଗତି, ଶାନ୍ତି ଓ ସମନ୍ୱୟରେ ଭୂଷିତ କରିପାରେ । ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଜୀବନ, ଜଗତ୍ ଓ ଭଗବାନଙ୍କ ସମ୍ବନ୍ଧରେ ଯେଉଁ ଗଭୀର ଆଲୋଚନା ହୋଇଛି ତାହା ଆଧୁନିକ ବୁଦ୍ଧିବାଦୀ ମନୁଷ୍ୟ ପକ୍ଷରେ ଖୁବ୍ ଗ୍ରହଣୀୟ ।

ତୃତୀୟତଃ ଶ୍ରୀଅରବିନ୍ଦଙ୍କ ସାହିତ୍ୟରେ ମନୁଷ୍ୟର ଯେଉଁ ପୂର୍ଣ୍ଣାଙ୍ଗ ସ୍ୱରୂପ ଓ ମୂର୍ତ୍ତି ଦୃଷ୍ଟିଗୋଚର ହୁଏ ତାହା ଅନ୍ୟ କୁତ୍ରାପି ମିଳେ ନାହିଁ । ମନୁଷ୍ୟ ପ୍ରକୃତିର ରୂପାନ୍ତର ଘଟିଲେ, ତାହା ମଧ୍ୟରେ 'ଅତିମାନସ' ଦିବ୍ୟ ତତ୍ତ୍ୱ ପ୍ରଘଟ ହେଲେ ସେ ଏକ ନୂତନ ଜୀବନ, ନୂତନ ସମାଜ ଓ ନୂତନ ମାନବଜାତିର ସ୍ରଷ୍ଟା ହେବ । ମନୁଷ୍ୟ ପ୍ରକୃତିର ଏହି ଆମୂଳ ରୂପାନ୍ତର ନିମିତ୍ତ ଯେଉଁ 'ମନ୍ତ୍ର'ର ଆବଶ୍ୟକ, ଶ୍ରୀଅରବିନ୍ଦ ତାହା ତାଙ୍କ ସାହିତ୍ୟରେ ଲିପିବଦ୍ଧ କରିଛନ୍ତି ।

ବର୍ତ୍ତମାନ ଦେଶରେ ଏହି ନୂତନ ସାହିତ୍ୟ, ଚର୍ଚ୍ଚା, ଅଧ୍ୟୟନ ଓ ପ୍ରସାର ହେବା ଖୁବ୍ ଆବଶ୍ୟକ । ପ୍ରାଚୀନ ଜଗତର ଭିତ୍ତି ଏକାବେଳକେ ନଷ୍ଟ ହୋଇଯାଇଛି, ବର୍ତ୍ତମାନ ନୂତନ ଜଗତର ବୀଜ ଉପ୍ତନ୍ନ ହୋଇଅଛି । ଶ୍ରୀଅରବିନ୍ଦ ସାହିତ୍ୟ – ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥଗୁଡ଼ିକୁ କିପରି ଭାବରେ ଅଧ୍ୟୟନ କଲେ ବ୍ୟକ୍ତି ବିଶେଷ ରୂପେ ଉପକୃତ ହେବ ସେ ବିଷୟରେ ଶ୍ରୀମା'ଙ୍କ ବାଣୀ ନିମ୍ନରେ ଉଦ୍ଧାର କଲି । ଶ୍ରୀମା ସ୍ୱୟଂ କହୁଛନ୍ତି –

''ମୋ ବହିଗୁଡ଼ିକ ଅଧ୍ୟୟନ କରିବା କଷ୍ଟକର ନୁହେଁ, କାରଣ ତାହା ଖୁବ୍ ସରଳ ଭାଷାରେ, ପ୍ରାୟ କଥିତ ଭାଷାରେ ଲିଖିତ । ତହିଁରୁ ଲାଭ ପାଇବାକୁ ହେଲେ ଏବଂ ତହିଁରେ ଯାହା ଶିକ୍ଷା ଦିଆ ହୋଇଅଛି ତାହାକୁ ଗ୍ରହଣ କରି ଜୀବନକୁ ସେହି ଅନୁସାରେ ଗଢ଼ିବାକୁ ପ୍ରଯତ୍ନ କଲେ, ସେଗୁଡ଼ିକୁ ଅଭିନିବେଶ ଓ ଏକାଗ୍ରତା ସହ ଅଧ୍ୟୟନ କଲେ ପର୍ଯ୍ୟାପ୍ତ ହେବ ।

''କିନ୍ତୁ ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥାବଳି ଅଧ୍ୟୟନ କରିବା ଅପେକ୍ଷାକୃତ କଷ୍ଟକର, କାରଣ ତାଙ୍କ ରଚନାର ପ୍ରକାଶଭଙ୍ଗୀ ବୁଦ୍ଧିମୂଳକ (ବୌଦ୍ଧିକ), ଭାଷା ସାହିତ୍ୟିକ ଓ ଦାର୍ଶନିକ । ଏହାକୁ ଯଥାର୍ଥଭାବେ ବୁଝିବାକୁ ହେଲେ ମସ୍ତିଷ୍କକୁ ପ୍ରସ୍ତୁତ କରିବାକୁ ହେବ ଏବଂ ଏହି ପ୍ରସ୍ତୁତି ସମୟସାପେକ୍ଷ । ଅବଶ୍ୟ ମାନସ-ଶକ୍ତି ଯଦି ଏକ ସହଜାତ ବୋଧଦୃଷ୍ଟି ସମନ୍ୱିତ ହୋଇଥାଏ, ତେବେ ତାହା ଭିନ୍ନ କଥା ।

''ସେ ଯାହା ହେଉ, ମୁଁ ସର୍ବଦା ଉପଦେଶ ଦେଇ ଥାଏ ଯେ ଥରକେ ଅଳ୍ପ କିଛି ପଢ଼ିବ – ଖୁବ୍ ଶାନ୍ତ ଓ ସମାହିତ ଚିତ୍ତରେ, ବୁଝିବାକୁ କୌଣସି ପ୍ରକାର ଚେଷ୍ଟା ନକରି, ମସ୍ତିଷ୍କକୁ ଏକାଗ୍ର ଓ ନୀରବ କରି ଏବଂ ଅଧିଗତ ପାଠ ମଧ୍ୟସ୍ଥ ଶକ୍ତି ଅନ୍ତରର ଗଭୀରରେ ପ୍ରବେଶ କରାଇବାକୁ ହେବ । ଅଚଞ୍ଚଳତା ଓ ନୀରବତା ମଧ୍ୟରେ ଏହି ଶକ୍ତି ପ୍ରାପ୍ତ ହେଲେ ଏହା ଦିବ୍ୟ-ଜ୍ୟୋତିଃର କାର୍ଯ୍ୟ କରିବ ଏବଂ ଆବଶ୍ୟକ ହେଲେ ମସ୍ତିଷ୍କ ମଧ୍ୟରେ ପଠିତ ବସ୍ତୁକୁ ବୁଝିବା ନିମିତ୍ତ ଆବଶ୍ୟକୀୟ କୋଷାଣୁଗୁଡ଼ିକ (cells) ତିଆରି କରିବ । ସୁତରାଂ କିଛି ମାସ

ପରେ ଯେତେବେଳେ ପାଠକ ପୁନର୍ବାର ପୂର୍ବପଠିତ ବିଷୟକୁ ପାଠ କରେ, ମନେ ହୁଏ ସେହି ବିଷୟ ଯେପରି ଅଧିକ ସୁସ୍ପଷ୍ଟ ସନ୍ନିକଟ ବୋଧ ହେଉଛି ଏବଂ ଖୁବ୍ ପରିଚିତ ବସ୍ତୁ ବୋଲି ମନେ ହେଉଛି । ନିୟମିତ ରୂପେ ପ୍ରତ୍ୟହ ଏହି ଗ୍ରନ୍ଥରୁ କିଛି କିଛି ପଢ଼ିବା ଉଚିତ ଏବଂ ଯଦି ସମ୍ଭବ ହୁଏ ତେବେ ଏକ ନିର୍ଦ୍ଦିଷ୍ଟ ସମୟରେ ପାଠ କରିବ ଏବଂ ତାହା ଦ୍ୱାରା ଗ୍ରହଣଶୀଳତା ଅପେକ୍ଷାକୃତ ବଢ଼ିଯାଏ ।''

(୨.୧୦.୧୯୫୯)

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ',

ପ୍ରଥମ ଖଣ୍ଡ, ପୃ. ୨୬୧-୨୬୨) ❑

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ
## (ଡିସେମ୍ବର ୯, ୧୦, ୧୧ - ୨୦୨୪)

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଖଣ୍ଡଗିରିସ୍ଥିତ ମାତୃବିହାର ପରିସରରେ ଏକତ୍ରିଂଶତ୍ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ; ମହାଯୋଗୀ ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ୨୦୨୪ ଡିସେମ୍ବର ୯ ତାରିଖଠାରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବ । ଓଡ଼ିଶାର ବିଶିଷ୍ଟ ବକ୍ତାବୃନ୍ଦ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ସମ୍ମିଳନୀ ୯ ତାରିଖ ଅପରାହ୍ଣ ୫ଟା ସମୟରେ ଉଦ୍‌ଘାଟିତ ହୋଇ ୧୧ ତାରିଖ ରାତ୍ରି ଘ୮.୩୦ ସୁଦ୍ଧା ଶେଷ ହେବ । ଏଥିରେ ଯୋଗଦେବା ନିମନ୍ତେ ପ୍ରତିନିଧି ଦେୟ ୫୦ଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି । ଶ୍ରୀଅରବିନ୍ଦ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଆପଣଙ୍କର ନିକଟସ୍ଥ ପାଠଚକ୍ରର ସମସ୍ତ ମାତୃପ୍ରେମୀ ଭାଇଭଉଣୀଙ୍କୁ ଏଥିରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ କରୁଛୁ ।

ଆପଣମାନଙ୍କ ପାଠଚକ୍ରରୁ ଆସୁଥିବା ପ୍ରତିନିଧିମାନଙ୍କ ତାଲିକା ଯଥାଶୀଘ୍ର ଜଣାଇବାକୁ ଅନୁରୋଧ । ଏହି ସମ୍ମିଳନୀ ସମ୍ପର୍କରେ ଅଧିକ ଜାଣିବାକୁ ଇଚ୍ଛା କଲେ ନିମ୍ନରେ ପ୍ରଦତ୍ତ ଠିକଣା କିଂବା ମୋବାଇଲ ନମ୍ବର ସହ ଯୋଗାଯୋଗ କରିପାରନ୍ତି ।

ବିନୀତ

ଡ. ପ୍ରଫୁଲ୍ଲ କୁମାର ମିଶ୍ର

ସଭାପତି, ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ

**Sri Aurobindo Sanskruti Sansad**

Matruvihar, Khandagiri, Bhubaneswar, Odisha - 751 030

Mobile : 8763124022, 9238560707, 9473213155, Email : principalsaiie@gmail.com

# ଦ୍ୱୀପାନ୍ତରର କଥା

## (ଏକାଦଶ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ଦୁଃଖର ସାର-ସଂକଳନ
### (୧)

୧୯୨୦ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସରେ ଭାରତ ସରକାରଙ୍କ ଦ୍ୱାରା ନିୟୋଜିତ ଜେଲ କମିଶନ ପୋର୍ଟ ବ୍ଲେୟାର ପରିଦର୍ଶନ କରିବାକୁ ଆସନ୍ତି । ରାଜନୈତିକ କଏଦୀମାନଙ୍କ ପକ୍ଷରୁ ତାଙ୍କ ନିକଟକୁ ଯେଉଁ ପ୍ରାର୍ଥନା-ପତ୍ର ପ୍ରେରିତ ହୁଏ ନିମ୍ନରେ ଆମେ ତାହାର ସାରାଂଶ ଉଦ୍ଧାର କରୁଛୁ ।

୧. ପୋର୍ଟ ବ୍ଲେୟାର ନାନା କାରଣରୁ କଏଦୀର ବାସସ୍ଥାନ ହେବାର ଉପଯୁକ୍ତ ନୁହେଁ ।

(କ) ଏଠାକାର ଜଳବାୟୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର, ମାଲେରିଆର ଏହା ହେଉଛି ପୀଠସ୍ଥାନ; ଏତଦ୍‌ଭିନ୍ନ ରକ୍ତ ଆମାଶୟ ଓ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ବି ଯଥେଷ୍ଟ । ଏଠାରେ ମୃତ୍ୟୁର ହାର ଭାରତବର୍ଷର ମୃତ୍ୟୁ ହାର ଅପେକ୍ଷା ଦ୍ୱିଗୁଣରୁ ଅଧିକ ।

(ଖ) ଅନ୍ୟ କୌଣସି ସଭ୍ୟ ଦେଶରେ କଏଦୀ ନିମନ୍ତେ ଏଇ ପ୍ରକାରର ନିର୍ବାସନ ବ୍ୟବସ୍ଥା ନାହିଁ । ସରକାରୀ ଅବା ବେସରକାରୀ କୌଣସି ପରିଦର୍ଶକ ସାଧାରଣତଃ ଏଠାକୁ ଆସନ୍ତି ନାହିଁ; ସୁତରାଂ ଦେଶ ଭିତର ଜେଲରେ ଅତ୍ୟାଚାର, ଅବିଚାରର ଯେଉଁ ପ୍ରକାର ପ୍ରତିକାରର ବ୍ୟବସ୍ଥା ଅଛି, ଏଠାରେ ତା'ର ସମ୍ପୂର୍ଣ୍ଣ ଅଭାବ ।

(ଗ) ପୋର୍ଟ ବ୍ଲେୟାର ନିମନ୍ତେ ଭାରତ ସରକାରଙ୍କୁ କଏଦୀମାନଙ୍କ ପାଇଁ କ୍ଷତି ସହିବାକୁ ହୁଏ । ଅଳ୍ପ ସଂଖ୍ୟକ କଏଦୀଙ୍କ ପାଇଁ ଯେଉଁ ପ୍ରକାର ପୋଲିସ ପ୍ରହରୀ, ପଲଟଣ ଓ ଅନ୍ୟାନ୍ୟ ରାଜ କର୍ମଚାରୀ ନିଯୁକ୍ତ କରାଯାଏ, ସେଥିରେ ପୋର୍ଟ ବ୍ଲେୟାରର ଖର୍ଚ୍ଚ ଭାରତ ସରକାରଙ୍କୁ ଚିରଦିନହିଁ ବୋଝ ସଦୃଶ ବୋହିବାକୁ ହେବ ।

(୨) କଏଦୀର ଚରିତ୍ର ସଂଶୋଧନହିଁ ଯଦି ଦଣ୍ଡନୀତିର ଉଦ୍ଦେଶ୍ୟ ହୁଏ ତା'ହେଲେ ସ୍ୱୀକାର କରିବାକୁ ହେବ ଯେ, ପୋର୍ଟ ବ୍ଲେୟାରରେ ସେ ଉଦ୍ଦେଶ୍ୟ ସିଦ୍ଧ ହୋଇ ନାହିଁ । ଏଠାକୁ ଆସିବା ପୂର୍ବରୁ ଲୋକମାନେ ଯେପରିଭାବେ ଦୁର୍ନୀତି ପରାୟଣ ଥାଆନ୍ତି, ଏଠାକୁ ଆସି ତା'ଠାରୁ ଶତଗୁଣ ଅଧିକ ହୋଇ ଉଠନ୍ତି । ଏଠାରେ ଶାସନ ଏତେ କଠୋର ଯେ ପ୍ରାଣ ବଞ୍ଚାଇବା ପାଇଁ ଲୋକଙ୍କୁ ମିଥ୍ୟା କଥା ଓ ପ୍ରବଞ୍ଚନା ଶିଖିବାକୁ ହୁଏ । ତା'ପରେ ସମସ୍ତେ ନିଜକୁ ନେଇ ବ୍ୟସ୍ତ; କେହି କାହାକୁ ସାହାଯ୍ୟ କଲେ ଦଣ୍ଡିତ ହେବାକୁ ହୁଏ, ସୁତରାଂ ମଣିଷର ସଦ୍‌ଗୁଣଗୁଡ଼ିକ ଏକେବାରେ ନିର୍ମୂଳ ହୋଇଯାଏ । ଅନ୍ୟାନ୍ୟ ଦେଶରେ କଏଦୀକୁ ଲେଖାପଢ଼ା ଶିଖାଇ ମଣିଷ କରିବାର ଚେଷ୍ଟା କରାଯାଏ; ଏଠାରେ ତା'ର ସମ୍ପୂର୍ଣ୍ଣ ଅଭାବ । ଏଠାରେ ବର୍ତ୍ତମାନ ଯେଉଁ ପ୍ରଥା ପ୍ରଚଳିତ, ତାହା ପୂର୍ବକାଳର ଦାସ ବ୍ୟବସାୟର ରୂପାନ୍ତର ମାତ୍ର ।

(୩) କଏଦୀମାନଙ୍କ ମଧ୍ୟରେ କାର୍ଯ୍ୟତଃ କୌଣସି ପ୍ରକାର ଶ୍ରେଣୀଗତ ପାର୍ଥକ୍ୟ ସ୍ୱୀକାର କରାହୁଏ ନାହିଁ । ଯେଉଁମାନେ ଲଘୁ ଅପରାଧରେ ଅପରାଧୀ ସେମାନଙ୍କୁ ପୁରୁଣା ଚୋର ଓ ପାଷଣ୍ଡମାନଙ୍କ ସହିତ ଏକତ୍ର ବସବାସ କରିବାକୁ ହୁଏ । ଫଳରେ ସଙ୍ଗଦୋଷରେ ସେମାନଙ୍କର ଚରିତ୍ର ବି ବିକୃତ ହୋଇଯାଏ ।

(୪) ସାଧାରଣ ମଣିଷ ଗାର୍ହସ୍ଥ୍ୟ ଓ ସାମାଜିକ ଜୀବନଯାପନ ଫଳରେ ଚରିତ୍ରବାନ୍ ହୋଇଉଠେ । କଏଦୀମାନେ ସେଇ ସମସ୍ତ ଗାର୍ହସ୍ଥ୍ୟ ଓ ସାମାଜିକ ଜୀବନ ପ୍ରଭାବରୁ ବଞ୍ଚିତ । ବର୍ଷରେ ଥରଟିଏରୁ ଅଧିକ ସେମାନେ ଘରକୁ ଚିଠି ବି ଲେଖି ପାରନ୍ତି ନାହିଁ; ସ୍ନେହ, ମମତା ଆଦି ସଦ୍‌ଗୁଣଗୁଡ଼ିକ ସେମାନଙ୍କ ମନରୁ ଶୁଷ୍କ ହୋଇଯାଏ । ଭବିଷ୍ୟତରେ ମୁକ୍ତି ପାଇବାର ଆଶା ବି ସେମାନଙ୍କ ମନରେ ସେପରି ପ୍ରବଳଭାବେ ନଥାଏ । ଯେଉଁମାନେ ଯାବଜ୍ଜୀବନ ନିର୍ବାସନରେ ଦଣ୍ଡିତ, ସେମାନେ ଅନେକ ସମୟରେ କୋଡ଼ିଏ, ପଚିଶି ବର୍ଷ ପରେ ବି ମୁକ୍ତି ପାଆନ୍ତି ନାହିଁ । ଯେଉଁମାନଙ୍କର ଭବିଷ୍ୟତ୍ ଏହିପରି ଅନ୍ଧକାରମୟ ସେମାନେ ଯେ ଦିନକୁ ଦିନ ଆଶା, ଉତ୍ସାହହୀନ ଯନ୍ତ୍ରବତ୍ ଜୀବନ ଯାପନ କରିବେ ଅଥବା ନିଷ୍ଠୁର ଓ ସ୍ୱାର୍ଥାନ୍ଧ ହୋଇ ଉଠିବେ, ସେଥିରେ ଆଉ ସନ୍ଦେହ କ'ଣ ?

(୫) ସେମାନେ ଯେ କ୍ରୀତଦାସ ଭଳି କଠୋର ପରିଶ୍ରମ କରନ୍ତି, ତା'ର ଫଳଭାଗୀ ସେମାନେ ହୁଅନ୍ତି ନାହିଁ। ଜଣେ ଲୋକ ଯଦି ଆଉ ଜଣକୁ ହତ୍ୟା କରେ, ତା'ହେଲେ ସରକାର ବାହାଦୁର ହତ୍ୟାକାରୀକୁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡରେ ଦଣ୍ଡିତ କରି କଠୋର ପରିଶ୍ରମ କରାନ୍ତି । କିନ୍ତୁ ହତ୍ୟାକାରୀ ବା ହତ ବ୍ୟକ୍ତିର ପରିବାରବର୍ଗ ସେ ପରିଶ୍ରମର କାଣିଚାଏ ବି ପାଆନ୍ତି ନାହିଁ । ସେମାନଙ୍କର ସନ୍ତାନମାନେ ହୁଏତ ଅର୍ଥାଭାବରେ ଅଶିକ୍ଷିତ ରହି ଯାଆନ୍ତି, ଶେଷରେ ହୁଏତ ଦୁର୍ନୀତି ପରାୟଣ ହୋଇ ଉଠନ୍ତି । ସେମାନଙ୍କ ପ୍ରତି ଯେ କିଛି କର୍ତ୍ତବ୍ୟ ଅଛି ଏକଥା ସରକାର ସ୍ୱୀକାର କରନ୍ତି ନାହିଁ, ଅଥଚ କଏଦୀର ପରିଶ୍ରମ ଲବ୍ଧ ଅର୍ଥ ଯେ କେଉଁ ଅଧିକାରରେ ସେମାନେ ଆତ୍ମସାତ୍ କରନ୍ତି ତାହା ବୁଝିବା କଠିନ ।

(୬) କଏଦୀମାନଙ୍କ ଦ୍ୱାରା ଯେଉଁ ସମସ୍ତ ପରିଶ୍ରମ କରାଇ ନିଆଯାଏ, ସେଥିମଧ୍ୟରୁ ଜଙ୍ଗଲରେ କାଠ କାଟିବା, ରବରର କାମ, ଇଟା ଆଉ ଚୂନ ପ୍ରସ୍ତୁତ କରିବା ବାସ୍ତବିକ ଏତେ କଠିନ ଯେ କଏଦୀମାନେ କାମ ଭୟରେ ଅନେକ ସମୟରେ ଜଙ୍ଗଲକୁ ପଳାଇ ଯାଆନ୍ତି ଏବଂ ଦେଶକୁ ପ୍ରତ୍ୟାଗମନରେ ଅକୃତକାର୍ଯ୍ୟ ହୋଇ ଅନେକ ସମୟରେ ଆତ୍ମହତ୍ୟା କରନ୍ତି । ବିଶେଷତଃ ପେଟି ଅଫିସର୍, ଟିଣ୍ଡାଲ ପ୍ରଭୃତି ଛୋଟ ଛୋଟ କର୍ମଚାରୀଗଣ ଯେଉଁ ଭଳି ଘୁଷ୍‌ଖୋର ଓ ଅତ୍ୟାଚାରୀ ସେଥିରେ ସେମାନଙ୍କ ହାତରେ ପଡ଼ି ସାଧାରଣ କଏଦୀକୁ ନାନା ପ୍ରକାରରେ ଉତ୍ପୀଡ଼ିତ ଏବଂ ମିଥ୍ୟା ଶାସ୍ତି ପାଇବାକୁ ହୋଇଥାଏ । ଏଇ ସମସ୍ତ ଅତ୍ୟାଚାରର ପ୍ରତିକାର ହେବା ଏକ ପ୍ରକାର ଅସମ୍ଭବ ।

(୭) କଏଦୀମାନଙ୍କ ନିମିତ୍ତ ଚିକିତ୍ସାର ସୁବନ୍ଦୋବସ୍ତ ଆଦୌ ନାହିଁ । କାମର ଖାତିରରେ ରୋଗୀକୁ ଅନେକ ସମୟରେ ହାସପାତାଳରେ ସ୍ଥାନ ଦିଆଯାଏ ନାହିଁ । ତାହା ଉପରେ ଔଷଧ ଓ ପଥ୍ୟର ବ୍ୟବସ୍ଥା ବି ଭଲ ନୁହେଁ । ଜେଲର ହାସପାତାଳରେ ଅନେକ ସମୟରେ ଯକ୍ଷ୍ମାରୋଗୀମାନେ ଥାଆନ୍ତି; କିନ୍ତୁ ସେମାନଙ୍କ ପାଇଁ ବି ସ୍ୱତନ୍ତ୍ର ଘର (ward) ନାହିଁ, ରକ୍ତ ଆମାଶୟ ରୋଗୀର ବି ସେମିତି ଅବସ୍ଥା । ଅସ୍ତ୍ର ଚିକିତ୍ସାର ବ୍ୟବସ୍ଥା ନାହିଁ କହିଲେ ଚଳେ । ଜେଲରେ ପ୍ରାୟ ଆଠଶହ କଏଦୀର ସ୍ୱାସ୍ଥ୍ୟ ପରିଦର୍ଶନର ଭାର ଜଣେ ସବ୍-ଆସିଷ୍ଟାଣ୍ଟ୍-ସର୍ଜନ ଉପରେ ନ୍ୟସ୍ତ । ସେ ହାସପାତାଳରେ ରୋଗୀ ଦେଖି ପୁଣି ଜେଲ ଭିତରକୁ ଆସି କଏଦୀମାନଙ୍କ ଅବସ୍ଥା ପରିଦର୍ଶନ କରିବାକୁ ସମୟ ପାଆନ୍ତି ନାହିଁ । ଯିଏ ମେଡ଼ିକାଲ ସୁପରିନ୍‌ଟେଣ୍ଡେଣ୍ଟ୍ ସେ ତିନି ସପ୍ତାହରେ ଦୁଇ, ତିନି ଥର ମାତ୍ର ଜେଲ ଦେଖିବାକୁ ଆସନ୍ତି, କାହିଁକି ନା ପୋର୍ଟ ବ୍ଲେୟାରର ଅନ୍ୟାନ୍ୟ ହାସପାତାଳ ଓ ସ୍ତ୍ରୀଲୋକମାନଙ୍କ ଜେଲ ଦେଖିବାର ଭାର ମଧ୍ୟ ତାଙ୍କରି ଉପରେ ନ୍ୟସ୍ତ । ଜଣକ ଉପରେ ଏତେ କାମ ଚାପି ଦିଆ ହୋଇଛି ଯେ କୌଣସି କାର୍ଯ୍ୟ ବି ଭଲ କରି କରିବା ତାଙ୍କ ପକ୍ଷରେ ଅସମ୍ଭବ ।

(୮) ଦଶ ବର୍ଷ ପରେ କଏଦୀମାନଙ୍କର ବିବାହ କରିବାର ବ୍ୟବସ୍ଥା ଅଛି । ସେତେବେଳେ କୃଷି କାର୍ଯ୍ୟ ବା ଅନ୍ୟ କୌଣସି ବୃତ୍ତି ଅବଲମ୍ବନ କରି ସେମାନେ ଗ୍ରାମକୁ ଯାଇ ବାସ କରି ପାରନ୍ତି । କିନ୍ତୁ ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀଲୋକମାନଙ୍କର ସଂଖ୍ୟା ଏତେ କମ୍ ଯେ ଅଧିକାଂଶଙ୍କ ଭାଗ୍ୟରେ ବିବାହ ଆଦି କରିବାର ସୁବିଧା ମିଳି ପାରେନା । ଯେଉଁମାନେ ବିବାହିତ ଅବସ୍ଥାରେ ଦ୍ୱୀପାନ୍ତରିତ ହୋଇଥିଲେ; ସେମାନଙ୍କର ସ୍ତ୍ରୀ, ପୁତ୍ର ବି ଅନେକ ସମୟରେ ପୋର୍ଟ ବ୍ଲେୟାରକୁ ଆସି ସେମାନଙ୍କ ସହ ବାସ କରିବାକୁ ରାଜି ହୁଅନ୍ତି ନାହିଁ । ଆଉ ଯେଉଁ ଶ୍ରେଣୀର ସ୍ତ୍ରୀ ଲୋକମାନେ କଏଦୀ ହୋଇ ଜେଲଖାନାକୁ ଯାଆନ୍ତି ତାଙ୍କୁ ନେଇ ଘର ସଂସାର କରିବାକୁ ଅନେକ କଏଦୀ ରାଜି ହୁଅନ୍ତି ନାହିଁ । କଏଦୀ ସଙ୍ଗେ କଏଦୀର ବିବାହ ଫଳରେ ପୋର୍ଟ ବ୍ଲେୟାରରେ ଯେଉଁ ଅଭିନବ ଜାତିର ସୃଷ୍ଟି ହୋଇଛି ସେମାନଙ୍କର ସାମାଜିକ ଓ ପାରିବାରିକ ନୀତିଜ୍ଞାନ ନିତାନ୍ତହିଁ ବୀଭତ୍ସ । କଏଦୀମାନେ ଯେପରି ଅଳ୍ପଦିନ ପରେହିଁ ସ୍ତ୍ରୀ, ପୁତ୍ର ନେଇ ବାସ କରି ପାରନ୍ତି, ସେପରି ବ୍ୟବସ୍ଥା ନକଲେ ଏ ରୋଗର ପ୍ରତିକାର ହେବାର ଉପାୟ ନାହିଁ । ...

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

ଭଗବାନଙ୍କ ପ୍ରତି ନମ୍ରତା ହେଉଛି ଯଥାର୍ଥ ନମ୍ରତା ।

– ଶ୍ରୀମା

# ନୂତନ ଶିକ୍ଷାର ଆହ୍ୱାନ

## (୧୪)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ସ୍ୱାଧୀନୋତ୍ତର ଭାରତୀୟ ଶିକ୍ଷା

୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଶ୍ରୀଅରବିନ୍ଦଙ୍କ ୭୫ତମ ଜନ୍ମ ବାର୍ଷିକୀରେ ଭାରତ ବିଦେଶୀ ଶାସନ କବଳରୁ ମୁକ୍ତ ହେଲା, ଶ୍ରୀଅରବିନ୍ଦଙ୍କ ସ୍ୱପ୍ନ ସାକାର ହେଲା; କିନ୍ତୁ ଅଖଣ୍ଡ ଭାରତ ଖଣ୍ଡ ବିଖଣ୍ଡିତ ହୋଇଗଲା ।

୧୯୪୭ ମସିହା ଜୁନ୍ ୨ ତାରିଖ ଦିନ ଭାରତର ଭାଇସ୍‌ରୟ ଲର୍ଡ଼ ଲୁଇସ୍ ମାଉଣ୍ଟ୍‌ବାଟେନ୍ ଏକ ରେଡ଼ିଓ ଭାଷଣରେ ଭାରତବର୍ଷରୁ ପାକିସ୍ତାନ ଓ ଆଉ କେତେକ ଅଂଶର ବିଭାଜନ ବିଷୟରେ ପ୍ରସ୍ତାବ ଦେଇଥିଲେ । ଭାରତକୁ ହିନ୍ଦୁରାଷ୍ଟ୍ର ଓ ମୁସଲମାନ ରାଷ୍ଟ୍ର ରୂପେ ବିଭକ୍ତ କରିବା ଲାଗି ପ୍ରସ୍ତାବ ଦେଇଥିଲେ । ରେଡ଼ିଓ ପ୍ରସାରଣଟିକୁ ଶୁଣି ସାରିବା ପରେ ମାଆ ନିମ୍ନଲିଖିତ ବିବୃତିଟିକୁ ଦେଇଥିଲେ ।

''ଭାରତୀୟମାନଙ୍କର ସ୍ୱାଧୀନତାର ବ୍ୟବସ୍ଥା କରିବାରେ ଆମକୁ ସମ୍ମୁଖୀନ ହେବାକୁ ପଡୁଥିବା ଅସୁବିଧାଗୁଡ଼ିକର ସମାଧାନ ଲାଗି ଏକ ପ୍ରସ୍ତାବ ଉପସ୍ଥାପନ କରାଯାଇଛି ଏବଂ ଭାରତବର୍ଷର ନେତାମାନେ ଯେତେ ଯାହା ଅନୁଶୋଚନା ଏବଂ ହୃଦୟରେ ସମୀକ୍ଷଣର ତିକ୍ତତା ରହିଲେ ମଧ୍ୟ ତାହାକୁ ଗ୍ରହଣ କରିବାକୁ ଯାଉଛନ୍ତି ।

''ମାତ୍ର ଆମ ଆଗରେ କାହିଁକି ଏପରି ଏକ ପ୍ରସ୍ତାବକୁ ଆଣି ବାଢ଼ି ଦିଆଯାଇଛି, ତୁମେ ସେକଥା ଜାଣିଛ କି ? ଆମ ଆଗରେ ଆମେ କରୁଥିବା କଳହଗୁଡ଼ିକର ନିରର୍ଥକତାକୁ ପ୍ରମାଣ କରି ଦେବାକୁହିଁ ସେହି ପ୍ରସ୍ତାବଟି ଆମ ଆଗରେ ରଖାଯାଇଛି ।

''ଆମକୁ ଏହି ପ୍ରସ୍ତାବଗୁଡ଼ିକୁ କାହିଁକି ଗ୍ରହଣ କରି ନେବାକୁ ପଡୁଛି, ତୁମେ ସେକଥା ଜାଣ କି ? ଆମର ଏହି ଯାବତୀୟ କଳହ ଯେ ପ୍ରକୃତରେ କେଡ଼େ ନିରର୍ଥକ, ନିଜ ସକାଶେ ଆମେ ଯେପରି ତାହାର ପ୍ରମାଣ ପାଇଯିବୁ, ସେହି ସକାଶେ ଏହି ପ୍ରସ୍ତାବଟିକୁ ଆଣି ରଖାଯାଇଛି ।

''ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ଆଦୌ କୌଣସି ସମାଧାନ ନୁହେଁ । ଏହା ହେଉଛି ଏକ ପରୀକ୍ଷା, ଏକ ଅଗ୍ନି ପରୀକ୍ଷା; ଯାହାକି ଯଦି ଆମେ ସକଳ ଆନ୍ତରିକତା ସହିତ ଏହାକୁ ଉତ୍ତୀର୍ଣ୍ଣ ହୋଇ ଯାଇପାରିବା, ଆମ ଲାଗି ତାହା ପ୍ରମାଣିତ କରି ଦେଇଯିବ ଯେ, ଏକ ଦେଶକୁ ସାନ ସାନ ଖଣ୍ଡରେ ବିଭକ୍ତ କରି, କାଟି ଆମେ ତାହାର ଏକତା ଏବଂ ମହାନତାକୁ ସମ୍ଭବ କରି ପାରିବା ନାହିଁ; ପରସ୍ପର ବିରୋଧରେ ଯାବତୀୟ ସ୍ୱାର୍ଥର ସଂଘାତ ଘଟାଇ ଆମେ କଦାପି ଏହାର ସମୃଦ୍ଧିକୁ ସମ୍ଭବ କରି ପାରିବା ନାହିଁ, ଗୋଟିଏ ମତାନ୍ଧତାକୁ ଆଉ ଗୋଟିଏ ମତାନ୍ଧତାର ବିରୋଧୀ ରୂପେ ଛିଡ଼ା କରାଇ ଆମେ କଦାପି ପରମ ସତ୍ୟର ସେବା କରି ପାରିବା ନାହିଁ । ଯାହାକିଛି ଘଟୁ ପଛକେ, ଭାରତବର୍ଷର କେବଳ ଗୋଟିଏ ଆତ୍ମା ରହିଛି ଏବଂ ଏକ ଅଖଣ୍ଡ ଅବିଭାଜ୍ୟ ଭାରତର କଥା କହି ପାରିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିବାର ଏହି ମଧ୍ୟବର୍ତ୍ତୀ କାଳରେ ଆମ ସମସ୍ତଙ୍କର ଘୋଷଣା ଏହାହିଁ ହୋଇ ରହିବା ଉଚିତ ।

''ଭାରତ ବର୍ଷର ଆତ୍ମା ଅମର ହୋଇ ରହିଥାଉ ।''

(ଜୁନ୍ ୩, ୧୯୪୭)

ଶ୍ରୀମା'ଙ୍କର ଏହି ଦିବ୍ୟବାଣୀ ପ୍ରତି ଭାରତୀୟ ନେତାମାନେ କର୍ଣ୍ଣପାତ କରି ନଥିଲେ । ସେମାନଙ୍କର ମେରୁଦଣ୍ଡ ଦୁର୍ବଳ ଥିଲା । ସ୍ୱାର୍ଥାନ୍ୱେଷୀ ନେତାମାନେ ପ୍ରସ୍ତାବଟିକୁ ଗ୍ରହଣ କଲେ ଏବଂ ଅଖଣ୍ଡ ଭାରତ ଖଣ୍ଡ ବିଖଣ୍ଡିତ ହୋଇ ବିକଳାଙ୍ଗ ହୋଇ ପଡ଼ିଲା । ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ମଧ୍ୟ ରାତ୍ରିରେ ଲର୍ଡ଼ ମାଉଣ୍ଟବାଟେନ୍ ଭାରତବର୍ଷର ଶାସନ ଭାରତୀୟଙ୍କ ହସ୍ତରେ ସମର୍ପି ଦେଇଥିଲେ । ସେହି ରାତ୍ରିରେ ଜବାହାରଲାଲ ନେହେରୁ କହିଲେ – 'India will awake to life and freedom.' 'ଭାରତ ତା'ର ସ୍ୱତନ୍ତ୍ରତା ଓ ଜୀବନ ପ୍ରତି ସଚେତନ ରହିବ ।' ସେହି ସଂକଳ୍ପବଦ୍ଧ ଉକ୍ତିଟି ଆଜି କେତେ ଦୂର ସତ୍ୟରେ ପରିଣତ ହୋଇଛି ତାହା ବିଚାର୍ଯ୍ୟ ଅଟେ । ଭାରତ ତା'ର ଏକତା, ଶାନ୍ତି ଓ ସଂହତିକୁ ଫେରି ପାଇବାକୁ ହେଲେ ଭାରତବର୍ଷକୁ ନିଜର ଆତ୍ମାକୁ ଫେରି ପାଇବାକୁ ହେବ, ତାହାକୁ

ଅଭିବ୍ୟକ୍ତ କରି ଆଣିବାକୁ ହେବ । ସେଥିପାଇଁ ଶ୍ରୀମା କହନ୍ତି – ''ତୁମେ ନିଜର ଚୈତ୍ୟସତ୍ତା ବିଷୟରେ ସଚେତନ ହୁଅ । ତୁମର ଚୈତ୍ୟସତ୍ତା ଭାରତବର୍ଷର ଆତ୍ମା ବିଷୟରେ ପ୍ରଗାଢ଼ ଭାବରେ ଆଗ୍ରହାନ୍ୱିତ ହେଉ ଏବଂ ତାହାରି ଉଦ୍ଦେଶ୍ୟରେ ଅଭୀପ୍ସା କରୁ ଏବଂ ସର୍ବଦା ଏକ ସେବାର ଦୃଷ୍ଟିକୋଣ ରହିଥାଉ । ଯଦି ତୁମର ଯଥାର୍ଥ ନିଷ୍ଠା ରହିଥାଏ, ତେବେ ତୁମେ ନିଶ୍ଚୟ ସଫଳତା ଲାଭ କରିବ ।'' (୧୫ ଜୁନ୍, ୧୯୭୦)

ଶ୍ରୀମାଙ୍କର ଏହି ଉକ୍ତିଟି ନୂତନ ଶିକ୍ଷାର ଆତ୍ମାକୁ ବହନ କରିଛି ଯାହା ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ।

ନୂତନ ଶିକ୍ଷାର ଶୁଭଶଙ୍ଖ ୧୯୪୩ ମସିହା ଡିସେମ୍ବର ୨ ତାରିଖରେ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରେ ବାଜି ଉଠିଥିଲା । ୧୯୫୨ ମସିହା ଜାନୁଆରୀ ୬ ତାରିଖରେ ଏକ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟିତ ହେଲା ଏବଂ ୧୯୫୯ରେ ଏହାର ନାମ ପରିବର୍ତ୍ତନ କରାଯାଇ ''ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର'' ରଖାଗଲା ।

ଭାରତୀୟମାନେ ରାଜନୈତିକ ସ୍ୱାଧୀନତା ପାଇଛନ୍ତି; କିନ୍ତୁ ଯଥାର୍ଥ ସ୍ୱାଧୀନତା ଠାରୁ ବହୁ ଦୂରରେ ଅଛନ୍ତି । ଭାରତର ଆତ୍ମା ଏବେ ବି ପରାଧୀନ । ଏହି ଆତ୍ମାର ଅଭିବ୍ୟକ୍ତି ଯେଉଁ ଦିନ ଘଟିବ ସେହି ଦିନ ଭାରତୀୟମାନେ ଯଥାର୍ଥ ସ୍ୱାଧୀନତା ଲାଭ କରିବେ । ଯଥାର୍ଥ ସ୍ୱାଧୀନତା ହେଉଛି ଏକ ଆରୋହଣଧର୍ମୀ ଗତିଶୀଳତା । ତାହା କଦାପି ନିମ୍ନତର ପ୍ରବୃତ୍ତିଗୁଡ଼ିକ ପାଖରେ ବଶ୍ୟତା ସ୍ୱୀକାର କରିବ ନାହିଁ । ଯଥାର୍ଥ ସ୍ୱାଧୀନତା ହେଉଛି ଏକ ଦିବ୍ୟ ଅଭିବ୍ୟକ୍ତି । ଭାରତବର୍ଷ ପାଇଁ ଏପରି ଏକ ସ୍ୱାଧୀନତାର ଆବଶ୍ୟକତା ରହିଛି ଯଦ୍ୱାରା ଭାରତବର୍ଷ ସମଗ୍ର ମାନବ ସମାଜ ପାଇଁ ଏକ ଯଥାର୍ଥ ଦୃଷ୍ଟାନ୍ତ ହୋଇ ପାରିବ । ଏ ଦିଗରେ ଅଗ୍ରଗତି କରିବା ସକାଶେ ଶିକ୍ଷାହିଁ ଏକ ଶକ୍ତି ରୂପେ କାର୍ଯ୍ୟ କରିବ । ସ୍ୱାଧୀନୋତ୍ତର ଭାରତବର୍ଷରେ ଏହି ଶିକ୍ଷା ଶକ୍ତିର ଅଭିବ୍ୟକ୍ତି କିପରି ଘଟିଛି ତାହା ନିଶ୍ଚିତ ଭାବେ ବିଚାରଯୋଗ୍ୟ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ପରେ ଭାରତର ଶେଷ ଗଭର୍ଣ୍ଣର ଜେନେରାଲ ରୂପେ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ କାର୍ଯ୍ୟ କରିଥିଲେ । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଭାରତର ସମ୍ବିଧାନ ପ୍ରଣୟନ କରାଗଲା ଏବଂ ଭାରତ ଏକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେଲା । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ରୂପେ ପଣ୍ଡିତ ଜବାହାରଲାଲ ନେହେରୁ, ରାଷ୍ଟ୍ରପତି ରୂପେ ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଗୃହମନ୍ତ୍ରୀ ଭାବେ ସର୍ଦାର ବଲ୍ଲଭଭାଇ ପଟେଲ, ଅର୍ଥମନ୍ତ୍ରୀ ଭାବେ ସନ୍‌ମୁଗମ୍ ଚେଟ୍ଟୀ, ଶିକ୍ଷାମନ୍ତ୍ରୀ ଭାବେ ମୌଲାନା ଆବୁଲ୍‌କାଲାମ୍ ଆଜାଦ ଓ ଆଇନ ମନ୍ତ୍ରୀ ଭାବେ ବାବାସାହେବ ଆମ୍ବେଦକର କାର୍ଯ୍ୟ କରିଥିଲେ । ୧୯୫୧ ମସିହା ଏପ୍ରିଲ ମାସରୁ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେଲା ଏବଂ ୧୯୫୨ ମସିହାରେ ଭାରତରେ ପ୍ରଥମ ସାଧାରଣ ନିର୍ବାଚନ ହୋଇ ବିଧିବଦ୍ଧ ଭାବେ ସରକାର ଗଠନ କରାଗଲା । ପଞ୍ଚବାର୍ଷିକ ଯୋଜନା ଅନୁସାରେ ୫ ବର୍ଷ ପାଇଁ ଶିକ୍ଷା, କୃଷି, ବାଣିଜ୍ୟ, ଅର୍ଥନୀତି ଓ ଶାସନନୀତି ଆଦି ବିଭିନ୍ନ କ୍ଷେତ୍ରରେ ବିକାଶ ଆଣିବାର ଯୋଜନା ପ୍ରଣୟନ କରାଗଲା ।

### ଭାରତୀୟ ସମ୍ବିଧାନରେ ଶିକ୍ଷା ବ୍ୟବସ୍ଥା

୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଭାରତ ଏକ ସାର୍ବଭୌମ, ସମାଜତନ୍ତ୍ର, ଧର୍ମ ନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ଲାଭ କଲା । ଭାରତ ସମଗ୍ର ପୃଥିବୀରେ ଏକ ବୃହତ୍ ଗଣତାନ୍ତ୍ରିକ ଦେଶ ଭାବେ ମାନ୍ୟତା ପାଇଲା । ପ୍ରାଥମିକ ସ୍ତରରେ ସମ୍ବିଧାନରେ ସର୍ବମୋଟ ୩୯୫ଟି ଧାରା ଓ ୮ଟି ଅନୁସୂଚୀ ଥିଲା ଏବଂ ୨୦୨୩ ମସିହା ବେଳକୁ ୪୪୮ଟି ଧାରା (Article) ୧୨ଟି ଅନୁସୂଚୀ (Schedule) ଓ ୧୨୮ଟି ସଂଶୋଧନ (Amendment) ରହିଛି । ସମ୍ବିଧାନରେ ୬ଟି ମୌଳିକ ଅଧିକାର ରହିଛି – ସମାନତା, ସ୍ୱତନ୍ତ୍ରତା, ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ, ଧାର୍ମିକ ସ୍ୱାଧୀନତା, ସଂସ୍କୃତି ଓ ଶିକ୍ଷା, ସମ୍ପତ୍ତି ଓ ସାମ୍ବିଧାନିକ ପ୍ରତିବିଧାନ ଅଧିକାର । ସମ୍ବିଧାନରେ ଯେଉଁ ଶିକ୍ଷା ବ୍ୟବସ୍ଥା ରହିଛି ସେଥିପାଇଁ ପୂର୍ବରୁ କେନ୍ଦ୍ର ଓ ରାଜ୍ୟର ଭୂମିକା ଭିନ୍ନ ଭିନ୍ନ ଥିଲା । ୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନ ଆଇନ ଅନୁଯାୟୀ ଶିକ୍ଷାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଯୁଗ୍ମ ତାଲିକା (concurrent list)ରେ ଅନ୍ତର୍ଭୁକ୍ତ କରାଗଲା ଯଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଶିକ୍ଷାର ବିକାଶ ନିମନ୍ତେ ପଦକ୍ଷେପ ନେଇ ପାରିବେ । ସମ୍ବିଧାନର ଧାରା ୧୫ ଓ ୪୬ ଅନୁସାରେ ସାମାଜିକ ଓ ଶିକ୍ଷାଗତ ଦୁର୍ବଳ ବର୍ଗର ଅନୁସୂଚିତ ଜାତି ଓ ଅନୁସୂଚିତ ଉପଜାତିର ସମସ୍ତ ପିଲାମାନଙ୍କୁ ଶିକ୍ଷା ଅଧିକାର ମିଳିଲା । ଧାରା ୧୫ (କ) ଅନୁସାରେ ପୁଅ ଓ ଝିଅ ସମସ୍ତଙ୍କର ଶିକ୍ଷା ଅଧିକାର ରହିଲା । ସମ୍ବିଧାନର ଧାରା ୨୫ ଅନୁଯାୟୀ ଉଭୟ କେନ୍ଦ୍ର ଓ ରାଜ୍ୟ

ସରକାର ବୃତ୍ତିଗତ ଓ ବୈଷୟିକ ଶିକ୍ଷା ନିମିତ୍ତ ପ୍ରଶିକ୍ଷଣ ବ୍ୟବସ୍ଥା କରିବେ । ଧାରା ୧୬ (କ) ଅନୁଯାୟୀ ସମସ୍ତଙ୍କୁ ସମାନ ସୁବିଧା ଓ ସୁଯୋଗ ଦିଆଗଲା ଏବଂ ଧାରା ୨୬ ଅନୁସାରେ ଧାର୍ମିକ ସଂଗଠନଗୁଡ଼ିକୁ ନିଜସ୍ୱ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାର ଅଧିକାର ରହିଲା । ଧାରା ୨୮ (କ) ଅନୁସାରେ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଲା । ଧାରା ୨୯ ଓ ୩୦ ଅନୁଯାୟୀ ସଂଖ୍ୟାଲଘୁ ସଂପ୍ରଦାୟଙ୍କୁ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର ମିଳିଲା ଏବଂ ଜାତି, ଧର୍ମ, ସଂପ୍ରଦାୟ, ଭାଷା, ଲିଙ୍ଗ ନିର୍ବିଶେଷରେ ସରକାରଙ୍କ ଦ୍ୱାରା ପରିଚାଳିତ ଓ ସାହାଯ୍ୟ ପ୍ରାପ୍ତ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବାର ଅଧିକାର ମଧ୍ୟ ମିଳିଲା ।

ସମ୍ବିଧାନର ଧାରା ୪୧ ଅନୁଯାୟୀ ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଶିକ୍ଷା ପାଇବାର ଅଧିକାର ଦିଆଗଲା । ଧାରା ୪୫ ଅନୁଯାୟୀ ୬ ବର୍ଷରୁ ୧୪ ବର୍ଷ ଯାଏ ପିଲାମାନଙ୍କ ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ରହିଲା । ସମ୍ବିଧାନର ଧାରା ୩୪୩ ଅନୁଯାୟୀ କେନ୍ଦ୍ର ସରକାର ହିନ୍ଦୀ ଭାଷାକୁ ବିଭାଗୀୟ ଭାଷା ରୂପେ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ; କିନ୍ତୁ ୧୯୬୩ ମସିହାରେ ସମ୍ବିଧାନ ସଂଶୋଧନ ଅନୁଯାୟୀ ଇଂରାଜୀ ଭାଷା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସରକାରୀ ବିଭାଗୀୟ ଭାଷା ରୂପେ ସ୍ୱୀକୃତି ପାଇଲା । ଧାରା ୩୫୦ (କ) ଅନୁଯାୟୀ ମାତୃଭାଷାରେ ପ୍ରାଥମିକ ସ୍ତରରେ ଶିକ୍ଷା ଦେବାର ବ୍ୟବସ୍ଥା ରହିଲା । ଧାରା ୩୫୧ ଅନୁସାରେ ହିନ୍ଦୀକୁ ଜାତୀୟ ଭାଷା ରୂପେ ଗ୍ରହଣ କରାଗଲା ଏବଂ ଧାରା ୪୯ ଅନୁସାରେ ଜାତୀୟ ସଂସ୍କୃତିର ସୁରକ୍ଷା ପ୍ରତି କଡ଼ା ନଜର ରଖିବାର ବ୍ୟବସ୍ଥା ରହିଲା । ଧାରା ୨୫ (କ) ଅନୁସାରେ କେନ୍ଦ୍ର ସରକାରଙ୍କୁ ଶିକ୍ଷା କ୍ଷେତ୍ରରେ ଯୋଜନା ଓ ଶିକ୍ଷାନୀତି ପ୍ରଣୟନର ଦାୟିତ୍ୱ ନ୍ୟସ୍ତ କରାଗଲା । ଧାରା ୨୩୯ ଅନୁଯାୟୀ କେନ୍ଦ୍ର ସରକାର କେନ୍ଦ୍ରଶାସିତ ଅଞ୍ଚଳର ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିବା ସହ ଧାରା ୬୩ ଓ ୬୪ ଅନୁଯାୟୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଜାତୀୟ ଖ୍ୟାତି ସମ୍ପନ୍ନ ବିଜ୍ଞାନ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ଦାୟିତ୍ୱ ବହନ କରିବାର ବ୍ୟବସ୍ଥା ମଧ୍ୟ ରହିଲା । ସମ୍ବିଧାନର ଧାରା ୩୭୩ ଅନୁଯାୟୀ ଭାରତରେ ଜନ୍ମଲାଭ କରିଥିବା ଇଂରାଜୀ ଅଧିବାସୀ ସଂପ୍ରଦାୟର ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷାଗତ ଅନୁଦାନ ଦେବାର ବ୍ୟବସ୍ଥା ରହିଲା । ଭାରତୀୟ ସମ୍ବିଧାନ ଜାତି, ଧର୍ମ, ଲିଙ୍ଗ, ବର୍ଣ୍ଣ, ସଂପ୍ରଦାୟ, ଧନୀ ଓ ଗରିବ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମାନ ଶିକ୍ଷାଗତ ସୁବିଧା ଓ ସୁଯୋଗ ପ୍ରଦାନ କରି ଶିକ୍ଷାର ବିକାଶ ଧାରାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ।

ସମ୍ବିଧାନରେ ଶିକ୍ଷାର ବ୍ୟବସ୍ଥାକୁ ଆଖି ଆଗରେ ରଖି ଭାରତ ସରକାର ବିଭିନ୍ନ ସମୟରେ ପରିସ୍ଥିତି ଅନୁସାରେ ବିଭିନ୍ନ କମିଟି, ଉପଦେଷ୍ଟା ମଣ୍ଡଳୀ, ଶିକ୍ଷା ଆୟୋଗମାନ ଗଠନ କରି ଭାରତରେ ଶିକ୍ଷାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରୟାସ କରିଛନ୍ତି ।

୧୯୩୭ ମସିହା ଅକ୍ଟୋବର ୨୨ ଓ ୨୩ ତାରିଖରେ ୱାର୍ଦ୍ଧାରେ ସର୍ବ ଭାରତୀୟ ଶିକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଡଃ. ଜାକିର୍ ହୁସେନ୍ ଏହାର ଅଧ୍ୟକ୍ଷ ଥିଲେ । ସେଠାରେ ଗାନ୍ଧିଜୀଙ୍କର 'ନୂଆ ତାଲିମ' ବା ମୌଳିକ ଶିକ୍ଷା (Basic Education) ଉପରେ ଆଲୋଚନା କରାଯାଇ ଭାରତରେ ତାହା କାର୍ଯ୍ୟକାରୀ କରିବା ସକାଶେ ନିଷ୍ପତ୍ତି ନିଆ ଯାଇଥିଲା; କିନ୍ତୁ ବିଶ୍ୱଯୁଦ୍ଧ ପାଇଁ ତାହା କାର୍ଯ୍ୟକାରୀ ହୋଇ ହୋଇ ପାରି ନଥିଲା । ୧୯୪୬ ମସିହାରେ ଗାନ୍ଧିଜୀ ତାଙ୍କର ଆଶ୍ରମରେ ଏହାକୁ ଆରମ୍ଭ କରିଥିଲେ ଏବଂ ପରେ ସ୍ୱାଧୀନ ଭାରତରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା । ଗାନ୍ଧିଜୀଙ୍କର ଏହି ମୌଳିକ ଶିକ୍ଷା ୭ ବର୍ଷରୁ ୧୪ ବର୍ଷ ବୟସର ପିଲାମାନଙ୍କ ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହ ସାର୍ବଜନୀନ ପ୍ରାଥମିକ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରିଥିଲା । ତାଙ୍କ ମତରେ ସାକ୍ଷରତା ଶିକ୍ଷା ନୁହେଁ, ଜୀବନରେ ଆତ୍ମ-ନିର୍ଭରଶୀଳ ହେବା ସକାଶେ ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତା ରହିଛି । ଶରୀର, ମନ, ହୃଦୟ ଓ ଆତ୍ମାର ସଂଗତିପୂର୍ଣ୍ଣ ଅଗ୍ରଗତିକୁ ସେ ଶିକ୍ଷା ବୋଲି କହିଛନ୍ତି । ତାଙ୍କର ଶିକ୍ଷା ମୁଖ୍ୟତଃ learning by doing ପଦ୍ଧତିକୁ ପ୍ରାଧାନ୍ୟ ଦେଇଛି । ମାତୃଭାଷାକୁ ଶିକ୍ଷାଦାନର ମାଧ୍ୟମ ରୂପେ ଗ୍ରହଣ କରିଛି । ଶିଶୁ ଭିତରେ ମାନବିକ ଗୁଣର ବିକାଶ ନିମିତ୍ତ ନୈତିକ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି ଏବଂ ବଗିଚା ବା କୃଷିକାର୍ଯ୍ୟ, ସୂତା କାଟିବା, ଲୁଗା ବୁଣିବା, ବଢ଼େଇ କାମ କରିବା ଆଦି ବିଭିନ୍ନ ବୃତ୍ତିଗତ ଓ କାରିଗରୀ କାମ କରିବାକୁ ପ୍ରାଧାନ୍ୟ ଦିଆଯାଇଛି । ଏହାଦ୍ୱାରା ପିଲାଟି ପାଠ ସହିତ ନିଜର ଜୀବିକା ଅର୍ଜନ କରିବାରେ ସକ୍ଷମ ହୋଇପାରିବ ଏବଂ ସ୍ୱାବଲମ୍ବନଶୀଳ ହୋଇପାରିବ । ସେଥିପାଇଁ ଗାନ୍ଧିଜୀଙ୍କର ସ୍ଲୋଗାନ ଥିଲା 'କୁଟିଖାଅ, କାଟି ପିନ୍ଧ' । ତାଙ୍କର ମୌଳିକ ଶିକ୍ଷାଟି ଜାତୀୟ ଶିକ୍ଷା ରୂପେ ଗ୍ରହଣ କରାଯାଇଥିଲା ।

(କ୍ରମଶଃ) ❑

# ଦଣ୍ଡ

## ପ୍ରସାଦ ତ୍ରିପାଠୀ

ଦଣ୍ଡ ଗୋଟିଏ ଭୟାନକ ଶବ୍ଦ । ଏହାକୁ କିଏ କେଉଁ ପ୍ରକାରରେ ଗ୍ରହଣ କରନ୍ତି ତାହା ଉପରେ ସବୁ ନିର୍ଭର କରେ । ଦଣ୍ଡକୁ ଇଂରାଜୀରେ କୁହାଯାଏ Punishment । ପ୍ରକାର ଭେଦରେ ଏହା ଭିନ୍ନ ଭିନ୍ନ – ଶାରୀରିକ, ମାନସିକ, ମନସ୍ତାତ୍ତ୍ୱିକ ଇତ୍ୟାଦି । ଦଣ୍ଡର ଯଦିଓ ବର୍ତ୍ତମାନ ପ୍ରଚଳନ କମି ଯାଇଛି ତଥାପି ସମ୍ପୂର୍ଣ୍ଣ ବନ୍ଦ ହୋଇ ନାହିଁ । କେଉଁଠି କେଉଁଠି ଏହା ଲୁଚାଛପାରେ ଚାଲୁଛି । ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଶିକ୍ଷା ସଚିବ ଥିବାବେଳେ ସ୍କୁଲମାନଙ୍କରୁ ଦଣ୍ଡକୁ ସମ୍ପୂର୍ଣ୍ଣ ଉଠାଇ ଦେଇ ସବୁ ସ୍କୁଲ କାନ୍ଥରେ ''ଦଣ୍ଡମୁକ୍ତ ଅଞ୍ଚଳ'' ବୋଲି ଲେଖିଦେଲେ । ପ୍ରକୃତରେ ଦଣ୍ଡମୁକ୍ତ ଅଞ୍ଚଳ ଲେଖିବାର ଅର୍ଥ ହେଲା ଶାରୀରିକ ଦଣ୍ଡ ଦିଆଯିବ ନାହିଁ । ମାତ୍ର ଅନ୍ୟ ଦଣ୍ଡ, ଯେପରିକି ''ତୁ ଟା ଗଧ, ତୋ' ଦେଇ କିଛି ହେବ ନାହିଁ, ତୁ ଘାସ କାଟିବୁ, ତୋ' ସାଙ୍ଗ ସବୁ ଅଫିସର୍ ହେବେ, ତୁ ତାଙ୍କୁ ଚା ପାଣି ଦେବୁ, ତୁମ ବଂଶରେ କେହି ପଢ଼ି ନାହାନ୍ତି, ତୁ କ'ଣ ପଢ଼ିବୁ'' – ଇତ୍ୟାଦି ମନସ୍ତାତ୍ତ୍ୱିକ ଦଣ୍ଡ । ଆଉ ଏ ଦଣ୍ଡଗୁଡ଼ିକ ଶାରୀରିକ ଦଣ୍ଡମାନଙ୍କଠାରୁ ବେଶୀ କଷ୍ଟକର ।

ଦଣ୍ଡ ସମ୍ପର୍କରେ ମା'ଙ୍କର ନିର୍ଦ୍ଦେଶ ହେଲା, ''ପିଲାମାନଙ୍କୁ ଶ୍ରଦ୍ଧା ଓ କୋମଳତାର ବାତାବରଣରେ ଶିକ୍ଷା ଦେବାକୁ ହେବ । କୌଣସି ବଳ ପ୍ରୟୋଗ ହେବ ନାହିଁ – କେବେହେଲେ ନୁହେଁ, କେବେ ବି ଗାଳି ଦିଆଯିବ ନାହିଁ – ଆଦୌ ନୁହେଁ ।''

ଦଣ୍ଡ ସମ୍ପର୍କରେ ମା' ସବୁ ସମୟରେ କୁହନ୍ତି ଯେ ଶିକ୍ଷକମାନେ ସବୁବେଳେ ଉଦାହରଣ ହେବେ । ପିଲାମାନଙ୍କୁ ମାଡ଼ ମାରିବା ସମ୍ପୂର୍ଣ୍ଣ ନିଷିଦ୍ଧ । ଏପରିକି ଥିରିକରି ଗାଲ ଉପରେ ସାନ ଚଟକଣିଟିଏ ଲଗାଇ ଦେବା ବା ଗେଲରେ ଟିକେ ଚୁମୁଟି ଦେବା ମଧ୍ୟ ନୁହେଁ । କୌଣସି ପ୍ରକାରର ଦଣ୍ଡ ଦେବା ସମ୍ପୂର୍ଣ୍ଣ ନିଷେଧ । ଶ୍ରୀମା କୁହନ୍ତି ତୁମେ ଦଣ୍ଡ ଦେବାବେଳେ ତୁମେ ତୁମ ପିଲାମାନଙ୍କ ନିକଟରେ ଧରା ପଡ଼ିଯାଅ ଯେ ତୁମେ ଆତ୍ମ-ନିୟନ୍ତ୍ରଣ ହରାଇ ସାରିଛ । ଯେକୌଣସି ପ୍ରକାରର ଦଣ୍ଡ ଉଭୟ ଛାତ୍ର ଏବଂ ଶିକ୍ଷକଙ୍କରହିଁ କ୍ଷତି ସାଧନ କରିଥାଏ । ପ୍ରକୃତରେ ଆମେ ଦଣ୍ଡ ଦେଉ ପିଲାମାନଙ୍କର ଦୋଷ ଦୁର୍ବଳତାକୁ ସଜାଡ଼ିବା ପାଇଁ, ମାତ୍ର ତାହା ପ୍ରାୟଶଃ ବିପରୀତ କାର୍ଯ୍ୟ କରିଥାଏ । ବରାବର ଦଣ୍ଡ ପାଉଥିବା ପିଲାଟି ତା' ଜୀବନରେ ଅତ୍ୟନ୍ତ ଶୁଷ୍କ ଏବଂ କଠୋର ହୋଇଯାଏ ।

ମୁଁ ପିଲାଦିନେ କଟକ ସହରର ଗୋଟିଏ ସ୍କୁଲରେ ଅଧ୍ୟୟନ କରୁଥିଲି ଯାହାକି କେବଳ ଦୁଷ୍ଟାମୀ ପାଇଁ କଟକ ବିଖ୍ୟାତ ଥିଲା । ସେଥିରେ କାର୍ଯ୍ୟ କରୁଥିବା ଶିକ୍ଷକମାନେ ମଧ୍ୟ ଦୁଷ୍ଟାମୀର ଚିକିତ୍ସା ସମ୍ପର୍କରେ ବେଶ୍ କିଛି ଜ୍ଞାନ ଆହରଣ କରିଥିଲେ । ଯେପରି ଜଟିଳ ରୋଗର ଉପଶମ ପାଇଁ ବିଭିନ୍ନ ପ୍ରକାରର ଔଷଧ ଖାଇବାକୁ ପଡ଼େ ସେମିତି ଆମ ସ୍କୁଲର ଶିକ୍ଷକମାନେ ସମଗ୍ର ପୃଥିବୀରେ ପ୍ରଚଳିତ ସମସ୍ତ ଦଣ୍ଡ ସମ୍ପର୍କରେ ବେଶ୍ ଜ୍ଞାନ ହାସଲ କରିଥିଲେ । ଆମକୁ ପିଲାଦିନେ ଗଣିତ ପଢ଼ାଉଥିବା ଜଣେ ଶିକ୍ଷକଙ୍କର ଅନ୍ତତଃ ବିଂଶତି ପର ଦଣ୍ଡ ସମ୍ପର୍କରେ ଜ୍ଞାନ ଥିଲା । ଯେପରି ବେଞ୍ଚ ଉପରେ ଛିଡ଼ା ହେବାଠାରୁ ଆରମ୍ଭ କରି ଆଣ୍ଠେଇବା, ଆଣ୍ଠୁତଳେ ଗୋଡ଼ି ଦେଇ ଆଣ୍ଠେଇବା, ଚଉକି ବସିବା, ମୁର୍ଗୀ ବସିବା, ଦୁଇ ଆଙ୍ଗୁଠି ମଝିରେ ପେନ୍‌ସିଲ ପୂରାଇ ଚାପିବା, ହାତର ଗଣ୍ଠିକୁ ବେତରେ ପିଟିବା, କାନ୍ଥରେ ନାକ ଘଷିବା, ପିଲା ଠିଆ ହୋଇଗଲେ ତା'ର ମୁଣ୍ଡକୁ ପଛକୁ ବଙ୍କାଇ ପଛ ପିଲାର ଡେସ୍କରେ ପିଟି ଦେବା ଏବଂ ଏସବୁ ପରେ ଚାପୁଡ଼ା, ବିଧା, ହାତକୁ, ପିଠିକୁ ବେତରେ ପିଟିବା, ବସଉଠ କରାଇବା ଏବଂ କାନ୍ଦିବାକୁ ଯେହେତୁ ସେତେବେଳେ ଅନୁମତି ନଥାଏ ସେଥିପାଇଁ ଆଖିଲୁହକୁ ଚୁପ୍ କରି ପୋଛି ଦେଉଥିବା, କଷ୍ଟକୁ ସହିବା ଇତ୍ୟାଦି । ଏସବୁ ସମ୍ପର୍କରେ ଆମେ ପଞ୍ଚମ, ଷଷ୍ଠ, ସପ୍ତମ ଶ୍ରେଣୀମାନଙ୍କରେ ଅଭିଜ୍ଞତା ହାସଲ କରିଥିଲୁ । ଏହାଠାରୁ ଉପରକୁ ଗଲେ ପ୍ରାୟଶଃ ଦଣ୍ଡ ବାବଦରେ ଜୋରିମାନା ଦେବାକୁ ପଡୁଥିଲା । ସେଥିରେ ମୁଖ୍ୟତଃ ମାଆବାପାଙ୍କ ଉପରେ ଦଣ୍ଡ ଲାଗୁଥିଲା । ବେଳେବେଳେ ଅବଶ୍ୟ ସ୍କୁଲ ପରେ ଅଧିକ ସମୟ ଅଟକି ରହି ପାଠ ସାରି ଯିବାକୁ ପଡୁଥିଲା । ତାହା ମଧ୍ୟ ପାଠ କରିବା ଅପେକ୍ଷା ଦଣ୍ଡର ଗୁରୁତ୍ୱ ଅଧିକ ଲାଗୁଥିଲା ।

ଆହୁରି ମଧ୍ୟ ପିଲାଦିନେ ଗାଁରେ ପଢୁଥିବା ବେଳେ ଶୂନ ଦେବା ଗୋଟିଏ ପ୍ରଥା ଥିଲା । ଚାଟଶାଳୀକୁ ଯେଉଁମାନେ ଆସିବେ, ପ୍ରଥମେ ଆସିଥିବା ପିଲାକୁ ଖାଲି ବେତ ଛୁଆଁଇ

ଦିଆଯିବ ଏବଂ ପରବର୍ତ୍ତୀ କ୍ରମରେ ତା'ପରକୁ ପର ଯେଉଁମାନେ ଆସିବେ ସେମାନଙ୍କୁ ଗୋଟିଏ, ଦୁଇଟି, ତିନୋଟି କରି ବେତ୍ରାଘାତ କରାଯିବ, ତା'ର ଆଘାତ ମଧ୍ୟ ଧୀରେ ଧୀରେ ଅଧିକ ହେବ । ଏହାକୁ ଅବଧାନଙ୍କ ଆଶୀର୍ବାଦ ବୋଲି ମଧ୍ୟ ମାତାପିତାମାନେ ଗ୍ରହଣ କରୁଥିଲେ ।

ମୋର ବୋଉ ଗୋଟେ ଭଲ କାହାଣୀ କହେ । ଗୋଟିଏ ଝିଅ ବାହା ହୋଇ ଶାଶୁଘରକୁ ଗଲା । ସକାଳୁ ଆଦୌ ଉଠିଲା ନାହିଁ । ତାକୁ ଯେତେ ପଚାରିଲେ, ସେ କହୁଥାଏ ''ବୋଉ ଯାହା ଦିଏ – ଦିଅ ।'' ବୋଉ କ'ଣ ଦିଏ ପଚାରିଲେ, କିଛି କହେ ନାହିଁ । ଖାଲି କହିବ ''ବୋଉ ଯାହା ଦିଏ – ଦିଅ ।'' ଶେଷକୁ ଶାଶୁ ବିରକ୍ତ ହୋଇ ତାକୁ ଗୋଟିଏ ଚାପୁଡ଼ା ଦେଲେ । ତା'ପରେ ଝିଅ ଧୀରେ ଧୀରେ ଉଠି ସବୁ କାମ କଲା । ସମସ୍ତେ କହିଲେ, ଆରେ, ବୋଉ ଏ ମସଲା ଦିଏ । ଆମେ ଜାଣିନୁ ।

ଥରେ ପ୍ରପତ୍ତି କଳାହାଣ୍ଡିର କୌଣସି ଗୋଟିଏ ସ୍କୁଲ ଗସ୍ତ କରୁଥା'ନ୍ତି । ସେତେବେଳେ ଶିକ୍ଷକମାନଙ୍କ ସଙ୍ଗରେ କିଛି ଆଲୋଚନା କରାଯାଉଥିବା ଅବସରରେ ଜଣେ ଅପା ପଚାରିଲେ, ''ସାର୍, ଆମ ଶ୍ରେଣୀରେ ଗୋଟିଏ ପିଲା କହୁଛି, ମୋତେ ନ ମାରିଲେ ମୁଁ କିଛି କରେ ନାହିଁ । ଆମକୁ ତ କୌଣସି ପ୍ରକାରର ଦଣ୍ଡ ଦେବା ପାଇଁ ଶକ୍ତ ବାରଣ କରାଯାଇଛି – ଆମେ କ'ଣ କରିବୁ ?'' ପ୍ରପତ୍ତି ଟିକେ ବିରକ୍ତ ହୋଇ କହିଲେ, ''ଏଇଟା କ'ଣ ଏତେ ଜଟିଳ ସମସ୍ୟା । ତାକୁ ଟିକେ ଥିରି କରି ଗୋଟିଏ ଚଟକଣି ଦେଇ ଦିଅ । ସେ ଜାଣିବ ତୁମେ ମାରିଚ, ମାତ୍ର ତୁମେ ତାକୁ ଆଦୌ ମାରି ନାହଁ କେବଳ ଗେହ୍ଲାରେ ସେ ଚାହୁଁଛି ବୋଲି ଏପରି ଟିକେ କରିଦେବ । ମାତ୍ର ପରେ ପୁଣି କହିବ, ଆମେ କ'ଣ କିଛି କରୁଥିଲୁ, କେବଳ ପ୍ରପତ୍ତି କହିଲେ ବୋଲି ତାକୁ ମାରିଲୁ ନା । ଆଦୌ ସାଧାରଣ ଜ୍ଞାନ ନଥାଇ ଆମେ କେମିତି ପାଠ ପଢ଼ାଇବା ?''

ଆଉ ଏକ ପ୍ରକାରର ଦଣ୍ଡ ହେଉଛି ନିଜକୁ ଦଣ୍ଡ ଦେବା । ଅନେକ ଦିନ ତଳର କଥା । ଗୋଟିଏ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିନେ ଦିନେ ନିରାଟ ଖରାରେ ସ୍କୁଲର ପଡ଼ିଆରେ ଆଣ୍ଠେଇ ଥିବେ । କ'ଣ ଘଟଣା ? ପିଲାମାନଙ୍କୁ ଯେତେ କହିଲେ ମଧ୍ୟ ଶୁଣୁ ନାହାନ୍ତି, ବେଶ୍ ଅବାଧ୍ୟ ହେଉଛନ୍ତି – ଆଉ କ'ଣ କରିବି ? ସବୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅଭିଯୋଗ ଶୁଣି ଶୁଣି ମୁଁ ଅତିଷ୍ଠ ହୋଇଗଲି । ଶେଷକୁ ନିଜକୁ ଦଣ୍ଡ ଦେବାକୁ ସ୍ଥିର କଲି । ଠିକ୍ ସେମିତି ଜଣେ ସମ୍ପର୍କୀୟଙ୍କ ଘରକୁ ଅନେକ ଦିନ ପରେ ଯାଇଥିଲି । ଦେଖିଲି ସେ ମହାଶୟ ପୂରା ଦାଢ଼ି ଛାଡ଼ିଛନ୍ତି ଆଉ ବାଳ ସବୁ ନୁଖୁରା । ତାଙ୍କ ପତ୍ନୀଙ୍କୁ ପଚାରି ବୁଝିଲି, ପିଲାମାନେ ଘରେ ଅନେକ ଗଣ୍ଡଗୋଳ କରୁଥିବାରୁ ସେ ଆତ୍ମଶୁଦ୍ଧି ପାଇଁ ଗାଧୋଉ ନାହାନ୍ତି, ବେଳାଏ ଭୋଜନ କରୁଛନ୍ତି ଏବଂ ପୂରା ଖିଅର ହେବା ବନ୍ଦ କରିଛନ୍ତି । ମୁଁ ପଚାରିଲି, ''ଏଥିରେ କିଛି ପ୍ରଭାବ ପଡୁଛି ?'' ସେ କହିଲେ, ''ହଁ, ସବୁ ଚୁପ୍‌ଚାପ୍ ଅଛନ୍ତି । ନିଆଁ ପୂରା ଲିଭି ନାହିଁ । ଅପେକ୍ଷା କରିଛନ୍ତି, ଯେତେବେଳେ ତାଙ୍କ ବ୍ରତ ଭାଙ୍ଗିବ, ପୁଣି ଆରମ୍ଭ କରିବେ ।'' ବାସ୍ତବରେ ଏସବୁ ପ୍ରଚଣ୍ଡ ଅହଂକାରର ଚିହ୍ନ । ଯଦି ସେମାନେ ତାଙ୍କୁ ସତରେ ଭକ୍ତି କରୁଥା'ନ୍ତେ ତେବେ ସେ କହିଲା ମାତ୍ରେ ମାନିଯା'ନ୍ତେ । ଏବେ କେବଳ ସହାନୁଭୂତି ଜଣାଇ ଗଣ୍ଡଗୋଳ ବନ୍ଦ କରି ଦେବେ, ମାତ୍ର ପୁଣି ଯେତେବେଳେ ସେ ପ୍ରକୃତି ପ୍ରକାଶ ପାଇବ ସେତେବେଳେ ଆହୁରି ଅଧିକ ଡିଗ୍ରୀ ବଢ଼ାଇ କରି ଆସିବ । ବେଳେବେଳେ ଲାଗେ ଆମ ପିଲାଦିନଟା ତ କେବଳ ଦଣ୍ଡ ପାଇ ପାଇ କଟିଛି । ସେତେବେଳେ ଦଣ୍ଡ ନଦେଇ ପାଠ ପଢ଼ାଇ ହେବ, ଏ ବିଶ୍ୱାସ ଆସୁ ନାହିଁ ।

ପୁଣି କେତେବେଳେ ଦଣ୍ଡ ମଧ୍ୟ ଏକ ପ୍ରକାର ଆନନ୍ଦ ଆଣେ । ଥରେ ଗୋଟିଏ ପିଲା କିଛି ଗଣ୍ଡଗୋଳ କରୁଥିଲା ବୋଲି ପ୍ରଧାନ ଶିକ୍ଷକ ତାକୁ ତାଙ୍କ କୋଠରିକୁ ଡକାଇଲେ । ପିଲାଟି ଅତ୍ୟନ୍ତ କାତର ହୋଇ ଯାଉଥାଏ । ମାତ୍ର ଫେରିଲା ବେଳକୁ ଖୁବ୍ ଖୁସୀରେ ଫେରିଲା । ''କିରେ ହେଡ୍‌ମାଷ୍ଟର କିଛି ଦଣ୍ଡ ଦେଲେ ନାହିଁ ?'' ପିଲାମାନେ ପଚାରିଲେ । ସେ କହିଲା, ''ଦେବେନି ? ସେଥିପାଇଁ ପରା ଡାକିଥିଲେ ।'' – ''ତେବେ ତୁ ଏତେ ଖୁସି କିଆଁ ।'' ସେ ପିଲାଟି କହିଲା, ''ଏଇ ଦଣ୍ଡ ଯୋଗୁଁ ମୁଁ ହେଡ୍‌ମାଷ୍ଟରଙ୍କ ରୁମ୍‌ଟା ଦେଖିଦେଲି ନାଁ ! ତୁମେ କେହି ଦେଖିଚ ? ପୂରା ଆଠବର୍ଷ ପଢ଼ିବା ମଧ୍ୟରେ ମୁଁ ଥରେ ବି ତାଙ୍କ କୋଠରି ଭିତରକୁ ଯାଇ ନଥିଲି, ଏବେ ମୁଁ ଯାଇଚି, ତୁମେ ଯାଇଚ ବୋଲି କହିପାରିବ କି ? ସେଇ ଖୁସୀରେ ସବୁ ଦଣ୍ଡ ମୋତେ ଭଲ ଲାଗିଲା ।''

କୌଣସି ଜାଗାରେ ପଢ଼ିଥିଲି ଯେ ରାଜାଙ୍କ ପୁଅ ସ୍କୁଲ ଗଲାବେଳେ ତାଙ୍କ ସହିତ ଜଣେ ପରିଚାରକ ଯାଉଥିଲା, କେବଳ ତାଙ୍କ ଖାତା ବହି ଧରି ନୁହେଁ ବରଂ ରାଜକୁମାରଙ୍କର ଯଦି କିଛି ଭୁଲ୍ ତ୍ରୁଟି ହେଲା ତେବେ ତାଙ୍କ ପାଇଁ ଦଣ୍ଡ ପାଇବାକୁ ତାକୁ ପଡୁଥିଲା ।

ଅନ୍ୟ ଏକ ଅତି ସୁନ୍ଦର ଘଟଣାଟିଏ । ଆମେ ତାରାଦି'ଙ୍କ

ଠାରୁ ଶୁଣିଥିଲୁ । ତାରାଦି' ମହିଳା କ୍ୟାମ୍ପରେ ଯୋଗ ଦେବା ପାଇଁ କଟକ ଆସିଥା'ନ୍ତି । ତାଙ୍କୁ ତାଙ୍କର ଆଶ୍ରମ ଅଭିଜ୍ଞତା କିଂବା ମା'ଙ୍କ ସାଙ୍ଗରେ ତାଙ୍କର ସମ୍ପର୍କ ବିଷୟରେ କହିବାକୁ ଅନୁରୋଧ କଲୁ । ସେ ବହୁତ ଅନିଚ୍ଛା ପ୍ରକାଶ କରି ଶେଷରେ କହିଲେ । ଅନ୍ୟାନ୍ୟ ଘଟଣା ମଝିରେ ଗୋଟିଏ ଖୁବ୍ ମଧୁର ଘଟଣାର ଅବତାରଣା କଲେ ।

ଥରେ ମା' କେତେଜଣ ବରିଷ୍ଠ ସାଧକମାନଙ୍କ ସାଙ୍ଗରେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରୁଥା'ନ୍ତି । ସେମାନଙ୍କ ମଧ୍ୟରେ ଅମୃତ ଦା' ମଧ୍ୟ ଥାଆନ୍ତି । ଅମୃତ ଦା' ଖୁବ୍ ହାସ୍ୟରସ ପ୍ରିୟ । ସେ ମା'ଙ୍କ କଥା ମଝିରେ ଟିକେ ଟିକେ ଲଘୁ ମନ୍ତବ୍ୟ ଦେଉଥା'ନ୍ତି । ମା' ଥିଲେ ଥିଲେ ତାଙ୍କ ପିଠିକୁ ଗୋଟିଏ ଚାପୁଡ଼ା ଦେଲେ । ଅମୃତଦା' ଖୁବ୍ ଧୀର ସ୍ୱରରେ "Thank you Mother" ବୋଲି କହିଦେଲେ । ଉପସ୍ଥିତ ସମସ୍ତେ ହସି ଉଠିଲେ । ଅର୍ଥାତ୍, ମା'ଙ୍କ ହାତର ଚାପୁଡ଼ା ମାନେ ତ ସ୍ୱର୍ଶ । ଏହାଠାରୁ ଆଉ ମୂଲ୍ୟବାନ୍ କ'ଣ ଥାଇପାରେ !

ଥରେ ନୀରଭାଇ କୌଣସି ଏକ ଶ୍ରେଣୀରେ ଗଣିତ ପଢ଼ାଉ ଥିଲେ । ସେ ଦେଖିଲେ ସବୁପିଲା ବୁଝି ପାରୁଛନ୍ତି, ମାତ୍ର ଜଣେ ପିଲା ବୁଝିପାରୁ ନାହିଁ । ସେ ବ୍ୟସ୍ତ ହୋଇ ସେ ପିଲାଟିକୁ ପଚାରିଲେ, ''ବଡ଼ ଆଶ୍ଚର୍ଯ୍ୟ, ସବୁ ପିଲାମାନେ ବୁଝି ପାରୁଛନ୍ତି, ତୁ କେବଳ ଜଣେ ବୁଝି ପାରିଲୁନି କେମିତି ?'' ପିଲାଟି ଅତ୍ୟନ୍ତ ନିର୍ବିକାର ଭାବରେ କହିଲା, ''ଭାଇ, ମୁଁ ତ ଠିକ୍ ସେଇଆ ଭାବୁଛି, ଆପଣ ସମସ୍ତଙ୍କୁ ବୁଝାଇ ପାରୁଛନ୍ତି, ମୋତେ କାହିଁକି ବୁଝାଇ ପାରୁ ନାହାନ୍ତି ?'' ଏବେ ଦଣ୍ଡ କିଏ ପାଇବା ଦରକାର ?

ଏହା ହେଉଛି ଅସଲ କଥା । ପ୍ରତ୍ୟେକଟି ପିଲା ସ୍ୱତନ୍ତ୍ର । ପ୍ରତ୍ୟେକଟି ବ୍ୟକ୍ତି ସ୍ୱତନ୍ତ୍ର । ସମସ୍ତଙ୍କୁ ଗୋଟିଏ ଦଣ୍ଡିରେ ମାପି ହେବ ନାହିଁ, ଗୋଟିଏ ଦୃଷ୍ଟିରେ କଳି ହେବ ନାହିଁ, ଗୋଟିଏ ଧାରାରେ ବୁଝି ହେବ ନାହିଁ ଏବଂ କୌଣସିଟିରେ ମଧ୍ୟ ଦଣ୍ଡ ଏକ ସମାଧାନ ନୁହେଁ । ବହୁତ ଲୋକ ଜାଣିଥିବେ ଯେ ଗୋଟିଏ ସମାନ ଭୁଲ୍ ପାଇଁ ବଡ଼ ମଣିଷକୁ ଦଣ୍ଡ ଦିଆଯାଏ ନାହିଁ, ମାତ୍ର ସାନପିଲାମାନଙ୍କୁ ଦଣ୍ଡ ଦିଆଯାଏ କାହିଁକି ? ତା'ର କାରଣ ସାନ ପିଲାଟି ବାଧ୍ୟ ହୋଇ ସହିଯିବ, କିନ୍ତୁ ପ୍ରତିକ୍ରିୟା କରିବ ନାହିଁ, ମାତ୍ର ବଡ଼ ମଣିଷଟି ନିଶ୍ଚୟ ପ୍ରତିକ୍ରିୟା ପ୍ରକାଶ କରିବ ।

ଏବେ ପ୍ରଶ୍ନ ଉଠୁଚି ଦଣ୍ଡର ଆବଶ୍ୟକତା ଅଛି କି ନାହିଁ । ଆଉ ଯଦି ଅଛି ତା'ର ବ୍ୟବହାର କିପରି କରାଯିବା ଦରକାର । ମା'ଙ୍କ ଶିକ୍ଷା ଦର୍ଶନରେ ବିଶ୍ୱାସ କରୁଥିବା ଯେ କେହି ବ୍ୟକ୍ତି ସ୍ୱୀକାର କରିବେ ଯେ କୌଣସି ପ୍ରକାରର ଦଣ୍ଡର ଆଦୌ ଆବଶ୍ୟକତା ନାହିଁ । ମୋର ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବାର ଅଭିଜ୍ଞତା ମଧ୍ୟରେ ମୁଁ କେତେଜଣଙ୍କୁ ଆବିଷ୍କାର କରିଛି, ସେମାନେ ସେମାନଙ୍କ ଶିକ୍ଷାଦାନ ସମୟରେ କେବେ ବି ଦଣ୍ଡ ପ୍ରୟୋଗ କରି ନାହାନ୍ତି, କୌଣସି ପ୍ରକାର ନୁହେଁ ଏବଂ ସେମାନେ ସେମାନଙ୍କର ଶିକ୍ଷାନୁଷ୍ଠାନରେ ସବୁଠାରୁ ସଫଳ ଶିକ୍ଷକ, ଶିକ୍ଷୟିତ୍ରୀ ବୋଲି ପ୍ରମାଣିତ ହୁଅନ୍ତି ।

ମାତ୍ର ଏହାକୁ ସାର୍ବଜନୀନ କରିବାକୁ ହେବ । ସରକାର ''ଦଣ୍ଡମୁକ୍ତ ଅଞ୍ଚଳ'' ବୋଲି ଘୋଷଣା କରିବା ପରେ ମଧ୍ୟ କେହି କେହି ନିଜର ଛାତ୍ରଛାତ୍ରୀଙ୍କୁ ଦଣ୍ଡ ଦେଇ ଜେଲ ଯିବାର ଉଦାହରଣ ବି ସମାଜରେ ଅଛି । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ କେବେହେଲେ ଜଣେ ଦଣ୍ଡ ଦେଇ ଖୁବ୍ ଭଲ ଶିକ୍ଷକ ହେବା ସମ୍ଭବ ହେବ ନାହିଁ । ଏହା ଯେ ଏକ ବିକୃତି ଏଥିରେ ସନ୍ଦେହ ନାହିଁ ।

ସବୁଠାରୁ ବଡ଼ ବିକୃତି ହେଲା – ନିଜର ଦୁର୍ବଳତା କାରଣରୁ ଆମେ ଦଣ୍ଡ ଦେବା ଏବଂ ତାକୁ ପୁଣି ସମର୍ଥନ କରିବା । ବରଂ ପ୍ରଥମ କଥା ହେଲା 'ଦଣ୍ଡ ସମସ୍ୟା'ରୁ ମୁକ୍ତ ରହିବା ପାଇଁ ନିଜକୁ ଏକ ଦୃଷ୍ଟାନ୍ତ କରି ଗଢ଼ି ତୋଳିବାକୁ ଚେଷ୍ଟା କରିବା । ଦ୍ୱିତୀୟରେ ଅଜସ୍ର ଧୈର୍ଯ୍ୟ ତଥା ପ୍ରବଳ ସହିଷ୍ଣୁତା ରକ୍ଷା କରିବା ।

ଏହାହିଁ 'ଦଣ୍ଡ ସମସ୍ୟା'ର ପ୍ରକୃତ ସମାଧାନ । ❑

ମୋର ଜାପାନରୁ ପ୍ରତ୍ୟାବର୍ତ୍ତନର କିଛିବର୍ଷ ପରେ ୧୯୨୬ ମସିହାରେ ଆଶ୍ରମ ସୃଷ୍ଟି ହେଲା ।

– ଶ୍ରୀମା

# ଭଗବାନ୍ ଶ୍ରୀକୃଷ୍ଣ – ଏକ ମାନବୀୟ ପରିଚୟ
## (ବଙ୍କିମଚନ୍ଦ୍ରଙ୍କର 'କୃଷ୍ଣ ଚରିତ୍ର' ପୁସ୍ତକ ଅବଲମ୍ବନରେ)
## ଆର୍ତ୍ତତ୍ରାଣ ମିଶ୍ର

ଭଗବାନ୍ ଶ୍ରୀକୃଷ୍ଣ – ଶ୍ରୀକୃଷ୍ଣ ଚେତନା ସମଗ୍ର ଭାରତରେ ବ୍ୟାପୀ ହୋଇ ରହିଛି, ବିଶ୍ୱବ୍ୟାପୀ ଖେଳି ଯାଇଛି । ପୁରାଣ ସମୂହ, ଭାଗବତ ତାଙ୍କର ଲୀଳାକୁ ନାନା ଭାବରେ ଚିତ୍ରଣ କରିଛନ୍ତି – ତାଙ୍କର ମାନବଲୀଳାକୁ । ଶ୍ରୀକୃଷ୍ଣ ନିଜେ ଗୀତାରେ କହିଛନ୍ତି ଯେ ସେ ଯୋଗମାୟାରେ ଆବୃତ ଥିବାରୁ ସମସ୍ତଙ୍କ ନିକଟରେ ପ୍ରକାଶ୍ୟ ନୁହନ୍ତି । କିନ୍ତୁ ଭକ୍ତର ଦାବି ସେ ଭଗବାନ୍ ବୋଲି ତାଙ୍କର ପରିଚୟ ଦେବେ –

''ଯଦି ତୁ ଅଟୁ ଭଗବାନ୍,
ଦେଖା ତୋ' ଶଙ୍ଖ ଚକ୍ର ଚିହ୍ନ ।''

ତେଣୁ ପୁରାଣ ଲେଖକ ସେ ଲୀଳାକୁ ବର୍ଣ୍ଣନା କରିଛନ୍ତି ଅନେକ ସ୍ଥଳରେ ଅଲୌକିକ ଅତି ପ୍ରାକୃତିକ ଭାବରେ । କୃଷ୍ଣପ୍ରେମୀ ଜନ ସାଧାରଣ ସେସବୁକୁ ଅନାବିଳ ଭାବରେ ଗ୍ରହଣ କରିଛନ୍ତି । କିନ୍ତୁ ଯୁଗ ବଦଳି ଯାଇଛି, ବିଜ୍ଞାନ ଯୁଗରେ ଶିକ୍ଷିତ ସମାଜ ସବୁକିଛିକୁ ପରୀକ୍ଷା କରି ଗ୍ରହଣ କରିବାକୁ ଚାହାନ୍ତି । ଶିକ୍ଷିତ ସମାଜ ମଧ୍ୟ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଭକ୍ତି କରେ, ଗୀତା ପାଠ କରେ । ଶ୍ରୀକୃଷ୍ଣ ଯେ ଏକ ଅସାଧାରଣ ବହୁ ମହିମାଯୁକ୍ତ ବ୍ୟକ୍ତି-ରୂପ ଏଥିରେ ସନ୍ଦେହ ନାହିଁ । ଶ୍ରୀକୃଷ୍ଣ ମାନବ ରୂପ ଗ୍ରହଣ କରିଥିଲେ, ମାନବ ରୂପେ ଜୀବନଯାପନ କରିଥିଲେ, ମାନବର ସୁଖ ଦୁଃଖ ଅନୁଭବ କରିଥିଲେ । ତେଣୁ ତାଙ୍କର ମାନବୀୟ ପରିଚୟ ନିଶ୍ଚୟ ସୁମଧୁର ହେବ । ମାନବ ଶ୍ରୀକୃଷ୍ଣଙ୍କ ସହିତ ସମ୍ପର୍କ ଯେତେ ସହଜ ହେବ, ଭଗବାନ୍ ଶ୍ରୀକୃଷ୍ଣଙ୍କ ସହିତ ସମ୍ପର୍କ ନିଶ୍ଚୟ ଅଧିକ କଷ୍ଟକର ହେବ – ପ୍ରେମ, ଭକ୍ତି ବିନା । ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ତାଙ୍କର ସଖା ରୂପେ ପାଇ ସୁମଧୁର ସମ୍ପର୍କରେ ନିମଜ୍ଜିତ ଥିଲେ, ବିଶ୍ୱରୂପ ଦର୍ଶନ ପରେ ସେ ତାଙ୍କର ଆଉ ମାନବ-ରୂପୀ ସଖା ହୋଇ ରହିଲେ ନାହିଁ ।

ମହାଭାରତରେ ଶ୍ରୀକୃଷ୍ଣଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସେଥିରେ ବ୍ୟାସଦେବ ଶ୍ରୀକୃଷ୍ଣଙ୍କ ଭୂମିକାକୁ ବର୍ଣ୍ଣନା କରିଛନ୍ତି ତାଙ୍କର ମାନବୀୟ ପରିଚୟକୁ ଆଧାର କରି, ଯଦିଓ ସେ ଜାଣିଥିଲେ ସେ ଦିବ୍ୟ-ଅବତାର । ୧୯୦୧ ମସିହାରେ ଶ୍ରୀଅରବିନ୍ଦ, 'Indian Review'ରେ V. G. Aiyerଙ୍କ ଲିଖିତ ପ୍ରବନ୍ଧ ଯେଉଁଥିରେ ସେ ମହାଭାରତ ଯୁଦ୍ଧ ୧୧୯୦ B. C.ରେ ସଙ୍ଗଠିତ ହୋଇଥିଲା ବୋଲି ଯୁକ୍ତିସଙ୍ଗତ ପ୍ରମାଣ ସହ ଲେଖିଛନ୍ତି, ତାକୁ ଗ୍ରହଣ କରି ଅନ୍ୟ ବହୁ ଲେଖକଙ୍କ ଦ୍ୱାରା ପରିବର୍ଦ୍ଧିତ ଓ ପରିପୁଷ୍ଟ ହୋଇଥିବା ମହାଭାରତରୁ ମୂଳ ମହାଭାରତ କିପରି ଉଦ୍ଧାର କରାଯାଇ ପାରିବ ତା'ର ଆଲୋଚନାତ୍ମକ ପ୍ରବନ୍ଧ ଲେଖିଛନ୍ତି । ସେଥିରେ ସେ ଉଲ୍ଲେଖ କରିଛନ୍ତି ସ୍ୱନାମଧନ୍ୟ ବହୁ ପ୍ରତିଭା ସମ୍ପନ୍ନ ବଙ୍କିମଚନ୍ଦ୍ରଙ୍କ ରଚିତ ''କୃଷ୍ଣ ଚରିତ୍ର'' ମୂଳ ମହାଭାରତକୁ ଉଦ୍ଧାର କରିବାରେ କିପରି ସାହାଯ୍ୟ କରିବ ।

ବଙ୍କିମଚନ୍ଦ୍ର ଶ୍ରୀକୃଷ୍ଣଙ୍କ ମାନବୀୟ ପରିଚୟ ଲାଭ ନିମନ୍ତେ ବହୁ ପୁରାଣ, ହରିବଂଶ, ଭାଗବତ, ମହାଭାରତ ପ୍ରଭୃତିର ଗଭୀର ଅଧ୍ୟୟନ କରିଥିଲେ ଏବଂ ୩୭୧ ପୃଷ୍ଠା ବିଶିଷ୍ଟ ''କୃଷ୍ଣଚରିତ୍ର'' ପୁସ୍ତକ ରଚନା କରିଥିଲେ । ପୁରାଣ, ହରିବଂଶ, ଭାଗବତ ଇତ୍ୟାଦି ମହାଭାରତ ରଚନାର ବହୁ ପରେ ରଚିତ । ବଙ୍କିମଚନ୍ଦ୍ର ଲେଖିଛନ୍ତି, ସେ ନିଜେ କୃଷ୍ଣଭକ୍ତ; ତେଣୁ ସେ ପ୍ରକୃତ ଶ୍ରୀକୃଷ୍ଣଙ୍କୁ ଜାଣିବା ନିମନ୍ତେ ପ୍ରଚେଷ୍ଟା କରିଛନ୍ତି । ସେଥିରୁ ତାଙ୍କର ପ୍ରତ୍ୟୟ ହୋଇଛି ଯେ ଶ୍ରୀକୃଷ୍ଣଙ୍କ ବିଷୟରେ ଯାହାସବୁ କୁହାଯାଇଛି ସେସବୁ ସତ୍ୟ ନୁହେଁ । ଏହି ବିଶ୍ୱାସ ଗଢ଼ା କଥାମାନଙ୍କ ତଳେ ରହିଛି ଶ୍ରୀକୃଷ୍ଣଙ୍କର ମହାନ୍ ଶୁଦ୍ଧପୂତ ଚରିତ୍ର ଯାହାର ପଟାନ୍ତର ମାନବ ଇତିହାସରେ ନାହିଁ ।

ତା'ପରେ ସେ ଲେଖିଛନ୍ତି ଯେ ମହାଭାରତ ପ୍ରକୃତରେ ଭାରତ ଇତିହାସର ଅଂଶ ବିଶେଷ । ଭାରତୀୟମାନେ ମହାଭାରତକୁ ଇତିହାସର ମାନ୍ୟତା ଦେଇଛନ୍ତି । ପ୍ରତ୍ୟେକ ସଭ୍ୟତାରେ ଇତିହାସ ସହିତ କଳ୍ପିତ ଗଳ୍ପ ମିଶି ରହିଥାଏ । ଐତିହାସିକ ବର୍ଣ୍ଣନାରେ ଅବାସ୍ତବ, ଅପ୍ରାକୃତିକ କଥାସବୁ ରହିବାର କାରଣ ଲେଖକ ଜନଶ୍ରୁତି ବା ଶୁଣାକଥାକୁ ସେଥିରେ ଭର୍ତ୍ତି କରିଥା'ନ୍ତି । ଆଉ ମଧ୍ୟ ଲେଖକ ନିଜର ଲେଖାକୁ ଅଧିକ ଲୋକପ୍ରିୟ କରିବା ପାଇଁ ସେହି କଥାମାନଙ୍କୁ ନାଟକୀୟ ରୂପ ଦିଅନ୍ତି । ସେହି କାରଣରୁ ମହାଭାରତରେ ଅନେକ କାଳ୍ପନିକ କଥା ରହିଛି । ମହାଭାରତକୁ ସାବଧାନତାର ସହିତ ଅଧ୍ୟୟନ

କଲେ ଜଣା ପଡ଼େ ଯେ ଏହାର ତିନିଟି ସ୍ତର ଅଛି । ପ୍ରଥମ ସ୍ତରଟି ଗଠିତ ହୋଇଛି ମୂଳ ଘଟଣାର କଥାକୁ ନେଇ । ଦ୍ୱିତୀୟ ସ୍ତରଟି ମୂଳ ଘଟଣାକୁ ନାଟକୀୟ ରୂପ ଦେବା ପାଇଁ ବଦଳାଇ ଦେବା । ତୃତୀୟ ସ୍ତରଟି ସମ୍ପୂର୍ଣ୍ଣ ନୂଆ କଥା ।

ଶିଶୁ ଶ୍ରୀକୃଷ୍ଣ ଯିଏ ନନ୍ଦରାଜାଙ୍କ ଘରେ ବଢ଼ିଥିଲେ ତାଙ୍କର ଶୈଶବ ଜୀବନକୁ, ବହୁ ପ୍ରାକୃତିକ ଘଟଣାକୁ ଅତିଭୌତିକ ରୂପ ଦିଆଯାଇ ବର୍ଣ୍ଣନା କରାଯାଇଛି । ଯେପରିକି ଶିଶୁ ଶ୍ରୀକୃଷ୍ଣ ପୁତନାର ସ୍ତନ୍ୟପାନ ପରେ ଓ ତା'ର ମୃତ୍ୟୁ ହେବା ପରେ ତା'ର ଶରୀର ଛ' କ୍ରୋଶ ବ୍ୟାପୀ ପଡ଼ିଥିଲା । ବାଲ୍ୟାବସ୍ଥାରୁ ଯୌବନ ତଥା ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଯେତେସବୁ ଘଟଣା ବର୍ଣ୍ଣନା ହୋଇଛି ସେଥିରୁ ଗୋଟିଏ କଥା ପ୍ରତିପାଦିତ ହୁଏ ଯେ ଶ୍ରୀକୃଷ୍ଣ ଥିଲେ ଜଣେ ଅତି ସାହସୀ, ଅଦ୍ଭୁତ କର୍ମୀ, ବଳିଷ୍ଠ ଶରୀର ବଳବାନ୍ ବାଳକ । କଂସର ନିଷ୍ଠୁର ଅତ୍ୟାଚାର ଯୋଗୁଁ ଅନେକ ଯାଦବ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ରହିଥିଲେ । ଧନୁ ଉତ୍ସବ ସଭାରେ ଶ୍ରୀକୃଷ୍ଣ ଓ ବଳରାମ ପ୍ରବେଶ କରି ସେମାନଙ୍କୁ ବିରୋଧ କରୁଥିବା ମଲ୍ଲଯୋଦ୍ଧାମାନଙ୍କୁ ପ୍ରତିହତ କରି କଂସର ସମ୍ମୁଖୀନ ହୋଇ ଯାଦବମାନଙ୍କ ସହଯୋଗରେ ତାକୁ ବଧ କଲେ । ତାଙ୍କର ବଳିଷ୍ଠ ନେତୃତ୍ୱ ଯୋଗୁଁ ଜରାସନ୍ଧର ବିଶାଳ ସେନାକୁ ଅଟକାଇ ପାରିଥିଲେ । କିନ୍ତୁ ଘନ ଘନ ଆକ୍ରମଣକୁ ପ୍ରତିରୋଧ କରିବା ସମ୍ଭବ ନହେବାରୁ ବିଚକ୍ଷଣ ରାଜନୈତିକ ବୁଦ୍ଧି ପ୍ରୟୋଗ କରି ଅଧିକାଂଶ ଯାଦବମାନଙ୍କୁ ନେଇ ରୈବତକ ପର୍ବତମାଳା ଅତିକ୍ରମ କରି ଦ୍ୱାରକାରେ ଏକ ଶକ୍ତିଶାଳୀ ରାଜ୍ୟ ଗଠନ କଲେ । ସେଥିପାଇଁ ତାଙ୍କୁ 'ରଣ୍ ଛୋଡ୍‌ଜୀ' ଆଖ୍ୟା ଦିଆଯାଇଛି । ଶେଷରେ ଜରାସନ୍ଧକୁ ମହା ବାହୁବଳି ଭୀମଙ୍କ ସହିତ ଦ୍ୱନ୍ଦ୍ୱଯୁଦ୍ଧ କରାଇ ନିହତ କଲେ, ଯଦ୍ଦ୍ୱାରା ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞ ସମ୍ଭବ ହେଲା । ଏଥିରୁ ଜଣାପଡ଼େ ଯେ ସେ ଥିଲେ କେତେ ବାସ୍ତବବାଦୀ (Practical) । ଆଉ ସେ ମଧ୍ୟ ଥିଲେ ସଂସ୍କାରବାଦୀ, ଯେପରିକି ପୁରାତନ ଇନ୍ଦ୍ରପୂଜାକୁ ତ୍ୟାଗ କରି ଗିରି ଗୋବର୍ଦ୍ଧନ ପୂଜା କରିବାକୁ ପ୍ରବର୍ତ୍ତାଇ ଥିଲେ । ସେ ମଧ୍ୟ ଋଷି ଘୋର ଓ ମୁନି ସଂଦୀପନିଙ୍କ ଠାରୁ ବେଦ, ଉପନିଷଦ୍ ଇତ୍ୟାଦି ବିଦ୍ୟା ଶିକ୍ଷା କରିଥିଲେ ।

ଏସବୁ ମଧ୍ୟରେ ସେ ମଧ୍ୟ ତାଙ୍କର ପ୍ରେମ ଦ୍ୱାରା ସମସ୍ତଙ୍କର ସ୍ନେହ ଭାଜନ ହୋଇଥିଲେ । ବଂଶୀ ବାଦନରେ ସମସ୍ତଙ୍କୁ ବିମୁଗ୍ଧ କରିପାରୁଥିଲେ ଏବଂ କ୍ରୀଡ଼ାପ୍ରେମୀ ମଧ୍ୟ ଥିଲେ । ସେ ସବୁବେଳେ ସମସ୍ତଙ୍କର ଶୁଭ ଓ ଶାନ୍ତି କାମନା କରି ମିତ୍ରତା ପାଇଁ କାର୍ଯ୍ୟ କରୁଥିଲେ । ଅନ୍ୟ ପକ୍ଷରେ ଯିଏ ତାଙ୍କୁ ବିରୋଧ କରି ଶତ୍ରୁତା କରୁଥିଲା ତାକୁ ପରାହତ କରିବାରେ ପଛାଉ ନଥିଲେ । ଯେପରିକି ଶିଶୁପାଳର ସମସ୍ତ ଶତ୍ରୁତାକୁ ଧୈର୍ଯ୍ୟର ସହିତ ସହ୍ୟ କରି ଶେଷରେ ତାକୁ ନିହତ କଲେ ।

କୌରବ ପାଣ୍ଡବ ସଂଘର୍ଷରେ ତାଙ୍କର ଭୂମିକା ଥିଲା ଅତି ଗୁରୁତ୍ୱପୂର୍ଣ୍ଣ । ଯଦିଓ ସେ ପାଣ୍ଡବମାନଙ୍କର ବନ୍ଧୁ ଥିଲେ, ଅର୍ଜୁନଙ୍କର ସଖା ଥିଲେ, ବିନା ଯୁଦ୍ଧରେ କିପରି ଶାନ୍ତି ବଜାୟ ରହିବ ସେଥିପାଇଁ ସେ ଗଭୀର ଯତ୍ନବାନ୍ ଥିଲେ । ଏଥିପାଇଁ ସେ ନିଜେ ଧୃତରାଷ୍ଟ୍ରଙ୍କ ସଭାକୁ ଦୂତ ରୂପେ ଯାଇଥିଲେ, ଯଦିଓ ସେ ଏକଥା ଜାଣିଥିଲେ ଯେ ଦୁର୍ଯ୍ୟୋଧନ ଏହାର ଘୋର ବିରୋଧ କରିବ, ଏପରିକି ତାଙ୍କ ପ୍ରତି ଆଘାତ ଆଣିପାରେ । ଯଦିଓ କୌରବ ସେନା ପାଣ୍ଡବ ସେନାଠାରୁ ଯଥେଷ୍ଟ ଅଧିକ ଥିଲା ଏବଂ ସେଥିରେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ ପ୍ରଭୃତି ବହୁ ପରାକ୍ରମୀ ଯୋଦ୍ଧା ଥିଲେ; ଶ୍ରୀକୃଷ୍ଣଙ୍କ ଉପସ୍ଥିତି ଓ ପରାମର୍ଶ ପାଣ୍ଡବମାନଙ୍କୁ ଘୋର କୁରୁକ୍ଷେତ୍ର ରଣନଦୀ ପାର କରାଇଲା । ତାଙ୍କର ଦୂରଦର୍ଶିତାର ପ୍ରମାଣ ମିଳେ ଯେତେବେଳେ ଯୁଦ୍ଧ ଶେଷ ହେବା ପରେ ଧୃତରାଷ୍ଟ୍ରଙ୍କ ନିକଟକୁ ପାଣ୍ଡବମାନେ ଯାଆନ୍ତି; ଶ୍ରୀକୃଷ୍ଣ ଭୀମଙ୍କୁ ପଛରେ ରଖି ଗୋଟିଏ ଲୌହଭୀମ ଧୃତରାଷ୍ଟ୍ରଙ୍କ ନିକଟକୁ ନେଲେ ଯାହାକୁ ସେ ଶତସିଂହର ବଳରେ ଚୂର୍ଣ୍ଣ କରିଦେଲେ । ଶ୍ରୀକୃଷ୍ଣ ଜାଣି ପାରିଥିଲେ ଯେ ଅନ୍ଧ ଧୃତରାଷ୍ଟ୍ରଙ୍କ ହୃଦୟରେ କେତେ ଅପରିମିତ କ୍ରୋଧ ସଞ୍ଚିତ ହୋଇ ରହିଛି । ଯଦିଓ ସାମାଜିକ ଦୃଷ୍ଟିକୋଣରୁ ସାରଥି ରଥାରୂଢ ଯୋଦ୍ଧାଠାରୁ ଆସନରେ ନ୍ୟୂନ, ଶ୍ରୀକୃଷ୍ଣ ନିଃସଙ୍କୋଚନରେ ଅର୍ଜୁନଙ୍କର ସାରଥି ହେବାକୁ ସମ୍ମତ ହେଲେ; କିନ୍ତୁ ମହାରାଜ ଶଲ୍ୟ କର୍ଣ୍ଣଙ୍କର ସାରଥି ହେବା ପାଇଁ ଘୋର ପ୍ରତିବାଦ କରିଥିଲେ । ଶ୍ରୀକୃଷ୍ଣ ଅଶ୍ୱଚାଳନା, ରଥ ଚାଳନାରେ ନିପୁଣ ଓ ଦକ୍ଷ ଥିଲେ । ଅର୍ଜୁନଙ୍କ ଉପରକୁ କର୍ଣ୍ଣ ଯେତେବେଳେ ଶର ନିକ୍ଷେପ କଲେ, ତାହା ଯେ ନିଶ୍ଚିତ ରୂପେ ଅର୍ଜୁନଙ୍କର ବକ୍ଷ ଭେଦ କରିବ ତାହା ଶ୍ରୀକୃଷ୍ଣ ଜାଣିଥିଲେ । ଫଳରେ ଶ୍ରୀକୃଷ୍ଣ ଦକ୍ଷତାର ସହ ରଥ ଚାଳନା କରି ରଥକୁ ନିମ୍ନଗାମୀ କରି ଦେଲେ ଏବଂ ଶରଟି ଲକ୍ଷ୍ୟଚ୍ୟୁତ ହୋଇଥିଲା ।

ଗୋଟିଏ କଥା ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଶ୍ରୀକୃଷ୍ଣ ତାଙ୍କର ଜୀବନକାଳରେ ସମଗ୍ର ଭାରତରେ, ସେ ସମୟରେ ଘଟିତ ସବୁ ଘଟଣାରେ ନେତୃତ୍ୱ ନେଇଥିଲେ ଏବଂ ଅନ୍ୟମାନଙ୍କୁ

କର୍ମରେ ବ୍ୟାପୃତ କରାଇଥିଲେ । ଗୀତାରେ ବହୁ ଗଭୀର ଅଧ୍ୟାତ୍ମ ଦର୍ଶନର ଆଲୋଚନା କରାଯାଇଛି । ସେଥିରୁ ଗୋଟିଏ କଥା ସ୍ପଷ୍ଟ ରୂପେ ଫୁଟି ଉଠେ — ତାହା ହେଉଛି ଶ୍ରୀକୃଷ୍ଣ ଗୀତାରେ ସ୍ପଷ୍ଟ ସୂଚନା ଦେଇଛନ୍ତି ଯେ ମନୁଷ୍ୟ ଜୀବନର କରଣୀୟ ଶ୍ରେଷ୍ଠ କର୍ତ୍ତବ୍ୟ ହେଉଛି କର୍ମ ।

''ନିୟତଂ କରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।
ଶରୀର ଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ।''
(ଗୀତା, ୮/୩)

ଅର୍ଥାତ୍, ''ସର୍ବଦା ସଂଯମିତ କର୍ମ କରିଚାଲ, କାରଣ କର୍ମ ଅକର୍ମ ଠାରୁ ମହାନ୍, ତୁମର ଶରୀର ଯାତ୍ରା ମଧ୍ୟ କର୍ମ ବିନା ସମ୍ଭବ ନୁହେଁ ।''

''ଯଦ୍ ଯଦା ଚରତି ଶ୍ରେଷ୍ଠଃ ତତ୍ଇବ ଇତରଜନଃ,
ସ ଯତ୍ ପ୍ରମାଣ କୁରୁତେ ଲୋକସ୍ତଦନୁ ବର୍ତ୍ତତେ ।''

ଅର୍ଥାତ୍, ''ଶ୍ରେଷ୍ଠ ଲୋକ ଯେପରି କର୍ମ କରନ୍ତି, ଇତର ଜନ ତାକୁ ପ୍ରମାଣ ଭାବି ଅନୁସରଣ କରନ୍ତି ।''

ଏହା ଦେଶରେ ନେତୃତ୍ୱ ନେବାର କି ଉଜ୍ଜ୍ୱଳ ପରାମର୍ଶ ! ଏବେ ମଧ୍ୟ କୋଟି କୋଟି ମନୁଷ୍ୟ ଶ୍ରୀକୃଷ୍ଣଙ୍କୁ ଆଦର୍ଶ ଭାବି ତାଙ୍କର ଅନୁସରଣ କରି ଚାଲୁଛନ୍ତି ।

''ମର୍ତ୍ତ୍ୟ ମଣ୍ଡଳେ ଦେହ ବହି
ଦେବତା ହେଲେ ବି ମରଇ ।''

ଭଗବାନ୍ ଶ୍ରୀକୃଷ୍ଣ ମାନବ ଶରୀର ଧାରଣ କରିଥିଲେ । ଶେଷରେ ସେ ଶରୀର ତ୍ୟାଗ କଲେ — ଗାନ୍ଧାରୀଙ୍କ ଅଭିଶାପକୁ ସେ ହାସ୍ୟମୁଖରେ ଗ୍ରହଣ କରିଥିଲେ ଓ କହିଥିଲେ ଏହା ତାଙ୍କୁ ଶରୀର ତ୍ୟାଗରେ ସାହାଯ୍ୟ କରିବ ।

ବହୁ ଉପବଂଶରେ ଗଠିତ ଯାଦବ ବଂଶ କାଳଚକ୍ରରେ ନୈତିକତା ହରାଇ ଥିଲା । ପ୍ରଭାସ କ୍ଷେତ୍ରରେ କାଦମ୍ବରୀ ପାନ କରି ଯାଦବ ବଂଶଜ ପରସ୍ପର ମଧ୍ୟରେ ଘୋର ଦ୍ୱନ୍ଦ୍ୱ ଆରମ୍ଭ କଲେ ଓ ପରସ୍ପରକୁ ହତ୍ୟା କଲେ । ଶ୍ରୀକୃଷ୍ଣ ସବୁ ଦେଖି ତା'ର ଉପଶମ ପାଇଁ ଚେଷ୍ଟା କଲେ ନାହିଁ ବରଂ ନିଜେ କେତେକଙ୍କୁ ନିଧନ କଲେ । ହରିବଂଶରେ ବର୍ଣ୍ଣିତ ହୋଇଛି ଯେ ସେ ନିକଟସ୍ଥ ଅରଣ୍ୟରେ ବିଶ୍ରାମ ନେଉଥିବା ବେଳେ ଜାରାଶବର ତାଙ୍କୁ ମୃଗ ଭ୍ରମରେ ଶର ନିକ୍ଷେପ କଲା ଏବଂ ସେଥିରେ ସେ ଆହତ ହୋଇ ଶରୀର ତ୍ୟାଗ କଲେ । ବିଷ୍ଣୁପୁରାଣ ଅନୁସାରେ ସେ ଶହେ ବର୍ଷରୁ ଊର୍ଦ୍ଧ୍ୱ ବଞ୍ଚିଥିଲେ ଏବଂ ନିଜେ ଯୋଗ ବଳରେ ଶରୀର ତ୍ୟାଗ କଲେ । ଗୀତାରେ ସେ ବର୍ଣ୍ଣନା କରିଛନ୍ତି (୮ମ ଅଧ୍ୟାୟ — ଶ୍ଳୋକ ୧୨-୧୩) ଯୋଗୀ କିପରି ଶରୀର ତ୍ୟାଗ କରିପାରେ ।

ଶ୍ରୀକୃଷ୍ଣ ମାନବ ରୂପ ଧାରଣ କରିଥିଲେ ମଧ୍ୟ ତାଙ୍କ ମଧ୍ୟରେ ଭଗବାନଙ୍କର ବିଭୂତି ଲୁକ୍କାୟିତ ହୋଇ ରହିଥିଲା । କୁରୁକ୍ଷେତ୍ରରେ ଦୁଇ ସେନାଙ୍କ ମଧ୍ୟରେ ସେ ଅର୍ଜୁନଙ୍କୁ ଦିବ୍ୟ ଚକ୍ଷୁ ପ୍ରଦାନ କରି ବିଶ୍ୱରୂପ ଦେଖାଇଥିଲେ । ଶ୍ରୀଅରବିନ୍ଦ କହିଛନ୍ତି ଶ୍ରୀକୃଷ୍ଣ ଅଧିମାନସ ସତ୍ୟ ଚେତନାକୁ ଧାରଣ କରି ଅବତରଣ କରିଥିଲେ, ପୃଥିବୀରେ ଆନନ୍ଦ ରସ ଢାଳି ଦେଇଥିଲେ ।

ଗୀତାରେ ଶ୍ରୀକୃଷ୍ଣଙ୍କର ଶେଷ ବାଣୀ ହେଉଛି —
''ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ'' ।
(ଗୀତା, ୧୮/୬୬)

ସମସ୍ତ ଧର୍ମ ମନୁଷ୍ୟକୁ ସତ୍ ପଥରେ ନେବା ପାଇଁ ଉଦ୍ଦିଷ୍ଟ । କିନ୍ତୁ ସେହିସବୁ ଧର୍ମ ଗଠିତ ପଥ ସଂକୀର୍ଣ୍ଣ ହୋଇ ଯାଇଛି । ଉଚ୍ଚତର ସତ୍ୟ ଲାଭ ନିମନ୍ତେ ସକଳ ଧର୍ମ ପରିତ୍ୟାଗ କରି ସର୍ବୋଚ୍ଚ ଉନ୍ମୁକ୍ତ ପଥରେ ଗତି କରିବାକୁ ହେବ । ବୋଧ ହୁଏ ଶ୍ରୀକୃଷ୍ଣ ଚାହିଁଛନ୍ତି ସର୍ବ ଧର୍ମ ପରିତ୍ୟାଗ କରି ତାଙ୍କର ଶରଣାପନ୍ନ ହେଲେ ସେ ଅଧିମାନସର ଶେଷ ପାହାଚରେ ପହଞ୍ଚାଇ ଦେବେ ।

ଶ୍ରୀମା କହିଛନ୍ତି ଅତିମାନସ ସୃଷ୍ଟିରେ ଧର୍ମର ସ୍ଥାନ ନାହିଁ । ଶ୍ରୀମା'ଙ୍କର ଆହ୍ୱାନ ହେଉଛି :
— "ONLY TRUTH"

❑❑❑

ଯଶ ଲାଗି ଉତ୍ସୁକତା ସ୍ଥାନରେ ପୂର୍ଣ୍ଣତା ଲାଗି ଅଭୀପ୍ସା ପୋଷଣ କର ।
— ଶ୍ରୀମା

କାହାଣୀ :

# ରୁଦ୍ଧଦ୍ୱାର

## ମନୋଜ ଦାସ

''ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ନିର୍ବାଣ ମାର୍ଗ ଆମ ଆଗରେ ପ୍ରଶସ୍ତ ଥାଉଁ ଥାଉଁ ଆମେ ବୌଦ୍ଧ ମାର୍ଗର ନିର୍ବାଣ ଦିଗରେ କିଆଁ ଆଗ୍ରହୀ ହେବା ?''

''ଦେଖ ଭାଇ, ବୌଦ୍ଧ ମାର୍ଗର ଏକମାତ୍ର ଆଭିମୁଖ୍ୟ ହେଲା ନିର୍ବାଣ । ତେଣୁ ସେ ମାର୍ଗ ଅନୁସରଣ କଲେ ତୁମେ ନିର୍ବାଣରେ ଉପନୀତ ହେବ ହିଁ ହେବ । ଶଙ୍କରାଚାର୍ଯ୍ୟ ତାଙ୍କ ନିର୍ବାଣ ତତ୍ତ୍ୱ ଉପସ୍ଥାପନ କରିବା ପାଇଁ ବେଦାନ୍ତର ଯେଉଁଭଳି ବ୍ୟାଖ୍ୟା କରିଛନ୍ତି, ସେଥିରୁ ନିର୍ବାଣର ସମର୍ଥନ ଖୁବ୍ ଯୁକ୍ତିସିଦ୍ଧ ମନେ ହୁଏନା । ବୁଦ୍ଧଦେବ ବେଦ, ଉପନିଷଦ୍ ଇତ୍ୟାଦି ପ୍ରତି ଦୃକ୍‌ପାତ କରୁ ନଥିଲେ ସିଧାସଳଖ ନିର୍ବାଣ ପାଇଁ ... ।''

ପ୍ରଥମ ବକ୍ତା ଦ୍ୱିତୀୟ ବକ୍ତାଙ୍କ ବାକ୍ୟ ପୂରା ହେବା ପୂର୍ବରୁ ତାଙ୍କୁ ଆକ୍ଷେପ କରି ଏଭଳି ଏକ ଶବ୍ଦ ପ୍ରୟୋଗ କଲେ, ଯାହା ଷଡ଼ାଙ୍ଗ ଦର୍ଶନ ଶାସ୍ତ୍ରରେ ମିଳିବା ସମ୍ଭବପର ନୁହେଁ । ତତ୍‌କ୍ଷଣାତ୍ ଦ୍ୱିତୀୟ ବକ୍ତା ମଧ୍ୟ ନିର୍ବାଣ ପାସୋରି ଦେଇ ସମଗୋତ୍ରୀୟ ଶବ୍ଦବାଣ ଦ୍ୱାରା ପ୍ରଥମଙ୍କୁ ଆକ୍ରମଣ କଲେ ।

ଏ ସଂଳାପ ଚାଲିଥିଲା ଗୋଟିଏ ଚଟିଘର ଭିତରେ । ଗୁରୁଙ୍କ ସହ ଦୁଇ ବକ୍ତା କୌଣସି ଦୂର ସ୍ଥାନରୁ ନଗରୀ ଅଭିମୁଖେ ଯିବା ବାଟରେ ପ୍ରବଳ ବର୍ଷା ଯୋଗୁଁ ଚଟିଘରେ ଅଟକି ଯାଇଥିଲେ । କ୍ଲାନ୍ତ ଗୁରୁ କିଛି ସମୟ ପାଇଁ ଶୋଇ ପଡ଼ିଥିଲେ । ଦୁଇ ଶିଷ୍ୟଙ୍କ ପ୍ରଚଣ୍ଡ ତର୍କ ତା'ଙ୍କ ନିଦ ତୁଟାଇ ଦେଲା । ସେ ଉଠି ବସିଲେ । ଫଳରେ ଦୁଇ ଦାର୍ଶନିକ ନୀରବ ହେଲେ । ବର୍ଷା ଛାଡ଼ିଯିବା ମାତ୍ରେ ସେମାନେ ପୁଣି ରାସ୍ତା ଧରିଲେ । ଗୁରୁ ଆଗେ ଆଗେ ଚାଲିଥା'ନ୍ତି । ଦୁଇ ଶିଷ୍ୟ ପଛରେ ଯଥାସାଧ୍ୟ ମୃଦୁ କଣ୍ଠରେ ବକର ବକର ହେଉଥା'ନ୍ତି । ନିର୍ବାଣ, ମୋକ୍ଷ, ସାଯୁଜ୍ୟ, ସାଲୋକ୍ୟ, ବ୍ରହ୍ମନିର୍ବାଣ — ଏମନ୍ତ ବିଷୟମାନ ଥିଲା ସେମାନଙ୍କ ଚର୍ଚ୍ଚାର ଭିତ୍ତି ।

ବର୍ଷା ଯୋଗୁଁ ମଝି ବାଟରେ ଅଟକି ରହିବାକୁ ପଡ଼ିଥିବାରୁ ସେମାନେ ନଗରୀ ଉପକଣ୍ଠରେ ପହଞ୍ଚିବା ବେଳକୁ ମଧ୍ୟରାତ୍ର । ନଗରୀକୁ ବେଷ୍ଟନ କରିଥାଏ ଏକ ସୁଉଚ୍ଚ ପ୍ରାଚୀର । ମଧ୍ୟରାତ୍ର ବେଳେ ସେ ପ୍ରାଚୀରର ଦ୍ୱାରଦେଶରେ ତାଲା ପଡ଼ିଯାଏ । ପ୍ରାଚୀର ଉପରେ ଥାଏ ପ୍ରହରୀମାନଙ୍କ ଶିବିର ।

ଗୁରୁ ଏବଂ ଶିଷ୍ୟ ଦୁଇଜଣ ସେଠାରେ ପହଞ୍ଚିବାର ଅବ୍ୟବହିତ ପୂର୍ବରୁ ଆଉ ତିନିଜଣ ନାଗରିକ ଫାଟକ ସାମ୍ନାରେ ରୁଣ୍ଡ ହୋଇଥା'ନ୍ତି । ସେମାନେ ନଗରୀର ଅଦୂରରେ ଅବସ୍ଥିତ ଏକ ପ୍ରମୋଦାଳୟକୁ ଯାଇଥିଲେ ସୁଖର ସନ୍ଧାନରେ । ପିଇଥିଲେ ଉଦରଭରି ସୁରା । ସେହି ଅବସ୍ଥାରେ ସେମାନଙ୍କ ଭିତରେ ନଗରୀରେ ପ୍ରବେଶ କରିବାର ଉପାୟ ସମ୍ପର୍କରେ ଚାଲିଥିଲା ବିତର୍କ ।

''ମୁଁ କହୁଛି, ଚାଲ ଭାଙ୍ଗି ଚୁର୍‌ମାର କରିଦେବା ଏ ଲୌହ କବାଟ । ତା' ଭଗ୍ନାବଶେଷ ଉପରେ ସଦର୍ପ କଦମ ପକାଇ ନଗରୀ ଭିତରେ ପଶିବା ।'' କହିଥିଲେ ଜଣେ ।

''ଭଙ୍ଗାଭଙ୍ଗିରେ କି ଅବା ପ୍ରୟୋଜନ ? ଚାଲ, ଲମ୍ଫ ଯୋଗେ ଏ ପ୍ରାଚୀର ଉଲ୍ଲଙ୍ଘନ କରିବା । ହାଃ ହାଃ ।'' ପ୍ରସ୍ତାବ ଦେଇଥିଲେ ଦ୍ୱିତୀୟ ।

''ଆରେ ଭାଇ, କବାଟରେ ଥିବା ଏ ରନ୍ଧ୍ର ପ୍ରତି ଦୃଷ୍ଟି ଦିଅ । ଚାଲ, ମାଛି ବନିଯାଇ ଏହା ଭିତର ଦେଇ ସଟ୍‌କିନା ପଶିଯିବା ।'' ପ୍ରସ୍ତାବ ଦେଇଥିଲେ ତୃତୀୟ ।

କାହାରି ପ୍ରସ୍ତାବ କିନ୍ତୁ ଅନ୍ୟ କାହାରି ମନକୁ ପାଉ ନଥିଲା । ପରସ୍ପର ପ୍ରସ୍ତାବର ଅବାସ୍ତବତା ପ୍ରତିପାଦିତ କରି ସେମାନେ କ୍ରମେ ଅଧିକରୁ ଅଧିକ ଉତ୍ତପ୍ତ ହୋଇ ପରସ୍ପର କଣ୍ଠରୋଧ ନିମନ୍ତେ ପ୍ରସ୍ତୁତ ହେବା ବେଳକୁ ଗୁରୁ ହସ୍ତକ୍ଷେପ କରି ସେମାନଙ୍କୁ ମୁହୂର୍ତ୍ତକ ପାଇଁ ଶାନ୍ତ କଲେ ।

''ଶୁଣ । ତୁମମାନଙ୍କ ସମସ୍ୟାର ସମାଧାନ ସହଜ ।'' ଏହା କହି ସେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟକୁ କହିଲେ, ''ତୁମେ ଲୌହ କବାଟ ଚୂର୍ଣ୍ଣ କରି ସେ ପଟକୁ ଯାଅ; ତୁମେ ଲମ୍ଫ ଦେଇ ଯାଅ; ତୁମେ ମାଛି ବନି ପଶିଯାଅ । ଯାଅ ! ବିଳମ୍ୱ କାହିଁକି ?''

ତିନି ବୀର ଆଖି ମିଞ୍ଜି ମିଞ୍ଜି କରି ପରସ୍ପରକୁ ଅନାଇଲେ ଓ ଠିଆ ହୋଇ ରହିଲେ । ଇତିମଧ୍ୟରେ ସେମାନଙ୍କ କନ୍ଦଳ

ଉପଭୋଗ କରୁଥିବା ପ୍ରହରୀମାନେ ଗୁରୁଙ୍କୁ ଚିହ୍ନି ପକାଇଥିଲେ । ସେମାନେ ସେ ପାରିରୁ କବାଟ ଖୋଲି ଦେଲେ । ଗୁରୁ ଓ ଶିଷ୍ୟ ସମେତ ତିନି ବୀର ମଧ ଭିତରେ ପଶିଲେ । ପୁନର୍ବାର କବାଟ ବନ୍ଦ ହେଲା ।

''ଦେଖିଲ ତ ବାବୁମାନେ ? ତୁମ ତିନି ପନ୍ଥାର ଊର୍ଦ୍ଧ୍ୱରେ ଅନ୍ୟ ଏକ ପନ୍ଥା ବି ଥିଲା । ତୁମେ ନିଜ ଭୁଲ୍ ଜଣାଇ ପ୍ରହରୀମାନଙ୍କୁ ଅନୁରୋଧ କରିଥିଲେ ସେମାନେ ଦ୍ୱାର ଖୋଲି ଦେଇଥା'ନ୍ତେ,'' ଗୁରୁ ତିନି ବୀରଙ୍କୁ କହିଲେ ।

ଗୁରୁ ଆଶ୍ରମ ଯିବା ବାଟରେ ସ୍ୱଗତୋକ୍ତି କଲା ଭଳି କହୁଥା'ନ୍ତି, ''ଶଙ୍କର ମାର୍ଗର ନିର୍ବାଣ ଯୁକ୍ତିଯୁକ୍ତ ନା ବୌଦ୍ଧ ମାର୍ଗର ନିର୍ବାଣ ଯୁକ୍ତିଯୁକ୍ତ, ଏହା ଉପରେ ଗଳା ନଫଟାଇ ଯେଉଁ ମାର୍ଗ ଯାହାକୁ ସୁଗମ ମନେହୁଏ, ସେହି ମାର୍ଗରେ ଜଣେ ନଯିବ କିଆଁ ? ସର୍ବୋପରି ସବୁ ଦର୍ଶନ, ସବୁ ମାର୍ଗ ଊର୍ଦ୍ଧ୍ୱରେ ବି ରହିଛି ଏକ ନିର୍ଭୁଲ ପନ୍ଥା : ଦିବ୍ୟ କରୁଣା ପାଖରେ ଆତ୍ମସମର୍ପଣ ।''

ଶିଷ୍ୟ ଦୁଇଜଣ ଶୁଣିଲେ; ଶୁଣି ମୁଣ୍ଡ ତଳକୁ କଲେ ।

('ମନୋଜ ଦାସ ପରିବେଷିତ ଉପକଥା ଶତକ'ରୁ ସଂଗୃହୀତ, ପୃ. ୧୪୯-୧୫୧) ❑

## ଶୀତକାଳୀନ ସୁହୃତ୍ ଶ୍ରମ ଶିବିର - ୨୦୨୪

୮୦ତମ ଶୀତକାଳୀନ ସୁହୃତ୍ ଶ୍ରମ ଶିବିର ଚଳିତ ବର୍ଷ ଡିସେମ୍ବର ମାସ ୨୨.୧୨.୨୦୨୪ ତାରିଖ ଠାରୁ ୩୧.୧୨.୨୦୨୪ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ପଦରପଡ଼ା, ଜିଲ୍ଲା ବୌଦ୍ଧଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଇଚ୍ଛୁକ ଶିବିରାର୍ଥୀମାନଙ୍କୁ ୨୧.୧୨.୨୦୨୪ ସନ୍ଧ୍ୟା ସୁଦ୍ଧା ପହଞ୍ଚିବାକୁ ଅନୁରୋଧ । ଏହି ଶିବିରରେ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ରଚିତ 'Life Divine' (Book - 2, Part - 1, Chapter - 5, "The Cosmic Illusion, Mind, Dream and Hallucination") ଅଧ୍ୟୟନ ସହିତ ଆଲୋଚନା କରାଯିବ । ଏହି ଶିବିର ପାଇଁ ଶିବିରାର୍ଥୀ ଦେୟ ୧୦୦.୦୦ (ଏକ ଶତ)ଟଙ୍କା ରଖାଯାଇଅଛି ।

**ଏହି ଶିକ୍ଷାକେନ୍ଦ୍ରକୁ ଆସିବା ପାଇଁ ଗମନାଗମନ ସୂଚନା :**

ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଭାଇ ଓ ଅପା ଯେଉଁମାନେ କଟକ - ଅନୁଗୁଳ - ରେଢ଼ାଖୋଲ-ବଲାଙ୍ଗିର ବସ୍‌ରେ ଆସିବେ ସେମାନେ ମନମୁଣ୍ଡାଠାରେ ଓହ୍ଲାଇ ସେଠାରୁ ବସ୍ କିମ୍ବା ଅଟୋରେ ଶଗଡ଼ା ରାସ୍ତାରେ ପଦରପଡ଼ା ଛକଠାରେ ଓହ୍ଲାଇ ଆସିପାରିବେ ।

ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନିମ୍ନଲିଖିତ ମୋବାଇଲରେ **ଯୋଗାଯୋଗ** କରିପାରନ୍ତି ।
ସନ୍ତୋଷ କୁମାର ମହାକୁଡ଼ – ୭୭୩୫୮୯୫୬୩୬; ବିପିନ ବିହାରୀ ବାରିକ – ୯୪୩୮୭୩୪୯୭୫

# ବାପାଙ୍କ ସାଙ୍ଗେ ନୂଆବର୍ଷ

କେତେଦିନ ହୋଇଗଲାଣି, ବାପାଙ୍କୁ ଦେଖି ନାହିଁ ପୁଅ । ସିଏ ସକାଳୁ ଉଠି ସ୍କୁଲକୁ ଗଲାବେଳେ ବାପା ଶୋଇ ଥାଆନ୍ତି, ରାତିରେ ଖାଇ ଶୋଇବାବେଳକୁ ବାପା ତାଙ୍କ କାମରୁ ଫେରି ନଥା'ନ୍ତି । ରବିବାର କି ଛୁଟିଦିନ ସବୁଦିନେ ବାପାଙ୍କର କାମ । 'ବାପା କାହାନ୍ତି' ବୋଲି ସେ ମାଆକୁ ପଚାରେ । ମାଆ କହନ୍ତି, ବାପା ବ୍ୟସ୍ତ ଲୋକ । ସେ ଫେରୁ ଫେରୁ ସବୁଦିନେ ଡେରି ହୁଏ ।

ସମସ୍ତଙ୍କ ବାପା ସ୍କୁଲକୁ ଆମ ପ୍ରୋଗ୍ରାମ ଦେଖିବାକୁ ଆସିଲେ । ମୋ ବାପାଙ୍କୁ ସମୟ ହେଲା ନାହିଁ ।

ମାଆ ବ୍ୟସ୍ତ ହୋଇ ଏକଥା ବାପାଙ୍କୁ କହନ୍ତି । ବାପା ଚିଡ଼ି ଉଠନ୍ତି, ''ସିଏ ସିନା ପିଲାଲୋକ, ବୁଝୁନି । ତୁମେ ବୁଝେଇ ପାରୁନା ! ମୁଁ ଏ ରୋଜଗାର କରୁଛି କାହା ପାଇଁ ?''

ସେଦିନ ବାପା ଫେରୁ ଫେରୁ ରାତି ଦଶଟା । ଦୁଆର ପାଖରେ ପୁଅ ଅନିଷା କରି ଠିଆ ହୋଇଛି । ତାକୁ ଦେଖୁ ଦେଖୁ ବାପା ଚିଡ଼ିଉଠି ପଚାରିଲେ, ''ଏ ଯାଏ ଶୋଇନୁ କାହିଁକି ? କାଲି କ'ଣ ସ୍କୁଲ ନାହିଁ କି ?'' କୌଣସି କାରଣରୁ ସେଦିନ ବାପାଙ୍କର ମୁଣ୍ଡ ଗରମ ଥିଲା ।

ପୁଅ କିନ୍ତୁ ଡରି ନଯାଇ ପଚାରିଲା, ''ବାପା, ତୁମେ ଘଣ୍ଟାକୁ କେତେ ଟଙ୍କା ରୋଜଗାର କର ?''

: ସେସବୁ ହିସାବ ଜାଣିବା ତୋ'ର ଦରକାର ନାହିଁ । ଯା' ଶୋଇବୁ ।

: କୁହନା, ମୁଁ ଟିକେ ଜାଣନ୍ତି ।

: ହଉ, ଜାଣିବାକୁ ଚାହୁଁଛୁ ତ ଶୁଣ । ମୋର ଘଣ୍ଟାକୁ ରୋଜଗାର ପାଞ୍ଚଶହ ଟଙ୍କା ।

: ପାଞ୍ଚଶହ ! ପୁଅ ଚିନ୍ତିତ ହେଲା ପରି କହିଲା ଓ ତା' ଶୋଇବା ଘରକୁ ପଳେଇଲା । ମାତ୍ର କିଛି ସମୟ ପରେ ପୁଣି ଆସି ବାପାଙ୍କ ପାଖରେ ହାଜର । ବାପା ପଚାରିଲେ – ପୁଣି କ'ଣ ?

: ମୋତେ ଦୁଇଶହ ଟଙ୍କା ଦେବ ? ଧାର ବୋଲି ଭାବ ।

ବାପା ରାଗି ଗଲେ । କହିଲେ, ''ଏତକ କଥା ଆଗରୁ କହିଦେଲୁ ନାହିଁ । ଟଙ୍କା ମାଗିବା ପାଇଁ ଡ୍ରାମା କରିବା କ'ଣ ଦରକାର ? କ'ଣ ନା ଧାର ? ମୋ ପାଖେ ଟଙ୍କା ନାହିଁ । ଯାଆ ।''

ପୁଅ ପଳେଇଗଲା ।

ଖାଇ ସାରିବା ପରେ ବାପାଙ୍କ ମୁଣ୍ଡ ଥଣ୍ଡା ହୋଇଗଲା । ସେ ଭାବିଲେ, କେବେ ତ ପୁଅ ଟଙ୍କା ମାଗେନା । କିଛି ଗୋଟେ ଦରକାର ଥିବ ବୋଧହୁଏ । ସେ ପୁଅର ଶୋଇବା ଘରକୁ ଯାଇ ଦେଖିଲେ, ସେ ଶୋଇଛି । ତା' ମୁଣ୍ଡ ସାଉଁଳେଇ ଦେଇ ପଚାରିଲେ, ''ଶୋଇ ପଡ଼ିଲୁଣି କି ? ଏଇ ନେ, ଦୁଇଶହ ଟଙ୍କା ।''

ବାପା ଦି'ଖଣ୍ଡ ଶହେଟଙ୍କିଆ ନୋଟ ରଖି ଫେରି ଆସୁଥିଲେ । ପୁଅ ତାଙ୍କ ହାତ ଧରି ଅଟକାଇ କହିଲା, ''ଟିକିଏ ରୁହ ବାପା ।'' ତା'ପରେ ନିଜର ତକିଆ ତଳୁ ଖଣ୍ଡେ ପଚାଶଟଙ୍କିଆ, କିଛି ଦଶଟଙ୍କିଆ ଓ ଗୋଟେ ଶହେଟଙ୍କିଆ ବାହାର କଲା । ବାପା ଦେଇଥିବା ଦୁଇଶହ ଟଙ୍କା ମିଶେଇ ଆଉ ଥରେ ଗଣିଲା । ବାପା ଅନେଇ ଥାଆନ୍ତି । ସବୁତକ ଗଣି ସାରି ପୁଅ ସେତକ ବାପାଙ୍କ ହାତକୁ ବଢ଼େଇ ଦେଇ କହିଲା, ''ଏଇ ନିଅ ପୂରା ପାଞ୍ଚଶହ ଟଙ୍କା । ତୁମର ଘଣ୍ଟାକର ଉପାର୍ଜନ । ମୋତେ କିନ୍ତୁ କଥା ଦିଅ, ଏଇ ନୂଆବର୍ଷ ଦିନ ସଞ୍ଜ ସାତଟାରୁ ଆଠଟା ପର୍ଯ୍ୟନ୍ତ ଗୋଟାଏ ଘଣ୍ଟା ମୋତେ ସମୟ ଦେବ । କେତେଦିନ ହେଲାଣି ତୁମ ସାଙ୍ଗେ ମୁଁ ଖେଳିନି କହିଲ ! ଖେଳ ପରେ ଆମେ ସମସ୍ତେ ସାଙ୍ଗ ହୋଇ ଖାଇବା ।''

ବାପାଙ୍କ ଆଖି ଛଳଛଳ । ସେ ଭାବୁଥିଲେ, ପୁଅ କିଛି କିଣାକିଣି କରିବ ବୋଲି ଟଙ୍କା ମାଗୁଛି । ପୁଅ ବାପା ଗଳାରେ ହାତଛନ୍ଦି କହିଲା, ''ଜାଣିଛ, ମାଆ ଆଉ ମାମୁ ମୋତେ ଯାହାସବୁ ଦେଇଥିଲେ ସବୁ ପଇସା ମୁଁ ସାଇତିକି ରଖିଥିଲି । ତୁମେ ନୂଆବର୍ଷ ସନ୍ଧ୍ୟା ସାତଟାବେଳକୁ ଫେରି ଆସିବ ନା ?''

ବାପାଙ୍କ ଆଖିରୁ ଲୁହ ଦି'ଟୋପା ଟପ୍ ଟପ୍ ହୋଇ ପୁଅ କହୁଣି ଉପରେ ଖସି ପଡ଼ିଲା । ସେ ତାଙ୍କର ଦଶ ବର୍ଷର ପୁଅକୁ କୋଳେଇ ଧରି କହିଲେ, ''ମୋତେ ଆଉ ଲାଜ ଦେଏନା ବାବୁ !''

(ଉତ୍ସ : କଥାଟିଏ,
ଉପସ୍ଥାପନା : ଗୌରହରି ଦାସ) ❑

# ରାଜପଥର ରହସ୍ୟ

## ବନମାଳୀ ଆଚାର୍ଯ୍ୟ

ସକାଳ ନ'ଅଟା । ଗୋଟିଏ ବାଇକ୍‌ରେ ଦୁଇବନ୍ଧୁ ଅରଣ୍ୟ ପଥରେ ଥିବା ଫାଟକ ପାର ହୋଇ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କଲେ । ଭିତରର ଦୃଶ୍ୟରାଜି ଶୀଘ୍ର ବଦଳିଲା ଭଳି ଲାଗୁଥିଲା । ରାସ୍ତାର ଦୁଇକଡ଼ରେ ସୁଉଚ୍ଚ ବୃକ୍ଷ ଓ ବୁଦାଗୁଡ଼ିକର ସମାବେଶ । ସବୁଜ ପତ୍ର ଓ ପୁଷ୍ପଭରା ଝଙ୍କାଳିଆ ଶାଖାଗୁଡ଼ିକ ରାସ୍ତା ଉପରକୁ ଓହଳି ଆସି ଏକ ସୁଦୀର୍ଘ ଚାନ୍ଦୁଆର ଭ୍ରମ ସୃଷ୍ଟି କରୁଥିଲା । ମାର୍ଚ୍ଚ ମାସର ଅନ୍ତିମ ଭାଗରେ ବି ସେମାନେ ଶୀତୁଆ ପରିବେଶକୁ ଅନୁଭବ କରୁଥିଲେ । ଗଭୀର ଅଥଚ ବିସ୍ମୟକର ଏକ ନୀରବତା ସେମାନଙ୍କୁ ଆଚ୍ଛନ୍ନ କରି ରଖିଥିଲା । ଦଳବଦ୍ଧ ହୋଇ ବିଚରଣ କରୁଥିବା ହାତୀ, ମୟୁର, ହରିଣ ଆଦି ବନ୍ୟ ପଶୁପକ୍ଷୀ ସେମାନଙ୍କଠାରୁ କିଛି ବ୍ୟବଧାନରେ ଦୃଶ୍ୟମାନ ଥିଲେ । ସେହିପରି ଏକ ନୂତନ ଇଲାକାରେ ସେମାନଙ୍କର ପ୍ରାଣ, ମନ ଭୟ ଓ ଉଲ୍ଲାସରେ ଆନ୍ଦୋଳିତ ହେଉଥିଲା । ଦିନବେଳା ବିଭିନ୍ନ ଜଳପ୍ରପାତ ଓ ଆକର୍ଷଣୀୟ ସ୍ଥଳଗୁଡ଼ିକୁ ପରିଦର୍ଶନ କରି ଯେତେବେଳେ ସେମାନେ ଫାଟକ ବାହାରକୁ ଆସିଲେ, ସଞ୍ଜ ନଇଁ ଆସୁଥିଲା । ଅନ୍ୟ ଏକ ଅରଣ୍ୟପଥ ଦେଇ ସେମାନେ ଗୃହାଭିମୁଖେ ଯାତ୍ରା କଲେ ।

ରାତି ଦଶଟା ବେଳକୁ ରାଜପଥ ଶୁନ୍‌ଶାନ ଲାଗୁଥିଲା । ଆରୋହୀ ଦୁଇଜଣ ରାସ୍ତାର ଏପରି ଏକ ମୋଡ଼ରେ ଆସି ପହଞ୍ଚିଲେ, ଯେଉଁଠାରେ ଏହା ବିଭକ୍ତ ହୋଇ ଦୁଇ ଦିଗରେ ଆଗକୁ ଲମ୍ବି ଯାଇଥିଲା । କେଉଁ ରାସ୍ତାରେ ଗଲେ ଠିକ୍ ହେବ, ସେମାନେ ନିର୍ଣ୍ଣୟ କରି ପାରିଲେ ନାହିଁ । ସାଧାରଣ ଭୁଲ୍‌ଟିଏ ବି ସେମାନଙ୍କୁ ବିରାଟ ଅସୁବିଧା ମଧ୍ୟକୁ ଟାଣି ନେଇପାରେ । ସେମାନଙ୍କର ବାଇକ୍‌ର ବେଗ ଶୂନ୍ୟକୁ ଖସି ଆସୁଥିଲା । କେହି ଜଣେ ଆଗରେ ଥିବା ବରଗଛ ଉହାଡ଼ରୁ ଏକ ବନ୍ଦ ଥିବା କ୍ୟାବିନ୍‌ର ସାମନା ଦେଇ ସେମାନଙ୍କ ଆଡ଼କୁ ଅଗ୍ରସର ହେଉଥିବାର ସେମାନେ ଲକ୍ଷ୍ୟ କଲେ । ପୋଲିସ ପୋଷାକ ପରିହିତ ଜଣେ କାର୍ଯ୍ୟରତ ପୋଲିସ କର୍ମଚାରୀ ପରି ସେ ଜଣା ପଡୁଥିଲେ । ମୁଣ୍ଡରେ ପିନ୍ଧିଥିବା ଧଳାରଙ୍ଗର ସୂତାଟୋପିଟି ତାଙ୍କ ମୁଖମଣ୍ଡଳର ଅଧିକାଂଶ ଭାଗକୁ ଘୋଡ଼ାଇ ରଖିଥିଲା । କେବଳ ଅଳ୍ପ ଭାଗ ଚନ୍ଦ୍ରାଲୋକରେ ମଳିନ ଦେଖା ଯାଉଥିଲା । ତାଙ୍କୁ ଦେଖି ଦୁଇବନ୍ଧୁ ସାମାନ୍ୟ ଆଶ୍ୱସ୍ତ ଅନୁଭବ କଲେ । ଅପରିଚିତ ବ୍ୟକ୍ତି ଜଣକ ସେମାନଙ୍କୁ ହୁଏତ ଯଥାର୍ଥ ରାସ୍ତା ଦେଖାଇ ଦେଇ ପାରିବେ ବା ଅନ୍ୟ କୌଣସି ବାଟରେ ସାହାଯ୍ୟ କରି ପାରିବେ ।

ଅପରିଚିତ ଜଣକ ସେମାନଙ୍କ ନିକଟକୁ ଆସିଲେ ଏବଂ ବାଇକ୍‌ର ହେଡ଼୍‌ଲାଇଟ୍ ଉପରେ ହାତ ରଖିଲେ । ଅସ୍ୱାଭାବିକ କର୍କଶ ସ୍ୱରରେ ସେ ପ୍ରଶ୍ନ କଲେ, ''ଆପଣ ଦୁଇଜଣ କିଏ ? କାହିଁକି ଏତେ ରାତିରେ ଏଠାକୁ ଆସିଛନ୍ତି ? ଆପଣମାନେ କ'ଣ ପ୍ରଥମଥର ଏ ଅଞ୍ଚଳକୁ ଆସିଛନ୍ତି ?'' ଦୁଇ ବନ୍ଧୁ ଧୀରସ୍ଥିର ଭାବରେ ପ୍ରଶ୍ନଗୁଡ଼ିକର ଉତ୍ତର ଦେଲେ । ଇତ୍ୟବସରରେ ସେମାନେ ଟୋପିତଳେ ଲୁକ୍କାୟିତ ମୁଖମଣ୍ଡଳଟିକୁ ଭଲ ଭାବରେ ଦେଖିବା ପାଇଁ ଚେଷ୍ଟା କରୁଥିଲେ । ପୋଲିସ ପୋଷାକ ପିନ୍ଧିଥିବା ଅପରିଚିତ ଜଣକ ସେମାନଙ୍କର କ୍ଷତି ଘଟାଇବାକୁ ଯୋଜନା କରୁ ନାହାନ୍ତି ତ ? ଜଣେ ଆରୋହୀ ତାଙ୍କୁ କହିଲେ, ''ଦୟାକରି ଆପଣ ନିଜର ପରିଚୟ ଦେବେ କି ? ଆପଣ କାହିଁକି ଏତେ ବିଳମ୍ବିତ ରାତ୍ରିରେ ଏପରି ଏକ ଜନଶୂନ୍ୟ ଇଲାକାରେ ଏକୁଟିଆ ବୁଲୁଛନ୍ତି ?''

''ମୁଁ ଏହି ଅଞ୍ଚଳର ଜଣେ କାର୍ଯ୍ୟରତ ପୋଲିସ କର୍ମଚାରୀ । ଜଣେ ବନ୍ଧୁଙ୍କୁ ମୁଁ ଏଠାରେ ଅପେକ୍ଷା କରିଛି । ସେ ମୋତେ ମୋ ଘର ପର୍ଯ୍ୟନ୍ତ ତାଙ୍କ ବାଇକ୍‌ରେ ନେଇ ଯାଇ ପାରିବେ । ଏହା ଏକ ଦୁର୍ଘଟଣା ପ୍ରବଣ ରାଜରାସ୍ତା ହୋଇଥିବାରୁ କାର୍ଯ୍ୟ ପାଇଁ ମୋତେ ଏ ସ୍ଥାନକୁ ପଠା ଯାଇଛି । ଆପଣ ଦୁଇଜଣ ଯେଉଁଠାରେ ପାଦ ରଖିଛନ୍ତି, ଏକ ଦୁର୍ଘଟଣାପ୍ରବଣ ସ୍ଥଳ ଭାବରେ ଏହାର କୁଖ୍ୟାତି ରହିଛି ।'' ବାଇକ୍ ଚାଳକ ସନ୍ଦେହ ଦୃଷ୍ଟିରେ ଚାହିଁ ପ୍ରଶ୍ନ କଲେ, ''ଏହା କିପରି ସମ୍ଭବ, ଏପରି ଏକ ବିପଦସଙ୍କୁଳ ଅଞ୍ଚଳରେ ଆପଣ ଏକୁଟିଆ କାର୍ଯ୍ୟରତ ଅଛନ୍ତି ?''

ଅବିଳମ୍ବେ ପୋଲିସ କର୍ମଚାରୀ ଉତ୍ତର ଦେଲେ, ''ମୁଁ କେବେହେଲେ ଏକୁଟିଆ ନୁହେଁ । ସେହି କ୍ୟାବିନ୍‌ରେ ମୋର ସାଙ୍ଗ ରହନ୍ତି । ସେ ଫଳ ଓ ଶୁଖିଲା ଖାଇବା ଜିନିଷ ବିକ୍ରୟ କରନ୍ତି । ମୁଁ ତାଙ୍କ ସହିତ ସମୟ ବିତାଏ । କ୍ୟାବିନ୍‌ର ତଳ

ଆଡ଼କୁ ଥିବା ସେ ପ୍ରଶସ୍ତ ଖୋଲା ସ୍ଥାନଟିକୁ ତୁମେ ଦେଖି ପାରିବ । ଚାରି ପାଖରେ ସାନ ବଡ଼ ଶିଳାଖଣ୍ଡମାନ ପଡ଼ି ରହିଛି । ସେଠାରେ କିରୋସିନ୍ ଚୁଲା ବ୍ୟବହାର କରି ଆମ ଦୁଇଜଣଙ୍କ ସହିତ ବରାଦ ଦେଉଥିବା ଗରାଖମାନଙ୍କ ପାଇଁ ସେ ଖାଦ୍ୟ ରନ୍ଧନ କରନ୍ତି । କେଡେ ମଜାଦାର ସତେ ! ଚାକିରି ସାଙ୍ଗକୁ ପ୍ରତି ଦିନର ବଣଭୋଜି । ଅବଶ୍ୟ ଗରାଖମାନଙ୍କ ସଂଖ୍ୟା କମ୍ । ତେଣୁ କଥାବାର୍ତ୍ତା ଜମାଇବାକୁ, ଗୀତ ଗାଇବାକୁ, ଭବିଷ୍ୟତର ଯୋଜନା ତିଆରି କରିବା ସକାଶେ ହାତରେ ଯଥେଷ୍ଟ ସମୟ ମିଳେ । ଶିଳାକୁ ଲାଗି କୂଅଟିଏ ଅଛି । ବର୍ଷ ତମାମ ସେଥିରେ ଜଳ ଥାଏ । ତା'ର ଜଳ ବାସ୍ତବିକ ମଧୁର, ଆଉ ସ୍ଫଟିକ ଭଳି ସ୍ୱଚ୍ଛ ଓ ନିର୍ମଳ । ଯଦି ଦିନ ହୋଇଥା'ନ୍ତା, ଆପଣ ଦୁଇଜଣ ମୁଁ ଯାହା କହୁଛି ଦେଖି ପାରିଥା'ନ୍ତେ । ଏହାଛଡ଼ା ଜଣେ କର୍ମଚାରୀ ଭାବରେ ମୁଁ ମୋର ଏକୁଟିଆପଣକୁ ନେଇ ସ୍ୱର ଉଠାଇ ପାରିବି ନାହିଁ । ଦାୟିତ୍ୱର ବୋଝ ମୋତେ ଖୁସି ଦେଇଛି । କାହାକୁ ଭୟ କରିବି ବା କେଉଁ ବିଷୟରେ ବ୍ୟଥିତ ହେବି ? ପ୍ରାୟ ପ୍ରତ୍ୟେକ ରାତ୍ରିରେ ଆପଣଙ୍କ ପରି ପଥିକମାନଙ୍କ ସହ ମୋର ଭେଟ ହୁଏ ।''

ଅନ୍ୟ ଜଣକ ପ୍ରଶ୍ନ କଲେ, ''ହିଂସ୍ରଜନ୍ତୁମାନଙ୍କୁ ଆପଣ ଭୟ କରନ୍ତି ନାହିଁ ?'' ଭଗ୍ନ ସ୍ୱରରେ ସେ କହି ଚାଲିଲେ, ''ମୁଁ ଦଳବଦ୍ଧ ହେଟାପଲଙ୍କୁ ଆଦୌ ସହ୍ୟ କରି ପାରେ ନାହିଁ । ଘୃଣାରେ ସେମାନଙ୍କଠାରୁ ନିଜକୁ ଦୂରେଇ ରଖେ । କିଛି ବର୍ଷ ତଳର କଥା । ଦଳେ ରକ୍ତମୁଖା ହେଟାବାଘ ଏହି ଅରଣ୍ୟ ଭିତରେ ମୋ ପିତାଙ୍କ ଉପରକୁ କୁଦି ପଡ଼ିଲେ । ସେତେବେଳେ ଗୋଟିଏ ବୃକ୍ଷ କାଟିବା ଉପରେ ସେ ଏକାଗ୍ର ଥିଲେ । ଧୂର୍ତ୍ତ ପଶୁଗୁଡ଼ାକ ତାଙ୍କୁ ଖଣ୍ଡେ ଦୂରକୁ ଘୋଷାରି ନେଲେ, ତାଙ୍କର ତଣ୍ଟିକୁ ଚାପି ଧରିଲେ ଓ ତାଙ୍କର ସବଳ ଦେହଟାକୁ ଖଣ୍ଡବିଖଣ୍ଡ କରି ଖାଇଗଲେ । ଏ ସବୁ ମୋ ଆଖି ଆଗରେ ଘଟିଗଲା । ମୋର ମନେ ପଡୁଛି, ପଶୁଗୁଡ଼ାକ ପଳାୟନ କରିବା ପୂର୍ବରୁ ମୁଁ ବେହୋସ ହୋଇ ଯାଇଥିଲି । ସତ କହିବାକୁ ଗଲେ, ହିଂସ୍ରଜନ୍ତୁଙ୍କ ପ୍ରତି ମୋର ଭୟ ନାହିଁ । ଏହି ହାତରେ ମୁଁ ହାତୀମାନଙ୍କୁ ଖୁଆଇଛି । ଥରେ ବାଟବଣା ଏକ ବାଘଛୁଆକୁ ତା'ର ମା' ପାଖରେ ଛାଡ଼ିଛି । ମାତ୍ର ମୁଁ ହେଟାପଲଙ୍କୁ ଘୃଣା କରେ । ମୋ ପିତାଙ୍କର ଲହୁଲୁହାଣ ଦେହକୁ ଏବେ ବି ମୁଁ ଭୁଲି ନାହିଁ । କେଡ଼େ ଅବିଶ୍ୱସନୀୟ ଯନ୍ତ୍ରଣାଦାୟକ ମୃତ୍ୟୁ !''

ଜଣେ ଆରୋହୀ ଧୀର ସ୍ୱରରେ କହିଲେ, ''ଆପଣଙ୍କ ସହ ସାକ୍ଷାତ୍ ହୋଇଥିବାରୁ ଆମେ ବହୁତ ଖୁସି । ଆମକୁ କଳିଙ୍ଗ ନଗର ପର୍ଯ୍ୟନ୍ତ ଯିବାକୁ ହେବ । ଦୟାକରି ଆମକୁ ରାସ୍ତାଟି ବତାଇ ଦିଅନ୍ତୁ । ଏମିତିରେ ଆମର ବହୁତ ବିଳମ୍ବ ହୋଇ ଗଲାଣି ।''

ଗୋଟିଏ ରାସ୍ତାଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଅପରିଚିତ ଜଣକ କହିଲେ, ''ସେହି ରାସ୍ତାରେ ଯାଆନ୍ତୁ ନାହିଁ । ତାହା ଅସମ୍ଭବ ପ୍ରକାରେ ବକ୍ର ଓ ବିପଦପୂର୍ଣ୍ଣ । ରାସ୍ତାରେ ସାନ ବଡ଼ ଖାତମାନ ରହିଛି । ଆଗରେ ମରାମତି ଓ ନବନିର୍ମାଣ କାମ ଚାଲିଛି । ଅନ୍ୟ ରାସ୍ତା ଦେଇ ଯାଆନ୍ତୁ । ଅବଶ୍ୟ ତାହା ଦୀର୍ଘତର ମାତ୍ର ପ୍ରଶସ୍ତ । ଯଦି ମୋର ସାହାଯ୍ୟ ଚାହାନ୍ତି, ମୁଁ ଆପଣଙ୍କ ସହ ଯାଇ ବାଟ ବତାଇ ଦେବି । ମୋର ଘରକୁ ଫେରିବା ବିଷୟରେ ଆପଣ ଚିନ୍ତା କରନ୍ତୁ ନାହିଁ । ସେହି ବାଟରେ ମୋର ଘର ପଡ଼ିବ । ତିନିଜଣ ଗୋଟିଏ ବାଇକ୍‌ରେ ଯିବା ନିୟମ ସଙ୍ଗତ ନୁହେଁ । ମାତ୍ର ପରିସ୍ଥିତିର ଚାପରେ ଅନିଚ୍ଛାକୃତ ଭାବରେ ଆମକୁ ଯିବାକୁ ହେବ । ମୁଁ ଆଉ ମୋର ବନ୍ଧୁଙ୍କର ଫେରିବାକୁ ଅପେକ୍ଷା କରୁ ନାହିଁ ।''

ତିନି ଆରୋହୀଙ୍କୁ ନେଇ ରାଜପଥ ଉପରେ ବାଇକ୍ ଆଗକୁ ଗଡ଼ିଲା । ଅପରିଚିତ ବ୍ୟକ୍ତିଙ୍କ ସବାରରେ ବାଇକ୍ ଚାଳକ କୌଣସି ଭିନ୍ନତା ଅନୁଭବ କରିପାରୁ ନଥିଲେ । ଯାତ୍ରା କାଳରେ ତାଙ୍କର ନୀରବତା ଓ ଶାରୀରିକ ଜଡ଼ତା ଦୁଇ ବନ୍ଧୁଙ୍କୁ ଅଡୁଆ ଲାଗୁଥିଲା । ଦଶ କିଲୋମିଟର ଯିବା ପରେ ସେମାନେ ଜନଜାତିଙ୍କର ଏକ ବସ୍ତି ନିକଟରେ ପହଞ୍ଚିଲେ । ରାତିର ନିସ୍ତବ୍ଧତାକୁ ଭେଦ କରି ଶ୍ୱାନଙ୍କର ଚିତ୍କାର ଶୁଭୁଥିଲା । ରାସ୍ତାକୁ ଲାଗି ଠିଆ ହୋଇଥିଲା ଏକ ବିରାଟ ଆମ୍ବଗଛ । ନିକଟରେ ଥିବା ଚଟାଣଟି ମଳିନ ଚନ୍ଦ୍ର ଆଲୋକରେ ବାରି ହୋଇ ପଡୁଥିଲା । ଦୁଇବନ୍ଧୁ ତାହାରି ଉପରେ ବାଇକ୍ ଠିଆ କରାଇଲେ । ପୋଲିସ ସାଥୀ ଜଣକ ତାଙ୍କ ସହ ନଥିଲେ । ସେମାନେ ବିସ୍ମିତ ଓ ଚିନ୍ତିତ ହୋଇ ପଡ଼ିଲେ । ସେ ବାଟରେ କେଉଁଠି ବାଇକ୍‌ରୁ ଖସି ପଡ଼ିଲେ ନାହିଁ ତ ? ସେମାନେ ବିଚଳିତ ଅନୁଭବ କଲେ ଏବଂ ବାଇକ୍ ଉପରେ ଆଉଜି ତଳେ ବସିଗଲେ । ସେହି ଅବସ୍ଥାରେ ସେମାନଙ୍କର ଆଖିପତା ବନ୍ଦ ହୋଇ ଆସିଲା ସତେ ଯେପରି କୌଣସି ସମ୍ମୋହନ ଶକ୍ତି ସେମାନଙ୍କୁ କବଳିତ କରିଥିଲା । ସକାଳର ସୂର୍ଯ୍ୟ କିରଣରେ ସେମାନଙ୍କ ନିଦ ଭାଙ୍ଗିଗଲା । ଆମ୍ବଗଛଠାରୁ ଅଳ୍ପ ଦୂରରେ ଶ୍ମଶାନ ଦେଖି ସେମାନଙ୍କର ବିସ୍ମୟର ସୀମା ରହିଲା ନାହିଁ । ସେଠାରୁ

ମୃତକମାନଙ୍କର ସମାଧି ଓ ଫଳକ ଦେଖା ଯାଉଥିଲା । ବିଗତ ରଜନୀର ବିସ୍ମୟକର ଘଟଣାବଳୀ ସେମାନଙ୍କ ପାଇଁ ଦୁର୍ବୋଧ ଥିଲା । କେତେକ ଗ୍ରାମବାସୀ ସେମାନଙ୍କୁ ଘେରି ଠିଆ ହୋଇଥିଲେ ।

ଜଣେ ଯୁବକ ସ୍ମିତହସି ପ୍ରଶ୍ନ କଲେ, ''ଗତ ରାତିରେ କେହି ଜଣେ ଆପଣମାନଙ୍କୁ ଏ ସ୍ଥାନକୁ ନେଇ ଆସିଥିଲେ ?'' ''ହଁ, ଆପଣଙ୍କ ଅନୁମାନ ଠିକ୍, କିନ୍ତୁ ଆପଣ କିପରି ଜାଣିଲେ ?'' ଜଣେ ବୃଦ୍ଧା କହିଲେ, ''ତା'ହେଲେ ସେ ତୁମ ଦୁଇଜଣଙ୍କ ଜୀବନ ରକ୍ଷା କରିଛନ୍ତି ।'' ''ସେ କେଉଁଠାରେ ଅଛନ୍ତି ? ଦୟାକରି ଆମକୁ ବୁଝାଇ କହନ୍ତୁ ।''

ଜଣେ ସ୍ତ୍ରୀଲୋକ ଧୀର ସ୍ୱରରେ କହିଲେ, ''ତୁମେ ଦୁଇଜଣ ଯେଉଁ ରାସ୍ତାରେ ବାଇକ୍ ଚଳାଉଥିଲ, ତାହା ଏକ ତୀକ୍ଷ୍ଣ ପାହାଡ଼ ପାର୍ଶ୍ୱଦେଇ ପଶ୍ଚିମକୁ ବକ୍ର ହୋଇଛି । ଗାଡ଼ିଚାଳକମାନେ ଯଥେଷ୍ଟ ସତର୍କତା ଅବଲମ୍ବନ ନକଲେ ଦୁର୍ଘଟଣାର ଶିକାର ହୁଅନ୍ତି । ଅନେକ ବାର ସେ ଗାଡ଼ି-ଚାଳକମାନଙ୍କୁ ଅନ୍ୟ ରାସ୍ତାରେ ପଠାଇ ସେମାନଙ୍କ ଜୀବନ ରକ୍ଷା କରିଛନ୍ତି । ଆଜି ତାଙ୍କର ହସ୍ତକ୍ଷେପ ଫଳରେ ତୁମେ ଦୁଇଜଣ ସୁରକ୍ଷିତ ଅଛ । ରାତିବେଳା ସେହି ରାସ୍ତାରେ ଗାଡ଼ି ଚଳାଇବାକୁ ସରକାରଙ୍କ ଦ୍ୱାରା ବାରଣ କରାଯାଇଛି, ଯାହା ତୁମ୍ଭେ ଦୁହେଁ ଜାଣି ନାହଁ । ସେହି ଲୋକ ବହୁବର୍ଷ ତଳେ ମୃତ୍ୟୁବରଣ କରିଥିଲେ । ପ୍ରାୟ କୋଡ଼ିଏ ବର୍ଷ ଧରି ତାଙ୍କର ଓ ତାଙ୍କ ପିତାଙ୍କର ସମାଧି ଏହି ଶ୍ମଶାନରେ ଠିଆ ହୋଇ ରହିଛି । ପିତା ଓ ପୁତ୍ର ସାଥୀ ହୋଇ ଜଙ୍ଗଲରେ ଗଛ କାଟିବା ସମୟରେ ଏକ ହେଟାପଲର ଆକ୍ରମଣରେ ମୃତ୍ୟୁ ମୁଖରେ ପଡ଼ିଥିଲେ । ତୁମେ କେବଳ ତାଙ୍କର ମୁକ୍ତି ପାଇଁ ପ୍ରାର୍ଥନା କରିପାର । ପୂଜା ଦିନରେ ଆମେ ମୃତକଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥାଉ ।''

ବାଇକ୍‌ରେ ଷ୍ଟାର୍ଟମାରିବା ପୂର୍ବରୁ ଚାଳକ ଭାବୁଥିଲେ, ''ଏହା ଯଥାର୍ଥରେ ଏକ ପବିତ୍ର ସ୍ଥାନ । ଏଠାରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ଓ ସମ୍ମାନର ସହ ପ୍ରାର୍ଥନା କରାଯାଇଥାଏ । ମୃତ୍ୟୁର ସୀମାବଦ୍ଧତା ଓ ବିଚ୍ଛିନ୍ନତାକୁ ଏମାନଙ୍କର ସରଳ ବିଶ୍ୱାସ ଅତିକ୍ରମ କରିଯାଇଛି ।''

କାହାଣୀରେ କୌଣସି ଅଶରୀରୀ ସତ୍ତା ମନୁଷ୍ୟ ଜୀବନ ବଞ୍ଚାଇବା ଭଳି ଉତ୍ତମ କାର୍ଯ୍ୟ କରୁଥିବାର କୁହାଯାଇଛି । ହୋଇପାରେ ଏହା ପଶ୍ଚାତରେ କୌଣସି ରହସ୍ୟମୟ ସଚେତନ ସାମର୍ଥ୍ୟର ଭୂମିକା ରହିଛି । ଶରୀରର ମୃତ୍ୟୁ ପରେ ସତ୍ତା ପ୍ରାଣ ଜଗତକୁ ପ୍ରବେଶ କରେ । ସେଠାରେ କାମନାବାସନାର ପୂର୍ତ୍ତି ଦିଗରେ ଲାଗି ରହେ । ଏଥିରେ କ୍ଳାନ୍ତ ହୋଇ ପଡ଼ିଲେ ଊର୍ଦ୍ଧ୍ୱକୁ ଉଠିଚାଲେ । ତା'ର ପ୍ରାଣିକ ଖୋଳପାଟି ଖସିପଡ଼େ । ମନ ଭୂମିରେ ମନସତ୍ତା ଭାବରେ ରହି ଦୁର୍ବଳ ହେବାକୁ ଲାଗେ । ଶେଷରେ କେବଳ ଚୈତ୍ୟସତ୍ତା ଚୈତ୍ୟଜଗତ୍ ମଧ୍ୟକୁ ପ୍ରବେଶ କରେ ଏବଂ ପୃଥିବୀପୃଷ୍ଠରେ ଜନ୍ମ ସକାଶେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ସେଠାରେ ବିଶ୍ରାମ ନିଏ । ଯୋଗପତ୍ରାବଳି (୧)ରେ ଉଲ୍ଲେଖ ଅଛି – ଉତ୍ତମ ଇଚ୍ଛା ବା ଭାବ ପ୍ରେରଣ କରିବା ମଧ୍ୟ ଦେଇ ଜଣେ ମୃତକକୁ ସାହାଯ୍ୟ କରିପାରେ । ବିଷାଦ ବା ଶୋକ ପ୍ରକାଶ କରିବା ଦ୍ୱାରା ଏହା ମୃତକର ଅଗ୍ରଗତିର ପଥରେ ବାଧା ଉପୁଜାଏ । ଏହା ସତ୍ତାକୁ ପାର୍ଥିବ ବାତାବରଣରେ ବାନ୍ଧି ରଖେ ବା ଟାଣି ଧରେ । ବିଶ୍ରାମ ଦିଗରେ ତା'ର ଯାତ୍ରାରେ ବିଳମ୍ବ ଘଟାଏ । ❑

ଶ୍ରୀକୃଷ୍ଣ ଅତିମାନସ ଦିବ୍ୟ ଆଲୋକ ନୁହନ୍ତି । ଶ୍ରୀକୃଷ୍ଣଙ୍କର ଅବତରଣର ଅର୍ଥ ଅଧିମାନସ ଭଗବତଶକ୍ତିର ଅବତରଣ । ଏହା ସ୍ୱୟଂ ବାସ୍ତବ ପକ୍ଷରେ ଅତିମାନସ ତଥା ଆନନ୍ଦର ଅବତରଣ ନ ହେଲେ ବି ସେଥିଲାଗି ପ୍ରସ୍ତୁତି ଘଟାଇ ଥାଏ । କୃଷ୍ଣ ହେଉଛନ୍ତି ଆନନ୍ଦମୟ; ସେ ଅଧିମାନସ ମଧ୍ୟ ଦେଇ ବିବର୍ତ୍ତନକୁ ଧାରଣ କରନ୍ତି ଓ ଆନନ୍ଦ ଦିଗରେ ଏହାକୁ ନେଇ ଚାଲନ୍ତି ।

— ଶ୍ରୀଅରବିନ୍ଦ

# ଆପଣ ଡଲ୍‌ଫିନ୍ ସାହେବଙ୍କୁ ଜାଣନ୍ତି କି ?

## ଜୋଆନା ସ୍ଲେଟର୍

ପ୍ରାୟ ଦୁଇବର୍ଷ ପୂର୍ବେ ଯେତେବେଳେ ରେମଣ୍ଡ ଡଲ୍‌ଫିନ୍ ଆମେରିକାର କନେକ୍‌ଟିକଟ୍‌ର ଆଇଲିଙ୍ଗ୍ ମିଡ଼ିଲ୍ ସ୍କୁଲରେ ଜଣେ ସହାୟକ ଶିକ୍ଷକ ଭାବରେ ଯୋଗ ଦେଲେ ପ୍ରଥମ ଦିନରୁହିଁ ତାଙ୍କ ସମ୍ମୁଖରେ ଗୋଟିଏ କଥା କାଚ ଭଳି ସ୍ୱଷ୍ଟ ହୋଇଗଲା ଯେ ଏଠାରେ ପିଲାମାନଙ୍କର ଅବସ୍ଥା ଭଲ ନୁହେଁ ।

ସେମାନଙ୍କର ସବୁଠୁ ବଡ଼ ସମସ୍ୟା ଥିଲା ମୋବାଇଲ ଫୋନ୍ ।

ସ୍କୁଲର ତମାମ କଠୋର ନିୟମ କାନୁନ ଏବଂ ବ୍ୟବସ୍ଥା ସତ୍ତ୍ୱେ ପିଲାମାନେ ସାଙ୍ଗରେ ମୋବାଇଲ ଫୋନ୍ ନେଇ ସ୍କୁଲକୁ ଆସୁଥିଲେ ଏବଂ ଯେତେବେଳେ ଇଚ୍ଛା ସେତେବେଳେ ତା'ର ବ୍ୟବହାର ବି କରୁଥିଲେ । ସୋସିଆଲ୍ ମିଡ଼ିଆ ସେମାନଙ୍କୁ ସେଇସବୁ ସାମଗ୍ରୀ ପରଷୁ ଥିଲା ଯେଉଁଥିରୁ ସେମାନେ ବଞ୍ଚିବା ଏବଂ ସେମାନଙ୍କୁ ବଞ୍ଚାଇବା ନିହାତି ଆବଶ୍ୟକ ଥିଲା । ଡଲ୍‌ଫିନ୍ ଯେତେବେଳେ ଛାତ୍ରଛାତ୍ରୀଙ୍କର ହଲ୍‌କୁ ଅଥବା କ୍ୟାଫ୍‌ଟେରିଆ ଆଦିକୁ ଯାଉଥିଲେ ସେଠାରେ ପ୍ରାୟ ସବୁପିଲା ମୋବାଇଲ ଫୋନ୍‌ରେ ବ୍ୟସ୍ତ ରହୁଥିବାର ସେ ଲକ୍ଷ୍ୟ କରୁଥିଲେ ।

ସେଇଟି ଡିସେମ୍ବର ମାସ ଥିଲା । ଦିନେ ରେମଣ୍ଡ ଡଲ୍‌ଫିନ୍ ଏକ ଅପ୍ରତ୍ୟାଶିତ ନିଷ୍ପତ୍ତି ନେଲେ । ପିଲାମାନଙ୍କୁ ମୋବାଇଲ ଫୋନ୍‌ଠାରୁ ଦୂରେଇ ରଖିବାକୁ ହେବ, ଅନ୍ତତଃ ସ୍କୁଲ ସମୟରେ । ସେ ଏକ ସୂଚନା ପ୍ରସାରଣ କରାଇ ଦେଲେ ଯେ, ''ପିଲାମାନେ ମୋବାଇଲ ଫୋନ୍ ସହିତ ସ୍କୁଲ ଭିତରକୁ ପ୍ରବେଶ କରି ପାରିବେ ନାହିଁ ।''

ସ୍କୁଲରେ ମୋବାଇଲ ଫୋନ୍‌ର ବ୍ୟବହାରକୁ ନେଇ ରେମଣ୍ଡ ଡ଼ଲ୍‌ଫିନ୍‌ଙ୍କ ଦ୍ୱାରା ନିଷେଧାଦେଶ ଜାରି ହେବା ପରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା । କେବଳ ଛାତ୍ରଛାତ୍ରୀମାନେ ନୁହେଁ, ଅଭିଭାବକମାନେ ମଧ୍ୟ ଏଇ ଆଦେଶର ବିରୋଧ କଲେ ।

କିନ୍ତୁ ଡଲ୍‌ଫିନ୍ ସାହେବ ତାଙ୍କ ସିଦ୍ଧାନ୍ତରେ ଅଟଳ ରହିଲେ । ଖାଲି ସେତିକି ନୁହେଁ, ସ୍କୁଲରେ ମୋବାଇଲ ଫୋନ୍‌ର ବ୍ୟବହାର ନିଷେଧାଦେଶ ସହିତ ସେ ଅତ୍ୟଧିକ ମିଷ୍ଟାନ୍ନର ବ୍ୟବହାର ଉପରେ ମଧ୍ୟ ଏକ ପ୍ରକାର କଟକଣା ଲଗାଇ ଦେଲେ । ସେ ପିଲାମାନଙ୍କୁ ବୁଝାଇଲେ ଯେ, ''ବେଶୀ ନୁହେଁ, କେବଳ ଗୋଟିଏ ମାସ ଅପେକ୍ଷା କର । ତୁମ୍ଭେମାନେ ଏହାର ସୁଫଳ ଦେଖି ପାରିବ ଏବଂ ଉଭୟ ମନ ଓ ଶରୀରରେ ସ୍ଫୂର୍ତ୍ତି ଅନୁଭବ କରିବ ।''

ସତକୁ ସତ ଅଳ୍ପ କେତେଦିନ ଭିତରେ ଏହାର ସୁଫଳ ଦେଖିବାକୁ ମିଳିଲା । କେବଳ ରେମଣ୍ଡ ଡଲ୍‌ଫିନ୍‌ଙ୍କ ସ୍କୁଲରେ ନୁହେଁ, ଆମେରିକାର ଅନେକ ସ୍କୁଲରେ ଏହାର ସୁପ୍ରଭାବ ପରିଲକ୍ଷିତ ହେଲା । କିନ୍ତୁ କାଲିଫର୍ଣ୍ଣିଆରୁ ଇଣ୍ଡିଆନା, ଇଣ୍ଡିଆନାରୁ ପେନ୍‌ସିଲଭାନିଆର ସ୍କୁଲ ପର୍ଯ୍ୟନ୍ତ ସବୁଠି ସେଠାକାର ପ୍ରଶାସକମାନେ ଆଧୁନିକ ଟେକ୍ନୋଲଜିର ବ୍ୟବହାରକୁ ସୀମିତ କରିବାର ନିୟମକୁ ବନାଇବା ପରିବର୍ତ୍ତେ ତାକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରି ଦେଲେ ।

ଏଭଳି ନିଷ୍ପତ୍ତି ପଛରେ ଆମେରିକାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ସେଇ ଖବର ଥିଲା, ଯେଉଁଥିରୁ ପ୍ରମାଣିତ ହେଉଥିଲା ଯେ ସେଠାକାର କିଶୋର ବୟସର ଛାତ୍ରଛାତ୍ରୀମାନେ ତଥାକଥିତ ସୋସିଆଲ ମିଡ଼ିଆ ଦ୍ୱାରା ଆକ୍ରାନ୍ତ ହୋଇ ପଡ଼ିଛନ୍ତି ଏବଂ ସେମାନେ ସବୁ ସମୟ ନିଶାଗ୍ରସ୍ତ ହେଲା ଭଳି ସେଇଥିରେହିଁ ଲାଗି ରହୁଛନ୍ତି । ଆମେରିକୀୟ ସର୍ଜନ ଜେନେରାଲ ତଥା ନ୍ୟୁୟର୍କ ସହରର ସ୍ୱାସ୍ଥ୍ୟ କମିଶନର ଏ ସମ୍ପର୍କରେ ବାରଂବାର ଚେତାବନୀ ଜାରି କରି ଆସୁଥିଲେ । କିନ୍ତୁ ଏଥିପ୍ରତି କେହି କର୍ଣ୍ଣପାତ କରୁ ନଥିଲେ ।

ପଇଁଚାଳିଶ ବର୍ଷ ବୟସ୍କ ଡଲ୍‌ଫିନ୍ ସାହେବ ତିନି କୋଣିଆ କାଚଯୁକ୍ତ ଚଷମା ପିନ୍ଧୁ ଥିଲେ ତଥା ତାଙ୍କ ବେଲ୍‌ଟରେ ୱାକିଟକୀ ବାନ୍ଧୁ ଥିଲେ । କଲେଜରେ ତାଙ୍କର ଅଧ୍ୟୟନ ସମାପ୍ତ କଲା ପରେ କିଛିଦିନ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସେ ଯୋଗ ଦେଲେ । କିନ୍ତୁ ସେଠାରେ ତାଙ୍କର ମନ ଲାଗିଲା ନାହିଁ ଏବଂ ସେ ଗୋଟିଏ ଦଶକ ପୂର୍ବେ ଶିକ୍ଷା ଜଗତକୁ ଫେରି ଆସିଲେ । ସେ ଅତୀତକୁ ମନେ ପକାଇ କୁହନ୍ତି ସ୍କୁଲରେ ମୋବାଇଲ ଫୋନ୍‌ର ମାରାତ୍ମକ ଉପସ୍ଥିତି ବେଶୀ ପୁରୁଣା ନୁହେଁ । ପ୍ରସଙ୍ଗଟି ଏବେକାର ଏକ ନୂଆ ସମସ୍ୟା । ଯେତେବେଳେ ପାଖରେ ଥିବା ହାର୍ଟଫୋର୍ଡ଼ ସ୍କୁଲର ଜନୈକ ସାଥୀ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ମୋବାଇଲ

ଫୋନ୍ ମଧ୍ୟରେ ଥିବା ସମ୍ପର୍କକୁ ଛିନ୍ନ କରିବାକୁ ଚେଷ୍ଟା କଲେ ତଥା ନାନା ପ୍ରକାର ପଦକ୍ଷେପ ଗ୍ରହଣ କଲେ ରେମଣ୍ଡ ଡଲ୍‌ଫିନ୍ ଆଶ୍ଚର୍ଯ୍ୟଚକିତ ହୋଇ ଯାଇଥିଲେ । ସେଇଥିରୁ ସେ କିଛି ପ୍ରେରଣା ବି ପାଇଥିଲେ ନିଜ ସ୍କୁଲରେ ମୋବାଇଲ ଫୋନ୍‌ର ପ୍ରବେଶକୁ ରୋକିବାର ଦୁଃସାହସିକ ପଦକ୍ଷେପ ପାଇଁ ।

ସେଦିନ ଥିଲା ଏକ ଶୀତୁଆ ସକାଳ । ସମୟ ସାତଟା ପଚାଶ ମିନିଟ । ସ୍କୁଲର ପ୍ରବେଶ ଦ୍ୱାର ଖୋଲିବାର ପୂର୍ବ ମୁହୂର୍ତ୍ତରେ ଡଲ୍‌ଫିନ୍ ସାହେବ ଯାଇ ସେଠାରେ ଛିଡ଼ା ହୋଇଗଲେ । ପ୍ରକୃତରେ ସେ ଦେଖିବାକୁ ଚାହୁଁଥିଲେ, ସେ ଯେଉଁ ନୂଆ ଆଦେଶନାମାଟି ଜାରି କରିଛନ୍ତି ତାହା କିପରି କାର୍ଯ୍ୟକାରୀ ହେଉଛି । ସ୍କୁଲର ଗେଟ ଖୋଲିବା ମାତ୍ରେ ପ୍ରାୟ ଆଠଶହ ଜଣ ଛାତ୍ରଛାତ୍ରୀ ସ୍କୁଲ ଭିତରକୁ ପ୍ରବେଶ କରିବାକୁ ଲାଗିଲେ । ସେମାନଙ୍କ ମଧ୍ୟରେ କିଏ ସବଳ ଥିଲା ତ କିଏ ଦୁର୍ବଳ, କିଏ ଦୌଡ଼ି ଦୌଡ଼ି ଆସୁଥିଲା ତ ଆଉ କିଏ ଧୀର ପଦପାତରେ, କିଏ ସ୍ଫୂର୍ତ୍ତିଶୀଳ ଲାଗୁଥିଲା ତ କାହା ଆଖିରୁ ନିଦ ଛାଡ଼ି ନଥିଲା । ସମସ୍ତଙ୍କ ପିଠିରେ ଓଜନିଆ ବ୍ୟାଗ ଏବଂ ଦେହରେ ମୋଟା କୋଟ । ଦେଖୁ ଦେଖୁ ସ୍କୁଲ ପରିସର କୋଳାହଳ ମୁଖରିତ ହୋଇ ଉଠୁଥିଲା ।

ଡଲ୍‌ଫିନ୍ ସାହେବ ତୀକ୍ଷ୍ଣ ନଜରରେ ଅନାଇ ରହିଥିଲେ, ଯେଉଁ ପିଲାମାନଙ୍କ ହାତରେ ମୋବାଇଲ ଫୋନ୍ ଥିଲା, ସେମାନେ ସ୍ୱତଃପ୍ରବୃତ୍ତ ଭାବରେ ତାକୁ କୃତ୍ରିମ ରବରରେ ନିର୍ମିତ ଧୂସର ରଙ୍ଗର ଛୋଟିଆ ଥଳିରେ ପୂରାଇଲେ । ସେଥିରେ ସଂଯୁକ୍ତ ହୋଇଥିବା ଚୁମ୍ବକୀୟ ତାଲାକୁ ବନ୍ଦ କରି ଦେଲେ ଏବଂ ତାକୁ ନିଜ ନିଜ ବ୍ୟାଗରେ ପୂରାଇ ଦେଲେ । ଯେଉଁମାନଙ୍କ ପାଖରେ ଧୂସର ରଙ୍ଗର ଥଳି ନଥିଲା, ସେମାନେ ତାଙ୍କର ମୋବାଇଲ ଫୋନ୍‌କୁ ଶିକ୍ଷକ ଡଲ୍‌ଫିନ୍ ସାହେବଙ୍କ ହାତକୁ ବଢ଼ାଇ ଦେଉଥିଲେ । ସେମାନଙ୍କୁ ସ୍କୁଲ ତରଫରୁ ଚୁମ୍ବକୀୟ ତାଲାଯୁକ୍ତ ଧୂସର ବ୍ୟାଗ ଯୋଗାଇ ଦିଆଗଲା । ସେମାନେ ବି ନିଜର ମୋବାଇଲ ଫୋନ୍‌କୁ ସେଥିରେ ପୂରାଇ ତାଲା ଦେଇ ନିଜ ନିଜ ବ୍ୟାଗରେ ରଖିଲେ । ଥଳି ଭିତରେ ମୋବାଇଲ ଫୋନ୍ ରହିଲା ପିଲାଙ୍କ ହାତରେ । କିନ୍ତୁ ସେଥିରେ ଚୁମ୍ବକୀୟ ତାଲା ଲାଗିଥିଲା, ଯାହାକୁ ଖୋଲିବା ପିଲାଙ୍କ ପକ୍ଷେ ଆଦୌ ସମ୍ଭବ ନଥିଲା । ତାହା କେବଳ ସ୍କୁଲ କର୍ତ୍ତୃପକ୍ଷହିଁ ଖୋଲି ପାରିବେ ଏବଂ ସିଏ ବି ସ୍କୁଲ ଛୁଟି ହେବା ପରେ, ଦିନ ଦୁଇଟା ପଇଁଚାଳିଶରେ ।

ଚୁମ୍ବକୀୟ ତାଲାଯୁକ୍ତ ଏହି ଥଳି କାଲିଫର୍ଣ୍ଣିଆର ୟୋଣ୍ଡ୍ର ନାମକ ଏକ କମ୍ପାନୀ ନିର୍ମାଣ କରିଥିଲେ । ସ୍କୁଲ କର୍ତ୍ତୃପକ୍ଷମାନେ ତ ଥଳି କିଣି ନେଲେ, କିନ୍ତୁ ଛାତ୍ରଛାତ୍ରୀମାନେ ଏହାକୁ ସହଜରେ ଗ୍ରହଣ କରିପାରୁ ନଥିଲେ । ଅନେକ ଛାତ୍ରଛାତ୍ରୀ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ମାଇକେଲ ୱିଲସନ୍ ନାମକ ଜନୈକ ୧୪ ବର୍ଷ ବୟସ୍କ ଛାତ୍ର ତାଙ୍କର ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ, ‘‘ଏବେ ଦିନ ତମାମ ମୋତେ ମୋର ଫୋନ୍‌କୁ ଛୁଇଁବାର ବି ସୁଯୋଗ ମିଳିବ ନାହିଁ, ଏକଥା ଜାଣିବା ପରେ ମୁଁ କାନ୍ଦି ପକାଇଲି ।’’ ସେ କ୍ୟାଫ୍‌ଟେରିଆର କାନ୍ଥରେ ତାଙ୍କର ପ୍ରତିକ୍ରିୟା ଲେଖି ଖଣ୍ଡିଏ କାଗଜ ଲଟକାଇ ଦେଲେ । ଯେଉଁଥିରେ ଲେଖାଥିଲା – ‘‘ହେ ଅଧିକାରୀମାନେ, ଏଇ ନିଷ୍ପତ୍ତି ସମ୍ପର୍କରେ ଆପଣମାନେ ଆଉ ଥରେ ବିଚାର କରନ୍ତୁ ।’’ ଟିଓମା ବ୍ରାଉନ୍ ନାମ୍ନୀ ଜନୈକା ଛାତ୍ରୀ ପାଗଳୀ ପ୍ରାୟ ହୋଇଗଲେ । କିନ୍ତୁ ଅନ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କ ଭଳି ତାଙ୍କୁ ମଧ୍ୟ ନିଜର ମୋବାଇଲ ଫୋନ୍‌ଟିକୁ ପରିଶେଷରେ ଚୁମ୍ବକୀୟ ତାଲାଯୁକ୍ତ ଧୂସର ଥଳିରେ ପୂରାଇବାକୁହିଁ ପଡ଼ିଲା । ଏହିପରି ଭାବରେ ଏକ ଝଡ଼ ଉଠିଲା ଏବଂ ଏହା ଚତୁର୍ଦ୍ଦିଗକୁ ପରିବ୍ୟାପ୍ତ ହୋଇଗଲା । ଡଲ୍‌ଫିନ୍ ସାହେବ ତାଙ୍କର ଏଇ ଅଭିନବ ପ୍ରୟୋଗକୁ ନେଇ ସବୁ ଦିଗରୁ ବିଚାର କରି ଚାଲିଥିଲେ ।

ଡଲ୍‌ଫିନ୍ ସାହେବଙ୍କ କଥାନୁଯାୟୀ ଦେଖୁ ଦେଖୁ ପିଲାଙ୍କର ବ୍ୟବହାରରେ ପରିବର୍ତ୍ତନ ଦେଖିବାକୁ ମିଳିଲା । ଷ୍ଟେଫାନୀ ନାମ୍ନୀ ଜନୈକା ଛାତ୍ରୀଙ୍କ ଭାଷାରେ – ‘‘ଏବେ ଦିନସାରା ମୋର ମନେ ବି ପଡ଼େ ନାହିଁ ଯେ ମୋର ଗୋଟିଏ ମୋବାଇଲ ଫୋନ୍ ମଧ୍ୟ ଅଛି । ଏବେ ମୁଁ କ୍ଲାସ ପ୍ରତି ପୂର୍ବାପେକ୍ଷା ଅଧିକ ଧ୍ୟାନ ବି ଦେଇ ପାରୁଛି ।’’

ରେମଣ୍ଡ ଡଲ୍‌ଫିନ୍‌ଙ୍କର କେତେଜଣ ଶିକ୍ଷକ ସହକର୍ମୀ ମଧ୍ୟ ଥିଲେ, ଯେଉଁମାନେ ବିଶ୍ୱାସ କରୁଥିଲେ ଯେ ଚୁମ୍ବକୀୟ ତାଲାଯୁକ୍ତ ଧୂସର ଥଳିର ଅଭିନବ ପ୍ରୟୋଗରୁ ବେଶୀ କିଛି ସୁଫଳ ମିଳିବ ନାହିଁ । କିନ୍ତୁ ସେମାନେ ମଧ୍ୟ ପରିଶେଷରେ ଏକଥା ସ୍ୱୀକାର କରିବାକୁ ବାଧ୍ୟ ହେଲେ ଯେ, ‘‘ଭାଇ, ଏଇ ପ୍ରୟୋଗ ତ ବାସ୍ତବିକ ପରିବର୍ତ୍ତନ ଆଣୁଛି ।’’ ଅଷ୍ଟମ ଶ୍ରେଣୀର ବିଜ୍ଞାନ ଶିକ୍ଷକ ଡ୍ୟାନ୍ କୋନୋଲି କୁହନ୍ତି, ‘‘ପ୍ରଥମେ ମୁଁ ଯେତେବେଳେ କୌଣସି କ୍ଲାସକୁ ଯାଉଥିଲି, ସର୍ବ ପ୍ରଥମେ ମୋତେ ଏଇକଥା ବାରଂବାର ଦୋହରାଇବାକୁ ପଡୁଥିଲା ଯେ, ନିଜର ମୋବାଇଲ ଫୋନ୍‌କୁ ଅଲଗା ରଖ ଏବଂ ହେଡ୍‌ଫୋନ୍‌କୁ

ଉତାରି ଦିଅ । କିନ୍ତୁ ଏବେ ଆଉ ସେକଥା କହିବାର ଆବଶ୍ୟକତା ପଡୁ ନାହିଁ । ଏବେ କ୍ଲାସକୁ ପ୍ରବେଶ କଲାମାତ୍ରେ ମୋ ମୁହଁରୁ ଦୁଇଟି ଶବ୍ଦ ବାହାରେ – ଗୁଡ୍ ମର୍ଣ୍ଣିଙ୍ଗ ।''

ସେପଟେ ୟୋଣ୍ଡ୍ର କମ୍ପାନୀର ବ୍ୟବସାୟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଥିଲା । ଚୁମ୍ବକୀୟ ତାଲାଯୁକ୍ତ ଧୂସର ଥଳି ଏବେ ସ୍କୁଲମାନଙ୍କ ପାଇଁ ଏକ ଅତ୍ୟାବଶ୍ୟକ ସାମଗ୍ରୀରେ ପରିଣତ ହୋଇ ଯାଇଥିଲା । ଏଇ କ୍ରମରେ କେବଳ ଆଇଲିଙ୍ଗ ସ୍କୁଲ ତରଫରୁ ୩୧ ହଜାର ଡଲାର ମୂଲ୍ୟର ଧୂସର ଥଳି କିଣା ଯାଇଥିଲା ।

ଏମିତି ନୁହେଁ ଯେ କ୍ଲାସ ଭିତରକୁ ମୋବାଇଲ ଫୋନ୍‌ର ପ୍ରବେଶକୁ ନିଷିଦ୍ଧ କରିବା ନେଇ ପୂର୍ବେ କୌଣସି ଉଦ୍ୟମ ହୋଇ ନଥିଲା । କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁଥିଲା ଶିକ୍ଷକଙ୍କର ମର୍ଜି ଉପରେ । ଅଧିକାଂଶ ଶିକ୍ଷକ ବିଶ୍ୱାସ କରୁଥିଲେ, ''ଏହା ଆମର ଏଭଳି ଏକ ଅଭିଳାଷ, ଯାହା କେବେ ବି ପୂରଣ ହୋଇ ପାରିବ ନାହିଁ ।'' ''ଆଇଲିଙ୍ଗ ସ୍କୁଲର ଗଣିତ ଶିକ୍ଷୟିତ୍ରୀ ଜଷ୍ଟିନ ପିଷ୍ଟୋରିୟସ୍ କୁହନ୍ତି, ''ପ୍ରଥମେ କ୍ଲାସରେ 'ନୋ ମୋବାଇଲ ଫୋନ୍' କହିବାର ସିଧା ଅର୍ଥ ଥିଲା ଶିକ୍ଷକ ଏବଂ ପିଲାଙ୍କ ମଧ୍ୟରେ ପାୱାର ଷ୍ଟ୍ରଗଲ୍ । ଏହାର ପ୍ରତ୍ୟୁତ୍ତରରେ ସେମାନେ କହୁଥିଲେ – ''ଆପଣ ସତରେ ଜଣେ ଶୁଷ୍କବୁଦ୍ଧିଯୁକ୍ତ ବ୍ୟକ୍ତି ବୋଲି ଏକଥା କହି ପାରୁଛନ୍ତି । ଗତ ବର୍ଷ ତ ଏଥିପାଇଁ ଆମକୁ କୌଣସି ଶିକ୍ଷକ ବାରଣ କରି ନଥିଲେ । ଆପଣଙ୍କର ମୁଣ୍ଡ ଗୋଳମାଳ ହୋଇ ଗଲାଣି ।''

ମାସାଚ୍ୟୁସେଟ୍‌ସ୍‌ର ଟିକୋପୀ ହାଇସ୍କୁଲର ପ୍ରିନ୍ସିପାଲ କାରୋଲ କ୍ରୁସର । ସେ କୁହନ୍ତି ଯେ, ''କରୋନା ମହାମାରୀ ପରେ ଯେତେବେଳେ ସ୍କୁଲଗୁଡ଼ିକ ଖୋଲିଲା, ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ଭିତରେ ଅନେକ କିଛି ଫରକ ପରିଲକ୍ଷିତ ହେଲା । ପୂର୍ବରୁ ସେମାନେ ଖାଇବା ଛୁଟିରେ ମୋବାଇଲ ଫୋନ୍ ଦେଖୁଥିଲେ । କିନ୍ତୁ କରୋନା ପରେ ସେମାନେ ଯେତେବେଳେ ଇଚ୍ଛା, ଏପରିକି କ୍ଲାସ ଚାଲିଥିବା ସମୟରେ ମଧ୍ୟ ନିଜ ନିଜ ମୋବାଇଲ ଫୋନ୍‌ରେ ୟୁଟ୍ୟୁବ୍ ଦେଖିବାରେ ଲାଗିଥିଲେ ଏବଂ ସେଥିରୁ ବିରତ ହେବାକୁ ସେମାନେ କୌଣସି ପ୍ରକାରେ ରାଜି ନଥିଲେ । ଶିକ୍ଷକମାନେ ଅସହାୟ ହୋଇ ଛାତ୍ରଛାତ୍ରୀଙ୍କୁ ଅନୁନୟ ବିନୟ କରୁଥିଲେ । କିନ୍ତୁ କିଛି ବି ସୁଫଳ ମିଳୁ ନଥିଲା । ୨୦୨୧ ମସିହାର ବସନ୍ତ ଋତୁରେ ୟୋଣ୍ଡ୍ର କମ୍ପାନୀ ଦ୍ୱାରା ନିର୍ମିତ ଚୁମ୍ବକୀୟ ତାଲା ସଂଯୁକ୍ତ ହୋଇଥିବା ଧୂସର ରଙ୍ଗର ଥଳି ଆମ ସ୍କୁଲରେ ମଧ୍ୟ ପହଞ୍ଚିଲା ।'' ସେ ସମୟର ସ୍ଥିତିକୁ ମନେ ପକାଇ ୩୫ ବର୍ଷ ବୟସ୍କା କ୍ରୁସର୍ କୁହନ୍ତି – ''ମୁଁ ଗଭୀର ଧର୍ମସଙ୍କଟରେ ପଡ଼ି ଯାଇଥିଲି । ସ୍କୁଲରେ ମୋବାଇଲ ଫୋନ୍‌ର ପ୍ରବେଶକୁ ରୋକିବା ବେଳେ ମନେ ହେଉଥିଲା ଯେମିତି ମୁଁ ମୋର କ୍ୟାରିୟର୍ ସହିତହିଁ ଖେଳୁଛି । କିନ୍ତୁ ଭିତରେ ଏକଥା ମଧ୍ୟ ସ୍ୱୀକାର କରୁଥିଲି ଯେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ, ଅନ୍ୟଥା ସ୍କୁଲର ଆଉକିଛି ଅର୍ଥହିଁ ରହିବ ନାହିଁ ।''

ମନୋବିଜ୍ଞାନୀ ସୁସାନ ଲିନ୍‌ଙ୍କ ଭାଷାରେ – ''ଫୋନ୍ ତଥା ସେଇ ଧରଣର ଉପକରଣଗୁଡ଼ିକ ପିଲାମାନଙ୍କୁ ଅବସାଦଗ୍ରସ୍ତ ଏବଂ ଏକାକୀପଣର ଶିକାର କରୁଛି । ଏହି ଉପକରଣଗୁଡ଼ିକ ପ୍ରଥମେ ପିଲାଙ୍କୁ ନିଜ ଆଡ଼କୁ ଆକର୍ଷିତ କରେ ଏବଂ ତା'ପରେ ସେମାନଙ୍କୁ ନିଜ ମାୟାଜାଲରେ ଫସାଇ ନିଜର ଦାସତ୍ୱବରଣ କରିବାକୁ ବାଧ୍ୟ କରେ ।'' ସୁସାନ ଏକ ବହୁଚର୍ଚ୍ଚିତ ପୁସ୍ତକ ଲେଖିଛନ୍ତି 'ହୁ ଇଜ୍ ରେଜିଙ୍ଗ୍ ଦ କିଡ୍‌ସ୍ ?' ଅର୍ଥାତ୍, କିଏ ଆମର ପିଲାମାନଙ୍କୁ ପାଳୁଛି ? ସେ ତାଙ୍କର ପୁସ୍ତକରେ ଏଇ ପ୍ରଶ୍ନର ଉତ୍ତର ଖୋଜିବାକୁ ଚେଷ୍ଟା କରି କହୁଛନ୍ତି ଯେ ''ପରିବାର କି ସ୍କୁଲ ନୁହେଁ, ଏଇସବୁ ଉପରକଣହିଁ ଆମର ପିଲାମାନଙ୍କୁ ପାଳୁଛନ୍ତି ।'' ଏଥିସହ ସେ ଏକଥା ମଧ୍ୟ କହୁଛନ୍ତି ଯେ, ''ଆମକୁ ଆମ ପିଲାମାନଙ୍କୁ ଏଇସବୁ ଉପକରଣର ଅକ୍ତିଆରରୁ ମୁକୁଳାଇ ଆଣିବାକୁ ହେବ । ଆମେ ଏଇସବୁ ଉପକରଣକୁ ଆମର ସ୍କୁଲ ଭିତରକୁ ପ୍ରବେଶ କରିବାର ସୁଯୋଗ ବି କାହିଁକି ଦେବା ?''

ସ୍କୁଲମାନଙ୍କ ଦ୍ୱାରା ମୋବାଇଲ ଫୋନ୍‌ର ପ୍ରବେଶକୁ ନିଷିଦ୍ଧ କରାଯିବା ପରେ ପିଲାମାନେ ତ ନିଜ ନିଜର ପ୍ରତିକ୍ରିୟା ପ୍ରକାଶ କଲେ; ମାତାପିତାଙ୍କ ତରଫରୁ ମଧ୍ୟ ତିନି ପ୍ରକାରର ଅଭିଯୋଗ କରାଯାଇଥିଲା ।

ପ୍ରଥମ ଅଭିଯୋଗ : ସ୍କୁଲରେ ମୋବାଇଲ ଫୋନ୍‌ର ବ୍ୟବହାର ନିଷିଦ୍ଧ କରାଯିବା ଫଳରେ ଆମେ ଭଲମନ୍ଦ ଯେକୌଣସି ପରିସ୍ଥିତିରେ ବି ଆମର ପିଲାଙ୍କ ସହ ସମ୍ପର୍କ ସ୍ଥାପନ କରିପାରିବୁ ନାହିଁ । ଦ୍ୱିତୀୟ ଅଭିଯୋଗ : ବେଳେ ବେଳେ ଆମର ପିଲାମାନେ ଅବସାଦଗ୍ରସ୍ତ ହୋଇ ଯାଆନ୍ତି । ସେଥିରୁ ମୁକୁଳିବା ପାଇଁ ସେମାନେ ମୋବାଇଲ ଫୋନ୍‌ରେ ସଙ୍ଗୀତ ଶୁଣିଥା'ନ୍ତି ଅଥବା ଧ୍ୟାନାବସ୍ଥାକୁ ଯିବାରେ ସହାୟତା କରୁଥିବା 'ଆପ୍'ର ସାହାଯ୍ୟରେ ଧ୍ୟାନସ୍ଥ ହୋଇଥା'ନ୍ତି । ପିଲାଙ୍କ ହାତରେ ମୋବାଇଲ ଫୋନ୍‌ଟି ନଥିବା ବେଳେ ଯଦି କେବେ

ଏଭଳି ପରିସ୍ଥିତି ସୃଷ୍ଟି ହୁଏ, ତେବେ ସେମାନେ କ'ଣ କରିବେ ? ତୃତୀୟ ଅଭିଯୋଗ : ଯଦି ପିଲାଙ୍କ ପାଖରେ ମୋବାଇଲ ଫୋନ୍ ନରହିବ, ତେବେ ପିଲାଙ୍କ ସହିତ ଆମ ସମ୍ପର୍କ ବିଚ୍ଛିନ୍ନ ହୋଇଯିବ !

ଉପରୋକ୍ତ ଅଭିଯୋଗର ଉତ୍ତର ସ୍ୱରୂପ ସ୍କୁଲ ତରଫରୁ ଅଭିଭାବକମାନଙ୍କୁ ସୂଚିତ କରି ଦିଆଗଲା ଯେ ଆମର ପ୍ରତ୍ୟେକ କ୍ଲାସରୁମ୍‌ରେ ଲ୍ୟାଣ୍ଡଲାଇନ୍ ଫୋନର ବ୍ୟବସ୍ଥା ରହିଛି । କେତେକ କ୍ଲାସ ରୁମ୍‌ରେ ଦୁଇ ଦୁଇଟି ଲ୍ୟାଣ୍ଡଲାଇନ୍ ଫୋନ୍ ବି ରହିଛି । ଏତତ୍ ବ୍ୟତୀତ ଶିକ୍ଷକମାନଙ୍କର ନିଜ ନିଜର ମୋବାଇଲ ଫୋନ୍ ବି ରହିଛି, ଯେଉଁଥିରେ କି ସେମାନେ Zee ନମ୍ବରକୁ ଫୋନ୍ କରି ପିଲାମାନଙ୍କ ସହିତ ଯେକୌଣସି ସମୟରେ କଥାବାର୍ତ୍ତା ହୋଇ ପାରିବେ । ଡଲଫିନ୍ ସାହେବ କୁହନ୍ତି, ''ଆରେ ଭାଇ, ଏଇ ଯେଉଁ ଧୂସର ଥଳି ସବୁ, ଇଏ ତ କୌଣସି ବ୍ୟାଙ୍କ ଲକର ନୁହେଁ ଯେ ତାକୁ ଆଉ ଖୋଲା ଯାଇ ପାରିବ ନାହିଁ । ଏହାକୁ ଯେକୌଣସି ପରିସ୍ଥିତିରେ, ଯେକୌଣସି ମୁହୂର୍ତ୍ତରେ ଖୋଲାଯାଇ ପାରିବ । ତେବେ ଅସୁବିଧା କେଉଁଠି ?''

ଯେଉଁ ପିଲାମାନେ ଅବସାଦଗ୍ରସ୍ତ ଥିଲେ ବା ହେବାର ସମ୍ଭାବନା ଥିଲା, ସେମାନଙ୍କ ପାଇଁ ଆଇଲିଙ୍ଗ୍ ସ୍କୁଲ ତରଫରୁ ଏକ ବିକଳ୍ପ ପନ୍ଥାର ବ୍ୟବସ୍ଥା ବି କରାଯାଇ ଥିଲା । ଯେଉଁମାନେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବେ, ସେମାନେ ସିଧା ଯାଇ ସ୍କୁଲ ଅଫିସରେ ପହଞ୍ଚିବେ ଏବଂ ସଙ୍ଗେ ସଙ୍ଗେ ଚୁମ୍ବକୀୟ ତାଲାଯୁକ୍ତ ଧୂସର ଥଳିଟି ଖୋଲି ତାଙ୍କୁ ତାଙ୍କର ମୋବାଇଲ ଫୋନ୍‌ଟି ଧରାଇ ଦିଆଯିବ । କିନ୍ତୁ ଦେଖାଗଲା ଯେ ସପ୍ତାହକ ମଧ୍ୟରେ ଥରକ ପାଇଁ ମଧ୍ୟ ସେଭଳି ପରିସ୍ଥିତି ସୃଷ୍ଟି ହୋଇ ନଥିଲା ।

ଡଲଫିନ୍ ସାହେବଙ୍କ ସମ୍ମୁଖରେ ଅଭିଭାବକମାନେ ଆଉ ଏକ ନୂଆ ସମସ୍ୟା ଛିଡ଼ା କଲେ – ''ଯଦି ଛୁଟି ବେଳେ ଆମେ କୌଣସି ପ୍ରକାରେ ପିଲାକୁ ନେବା ପାଇଁ ସ୍କୁଲକୁ ଆସି ପାରିଲୁ ନାହିଁ, ସେଭଳି ପରିସ୍ଥିତିରେ କ'ଣ କରାଯିବ ?'' ଡଲ୍‌ଫିନ୍ ସାହେବ ଏ ପ୍ରଶ୍ନର ସରଳ ଉତ୍ତର ଦେଇ କହିଲେ, ''ଯଦି କେବେ ସେଭଳି ପରିସ୍ଥିତି ସୃଷ୍ଟି ହୁଏ, ତେବେ ଆପଣ ଆମ ଅଫିସକୁ ଫୋନ୍ କରି ଜଣାଇ ଦେବେ । ଆପଣଙ୍କର ସନ୍ଦେଶ ଆପଣଙ୍କ ପିଲା ପାଖରେ ପହଞ୍ଚାଇବାର ଦାୟିତ୍ୱ ଆମର । ଆବଶ୍ୟକ ପଡ଼ିଲେ ଆମେ ସ୍କୁଲର ଲ୍ୟାଣ୍ଡଲାଇନ୍ ଫୋନ୍ ସାହାଯ୍ୟରେ ଆପଣଙ୍କ ସହିତ ଆପଣଙ୍କର ପିଲାକୁ କଥା ବି କରାଇ ଦେବୁ ।'' ଏମିତି କେତେ ଥର ହେଲା ମଧ୍ୟ । ଆଉ ପିଲାମାନେ ମଧ୍ୟ ଲ୍ୟାଣ୍ଡଲାଇନ୍‌ରେ ପ୍ରଥମ ଥର କଥାବାର୍ତ୍ତା ହୋଇ ବେଶ୍ ଆନନ୍ଦିତ ହେଲେ ।

ଆଇଲିଙ୍ଗ୍ ସ୍କୁଲ କର୍ତ୍ତୃପକ୍ଷ ଖୁବ୍ କମ୍ ଦିନ ମଧ୍ୟରେ ଏହାର ସୁଫଳ ଦେଖିବାକୁ ପାଇଲେ । ପ୍ରଥମେ ଯେତେବେଳେ ହାତରେ ମୋବାଇଲ ଫୋନ୍ ରହୁଥିଲା ସେମାନେ ଯୋଜନାବଦ୍ଧ ଭାବରେ ଦଳ ବାନ୍ଧି ବାଥ୍‌ରୁମ ଯାଉଥିଲେ ଏବଂ ଇଲେକ୍‌ଟ୍ରୋନିକ୍ ସିଗାରେଟ୍ ପିଉ ଥିଲେ ଅଥବା ଏୟାରଡ୍ରପର ସହାୟତାରେ ଅଶ୍ଳୀଳ ଫଟୋ ଦେଖୁଥିଲେ । ମୋବାଇଲ ଫୋନ୍ ନିଷିଦ୍ଧ ହେଲା ପରେ ଏବେ ସେସବୁ ବନ୍ଦ ହୋଇଗଲା । ସୋସିଆଲ୍ ମିଡ଼ିଆ ଦେଖିବାର ଭୂତ ମଧ୍ୟ ସେମାନଙ୍କ ଭିତରୁ ଉତୁରି ଗଲା । ଏକଥା ମଧ୍ୟ ଲକ୍ଷ୍ୟ କରାଗଲା ଯେ ପୂର୍ବାପେକ୍ଷା ପିଲାମାନେ ବହୁତ କମ୍ ଥର ବାଥ୍‌ରୁମ୍ ଯାଉଥିଲେ, କାରଣ ସେଠାକୁ ଗଲେ ମଧ୍ୟ ତାଙ୍କ ହାତରେ ଆଉ ଫୋନ୍ ନଥିଲା ।

ଆଇଲିଙ୍ଗ୍ ସ୍କୁଲରେ ରେମଣ୍ଡ ଡଲ୍‌ଫିନ୍‌ଙ୍କ ଏଇ ପ୍ରୟୋଗ ଚାରିମାସ ଧରି ଚାଲିଲା । ଇତିମଧ୍ୟରେ ଅଭିଭାବକମାନେ ଚୁମ୍ବକୀୟ ତାଲାଯୁକ୍ତ ଧୂସର ରଙ୍ଗର ଥଳି ସହ କେବଳ ଯେ ଅଭ୍ୟସ୍ତ ହୋଇ ଯାଇଥିଲେ ସେକଥା ନୁହେଁ, ତାକୁ ସେମାନେ ହୃଦୟର ସହ ଗ୍ରହଣ ବି କରି ସାରିଥିଲେ । ଅଷ୍ଟମ ଶ୍ରେଣୀରେ ପଢୁଥିବା ନିଜ ଝିଅକୁ ନେଇ ଚିନ୍ତିତ ରହୁଥିବା ଡୋନେରୀ ବ୍ରାଉନ୍ ଏକ ସାକ୍ଷାତ୍କାରରେ କହିଥିଲେ, ''ଏବେ ଏଇ ଧୂସର ଥଳିକୁ ନେଇ ମୋର ଆଉ କୌଣସି ଅଭିଯୋଗ ନାହିଁ ।''

ସ୍କୁଲ ଛୁଟି ହେବା ମାତ୍ରେ ପିଲାମାନେ ନିଜ ନିଜ ବସ୍ ଆଡ଼କୁ ଧାଉଁଥିଲେ । ବାଟରେହିଁ ସେଇ ବଡ଼ ପ୍ରାଚୀରଟି ପଡୁଥିଲା, ଯେଉଁଥିରେ ଧୂସର ଥଳିରୁ ଚୁମ୍ବକୀୟ ତାଲା ଖୋଲିବାର ମେସିନ୍ ସଂଯୁକ୍ତ ହୋଇଥିଲା । ସେଠାରେ ଜଣେ ସ୍କୁଲ କର୍ମଚାରୀ ଉପସ୍ଥିତି ରହୁଥିଲେ, ଯିଏକି ମେସିନ୍ ସାହାଯ୍ୟରେ ଧୂସର ଥଳିରୁ ସମସ୍ତଙ୍କର ମୋବାଇଲ ଫୋନ୍ ଖୋଲି ଦେଉଥିଲେ । ପିଲାମାନେ ନିଜ ନିଜର ମୋବାଇଲ ଫୋନ୍ ସହ ଖୁସି ମନରେ ବସ୍ ଉପରକୁ ଚଢୁଥିଲେ ।

ଏ ଦୃଶ୍ୟ ଦେଖି ଡଲ୍‌ଫିନ୍ ସାହେବ ହସନ୍ତି ଏବଂ ସେ ପ୍ରସନ୍ନ ଚିତ୍ତରେ କୁହନ୍ତି, ''ଏଇ ଅଭିନବ ପ୍ରୟୋଗରେ ଆମେ ଯେ ଶତ ପ୍ରତିଶତ ସଫଳତା ହାସଲ କରି ନେଇଛୁ – ଏକଥା

ମୁଁ ଭୁଲ୍‌ରେ ସୁଦ୍ଧା ସ୍ୱୀକାର କରିବି ନାହିଁ । ମୁଁ ଜାଣେ ଯେ ଏବେ ମଧ୍ୟ କିଛି ପିଲା ନିଜର ମୋବାଇଲ ଫୋନ୍ କ୍ଲାସ ରୁମ୍‌କୁ ଲୁଚାଇ ନେଇ ଯାଉଛନ୍ତି । କିନ୍ତୁ ସେମାନେ ମଧ୍ୟ ଜାଣନ୍ତି ଯେ ସେମାନେ ନିଜ ଫୋନ୍ ବାହାର କରିବା ମାତ୍ରେ ଧରା ପଡ଼ିଯାଇ ପାରନ୍ତି ଏବଂ ସେତେବେଳେ ସେମାନେ ଅସୁବିଧାର ସମ୍ମୁଖୀନ ହେବେ । ଯେତେବେଳେ ପିଲାମାନେ ଦଳବଦ୍ଧ ହୋଇ ରହିଥା'ନ୍ତି, ସେତେବେଳେ ଯୋଣ୍ଡ୍ର କମ୍ପାନୀ ବିରୋଧରେ ବାତାବରଣ ସୃଷ୍ଟି ହୁଏ । କିନ୍ତୁ ଯେତେବେଳେ ସେମାନେ ଅଲଗା ଅଲଗା ହୋଇ ରହିଥା'ନ୍ତି ସେତେବେଳେ ପ୍ରସଙ୍ଗ ବଦଳି ଯାଏ । ଏ ଘଟଣା ପରେ ମୋତେ ଅନେକ ପିଲା କହିଛନ୍ତି ଯେ ଏବେ ସେମାନେ ଅଧିକ ସଂଖ୍ୟକ ପିଲାଙ୍କ ସହିତ ବନ୍ଧୁତା ସ୍ଥାପନ କରି ପାରୁଛନ୍ତି । ମୁଁ ଏକଥା ମଧ୍ୟ ଦେଖିପାରୁଛି ଯେ ମୁଣ୍ଡତଳକୁ କରି ମୋବାଇଲ ଫୋନ୍‌ର ସ୍କ୍ରିନ୍ ଉପରେ ଧ୍ୟାନସ୍ଥ ହୋଇ ଯାଉଥିବା ପିଲାମାନଙ୍କର ସଂଖ୍ୟା ଆଶାତୀତ ଭାବରେ ହ୍ରାସ ପାଇବାରେ ଲାଗିଛି ।''

ପିଲାମାନେ ଏକଥା ମଧ୍ୟ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ଯେ ମୋବାଇଲ ଫୋନ୍ ଗଲା ପରେ କିଛି ନୂଆ ଜିନିଷ ଫେରି ଆସୁଛି । ଚଉଦ ବର୍ଷ ବୟସ୍କା ସେରେନିଟି ଇରାଜୋ ତାଙ୍କ ଅନୁଭୂତିରୁ କୁହନ୍ତି, ''ମୁଁ ସ୍କୁଲରେ ମୋ ନିଜ କାମ ସାରିଦେଲା ପରେ ମୋବାଇଲ ଫୋନ୍‌ରେ ଟିକ୍‌ଟକ୍ ଦେଖୁଥିଲି ଅଥବା ସଙ୍ଗୀତ ଶୁଣୁଥିଲି । ସେକଥା ହୋଇ ନ ପାରିବାରୁ ଫ୍ରୀ ଟାଇମ୍‌ରେ ବୋରିଂ ଲାଗୁଥିଲା । କିନ୍ତୁ ଏବେ ମୁଁ ଦେଖୁଛି ଯେ ସେଇ ସମୟରେ ମୁଁ ଅନେକ ସାଙ୍ଗସାଥୀଙ୍କ ସହିତ କଥାବାର୍ତ୍ତା ହୋଇପାରୁଛି । ଏମିତି ପରସ୍ପର କଥାବାର୍ତ୍ତା ହେଉ ହେଉ ଆମେ କେତେ ନୂଆ ନୂଆ କଥା ଆବିଷ୍କାର କରି ପକାଉଛୁ । ଏହା ଆମକୁ ବେଶ୍ ଖୁସି ଦେଉଛି ।''

ଅଷ୍ଟମ ଶ୍ରେଣୀରେ ପଢୁଥିବା ଗାବେ ସିଲ୍‌ଭର୍ ମଧ୍ୟ ତାଙ୍କ ପ୍ରତିକ୍ରିୟାରେ ଠିକ୍ ଏମିତି କିଛି କୁହନ୍ତି – ''ପ୍ରଥମେ ପ୍ରଥମେ ଏଇ ଚୁମ୍ବକୀୟ ତାଲାଯୁକ୍ତ ଧୂସର ଥଳି ମୋତେ ବହୁତ ଦୁଃଖୀ କରି ଦେଇଥିଲା । ମୋବାଇଲ ଫୋନ୍ କଥା ଭାବି ଭାବି ମୋର ସବୁ ସମୟ ଅତିବାହିତ ହୋଇ ଯାଉଥିଲା । କିନ୍ତୁ ଧୀରେ ଧୀରେ ସବୁକିଛି ବଦଳିବାରେ ଲାଗିଲା । ମଧ୍ୟାହ୍ନ ଭୋଜନ ବେଳେ ଆମେ ସାଙ୍ଗସାଥୀମାନେ ମିଶି ଖୁବ୍ ଜୋର୍‌ରେ କଥାବାର୍ତ୍ତା କରୁଛୁ । ଆମେ ପରସ୍ପରର ସମ୍ମୁଖରେ ବସି ମଉଜ ମସ୍ତି କରୁଛୁ । ଆମେ ଧୀରେ ଧୀରେ ମାନବୀୟ ସମ୍ପର୍କର ମୂଲ୍ୟ ବୁଝୁଛୁ ।'' ଅନ୍ୟ ଜଣେ ଛାତ୍ରୀ ଚଉଦ ବର୍ଷ ବୟସ୍କା ନିକୋଲ୍ କୁହନ୍ତି, ''ସ୍କୁଲରେ ନିୟମ ତିଆରି ହେଲା ଯେ ପିଲାମାନେ ମୋବାଇଲ ଫୋନ୍ ସହ ପ୍ରବେଶ କରି ପାରିବେ ନାହିଁ । ସେତେବେଳେ ମୁଁ ଅନୁଭବ କଲି ଯେ ପକେଟରେ ସୁଇଚ୍ ଅଫ୍ ହୋଇ ରହିଥିବା ମୋବାଇଲ ଫୋନ୍‌ଟା ମୋତେ ବିବ୍ରତ କରିବାରେ ଲାଗିଛି । ଦିନସାରା ତ ଫୋନ୍ ପାଞ୍ଚରୁ ଦଶ ଥର ସୂଚିତ କରିଥାଏ ଯେ କୌଣସି ନା କୌଣସି ନୋଟିଫିକେସନ୍ ଆସିଛି । କିଛି ବାର୍ତ୍ତା ଆସିଛି ଯେତେବେଳେ ତାକୁ ନ ଦେଖି କେମିତି ରହି ହେବ ? ବାରଂବାର ଫୋନ୍ ବାହାର କର ଏବଂ ଦେଖ ଏବଂ ଏବେ ଦେଖୁଛି ଯେ ସେମିତି ଖାସ୍ କିଛି ଆସି ନାହିଁ । ସେଥିରୁ ଏବେ ଆମେ ମୁକ୍ତ । ଏବେ ଆମେ ସାଙ୍ଗସାଥୀଙ୍କ ସହିତ କଥାବାର୍ତ୍ତାରେ ଏଭଳି ମଜ୍ଜି ଯାଉଛୁ ଯେ ମୋବାଇଲ ଫୋନ୍‌ଟି କେଉଁଠି ଅଛି, ସେକଥା ବି ମନେ ପଡୁ ନାହିଁ ।''

ସେ ଆହୁରି କୁହନ୍ତି, ''ପିଲାମାନଙ୍କର ଅଚାନକ ମନେ ହୁଏ – ହେ ଭଗବାନ୍, ଆମେ କେତେ କ'ଣ ହରାଇ ବସୁଛୁ ସତରେ ! ଯେହେତୁ ମୋବାଇଲ ଫୋନ୍‌ଟା ଆମ ହାତରେ ନାହିଁ । କିନ୍ତୁ ପରବର୍ତ୍ତୀ ସମୟରେ ସେମାନେ ଶାନ୍ତ ହୋଇ ଯାଆନ୍ତି ଏବଂ ସ୍ୱଗତୋକ୍ତି କରନ୍ତି, ସତରେ ଆମେ କ'ଣ ବହୁତ କିଛି ହରାଇ ବସିଛୁ ? ନା, ପ୍ରକୃତରେ ସେମିତି ବେଶୀ କିଛି ନୁହେଁ । ସ୍କୁଲର କାର୍ଯ୍ୟ ନିର୍ଘଣ୍ଟ ସମାପନ ହେବା ପରେ ତ ଆମେ ଆମର ମୋବାଇଲ ଫୋନ୍ ସହିତ ମୁକ୍ତ ।''

ରେମଣ୍ଡ ଡଲ୍‌ଫିନ୍‌ଙ୍କ ଉପରୋକ୍ତ ପ୍ରୟୋଗଟି ଏବେ ଆଉ କେବଳ ପ୍ରୟୋଗ ହୋଇ ରହି ନାହିଁ, ପରନ୍ତୁ ଏକ ସଫଳ କାହାଣୀ ପାଲଟି ସାରିଛି । ଏବେ ପୃଥିବୀର ସମସ୍ତ ସ୍କୁଲ ପାଇଁ ଜଣେ ଡଲ୍‌ଫିନ୍ ସାହେବଙ୍କର ଆବଶ୍ୟକତା ଅଛି ଏବଂ ଅପେକ୍ଷା ବି ଅଛି । ଅସଲ କଥା ହେଲା ଡଲ୍‌ଫିନ୍ ସାହେବ କେଉଁଠି ବାହାରେ ନାହାନ୍ତି, ଆମ ସମସ୍ତଙ୍କ ଭିତରେ ଜଣେ ଜଣେ ଡଲ୍‌ଫିନ୍ ସାହେବ ଅଛନ୍ତି । ଯେହେତୁ ଆମେ ଡଲ୍‌ଫିନ୍ ସାହେବ ହେବାର ସାହସ ଜୁଟାଇ ପାରୁ ନାହୁଁ, ତେଣୁ ଡଲ୍‌ଫିନ୍ ସାହେବଙ୍କର ପ୍ରତୀକ୍ଷା ଦୀର୍ଘ ହେବାରେ ଲାଗିଛି ।

[ଲେଖାଟି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ନୂଆ ଦିଲ୍ଲୀ ତରଫରୁ ପ୍ରକାଶିତ ଦ୍ୱି-ମାସିକ ପତ୍ରିକା 'ଗାନ୍ଧୀ-ମାର୍ଗ'ର ଜୁଲାଇ-ଅଗଷ୍ଟ ୨୦୨୪ ସଂଖ୍ୟାରୁ ସଂଗୃହୀତ ।]

ଅନୁବାଦ : କାହ୍ନୁଚରଣ ମହାକୁର

❑❑❑

# କ୍ଲାସରେ ଶ୍ରୀମା'ଙ୍କ କାହାଣୀ

[୧୯୫୦ ମସିହା ନଭେମ୍ବର ମାସରେ ଶ୍ରୀମା ପିଲାମାନଙ୍କର କ୍ଲାସ ନେବାକୁ ଆରମ୍ଭ କଲେ । ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତୁଆର ଆନେକ୍ସ (Dortoir - Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା । ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ଆଠ, ଦଶ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ, ଖେଳ ସରିବା ପରେ ଘରକୁ ଫେରିବା ଆଗରୁ ଏଇ କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା' କହୁଥିଲେ ବା ବହି ପଢ଼ି ପିଲାଙ୍କୁ ଶୁଣାଉ ଥିଲେ – ମାଧ୍ୟମ ଥିଲା ଫରାସୀ ଭାଷା । **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେହି ଗଳ୍ପସବୁ ଶୁଣି ଆସି ବଙ୍ଗଳାରେ ଲିପିବଦ୍ଧ କରି ନେଉଥିଲେ, ନଳିନୀଦା'ଙ୍କୁ ଏସବୁକୁ ଦେଖାଇବା ପରେ 'ପୁରୋଧା'ରେ ତାହା ପ୍ରକାଶିତ ହେଉଥିଲା ।]

## ଠେକୁଆ ରାଜୁ ଓ ବତକ ଡୋରା

ପ୍ରକାଣ୍ଡ ଗଛର ଦେହରେ ବେଶ୍ ବଡ଼ ଗୋଟିଏ ଫାଟ; ତାହାରି ଭିତରେ ରହୁଥିଲେ ଦୁଇଜଣ – ରାଜୁ ଓ ତା'ର ମାଆ । ବସାଘରଟି ଶିଶୁ ଠେକୁଆ ଓ ତା' ମାଆ ଗଢ଼ିତୋଳି ଥିଲେ । ରାଜୁ ତା' ମାଆଙ୍କ ବଡ଼ ଆଦରର ପୁଅ, ସବୁବେଳେ ପ୍ରାୟ ମାଆଙ୍କ ପାଖେ ପାଖେ ଥାଏ, ମା' ତାକୁ ପଢ଼ାନ୍ତି, ନାନା ପ୍ରକାର ଖେଳ ବି ଶିଖାନ୍ତି, ବିଶେଷ କରି ବ୍ଲକ୍ ଗୋଟିସବୁକୁ ଖାପରେ ଯୋଡ଼ି ଯୋଡ଼ି ଘର ବାନ୍ଧିବାର ଖେଳଟି ରାଜୁକୁ ବହୁତ ଭଲ ଲାଗେ ।

କିନ୍ତୁ ଦିନକର କଥା । ରାଜୁର ତା' ମାଆଙ୍କ ଉପରେ ଭାରି ଅଭିମାନ ହୋଇଛି, ରନ୍ଧାରେ ବ୍ୟସ୍ତ ରହି ମାଆ ଆଜି ତାକୁ ପାଖରେ ବସି ଦେଖିବାକୁ ଓ ଖୁସି ଗଳ୍ପ କରିବାକୁ ଦେଇ ନାହାନ୍ତି । ସେ ବସି ବସି ପିଠା ତିଆରି କରୁଛନ୍ତି, – ଅନ୍ୟମନସ୍କ ହେଲେ ପିଠା ପୋଡ଼ିଯିବ, ନଷ୍ଟ ହୋଇଯିବ । ସେ ରାଜୁକୁ କହିଲେ – ଯା' ଏଠୁ, ସେପାଖକୁ ଯାଇ ପାଠ ପଢ଼ ଚୁପ୍‌ଚାପ୍ ହୋଇ । ବିଚରା ରାଜୁ ! ମାଆ ପାଖେ ପାଖେ ନ ବସିଲେ ପଢ଼ିବାରେ ମନ ଦେଇପାରେ ନାହିଁ । ସେ ବହିପତ୍ର, ଖାତାସବୁ ରଖିଦେଇ ବ୍ଲକ୍ ଗୋଟି ବାକ୍ସଟି ଧରି ଓଲଟାଇ ଦେଲା ଆଉ ଖେଳଘର ତିଆରି କରିବାରେ ଲାଗିଗଲା, ଚାରିପଟେ ଖେଳେଇ ହୋଇ ପଡ଼ିରହିଲା ଯେତେଗୁଡ଼ାଏ ଗୋଟି । ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ସ୍ଥାପତ୍ୟଶିଳ୍ପର ନିର୍ଦ୍ଦିଷ୍ଟ କୌଶଳରେ ତିଆରି ଗୃହ-ନିର୍ମାଣର ଏକ ବିଶେଷ ଅଙ୍ଗ । ତେବେ ରାଜୁ ଓ ତା' ମାଆଙ୍କର ଗଛଗଣ୍ଡିରେ ଲୁଚିଥିବା ଛୋଟିଆ ଘରଟି ତ ଆଉ ରାଜପ୍ରାସାଦ ପରି ବିରାଟ ନୁହେଁ ! ସେଇ ଛୋଟ ପରିସରରେ ଚଟାଣ ଉପରେ ବିଛାଡ଼ି ହୋଇ ପଡ଼ିଥିବା ଗୋଟିଗୁଡ଼ିକ ଯୋଗୁଁ ମା'ଙ୍କର ଯିବାଆସିବାରେ ଅସୁବିଧା ହେଲା, ତହୁଁ ସେ ରାଜୁକୁ ଗାଳିଦେଇ କହିଲେ – କାଣ୍ଡକାରଖାନା ଦେଖ, ଯିବାଆସିବା ରାସ୍ତା ବନ୍ଦ କରି ବସିଲେ ଚଳିବ କେମିତି ? ଯା' ସେସବୁ ରଖିଦିଅ, ବାହାର ବାରଣ୍ଡାରେ ବସି ପଢ଼ାଶୁଣା କର । ବିଚରା ଆଉ କରେ କ'ଣ, ବାଧ ହୋଇ ଘରତିଆରି ଗୋଟିର ବାକ୍ସ ବନ୍ଦବାନ୍ଦ କରି ବାହାରକୁ ଯାଇ ବହି ଖୋଲି ପଢ଼ିବାକୁ ବସିଲା ।

ପଢୁପଢୁ ମନଲାଖି ଯାଇଛି ସେଥିରେ, କେତେ ସମୟ ଚାଲିଗଲାଣି କିଏ ଜାଣେ । ହଠାତ୍ ସରୁଗଳାରେ କେହି କାନ୍ଦୁଥିବା ଭଳି ଶବ୍ଦ କାନରେ ଆସି ବାଜିଲା ତା'ର । ଟିକିଏ ଆଗେଇ ଗଲା ସିଏ । ବହିପତ୍ର ବନ୍ଦ କରି ଦେଖିଲା ଟିକିଏ ଦୂରକୁ ଯାଇ କୁନି ବତକଟିଏ – ପଥପାର୍ଶ୍ୱରେ ଏକା ବସି କାନ୍ଦୁଛି, ବୋଧହୁଏ ରାସ୍ତା ଭୁଲି ଅନେକ ଆଗେଇ ଆସିଛି ଏକଲା । ନାଁ ତା'ର ଡୋରା – କ୍ଳାନ୍ତ ଯେତିକି, ଭୋକିଲା ବି ତତୋଽଧିକ । ଗରମରେ ସେଇଭଳି ପୁଣି ତା' ପ୍ରାଣ ଛାଡ଼ିଗଲା ଭଳି ଦଶା । ପାଖକୁ ଯାଇ ରାଜୁ ତା'ଠୁ ସବୁକଥା ଶୁଣିଲା, ଶିଶୁ ବତକର ଦୁଃଖ ତା' ପ୍ରାଣକୁ ଛୁଇଁଲା – ଆହା, ବିଚାରୀ ଡୋରା ! ତା' ମାଆର ସାନ ଝିଅଟି ! ହୁଏତ ଏତେ ସମୟ ଯାଏଁ ତା' ମା ଖୋଜାଖୋଜି କରି କେତେ କାନ୍ଦିବଣି ! ଆହୁରି ପୁଣି ଏ ଝିଅଟି ଭୋକରେ ମଲାଭଳି ହେଲାଣି ।

'ଏଇ ତ ଆଗରେ ଆମର ଘର, ଚାଲ ଯିବା ସେଇଠିକୁ, ଦେଖେ, ତୋତେ କିଛି ଖାଇବାକୁ ଦେଇପାରିବି ଯଦି' – ରାଜୁ କହିଲା ଡୋରାକୁ । ଥରକର ଡାକରେ ଡୋରା ରାଜି ହୋଇଗଲା ବେଶ୍ ଖୁସିରେ । ଦୁହେଁଯାକ ଘରକୁ

ଚାଲିଲେ । ଘରେ ପହଞ୍ଚି ରାଜୁ ଦେଖିଲା ମାଆ ଘରେ ନାହାନ୍ତି, ବୋଧହୁଏ କିଛି କାମରେ କୁଆଡ଼େ ଯାଇଛନ୍ତି । କ'ଣ କରିବ ? ସମ୍ମୁଖରେ ଗୋଟିଏ ବାଟିରେ ଢଙ୍କା ହୋଇ ରଖାଯାଇଛି ସକାଳେ ତିଆରି ହୋଇଥିବା ପିଠାସବୁ । ଟିକିଏ ଭାବି, ସାହସ କରି ରାଜୁ ଖଣ୍ଡିଏ ପିଠା ସେଥିରୁ ବାହାର କରି ଡୋରାକୁ ଖାଇବାକୁ ଦେଲା, ଆଉ କହିଲା, ''ତୁ ଖାଉଥା', ମୁଁ ନଦୀକୂଳକୁ ଯାଇ ପାଣି ଆଣି ଟବ୍‌ରେ ଭର୍ତ୍ତିକରେ, ତୁ ଖାଇସାରିଲେ ସେଇଥିରେ ବସି ଗାଧୋଇବୁ ।''

ଠେକୁଆ ଛୁଆ ତ ପାଣି ପାଇଁ ଚାଲିଗଲା । ଡୋରାର ଜୀବନରେ ପିଷ୍ଟକ-ଭକ୍ଷଣ ଏଇ ପ୍ରଥମ । ଅମୃତ ଯେ କିଭଳି ଜିନିଷ, ସେ କଥା ସେ ଜାଣେ ନାହିଁ । ମାତ୍ର ଆଜିକାର ଭୋଜନରେ ସେ ସତସତିକା ଅମୃତର ସ୍ୱାଦ ପାଇଲା । କିନ୍ତୁ ହାୟ ଗୋଟାଏ ପିଠାରେ କ'ଣ ହେବ, ପେଟର ଅଗ୍ନି ତ' ଆହୁରି ଜୋର୍‌ରେ ଜଳିଲାଣି । ରାଜୁଭାଇ ଫେରିବାକୁ ଏତେ ଡେରି କରୁଛି କାହିଁକି ? ଡୋରାର ତର ସହୁ ନାହିଁ । ଟେବୁଲ ଉପରେ ଥିବା ବେଲାଟା ଦେହରୁ ସେ ଆଉ ଗୋଟିଏ ପିଠା ବାହାର କଲା । ତା'ପରେ ଆହୁରି ଖଣ୍ଡିଏ, ଆହୁରି ଖଣ୍ଡେ, ଖଣ୍ଡଟାଏ ଆହୁରି ... ଏମିତି କରି କରି ଡୋରା ଖାଇଲା ସାତଟା ପିଠା ଏବଂ ଡୋରା ଅବଲୀଳାକ୍ରମେ ସେସବୁକୁ ଉଦରସ୍ଥ କଲା । ଏହା ଭିତରେ ନଦୀକୂଳରୁ ରାଜୁ ଫେରିଆସିଛି ପାଣି ବୋହି ଆଣି । ସେ ଡୋରାର ଗାଧୁଆ ଲାଗି ଟବ୍‌ଟିକୁ ଭର୍ତ୍ତି କରିଦେଲା । ... 'ଏଥର ତୁ ଗାଧୋଇ ପକା' – କଥାଟା ଡୋରା ଉଦ୍ଦେଶ୍ୟରେ କହିଲା ରାଜୁ ।

ଡୋରା ସାତଗୋଟି ପୂରା ପିଠା ଖାଇ ଏବେ ସ୍ୱସ୍ତି ବୋଧକଲା, ପ୍ରାଣଟା ଥଣ୍ଡା ପଡ଼ିଲା, ଦେହର କ୍ଲାନ୍ତି ବି ଦୂର ହେଲା । ସ୍ନାନ ପାଇଁ ପ୍ରସ୍ତୁତ ସିଏ । ରାଜୁକୁ ଡାକି କହିଲା, 'ଭାଇ, ଏମିତି ପିଠା ମୁଁ କେବେ ମୋ ଜୀବନରେ ଆଗରୁ ଖାଇ ନ ଥିଲି, ଗୋଟାକରେ ତ ପେଟ ପୂରିଲା ନାହିଁ, ସେଥିପାଇଁ ଖାଉଖାଉ ସାତଟି ଖାଇଦେଇଛି । ଏବେ ଆଉ ଟିକିଏ ବି ଭୋକ ନାହିଁ ।' ରାଜୁ ବତକ ଛୁଆର କଥାଶୁଣି ଅବାକ୍ । ମନେ ମନେ ଭାବିଲା – ଯା', ସରିଗଲା, କି ସାଂଘାତିକ କାଣ୍ଡ ! ମାଆ ଫେରିଲେ କ'ଣ କହିବେ କେଜାଣି ? ମୋ କପାଳରେ ଆଜି କ'ଣ ଅଛି ? ସକାଳୁ ତ ଆଜି ସୁରତାଳ ବେଖାପ ହୋଇଛି । ଯା' ହେଉ ନିଜ ପାଖରେ କଥାଟା ରଖିଲା ସିଏ । ମୁହଁ ଖୋଲି ଡାକିଲା, 'ଡୋରା, ବେଶ୍ କରିଛୁ, ଭୋକ ଲାଗିଥିଲା, ଖାଇଦେଲୁ, ହେଲା କ'ଣ ? ଏଥର ଗାଧୋଇ ପଡ଼, ଆହୁରି ବେଶୀ ପାଣି ମୁଁ ନେଇ ଆସୁଛି । ରାଜୁ ଚାଲିଗଲା ପାଣି ପାଇଁ । ଡୋରା ଆଖିରେ ପଡ଼ିଲା ଟବ୍‌ଟି, ବେଶ୍ ସୁନ୍ଦର, ସେ ତାହାରି ଭିତରକୁ ଓହ୍ଲାଇ ଡିଆଁଡେଇଁ ଆରମ୍ଭ କରିଦେଲା, ଡିଗ୍‌ବାଜୀ ଖାଇଲା, ମୁଣ୍ଡ ତଳକୁ ଗୋଡ଼ ଉପରକୁ କରି ଅନେକ ଥର ଝାମ୍ପ ମାରିଲା, ପହଁରିଲା – ଖୁସି ଯେ କାହିଁରେ କ'ଣ ? ରାଜୁ ପୁଣି ଯାଇ ବାଲତିଏ ପାଣି ନେଇଆସିଲା । ଆରେ ହୋଇଛି କ'ଣ, ପୂରା ଚଟାଣଟା ଜଳମଗ୍ନ – ପେଟ ତ ଥଣ୍ଡା ହେଲା, ଏବେ ଦେହଟା ସାରା ଥଣ୍ଡା କରିବାର ଯୋଜନା ଚାଲିଛି, ଘରର ଅଧାଯାଏ ପାଣି ଫୋପାଡ଼ି ଏକାକାର କରିଦେଲାଣି । ସବୁଆଡ଼ ଓଦା ... ମା' ଫେରିଲେ କ'ଣ ହେବ, ବିପଦ ଗଣିଲା ସିଏ – ସକାଳପହରୁ ସୁରତାଳ ଯେ କଟିଯାଇଛି ! ତଥାପି ଡୋରାକୁ ଏ ବିଷୟରେ କିଛି କହିଲା ନାହିଁ ।

ରାଜୁ ଘରପାଖ ବଗିଚାରେ ପ୍ରତିଦିନ କିଛି ନା କିଛି ଫୁଲ ଫୁଟେ, ସେସବୁ ନାନା ରଙ୍ଗର । ସେ ଗଲା ତୋଳି ଆଣିବାକୁ କିଛି ସେଥିରୁ । ସେସବୁ ଦେଇ ଡୋରାକୁ ସଜାଇଦେବ ସିଏ, ବିଦାୟ ଦେବା ଆଗରୁ । ଡୋରା ତାକୁ କହି ରଖିଛି ସେ ଯେମିତି ତା' ଘର ବାହୁଡ଼ିବା ପଥଟା ଖୋଜି ଦିଏ – ଯାହା ସେ ହରାଇଛି ଆସିବା ବେଳେ ।

ଗାଧୁଆ ଟବ୍ ଭିତରେ ଡୋରା ଏକା, ଏବେ ବି ଜଳକେଳିର ସଉକ ତା'ର ମେଣ୍ଟିନି । ଏଇ ସମୟରେ ରାଜୁର ମାଆ ହଠାତ୍ ଆସି ହାଜର । କାଣ୍ଡ କାରଖାନା ଦେଖି ସେ ଚକିତ । ଏ କ'ଣ ? ଇଏ କିଏ ତାଙ୍କ ଘରେ ? ଚତୁର୍ଦ୍ଦିଗ ଓଦା ସରସର । ଘରର ଚଟାଣ ଜଳମଗ୍ନ । ଆଖପାଖରେ ଜଳର ଛିଟିକା ପଡ଼ି ସବୁ ଓଦା, ଖାଇବା ଟେବୁଲ ଉପରେ ଜିନିଷପତ୍ର ଅସଜଡ଼ା, ଖେଳାମେଳା, ଅଇଁଠାବାସନ, ତହିଁରେ ପିଠାର ଗୁଣ୍ଡ ଲାଗି ରହିଛି, ପିଠାର ବେଲାଟା ଖୋଲା, ତହିଁର ଘୋଡ଼ଣୀ ମେଲା, ଚାହିଁ ଦେଖିଲେ ଖଣ୍ଡିଏ ମାତ୍ର ପିଠା ପଡ଼ି ରହିଛି । କିଛିହେଲେ ବି ବୁଝିପାରିଲେ ନାହିଁ । ସବୁ ଯେମିତି ରହସ୍ୟମୟ, ରାଜୁ ବା ଗଲା କୁଆଡ଼େ ? ... ସେ ନୂଆ ଅତିଥିଟିକୁ ପଚାରିଲେ – ତୁମେ କିଏ ?

ଡୋରା ଡରି ଗଲାଣି, ସେ ମିହିଁ ମିହିଁ ସୁରରେ କାନ୍ଦ କାନ୍ଦ ହୋଇ କହିଲା – ମୋ ନାଁ ଡୋରା, ରାସ୍ତା ଭୁଲି ଏଇ ଆଡ଼କୁ ଆସି ଯାଇଥିଲି, ଭୋକ ବି ଲାଗୁଥିଲା ଜବର୍ ।

ଆପଣଙ୍କ ପୁଅ ମୋତେ ଦେଖି ଡାକି ଆଣିଲା, ପିଠା ଖାଇବାକୁ ଦେଲା । କି ଚମତ୍କାର ତା'ର ସୁଆଦ ! ମୁଁ ସାତଟା ଯାକ ପିଠା ଖାଇ ଦେଇଛି, ଟିକିଏ ବି ଭୋକ ଆଉ ନାହିଁ । ଏବେ ସ୍ନାନଟା ଜୋର୍‌ସୋର ହେଲା । ରାଜୁଭାଇ ଯାଇଛି ମୋ ଫେରିବା ବାଟର ସନ୍ଧାନ କରିବାକୁ । ଆପଣଙ୍କ ପୁଅ ଯେ କେତେ ଭଲ, ସେ କଥା ଆଉ କ'ଣ କହିବି !

ରାଜୁର ମାଆ ଏତେବେଳେକେ ବୁଝିଲେ ଘଟଣାଟି କ'ଣ ? ମନେମନେ ହସି ଭାବିଲେ, କହୁଛି କ'ଣ ନା ସାତଟା ପିଠା ସାବାଡ଼ କରିଛି ! ଏତେ ଟିକିଏ ବତକଛୁଆ ! ତେବେ ବାହାରକୁ ସେ ଟିକିଏ ବି ବିସ୍ମୟ ବା ବିରକ୍ତିଭାବ ପ୍ରକାଶ କଲେ ନାହିଁ, ବରଂ ସ୍ନେହରେ ଡୋରାକୁ ଟବ୍‌ରୁ ବାହାର କଲେ, ଭଲ କରି ପୋଛାପୋଛି କରିଦେଲେ ଓ ତା' ପୋଷାକ ତାକୁ ପିନ୍ଧାଇ ଦେଲେ; ତା'ପରେ ଘରଟିକୁ ସଜାଡ଼ିବାରେ ଲାଗିଗଲେ । ଯେତେସବୁ ଜିନିଷପତ୍ର ଛିନିଛତ୍ର ହୋଇପଡ଼ିଥିଲା ସେଗୁଡ଼ିକ ସଜାଡ଼ିବାରେ, ବାଗେଇ ରଖିବାରେ ସମୟ ତ ଲାଗିବ ଯଥେଷ୍ଟ । ଟିକିଏ ପରେ ରାଜୁର ଗଳା ଶୁଣାଗଲା ବାହାରୁ । ବାହାରେ ଥାଇ ସେ ଡୋରାକୁ ତଲବ ଦେଉଛି । ତା'ର ଡାକଶୁଣି ଡୋରାର ମନ ମାତିଉଠିଲା । ମୁହୂର୍ତ୍ତକରେ ସେ ଭୁଲିଗଲା ଏତେ ସମୟର ଅପୂର୍ବ କଥା ସବୁ । ସେ ରାଜୁର ମାଆକୁ ଅସ୍ଥିର ଆବେଗରେ କହିଲା – 'ଏଇ ଆସି ଯାଇଛି ସିଏ, ଡାକୁଛି ମୋତେ । ନିଶ୍ଚିତ ଭାବରେ ମୋ ଘର ଫେରିବାର ବାଟ ସେ ଖୋଜି ପାଇଛି । ମୁଁ ଯାଉଛି ତା'ହେଲେ ... ମୁଁ ଯାଉଛି, ମୁଁ ଚାଲିଲି ଘରକୁ' – ତରବରରେ, ଝଡ଼ବେଗରେ ବାହାରିଗଲା ବତକଛୁଆ ଡୋରା ।

ରାଜୁ ଦାଣ୍ଡରେ ଠିଆ ହୋଇଛି, ହାତରେ ଫୁଲର ତୋଡ଼ା ଧରି । ଡୋରାକୁ ସିଏ ସେଇଥିରେ ସଜାଇ ଦେଲା, ''ଖୋଜି ପାଇଛି ତୋ' ଘରର ରାସ୍ତା, ଡୋରା ! ଏଇ ଯେଉଁ ଛୋଟ ନଦୀଟା, ତାହାରି ବନ୍ଧେ ବନ୍ଧେ ଚାଲିଲେ, ସିଧା ଆଗକୁ ଚାଲିଯିବୁ, କିଛି ନଭାବି, କିଛି ବାଟ ଯିବା ପରେ ତୋ ଘର ଆସିଯିବ ଦେଖିବୁ । ସିଧା ଚାଲିଯା' ।'' – କହିଲା ରାଜୁ ଓ ଆନନ୍ଦ ଆବେଗରେ ବତକ ଛୁଆ ଡୋରା ଧାଇଁଲା ସେଇବାଟ ଦେଇ । ରାଜୁ ସେଇ ଗୋଟାଏ ଜାଗାରେ ଠିଆ ହୋଇ ଚାହିଁ ରହିଥାଏ ତା' ଯିବା ବାଟକୁ – ଯେତେବେଳ ଯାଏଁ ସେ ଆଖିରୁ ଅନ୍ତର ନ ହୋଇଛି ସେତେବେଳ ଯାଏଁ ସେ ସେଇଠି ଠିଆହୋଇ ରହିଲା ।

ରାଜୁର ଏବେ ଗୃହବାହୁଡ଼ା ପର୍ବ । ଭୟର ସଂଚାର ହେଉଛି – ଜାଣେ ନାହିଁ ଆଜି ତା' ଭାଗ୍ୟରେ କ'ଣ ଅଛି । ମା'ଙ୍କ ସାଙ୍ଗରେ ଅନେକ ସମୟ ହେଲାଣି ଦେଖା ହୋଇନି । ଏହା ଭିତରେ ନିଶ୍ଚୟ ସିଏ ଘରକୁ ଫେରି ଆସିଥିବେ । ସାତଟି ଯାକ ପିଠା ଅଦୃଶ୍ୟ, ଘରଯାକ ଜଳାର୍ଣ୍ଣବ, ସବୁକିଛି ଇତସ୍ତତଃ ବିଶୃଙ୍ଖଳ । ଆଜି ସକାଳୁ ତ ଖୁବ୍ ଅସୁବିଧା ହୋଇଯାଇଛି, ସେସବୁ ତ ଏଯାଏ ସମାଧାନ ହୋଇନି । ଧୀରେ, ଅତି ସନ୍ତର୍ପଣରେ ସେ ଆଗକୁ ବଢ଼ିଲା, ଘର ଭିତରକୁ ପଶିଲା । ସମ୍ମୁଖରେହିଁ ମାଆ । ରାଜୁ ସଭୟରେ କହି ପକାଇଲା, ''ଖୁବ୍ ଭୁଲ୍ ଓ ଅନ୍ୟାୟ କରି ଦେଇଛି ଆଜି ।''

ତା' କଥା ଶେଷ ହେବା ଆଗରୁ ମାଆ ତାକୁ ସ୍ନେହରେ କହିଲେ : ''କିଛି ଭୁଲ୍ କି ଅନ୍ୟାୟ ହୋଇନି, ପୁଅ ! ସବୁ ଠିକ୍ ହୋଇଛି ! ତାକୁ ଭୋକ ଲାଗିଥିଲା, ଆମ ଘରେ ଖାଇବାକୁ ଥିଲା, ତୁ ତାକୁ ଡାକି ଖୁଆଇଛୁ, ତାକୁ ଗାଧୋଇ ଦେଇଛୁ । ମୁଁ ତା' ଦେହ ପୋଛିଦେଇ ଲୁଗା ପିନ୍ଧାଇ ଦେଇଛି । ତୁ ତା'ର ଘର ବାହୁଡ଼ାର ବାଟ ଖୋଜି ଦେଇଛୁ । ଏଥିରେ ଅନ୍ୟାୟର କ'ଣ ଅଛି ? ଏଣିକି ତୋ' କଥା – ତୋ ଖାଇବାର ବେଳ, ଖଣ୍ଡିଏ ମାତ୍ର ପିଠା ରହିଛି, ମୋ ପାଖରେ ବସି ଖାଆ ।''

ରାଜୁ ଅବାକ୍ ! ଭାବୁଥିଲା ସକାଳରୁହିଁ ସୁରତାଳ କେଉଁଠି ଅମେଳ ହୋଇଯାଇଛି, ଏ ପୁଣି କି କଥା, କେମିତି ଐକ୍ୟତାନ ଆସିଗଲା – ମେଳ ଖାଇଗଲା, ତା' ବି ମଧୁର ଭାବରେ ! କିଏ ଏକଥା ଜାଣିଥିଲା ? ଖଣ୍ଡେ ମାତ୍ର ପିଠା, ମାଆ ପାଖରେ ବସି ସେ ଖାଇଲା । ଅପୂର୍ବ ତା'ର ସ୍ୱାଦ ! ଜୀବନରେ ପ୍ରଥମ କରି ସେ ଆସ୍ୱାଦନ କଲା ଏଇ ଆହାରର ଆନନ୍ଦଟିକୁ – ସତରେ ଉପଭୋଗ୍ୟ ଥିଲା !

''ଜୀବନଟାହିଁ ଏଇ ଭଳି ହେବା ଉଚିତ । ସୁଖୀ ହେବାର ଉପାୟ ହେଉଛି – ନିଜେ ନମ୍ର, ଉଦାର, ସହୃଦୟ ହେବା ।''

ଏଇ ଶେଷକଥା ପଦକ ଶ୍ରୀମା'ଙ୍କର ନିଜର ଥିଲା । ଗଳ୍ପ ଶେଷ କରି ମା' ପଚାରିଲେ ପିଲାମାନଙ୍କୁ – ''କହିଲ ଦେଖି – ଏଥିରୁ କ'ଣ ଶିଖିଲ ପିଲାଏ ?'' ଟିକିଏ ସମୟ ଅପେକ୍ଷା କରି ହସି ହସି ସିଏ ନିଜେ କହିଲେ –

''ନମ୍ର ହୁଅ, ଉଦାର ହୁଅ, ସହୃଦୟ ହୁଅ ଏବଂ ତୁମ୍ଭେମାନେ ସୁଖ ଓ ସନ୍ତୋଷରେ ରୁହ ।''

ଅନୁଲେଖନ (ବଙ୍ଗଳା) : ମୃତ୍ୟୁଞ୍ଜୟ ମୁଖାର୍ଜୀ

❑❑❑

# ତୁମେ ଅଛ

**ହୃଷୀକେଶ ପଣ୍ଡା**

ଯେଉଁଠି ବାଟ ବଣା ହେଲି
ସେଇଠି ବୁଝିଗଲି ଯେ
କେଉଁ ଅଜଣା ଠିକଣା ମୋର ବାଟ ଓଗାଳୁଛି
ଆଉ ଏକଥା ବୁଝେଇ ଦେଉଥିବା
ଜଣକହିଁ ତ ତୁମେ ।

ନିଜ ଅଦୃଶ୍ୟ ହାତରେ ମନକୁ ଆଉଁଶି ଦେଇ
ରକ୍ତ ଝରୁଥିବା ପାଦଠୁଁ
ଜୀବନର ଡେଣା ବେଶୀ ଶକ୍ତ ବୋଲି
ଯିଏ ମୋତେ ସାନ୍ତ୍ୱନା ଦିଏ
ସେ ବି ତ ତୁମେ ।

ଏମିତି ନୁହେଁ ଯେ
ତୁମେ ଖାଲି ଚାହିଁଥାଅ ମୋତେ;
ଡରାକୁ ଧରି ତୁମେ ତ ମୋ ପାଖେ ପାଖେ ଥାଅ,
ମାପୁ ଥାଅ ମୋ ସୁଖ



ଆଉ ଦୁଃଖର ଓଜନ
ବୋଝ ପରି ଦୁଃଖ ଠାରୁ
ଫୁଲ ପରି ସୁଖର ପଲା
ଭାରି ହୁଏ ଯେତେବେଳେ
ସ୍ମିତହସଟିଏ ତୁମେ ହସି ଦେଉଥାଅ ।

'ତୁମେ ଅଛ' ଏଇ ବିଶ୍ୱାସ ଟିକକ
ସମୟକୁ ବଡ଼ଦାଣ୍ଡ କରି
ବିଛାଇ ଦିଏ ମୋ ଆଗରେ
ଏଇ 'ତୁମେ ଅଛ' ଅନୁଭବର ବିଛଣା,
ସୁଖଦୁଃଖ ଭଲମନ୍ଦ ହସକାନ୍ଦରେ
ସେ ବଡ଼ଦାଣ୍ଡ ବାଲି ଯେତେ ତାତିଲେ ବି
ଫୋଟକା ପାଦ ହଳକୁ ଆଉଁଶି ଆଉଁଶି
ସେଇ ବିଛଣାରେ ମୁଁ ବାଟ ଚାଲୁଥାଏଁ
ଆଉ ଯିଏ ମୋତେ ବାଟ କଢ଼ାଇ ନେଉଥାଏ
ସିଏ ବି ତ ତୁମେ !! ❑

### ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଅଜବ ପାଗରେ ଗଜବ ଗଣିତ

## ଧର୍ମକୁମାର ଶତପଥି

ଫେବ୍ରୁଆରୀ ମାସର ଏକ ଅଳସୁଆ ସକାଳ । ଚାରିଆଡ଼େ କାଠୁଆ ଶୀତ ଓ କୁହୁଡ଼ି ଘେରା ପରିବେଶ । ଘନ କୁହୁଡ଼ିରେ ରାସ୍ତାଘାଟ ଅନ୍ଧାରୁଆ । ତିନି, ଚାରି ମିଟର ଦୂରତାକୁ ସୁଦ୍ଧା ଦେଖି ହେଉ ନାହିଁ । ଗତ ଦୁଇ ସପ୍ତାହ ହେଲାଣି ସକାଳଟା ପୂରା ମେଘ ଓ କୋହଲା ପାଗରେ ଢାଙ୍କି ହୋଇ ରହୁଛି । ଟେଲିଭିଜନରେ ପାଣିପାଗ ବିଭାଗ ରୀତିମତ ବର୍ଷାର ସୂଚନା ଦେଇ ଚାଲିଛନ୍ତି । ଦିନ ବାରଟା, ଗୋଟାଏ ବେଳକୁ ସାମାନ୍ୟ ପାଉଁଶିଆ ଖରା ଆସୁଛି । ଅଳ୍ପ ସମୟ ପାଇଁ ସୂର୍ଯ୍ୟ । ''ଝାଏଁରେ ...'' କହି ପୁଣି ଲୁଚି ଯାଉଛି ।

ଶୀତ ସହିତ ମଝିରେ ମଝିରେ ଝିପି ଝିପି ବର୍ଷା ପାଗକୁ ଆହୁରି କଦର୍ଯ୍ୟ କରି ଦେଉଛି । ରାସ୍ତାଘାଟ କାଦୁଅ ପଚପଚ । ଅଦିନିଆ ବର୍ଷାବିନ୍ଦୁ ଦେହରେ ବାଜିଲେ ଶୀତରେ ଲୋମଗୁଡ଼ିକ ଠିଆ ଠିଆ ହୋଇ ଯାଉଛି, ଦେହ ସଙ୍କୁଚିତ ହେଉଛି । ବର୍ଷାବିନ୍ଦୁ ଦେହରେ ତୀର ବିନ୍ଧିଲା ଭଳି ବୋଧ ହେଉଛି । ଏମିତି ଏକ ବିଚିତ୍ର ପରିବେଶ, ବିଚିତ୍ର ଅନୁଭୂତି ।

ଜାନୁଆରୀ ପନ୍ଦର ତାରିଖ ଥିଲା ମକର ସଂକ୍ରାନ୍ତି । କୁହାଯାଏ ମକର ସଂକ୍ରାନ୍ତି ପରେ ଶୀତ ଉଭାନ ହୋଇଯାଏ । ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୁଏ, ଦିନ ବଡ଼ ହେବାକୁ ଲାଗେ । ମାତ୍ର ମକର ସଂକ୍ରାନ୍ତି ଗଲାଣି, ଶ୍ରୀପଞ୍ଚମୀ ମଧ୍ୟ ଅତିକ୍ରାନ୍ତ ହେଇ ଯାଇଛି; କିନ୍ତୁ ଶୀତ ଏଯାଏ ବଳବତ୍ତର ରହିଛି । ଆଉ କେବେ ଯିବ କେଜାଣି ?

''ମାଘେ ଶୀତ କି ମେଘେ ଶୀତ'' – ଉକ୍ତିଟିର ଯଥାର୍ଥତା ଅନୁଭବ କରୁଛି ଏକାକୀ ଅଗଣାରେ ବସି । କୁଆଡୁ ଝପଟିକିନା ଦଉଡ଼ି ଆସି ଝିଅ ଆମର ଯେତେବେଳେ ମୋ କୋଳରେ ପଶିଗଲା, ମୋ ଭାବନାର ଖିଅ ଛିଣ୍ଡି ଗଲା । ମୁଁ ଟଳମଳ ହୋଇ କୌଣସି ମତେ ପଡୁ ପଡୁ ସମ୍ଭାଳି ଗଲି । ସେ କୌଣସି କିଛି ପ୍ରସଙ୍ଗ ନରଖି କିଂବା ମୋର ମାନସିକ ସ୍ଥିତିକୁ ନବୁଝି ତା' କଥା ଉପସ୍ଥାପନ କଲା, ''ବାପା, ତୁମେ ମୋତେ ଅନେକ ଦିନରୁ କୁହୁକ ଅଙ୍କ କଥା କହି ନାହଁ । ଏବେ ଗୋଟିଏ ଅଙ୍କର କୁହୁକ ଗୁଣ କଥା କହିବ ? ମୋତେ ସେସବୁ ଭଲ ଲାଗେ ।''

''ଆଗରୁ ମୁଁ ତୋତେ କେତେଗୁଡ଼ିଏ କୁହୁକ ଅଙ୍କର ମଜାଳିଆ ଗୁଣ କଥା କହିଛି । ତୁ କ'ଣ ସେସବୁ ମନେ ରଖିଛୁ ?'' – ମୁଁ ପଚାରିଲି ।

ସେ ସଙ୍ଗେ ସଙ୍ଗେ ଉତ୍ତର ଦେଲା, ''ହଁ, ହଁ, ମୋର ସବୁ ମନେ ଅଛି । ଅଙ୍କର କୁହୁକ ଗୁଣଗୁଡ଼ିକ ତୁମେ ଯେଉଁ ଶୈଳୀରେ ମୋତେ କହିଛ, ତାହା କ'ଣ ମୁଁ ଭୁଲି ପାରିବି ?''

ମୁଁ କହିଲି, ''ଚେଷ୍ଟା କଲେ ମୁଁ ତୋତେ ଏମିତି କୁହୁକ ଅଙ୍କ ବିଷୟ ଆହୁରି କହିବି । ଏବେ କିନ୍ତୁ ନୁହେଁ । ପରେ । ତୁ ଯାଇ ତୋ' ପଢ଼ା ଘରେ ଲେଖାଲେଖି କର । ଏ ପାଗଟା ଯେମିତି ପାଗଳ ହୋଇ ଯାଇଛି । ଭାରି ଅଳସୁଆ ଲାଗୁଛି ।''

''ଏ ପାଗ ଖାଲି କ'ଣ ତୁମକୁ ଏକା ଏମିତି କରିଛି ? ସମସ୍ତଙ୍କୁ ନା ! ଏମିତିରେ ମୋତେ କ'ଣ ପଢ଼ାପଢ଼ି କରିବାକୁ ଇଚ୍ଛା ହେଉଛି । ଖାଲି ଘୋଡ଼ିଘାଡ଼ି ହୋଇ ଶୋଇବାକୁ ମନ । କିନ୍ତୁ କେତେ ଶୋଇବ !'' ଝିଅ ଉତ୍ତର ଦେଲା ।

ମୁଁ କିନ୍ତୁ ତାକୁ ଆଉ ଶୁଣୁ ନଥିଲି । ଝିଅ ଯେତେବେଳେ କୁହୁକ ଅଙ୍କର ବିଷୟ ଉଠାଇଲାଣି, ଯଦି ଜିଗର କରିବ, କ'ଣ କରିବି ଭାବିହେଲି । କୋଉ କଥା କହି ଏ ଉଦାସିଆ ପରିବେଶରୁ ମୁକୁଳିବି ମୁସ୍କିଲ ଲାଗିଲା ।

ମୋ ଅନୁମାନ ଠିକ୍ ହେଲା । ଜଗନ୍ନାଥ ଦାସ ତ କହିଛନ୍ତି :

''କଳ୍ପନା ମୂଳେ କାଳ ଥାଇ ।
ପ୍ରାଣୀ ତା' ଜାଣି ନ ପାରଇ ॥''

''କୁହନା' ବାପା, ଗୋଟିଏ ମଜାଦାର ଅଙ୍କ କଥା କୁହ ?'' – ସତକୁ ସତ ଝିଅ ଜିଗର କଲା, ନେହୁରା ହେଲା ।

ମୁଁ ଅଗତ୍ୟା ସେଇଠି ସେମିତି ଅପ୍ରସ୍ତୁତ ଅବସ୍ଥାରେ ପ୍ରସ୍ତୁତ ହେଲି । ପଚାରିଲି – ''ଝିଅ, କହିବୁ ଆମ ସଂଖ୍ୟାମାନଙ୍କ ମଧ୍ୟରୁ ଏପରି କେଉଁ କେଉଁ ସଂଖ୍ୟା ଅଛନ୍ତି, ଯାହାର ମୂଲ୍ୟ ସେଇ ସଂଖ୍ୟାର ବର୍ଗ ସଂଖ୍ୟାର ମୂଲ୍ୟ ସହ ସମାନ ହୋଇଥାଏ ?'' ସେ ମୋତେ ବଲବଲ କରି ଅନାଇଲା । ମୋ ପ୍ରଶ୍ନକୁ ବୁଝିପାରିଲା ନାହିଁ ବୋଧହୁଏ । ପ୍ରଶ୍ନକୁ ପୁଣି ଥରେ ଦୋହରେଇବାକୁ କହିଲା ।

''ଏପରି କି କି ସଂଖ୍ୟା ତୁ ଜାଣୁ, ଯେଉଁ ସଂଖ୍ୟା ତା'ର ବର୍ଗ ସଂଖ୍ୟା ସହିତ ସମାନ ହୁଏ ?'' ମୁଁ ଦୋହରାଇଲି ।

ଝିଅ ଏଥର ମୋ ପ୍ରଶ୍ନ ବୁଝିଗଲା । ଉତ୍ତର ଦେଲା, ''ସଂଖ୍ୟା ଜଗତରେ ପ୍ରଥମ ସଂଖ୍ୟା ୧ ହେଉଛି ଏକମାତ୍ର ସଂଖ୍ୟା, ଯାହା ଏକ ସଂଖ୍ୟା ମାତ୍ର, ଏହାର ମୂଲ୍ୟ ଏହାର ବର୍ଗର ମୂଲ୍ୟ ସହିତ ସମାନ ହୋଇଥାଏ ।'' ସେ ଦମ୍ଭର ସହିତ ଚଟାପଟ୍ ଉତ୍ତର ଦେଲା ।

ମୁଁ କହିଲି, '' 'ଏକମାତ୍ର ସଂଖ୍ୟା ଓ ଏକ ସଂଖ୍ୟା ମାତ୍ର' — ଏହାର ମାନେ କ'ଣ ତୁ ଜାଣିଛୁ ?'' ସେ ନୀରବ ରହିଲା । ମୁଁ ବୁଝିନେଲି ଝିଅ ସେମିତି ତା' ପିଲାଳିଆ ଢଙ୍ଗରେ ମୋ ପ୍ରଶ୍ନର ଉତ୍ତର ଦେଇଛି, ଅନ୍ୟ କିଛି ନୁହେଁ ।

ମୁଁ ପୁଣି ପଚାରିଲି, ''ଆଚ୍ଛା କହିବୁ, କେଉଁ ସଂଖ୍ୟା ଚାରୋଟି ଏପରି ଅଛନ୍ତି ଯେଉଁମାନଙ୍କର ମିଶାଣଫଳ ସେମାନଙ୍କର ବର୍ଗର ମିଶାଣଫଳ ସହିତ ସମାନ ହୋଇଥାଏ ?''

ଝିଅ ଏକ ଲୟରେ ମୋ ଆଡ଼କୁ ଅନାଇ ରହିଲା । ଯେମିତି ଚିଡ଼ିଆଖାନାର ତାରକଣ୍ଟା ବାଡ଼ର ଅପର ପାର୍ଶ୍ୱରେ ରହି ଏକ ଅଦ୍ଭୁତ ପକ୍ଷୀକୁ ସେ ଅଦ୍ଭୁତ ଦୃଷ୍ଟିରେ ଅନାଇଛି । କିଛି ବୁଝି ନପାରି, ହଲଚଲ ନହୋଇ ମୋ ଉପରେ ବାରଂବାର ଦୃଷ୍ଟିର ପଲକ ପକାଉଥିଲା ବୋଧହୁଏ । ନହେଲେ ସେ ଅନୁମାନ କରୁଥିଲା ନୀରବରେ, ମୁଁ ତାକୁ ମୋ ଅନିଚ୍ଛାରେ ଏପରି ଏକ ଅବାନ୍ତର, ଉଦ୍ଭଟ ପ୍ରଶ୍ନ ପଚାରି ହଇରାଣ କରୁଛି, ଯାହାର ଉତ୍ତର ଆଦୌ ସମ୍ଭବପର ନୁହେଁ । କାରଣ ମୁଁ ପ୍ରଥମରୁ ତା'ର ଆଗ୍ରହକୁ ମୋର ଅନାଗ୍ରହ ଥିବା କଥା କହିଛି । ତେଣୁ ଏମିତି ଏକ ଅବାନ୍ତର ପ୍ରଶ୍ନ କରୁଛି ।

ସେ କିନ୍ତୁ ଗଣିତର ଏମିତି ଅନେକ କଥା ଶୁଣି ଶୁଣି ବୁଦ୍ଧିମତୀ ହୋଇ ସାରିଲାଣି । ଝିଅ ପାଟି ଫିଟାଇଲା କିଛି ମୁହୂର୍ତ୍ତ ବିଶେଷ ଚିନ୍ତା କରି । କହିଲା, ''ବାପା, କୌଣସି ସଂଖ୍ୟାର ବର୍ଗ ସେଇ ସଂଖ୍ୟାଠାରୁ ସବୁବେଳେ ବଡ଼ ହୋଇଥାଏ । କେବଳ ୧କୁ ଛାଡ଼ି ଦେଲେ ଅନ୍ୟ ସବୁ ସଂଖ୍ୟାମାନଙ୍କରେ ଏଭଳି ଗୁଣ ରହିଛି । ଆଉ ଋଣାତ୍ମକ ସଂଖ୍ୟାମାନଙ୍କର ବର୍ଗ ନେଲେ ଆମେ ସବୁବେଳେ ଧନାତ୍ମକ ସଂଖ୍ୟାହିଁ ପାଇଥାଉ । ଏଣୁ ଚାରି ଚାରିଟି ସଂଖ୍ୟା ଯାହାର ମିଶାଣ ଫଳ ସେମାନଙ୍କର ବର୍ଗର ମିଶାଣ ଫଳ ସହିତ ସମାନ ହେବ, ଏହା ସମ୍ପୂର୍ଣ୍ଣ ଅସମ୍ଭବ । କଦାପି ସମ୍ଭବ ନୁହେଁ । ବୋଧହୁଏ ପ୍ରଶ୍ନରେ କିଛି ଭୁଲ୍ ରହିଛି ।''

ମୁଁ ଫିକ୍ କରି ହସି ଦେଲି । ସେଥିରେ ବିଦ୍ରୂପ ଭାବ ସୁସ୍ପଷ୍ଟ ଥିଲା । ଆଉ ସେ ହସର ମର୍ମ ବୁଝିପାରି ତା' ମୁହଁର ରଙ୍ଗ ବଦଳିଗଲା । ଅପ୍ରତିଭ ଦେଖାଗଲା । ମୁଁ ତାହା ଠିକ୍ ଠଉରାଇ ପାରିଲି । ସଙ୍ଗେ ସଙ୍ଗେ ଉତ୍ତର ଦେଲି, ''ଆମ ଓଡ଼ିଆରେ ଗୋଟିଏ ଢଗ ଅଛି — ଚାଲି ନଜାଣି ବାଟର ଦୋଷ, କାଟି ନଜାଣି କଟୁରୀ ଦୋଷ ।'' ଆମର ଅପାରଗତା କିଂବା ଅସାବଧାନତାବଶତଃ ଯଦି ଆମେ ଝୁଣ୍ଟି ପଡୁ, ତେବେ ଆମର ନିଜର ଦୋଷ ନକହି, ଅନ୍ୟ ଉପରେ ସେ ଦୋଷକୁ ଲଦି ଦେଇ ନିଜେ ଖସି ଯିବାକୁ ଚେଷ୍ଟା କରିଥାଉ । ଠିକ୍ ସେପରି କଥା ତୁ କହୁଛୁ । ଆରେ, ପ୍ରଶ୍ନ କାହିଁକି ଭୁଲ୍ ହେବ ? ପ୍ରଶ୍ନ ତ ଠିକ୍ ଅଛି ।''

ଝିଅ ପୁଣି ଓଲଟି ପ୍ରଶ୍ନ କଲା — ''କେମିତି ବାପା ? ସବୁଠାରୁ ସାନ ସଂଖ୍ୟା ୧,୨,୩,୪,୫ ଇତ୍ୟାଦିରୁ ଯଦି ଆମେ ଯେକୌଣସି ୪ଟି ସଂଖ୍ୟା ନେବା, ସେମାନଙ୍କର ବର୍ଗ ବାହାର କରି ଯୋଗ କରିବା ତେବେ ମୂଳରୁ ଜଣା ପଡୁଛି ଯେ ୧,୪,୯,୧୬ ଇତ୍ୟାଦି ସଂଖ୍ୟାଗୁଡ଼ିକ ମୂଳ ସଂଖ୍ୟାଠାରୁ ଢେର୍ ବଡ଼ ହେବେ । ଆଉ ସେମାନଙ୍କୁ ମିଶାଇଲେ ତ ଆମେ ନିଶ୍ଚୟ ଏକ ବୃହତ୍ ସଂଖ୍ୟାହିଁ ପାଇବା । ଆଉ ସମାନ ହେବ କେମିତି ?''

ମୁଁ ଗମ୍ଭୀର ହେଇଗଲି । କହିଲି, ''ଏ ପ୍ରଶ୍ନ ଯେତିକି ସହଜ, ଏହାର ଉତ୍ତରଟି ମଧ୍ୟ ତତୋଽଧିକ ସହଜ । ଉତ୍ତର ନଜାଣିଲା ପର୍ଯ୍ୟନ୍ତ ଆମେ ବିଭିନ୍ନ ଅଡୁଆ ତଡୁଆ ମଧ୍ୟରେ ମୁଣ୍ଡ ପୂରାଇ ଜଟିଳରୁ ଜଟିଳତରକୁ ଯାଇଥାଉ । ଆଉ ଉତ୍ତରଟି ପାଇଗଲା ପରେ ଆମକୁ ଲାଗେ ସତରେ ପ୍ରଶ୍ନଟିର କେଡ଼େ ସହଜ ଉତ୍ତର ରହିଛି । ଏପରି ପରିସ୍ଥିତି ତୋ'ର ଆଗରୁ ମଧ୍ୟ ହୋଇଛି । ତୁ ଭୁଲି ଯାଇଛୁ ।''

''ତୁ ଯେଉଁ ୧,୨,୩,୪ ସଂଖ୍ୟା କହୁଥିଲୁ ସେଥିରୁ ଆରମ୍ଭ କରିବା । ଧରାଯାଉ ସଂଖ୍ୟାଗୁଡ଼ିକ ଆମେ ଏଇ ୧,୨,୩,୪ ନେବା । ଏହି ସଂଖ୍ୟାମାନଙ୍କର ବର୍ଗ ନେଲେ ଆମେ ପାଇବା ୧,୪,୯,୧୬ । ୧,୨,୩,୪ର ମିଶାଣ ଫଳ ୧+୨+୩+୪ = ୧୦ ଓ ୧,୪,୯,୧୬ର ମିଶାଣ ଫଳ ୧+୪+୯+୧୬ = ୩୦ ହେବ । ଠିକ୍ ଅଛି ? ଏବେ ଆମେ ଏଇ ଚାରୋଟି ସଂଖ୍ୟାର ମିଶାଣ ଫଳ ଓ ଏମାନଙ୍କର ବର୍ଗର ମିଶାଣ ଫଳର ଅନୁପାତ ନେବା । କ'ଣ ପାଇବା ? ୧୦ ଓ ୩୦ର ଅନୁପାତ ୧୦:୩୦ ଅର୍ଥାତ୍ ୧:୩ ବା ୧/୩ ହେବ ।''

ବେଶ୍ ଏଇ ୧/୩ ଦ୍ୱାରା ଆମେ ଯଦି ୧,୨,୩ ଓ ୪କୁ ଗୁଣନ କରିବା, ଆମେ କ'ଣ ପାଇବା ? ଆମେ ପାଇବା ୧/୩, ୨/୩, ୧ ଓ ୩/୪ । ଏଇ ଚାରୋଟି ସଂଖ୍ୟାହିଁ ଆମର ଉତ୍ତର । ଅର୍ଥାତ୍, ଏମାନଙ୍କର ମିଶାଣଫଳ ଓ ଏମାନଙ୍କର ବର୍ଗର ମିଶାଣଫଳ ସମାନ ହେବହିଁ ହେବ । ତୁ ପରୀକ୍ଷା କରି ଦେଖିପାରୁ । ବୁଝିଲୁ ।'' — ମୁଁ ବୁଝାଇ ଦେଲି ।

ଝିଅ ସେତେବେଳ ଯାଏ ଚୁପ୍ ରହିଥିଲା । ତା' ପାଟିରେ ଜାବ ପଡ଼ି ଯାଇଥିଲା ଯେମିତି, ହଠାତ୍ ସେ ଚିତ୍କାର କରି ଉଠିଲା – ''ସତରେ !''

ମୋତେ ଲାଗିଲା ଏମିତି ଦିନେ ବୈଜ୍ଞାନିକ ଆର୍କମିଡ଼ିସ ମଧ୍ୟ ତାଙ୍କ ଗାଁ ରାସ୍ତାରେ ଚିତ୍କାର କରି ଉଠିଥିବେ – ''ଇଉରେକା ।'' Eurekka !!

ଝିଅ ପରୀକ୍ଷା କଲା । ଜାଣିଲା ଯେ ଉତ୍ତରଟି ଠିକ୍ ଅଛି । ତଥାପି ତା'ର ଦୋଷ ଦେଖିବାର ପ୍ରକୃତିଟି ଦେଖାଇଲା । କହିଲା – ''ବାପା ଏମାନେ ସବୁ ଭଗ୍ନାଂଶ ସଂଖ୍ୟା । ଏଣୁ ଏମାନଙ୍କର ବର୍ଗ ସଂଖ୍ୟାର ସମଷ୍ଟିରେ ଉତ୍ପନ୍ନ ବୃହତ୍ ସଂଖ୍ୟାଟି ଲଘିଷ୍ଠ ହୋଇ ମୂଳ ସଂଖ୍ୟା ସହିତ ସମାନ ହୋଇ ଯାଉଛି ।''

ମୁଁ କହିଲି – ''ଆରେ ଭଗ୍ନାଂଶ କ'ଣ ଗୋଟିଏ ସଂଖ୍ୟା ନୁହେଁ ? ତୁ ବୁଝିନୁ ଭଗ୍ନାଂଶ ସଂଖ୍ୟାମାନଙ୍କ ମଧ୍ୟରେ ଅନେକ କୌତୂହଳ କଥା ଛପି ରହିଥାଏ । ଏଇ ଯେମିତି ତୁ ଟିକେ ଆଗରୁ କହୁଥିଲୁ ଯେକୌଣସି ସଂଖ୍ୟାର ବର୍ଗ ସେଇ ସଂଖ୍ୟାଠାରୁ ସବୁବେଳେ ବଡ଼ ହୋଇଥାଏ । ଏହା କିନ୍ତୁ ଭଗ୍ନାଂଶ ସଂଖ୍ୟା କ୍ଷେତ୍ରରେ ପୂରା ଓଲଟା ହୁଏ ।''

''କିପରି ?'' – ଝିଅର ପୁଣି ଅଛିଣ୍ଡା ପ୍ରଶ୍ନ ।

ମୁଁ କହିଲି – ''୩ର ବର୍ଗ = ୩ x ୩ = ୯ । ଏଠାରେ ମୂଳସଂଖ୍ୟା ୩ ଓ ବର୍ଗ ସଂଖ୍ୟା ୯ । ୩ର ମୂଲ୍ୟଠାରୁ ବର୍ଗ ସଂଖ୍ୟା ୯ର ମୂଲ୍ୟ ସବୁବେଳେ ବଡ଼ । ମାତ୍ର ଭଗ୍ନାଂଶ କ୍ଷେତ୍ରରେ ୧/୩ର ବର୍ଗ = ୧/୯ ହୁଏ ଓ ଏଠାରେ ୧/୯ଟି ସବୁବେଳେ ୧/୩ ଠାରୁ ଛୋଟ ହୁଏ । ଅର୍ଥାତ୍, ବର୍ଗ ସଂଖ୍ୟାଟି ମୂଳସଂଖ୍ୟା ଠାରୁ ସାନ ହୁଏ ଭଗ୍ନାଂଶ କ୍ଷେତ୍ରରେ ।''

ଝିଅ ବୁଝିଗଲା । ମୋ କଥା ତାକୁ ଠିକ୍ ଲାଗିଲା । ଆଶ୍ଚର୍ଯ୍ୟ ହୋଇ କହିଲା, ''ସତରେ ସଂଖ୍ୟା ଜଗତରେ ବି ଏଭଳି କୌତୁକ ଭରା ବିଷୟ ଛପି ରହିଛି ।''

ମୁଁ କହିଲି, ''ଏ ପ୍ରଶ୍ନର ଉତ୍ତର ଆମ ଭାରତର ବିଖ୍ୟାତ ଗାଣିତିକ ଭାସ୍କରାଚାର୍ଯ୍ୟ ହିଁ ପ୍ରଥମେ ସମାଧାନ କରିଥିଲେ । ସେଇ ପ୍ରାଚୀନ ଭାରତୀୟ ଗାଣିତିକଙ୍କୁ ଆମର ଶତ ଶତ ନମନ ।''

ଝିଅ ଉଠି ଚାଲିଗଲା । ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

ଚେତନାର ଦିଗ୍‌ବଳୟ :

# ସିଂହାସୁରୀ ରହସ୍ୟ

ଏ ସଂଖ୍ୟାରେ ମୁଦ୍ରିତ ଶହେରୁ ଊର୍ଦ୍ଧ୍ୱ ବର୍ଷ ତଳେ ଶ୍ରୀମାଙ୍କ ରଚିତ ପ୍ରାର୍ଥନାରେ ଉଲ୍ଲିଖିତ ଏକ ଶବ୍ଦର କିଞ୍ଚିତ୍ ବ୍ୟାଖ୍ୟା ପରିବେଷଣ କରୁଛି । ଶବ୍ଦଟି ସ୍ଫିଙ୍କ୍‌ସ୍ (Sphinx); ଓଡ଼ିଆରେ ତାକୁ ସିଂହାସୁରୀ ବୋଲି ନାମିତ କରିବାର ପରମ୍ପରା ରହିଛି ।

ଏ ଶବ୍ଦଟିର ତାତ୍ପର୍ଯ୍ୟ ଅପରିସୀମ । ପ୍ରଥମେ ଏହାର ପଛଭୂମିରେ ଥିବା ପୁରାଣ କଥା (Myth) ଉପରେ ଦୃଷ୍ଟିପାତ କରାଯାଉ । ତାହାର ଉତ୍ପତ୍ତିସ୍ଥଳ ଇଜିପ୍ଟ୍ । କେତେ ହଜାର ବର୍ଷ ତଳେ ସେ ଅପୂର୍ବ କାହାଣୀ ରୂପରେଖ ନେଇଥିଲା – କେଉଁ ଜ୍ଞାନୀଙ୍କ ଉପଲବ୍ଧିକୁ ଆଧାର କରି – ତାହା ଅଜ୍ଞାତ । କାଇରୋ ମହାନଗରୀର ଅଦୂରବର୍ତ୍ତୀ ମରୁଭୂମି ଉପାନ୍ତରେ ପିରାମିଡ୍‌ସବୁ ଗହଣରେ ଗିଜେ ନାମକ ସ୍ଥାନରେ ଷାଠିଏ ଫୁଟ ଉଚ୍ଚ ଏବଂ ୧୮୦ ଫୁଟ ଚଉଡ଼ା ଯେଉଁ ଅତିକାୟ ଶିଳାମୂର୍ତ୍ତି ସ୍ଫିଙ୍କ୍‌ସ୍ ଶତାବ୍ଦୀ ଶତାବ୍ଦୀର ମରୁଝଡ଼ ଓ ପ୍ରଚଣ୍ଡ ରୌଦ୍ର ସହି ଉପବିଷ୍ଟ ରହିଛି, ତାହା ଆଜିଠାରୁ ଚାରିହଜାର ଛଅଶହ ପଇଁତିରିଶ ବର୍ଷ ତଳେ ନିର୍ମିତ ହୋଇଥିଲା ।

ଏ ମୂର୍ତ୍ତିର ମୁଖମଣ୍ଡଳ ନାରୀସୁଲଭ, କଳେବର ସିଂହସୁଲଭ, ଚାରିପାଦ ଶ୍ୱାନସୁଲଭ, ପୁଚ୍ଛ ଏକ ସର୍ପ । ଏ ମୂର୍ତ୍ତି ଏବଂ ସମ୍ପୃକ୍ତ କିଂବଦନ୍ତୀ ଇଜିପ୍ଟ୍‌ରୁ ଯାଇ ରୋମରେ ମଧ ବହୁଳଭାବେ ପ୍ରଚଳିତ ଥିଲା । କୌଣସି କୌଣସି ମୂର୍ତ୍ତି ପୁଣି ବିହଙ୍ଗସୁଲଭ ପକ୍ଷଯୁକ୍ତ ହୋଇଥା'ନ୍ତି ।

ଏକଦା କିଂବଦନ୍ତୀ କହେ : ଏ ଅଦ୍ଭୁତ ପ୍ରାଣୀ ମଣିଷଙ୍କ ପାଇଁ ଭୟାବହ ଆତଙ୍କର ହେତୁ ହୋଇଥିଲା । ଥିବେସ୍ ଉପକଣ୍ଠବର୍ତ୍ତୀ ଏକ ପର୍ବତ ଉପରେ ସେ ବସି ରହିଥାଏ । ନିମ୍ନବର୍ତ୍ତୀ ରାସ୍ତା ଅତିକ୍ରମ କରୁଥିବା ଯେକୌଣସି ଯାତ୍ରୀକୁ ଅଟକିବାର ଆଦେଶ ଦେଇ ସେ ପ୍ରଶ୍ନ କରିବ : କେଉଁ ପ୍ରାଣୀ ସକାଳେ ଚାରି ଗୋଡ଼ରେ, ଦିନ ବଢ଼ିବା ସଙ୍ଗେ ସଙ୍ଗେ ଦୁଇ ଗୋଡ଼ରେ ଏବଂ ସନ୍ଧ୍ୟାରେ ତିନି ଗୋଡ଼ରେ ଚାଲେ ? ଉତ୍ତର ଦିଅ; ନଚେତ୍ ପ୍ରାଣ ଦିଅ !

କୌଣସି ପଥିକ ଏ ପ୍ରଶ୍ନର ଉତ୍ତର ଦେଇ ପାରୁ ନଥା'ନ୍ତି । ଫଳରେ ସିଂହାସୁରୀ ତାଙ୍କୁ ଦୀର୍ଣ୍ଣବିଦୀର୍ଣ୍ଣ କରି ହତ୍ୟା କରୁଥାଏ ।

ଦିନେ ମହାବୀର ଅଦିପାସ୍‌ଙ୍କୁ ସିଂହାସୁରୀ ଏହି ପ୍ରଶ୍ନ କରନ୍ତେ ସେ ଉତ୍ତର ଦେଲେ, ''ସେ ପ୍ରାଣୀ ମୁଁ ସ୍ୱୟଂ – ଅର୍ଥାତ୍ ମଣିଷ । ଜୀବନ ପ୍ରଭାତରେ ମଣିଷ ଦୁଇଗୋଡ଼ ଏବଂ ଦୁଇ-ହାତ ଯୋଗେ – ଅର୍ଥାତ୍ ଚାରିଗୋଡ଼ରେ ଗୁରୁଣ୍ଡି ଗୁରୁଣ୍ଡି ଚାଲେ । ବୟସ ବଢ଼ିଲେ ଦୁଇଗୋଡ଼ରେ ଏବଂ ଜୀବନ ସନ୍ଧ୍ୟାରେ ଏକ ଯଷ୍ଟିର ଆଶ୍ରୟ ନେଇ – ଅର୍ଥାତ୍ ତିନିଗୋଡ଼ରେ ଚାଲେ ।

ନିଜ ପ୍ରଶ୍ନର ସଠିକ ଉତ୍ତର ପାଇବା ମାତ୍ରେ ସିଂହାସୁରୀ ପର୍ବତ ଶୀର୍ଷରୁ ଲମ୍ଫ ଦେଇ ନିଜେ ମୃତ୍ୟୁବରଣ କଲା ।

ଇଜିପ୍ଟ୍ ଏବଂ ରୋମ ମୂଳକରେ ବ୍ୟାପ୍ତ ଏ କିଂବଦନ୍ତୀରେ ସାମାନ୍ୟ ପାର୍ଥକ୍ୟ ଦେଖାଯାଏ; କିନ୍ତୁ ଏହାହିଁ ମୁଖ୍ୟ କାହାଣୀ ।

ଏହାର ତାତ୍ପର୍ଯ୍ୟ ସୁସ୍ପଷ୍ଟ । ମଣିଷ ନିଜକୁ ଜାଣେନା । ତେଣୁ ସେ ହୁଏ ମୃତ୍ୟୁ କବଳିତ । ଯେଉଁଦିନ ସେ ନିଜକୁ ଜାଣିବ, ସେହିଦିନ ମୃତ୍ୟୁ ହେବ ବିଲୀନ ।

ସିଂହାସୁରୀର ବିଚିତ୍ର ଓ ଅବାସ୍ତବ ଗଠନ ଏହି ସୂଚନା ଦିଏ ଯେ ମୃତ୍ୟୁ ଅବାସ୍ତବ । କିନ୍ତୁ 'ସ୍ଫିଙ୍କ୍‌ସ୍' ଅଧ୍ୟାତ୍ମ ଓ ଅତୀନ୍ଦ୍ରିୟଧର୍ମୀ ସାହିତ୍ୟରେ କେବଳ ମୃତ୍ୟୁର ପ୍ରତୀକ ନୁହେଁ, ତା'ର ଭିନ୍ନ ଭିନ୍ନ ପ୍ରୟୋଗ, ପୂର୍ବାପର ସଙ୍ଗତି ଅନୁସାରେ ଗୂଢ଼ ଜ୍ଞାନ ଓ ରହସ୍ୟର ସୂଚନା ଦିଏ । ଶ୍ରୀମାଙ୍କର ୧୦ ନଭେମ୍ବର ୧୯୧୪ରେ ଲିଖିତ ପ୍ରାର୍ଥନାରେ ସ୍ଫିଙ୍କ୍‌ସ୍ ଏପରି ଏକ ସର୍ବଜ୍ଞାତ ମହାଶକ୍ତିର ପ୍ରତୀକ – ଯାହାର ରହସ୍ୟ କେହି କେହି ମାତ୍ର ହୃଦୟଙ୍ଗମ କରନ୍ତି – ପୁଣି ସେହି ମହାଶକ୍ତି ସୌଜନ୍ୟରୁ । (ଶ୍ରୀମାଙ୍କ ଚେତନାରେ ସେତେବେଳେ ସେ ମହାଶକ୍ତିର ରହସ୍ୟ ଉନ୍ମୋଚିତ ।)

କେବଳ ଶ୍ରୀମାଙ୍କର ଏ ରଚନାରେ ନୁହେଁ, ଶ୍ରୀଅରବିନ୍ଦଙ୍କ ସାହିତ୍ୟରେ ମଧ ସ୍ଫିଙ୍କ୍‌ସ୍ ବାରଂବାର ପ୍ରତୀକ ରୂପେ ବ୍ୟବହୃତ । ଉଦାହରଣସ୍ୱରୂପ ମହାକାବ୍ୟ 'ସାବିତ୍ରୀ'ର ଦ୍ୱିତୀୟ ପର୍ବ, ଷଷ୍ଠ ସର୍ଗରେ ଦେଖନ୍ତୁ :

"A Sphinx whose eyes look up to
a hidden Sun."
(Page : 191)

''ଏକ ସିଂହାସୁରୀ ନୟନ ଯାହାର
ଏକ ଗୁପ୍ତ ସୂର୍ଯ୍ୟ ଦିଗରେ ଉନ୍ମୁଖ ।''

ଷଷ୍ଠ ପର୍ବ, ଦ୍ୱିତୀୟ ସର୍ଗରୁ ଆଉ ଏକ ଦୃଷ୍ଟାନ୍ତ ନିଆଯାଉ :

"He too must grapple with
the riddling Sphinx"
(Page : 449)

''ସେ ମଧ୍ୟ ପ୍ରହେଳିକାମୟ ସିଂହାସୁରୀ ସହ କରିବେ ଦ୍ୱନ୍ଦ୍ୱ ।''

ପ୍ରଥମ ଦୃଷ୍ଟାନ୍ତରେ ସିଂହାସୁରୀ ଏକ ସନ୍ଧାନର ପ୍ରତୀକ; ଦ୍ୱିତୀୟଟିରେ ଅଜ୍ଞାତ ଜ୍ଞାତବ୍ୟର ପ୍ରତୀକ । ମହାକାବ୍ୟ 'ସାବିତ୍ରୀ'ରେ 'ସିଂହାସୁରୀ'ର ଆହୁରି ଏକାଧିକ ଭୂମିକା ରହିଛି । Sphinx ପୃଥିବୀର ମହତ୍ତମ ଜ୍ଞାନଗର୍ଭକ ପୁରାଣ କଥାମାନଙ୍କ ଭିତରେ ଅନ୍ୟତମ ।

– ମନୋଜ ଦାସ

❑❑❑


"To be one with all Nature and all beings, this is Yoga."

*(The Hour of God, p. 15)* - Sri Aurobindo

**Collected Works of the Mother 17 Vols. (CR) (PB) – Rs. 3500**

**The Great Adventure - A Diary for all times: (New Revised Edition) – Rs. 395**

**Ideal Child, Ideal Parent, Ideal Teacher (3in1) Booklet – Rs. 75**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50**

**125 Drops of Nectar – Daily Quotations by the**
**Divine Mother and Lord Sri Aurobindo – Rs. 150**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : 0413 - 2334542, 2336673, 4205976, website: www.vakbooks.in

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LV, No. 11** **R.N.I. No. 18163/70.**
Navaprakash (Monthly), November, 2024 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ଦ୍ୱିତୀୟ ଖଣ୍ଡ)**




ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।

୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**